

## ସାବାଲେଙ୍କାଙ୍କ ବିଜୟ ଅଭିଯାନ

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-204 ♦MONDAY ♦19 JANUARY 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୨୦୪ ♦ସୋମବାର ♦୧୯ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ନଥିରେ 'ପରିଷଦ'; ବ୍ୟାଙ୍କରେ ପାଣ୍ଠି

■ ଭୁବନେଶ୍ୱର, ୧୮ ।୧ (ସମିସ): ସରକାରକୁ ୧୯ ମାସ ପୂରି ୨୦ ମାସ ଚାଲିଲାଣି। ତେଣୁ ସରକାରଙ୍କୁ ଆଉ ନୂଆ ବୋଲି କହି ହେଉ ନାହିଁ। ବିଭାଗୀୟ ସଚିବଙ୍କ ପରାମର୍ଶ ଓ ମାର୍ଗଦର୍ଶନରେ ମନ୍ତ୍ରୀମାନେ ଏବେ ପୁରୁଖା ହୋଇ ସାରିଲେଣି। ମାତ୍ର ସରକାରଙ୍କ ଦ୍ୱାରା ଘୋଷିତ ଉତ୍ତର ଓଡ଼ିଶା ବିକାଶ ପରିଷଦ ଓ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଏଯାଏ ଗଠନ ହୋଇ ପାରିଲା ନାହିଁ। ବିଡ଼ମ୍ବନା ହେଉଛି ଯେଉଁ ପଶ୍ଚିମ ଓଡ଼ିଶାରୁ ବିଜେପିକୁ ସର୍ବଦା ସର୍ବାଧିକ ସମର୍ଥନ ମିଳି ଆସିଛି, ସେହି ପଶ୍ଚିମ ଓଡ଼ିଶାର ବିକାଶ ପାଇଁ ଗଠନ ହୋଇଥିବା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଏଯାଏ ନିଯୁକ୍ତି ପାଇ ପାରିଲେ ନାହିଁ। ବର୍ଷବର୍ଷ ଧରି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରେ ହଜାର ହଜାର କୋଟି ଟଙ୍କା ପଡ଼ି ରହିଛି, ମାତ୍ର ଗାଁରେ ବିକାଶକାମ ହେଉ ନାହିଁ। ଉତ୍ତର ଓ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ପାଇଁ ବରାଦ ୪୦୦ କୋଟି ଟଙ୍କା ବଜେଟ୍ ବରାଦ ଖର୍ଚ୍ଚ ହୋଇ ପାରୁନାହିଁ; ଏପରିକି ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ସରକାରୀ ଅର୍ଥ ରଖିବାକୁ ସରକାରଙ୍କ ନିର୍ଦ୍ଦେଶ ଏଠି କାମ କରୁନାହିଁ।

୨୦୧୯ରେ ରାଜ୍ୟରୁ ୮ ଜଣ ସାଂସଦ ନିର୍ବାଚିତ ହୋଇଥିବାବେଳେ କେବଳ ପଶ୍ଚିମ ଓଡ଼ିଶାରୁ ଏମାନଙ୍କ ସଂଖ୍ୟା ଥିଲା ୫। ୨୦୨୪ ନିର୍ବାଚନରେ ଆନୁପାତିକ ସଫଳତା ଦୃଷ୍ଟିରୁ ବିଜେପି ଲୋକସଭା କ୍ଷେତ୍ରଗୁଡ଼ିକରେ ପଶ୍ଚିମ ଓଡ଼ିଶାରୁ ସର୍ବାଧିକ ଭୋଟ ପାଇଛି। ମାତ୍ର ଯେଉଁ ପଶ୍ଚିମ ଓଡ଼ିଶାବାସୀ ବିଜେପିକୁ ଭୋଟ ଅଜାଡ଼ି ଦେଇଛନ୍ତି; ସେହି ପଶ୍ଚିମ ଓଡ଼ିଶାକୁ ରାଜ୍ୟ ବିଜେପି ସରକାର ପ୍ରତ୍ୟେକ କ୍ଷେତ୍ରରେ ଉପେକ୍ଷା କରି ଚାଲିଥିବା ଅଭିଯୋଗ ହୋଇଛି। ଧାନ କ୍ରୟ କ୍ଷେତ୍ରରେ ପଶ୍ଚିମ ଓଡ଼ିଶାର ଚାଷୀ ସବୁଠାରୁ ଅଧିକ ଶୋଷଣର ଶିକାର ହୋଇଛନ୍ତି।

### ଦୁଇ ବର୍ଷ ହେଲା ପଶ୍ଚିମ ଓଡ଼ିଶା ବିକାଶ ପରିଷଦରେ ପଡ଼ିଛି ହଜାରେ କୋଟି ଟଙ୍କା

### ଉତ୍ତର ଓ ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ପାଇଁ ହୋଇଥିଲା ୪୦୦ କୋଟି ବରାଦ


ପଶ୍ଚିମ ଓଡ଼ିଶାର ନେତା ତଥା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଚାଷୀଙ୍କୁ 'ଦଲାଲ' ଓ'ନୌଟଙ୍କି' କରୁଥିବା ଆକ୍ଷେପ କରିଛନ୍ତି। ସବୁଠାରୁ ବିଡ଼ମ୍ବନା ହେଉଛି ପଶ୍ଚିମ ଓଡ଼ିଶା ବିକାଶ ପରିଷଦରେ ବିଜେଡି ସରକାର ସମୟର ବକେୟା ୨୦୦ କୋଟିକୁ ମିଶାଇ ଗତ ଦୁଇଟି ବଜେଟ୍‌ରେ ବରାଦ ପ୍ରାୟ ୧ ହଜାର କୋଟି ଟଙ୍କା ପଡ଼ିଥିଲେ ହେଁ ଏଥିରେ ହାତ ବାଜିନାହିଁ। ଆର୍ଥିକ ବର୍ଷ ଶେଷ ହେବାକୁ ଆଉ ମାତ୍ର ୧୦ ସପ୍ତାହ ବାକିଥିବାବେଳେ ଏହି ଅର୍ଥ କେବେ ବ୍ୟୟ ହେବ ତାହାକୁ ନେଇ ପ୍ରଶ୍ନ ଉଠିଛି।

ପଶ୍ଚିମ ଓଡିଶାର ସାମଗ୍ରିକ ବିକାଶ ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦ ଗଠନ ହୋଇଥିଲା। ଏଥିରେ ବରଗଡ଼, ବଲାଙ୍ଗିର, ବୌଦ୍ଧ, ଦେବଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, ନୂଆପଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ ଜିଲ୍ଲା ସହ ଅନୁଗୋଳ ଜିଲ୍ଲାର ଦୁଇଟି ଉପଖଣ୍ଡକୁ ସାମିଲ କରାଯାଇଥିଲା। ବିଜେଡି ସରକାର ପ୍ରତିବର୍ଷ ବିକାଶ ପରିଷଦ ପାଇଁ ବଜେଟରେ ୫୦୦ କୋଟି ଟଙ୍କା ବରାଦ କରୁଥିଲେ ଓ ବିଜେପି କ୍ଷମତାକୁ ଆସିବା ପରେ ଅନୁରୂପ ଭାବରେ ୫୦୦ କୋଟିଟଙ୍କା ମଞ୍ଜୁର କରିଛନ୍ତି। ମାତ୍ର ବର୍ଷ ସରିବାକୁ ବସିଥିଲେ ବି ଏହି ଅନୁଦାନ ଅର୍ଥରେ ହାତ ବାଜିନାହିଁ। ସେହିପରି ପଶ୍ଚିମ ▶ପୃଷ୍ଠା-୭

## ଖୋଲିଲା ଅଲ୍-ଫଲାହର ଗୁମର

# ଡାକ୍ତର ନକଲି; ରୋଗୀ ବି ନକଲି

■ ଫରିଦାବାଦ, ୧୮ ।୧ (ଏଜେନ୍ସି): ଆତଙ୍କବାଦୀ କାରଖାନା ଭାବେ ପରିଚିତ ଫରିଦାବାଦ ସ୍ଥିତ ଅଲ୍-ଫଲାହ ବିଶ୍ୱବିଦ୍ୟାଳୟର ଗୋଟିଏ ପରେ ଗୋଟିଏ ଗୁମର ଖୋଲିବାରେ ଲାଗିଛି। ଆତଙ୍କବାଦୀଙ୍କ ପେଣ୍ଠ ସ୍ଥଳ ପାଲଟିଥିବା ଏହି ୟୁନିଭର୍ସିଟି ଅନେକ କେଳେଙ୍କାରୀ କରିଛି। ଜାଲ୍ ରୋଗୀ, ଡାକ୍ତର ମାଧ୍ୟମରେ ନ୍ୟାସନାଲ ଆସେସମେଣ୍ଟ ଆଣ୍ଡ ଆକ୍ରିଡିସେନ କାଉନସିଲ (ନାକ) ଏବଂ ୟୁଜିସିକୁ ଭୁଆଁ ବୁଲାଇ ଥିଲା। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତରୁ ଏଭଳି ଭୟଙ୍କର ତଥ୍ୟ ସାମ୍ନାକୁ ଆସିଛି। ଏହି ମାମଲାରେ ୟୁନିଭର୍ସିଟିର ଅଧ୍ୟକ୍ଷ ଜବାଦ ଅହମ୍ମଦ ସିଦିକିଙ୍କୁ ଗିରଫ କରାଯାଇଛି। ଇଡି ଆରୋପପତ୍ରରେ କୁହାଯାଇଛି ଯେ ଆତଙ୍କବାଦୀ ଡାକ୍ତର ଏହି କ୍ୟାମ୍ପସ୍‌କୁ ଏକ ଆଧାର ଭାବରେ ବ୍ୟବହାର କରିଥିଲେ। ସେମାନେ ବେଆଇନ କାର୍ଯ୍ୟକଳାପକୁ ଲୁଚାଇବା ପାଇଁ ଏଠାରେ ରହୁଥିଲେ। ଏହି କାର୍ଯ୍ୟରେ ବିଶ୍ୱବିଦ୍ୟାଳୟର ଅନ୍ୟ କର୍ମଚାରୀ ଏବଂ ଅଧିକାରୀଙ୍କ ହାତ ଥିବା ମଧ୍ୟ ସନ୍ଦେହ କରାଯାଉଛି। ଦିଲ୍ଲୀ ବିସ୍ଫୋରଣରେ ସାମିଲ ତିନି ଡାକ୍ତରଙ୍କୁ ବିନା ଯାଞ୍ଚରେ ଅଲ-ଫଲାହରେ ନିଯୁକ୍ତି କରାଯାଇଥିଲା। ଏମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ଡ. ମୁଜାମିଲ ଗନି ଓ ଡ. ସାହିନ ସୈଦଙ୍କୁ ଏନଆଇଏ ପୂର୍ବରୁ ଗିରଫ କରିଥିଲା।




ଜାତୀୟ ଚିକିତ୍ସା କମିସନ (ଏନ୍‌ଏମ୍‌ସି)ରୁ ଅନୁମୋଦନ ପାଇବା ପାଇଁ କେବଳ କାଗଜପତ୍ରରେ ଡାକ୍ତର ଥିବା ଅଲ-ଫଲାହ ଦର୍ଶାଇ ଥିଲା। ଡାକ୍ତରଙ୍କୁ ନିୟମିତ ଅଧ୍ୟାପକ ଭାବରେ ପ୍ରଦର୍ଶିତ କରିବା ପାଇଁ ୨୨ ଦିନ ଉପସ୍ଥିତି ନିୟମ ଅନୁଯାୟୀ କେବଳ କାଗଜପତ୍ରରେ ନିଯୁକ୍ତି ଦିଆଯାଇଥିଲା। ଏମାନେ ନିୟମିତ ଭାବେ କଲେଜକୁ ଯାଉ ▶ପୃଷ୍ଠା-୭

## ପରିବହନ ବିଭାଗର 'ଅନ୍ଧ ନୀତି'

# ଅପାରଗତା ଲୁଚାଇବାକୁ ମାଷ୍ଟରପ୍ଲାନ୍

■ ଭୁବନେଶ୍ୱର, ୧୮ ।୧ (ସମିସ): ଲୋକଙ୍କଠାରୁ ଯେନତେନ ପ୍ରକାରେ ଜୋରିମାନା ଆଦାୟ ହେବା ଆବଶ୍ୟକ। କାର୍ ଚଳାଉଥିଲେ ବି ହେଲ୍‌ମେଟ୍ ପିନ୍ଧି ନ ଥିବା ଯୋଗୁଁ ଫାଇନ୍ କରାଯିବ। ସହର ଭିତରେ ସର୍ବାଧିକ ୪୦ କିଲୋମିଟର ବେଗରେ ଯାଉଥିବା ସ୍କୁଟିକୁ ୭୦ କିମି ଚଳାଉଥିବା ଦର୍ଶାଇ ଚାଲାଣ ପଠାଯିବ। ରାଜପଥରେ ସ୍ପିଡ଼ୋମିଟର କଣ୍ଟା ୫୦ ଟପିଲେ ଜୋରିମାନା ହେବ। ଟୋଲଗେଟ୍ କଥା ନ କହିବା ଭଲ, ଇନ୍‌ସ୍ୟୁରାନ୍ସ ଥିଲେ ବି ଟୋଲ୍‌ଗେଟ୍‌ରେ ଜରିମାନା ଲାଗିବ। ପରିବହନ ବିଭାଗର ଏଭଳି ଅନ୍ଧ ନୀତି ଯୋଗୁଁ ରାଜ୍ୟବାସୀ ଅତିଷ୍ଠ। ସବୁଆଡ଼େ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ମାତ୍ର ବିଭାଗର ଏହି 'ଅନ୍ଧ ନୀତି' ପଛର ରହସ୍ୟ ଏବେ ପଦାରେ ପଡ଼ିଛି। କାହିଁକି ବିଭାଗୀୟ ଅଧିକାରୀମାନେ ଏଭଳି ଜରିମାନା ଖୋର ମନୋଭାବ ଛାଡ଼ିପାରୁ ନାହାନ୍ତି, ତାହା ଏବେ ସ୍ପଷ୍ଟ ହୋଇଛି। ଜରିମାନା ଆଦାୟର ଟାର୍ଗେଟ୍ ନିଶା ବିଭାଗକୁ ଅନ୍ଧ କରି ଦେଇଛି। ପରିବହନ ବଭାଗ ପକ୍ଷରୁ ବର୍ଷ ଆରମ୍ଭରୁ ରାଜ୍ୟର ସମସ୍ତ ଆର୍‌ଟିଓ, ଅତିରିକ୍ତ ଆର୍‌ଟିଓ ଟ୍ରାଫିକ୍ ଡିସିପିମାନଙ୍କୁ ଚିଠି ଲେଖି ଏକ ବାର୍ଷିକିଆ ଟାର୍ଗେଟ୍ ଧରାଯାଇଥିଲା। ଏହି ବିଭାଗଗୁଡ଼ିକ ଯେମିତି ବିଭିନ୍ନ ନିୟମ ଉଲ୍ଲଂଘନକାରୀଙ୍କୁ ୨୦୨୫-୨୬ରେ ମାସକୁ ଅତି କମ୍‌ରେ ୧୧୦୩୨୦ ଇ-ଚାଲାଣ କରିବେ। ଏ ବାବଦରେ ମାସକୁ ୧୫ କୋଟି ୮୮ ଲକ୍ଷ ଟଙ୍କାର ଜରିମାନା ହିସାବରେ ଲୋକଙ୍କ ଉପରେ ଜୁଲୁମ। ଆଦାୟର ଟାର୍ଗେଟ୍ ବାବଦରେ ମନେ ପକାଇ ଦିଆଯାଇଛି।

ଏହି ଚିଠିରେ ଜରିମାନା ଆଦାୟରେ ଖରାପ ପ୍ରଦର୍ଶନ କରିଥିବା ଆର୍‌ଟିଓଗୁଡ଼ିକୁ ତାଗିଦ୍ କରାଯାଇ ଲକ୍ଷ୍ୟ ପୂରଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗର ଏଭଳି

### ୨୦୦ କୋଟି ରାଜସ୍ୱ ଲକ୍ଷ୍ୟ; ପୂରଣ ହୋଇଛି ୨୦%

### କାର୍ ଚାଳକଙ୍କ ପାଖକୁ ଯାଉଛି ହେଲ୍‌ମେଟ୍ ଫାଇନ୍

### ୭୦ କିମି ବେଗରେ ସ୍କୁଟି ଚାଳନା ପାଇଁ ଜରିମାନା

ବାର୍ଷିକ ୨୦୦ କୋଟି ଟଙ୍କାର ଟାର୍ଗେଟ୍ ସେଟ୍ କରାଯାଇଛି। ହେଲେ ଚଳିତ ଆର୍ଠିଥକ ବର୍ଷ ଶେଷ ହେବାକୁ ହାତରେ ମାତ୍ର ୨ ମାସ ସମୟ ବାକି ଥିବା ବେଳେ ଏବେ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟର ୨୦ ପ୍ରତିଶତ ଜରିମାନା ଆଦାୟ ହୋଇ ପାରିଛି । ତେଣୁ ପରିବହନ ପ୍ରାଧିକରଣ କର୍ତ୍ତୃପକ୍ଷ ଆଉଥରେ ଚିଠି ଲେଖି ଯେବେଠାରୁ ଟାର୍ଗେଟ କଥା ମନେ ପକାଇ ଦେଇଛନ୍ତି; ସେବେଠାରୁ ବିଭାଗ ଆରମ୍ଭ କରିଛି ନିର୍ଦ୍ଦେଶନାମା ପରେ ଆର୍‌ଟିଓମାନଙ୍କୁ ଘାରିଛି ଇ-ଚାଲାଣ ଭୂତ। ଏହାର ପରିଣାମ ସ୍ୱରୂପ ରାଜ୍ୟରେ ଜରିମାନା ବ୍ୟବସ୍ଥାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲେ ମଧ୍ୟ ଏହି ପ୍ରସଙ୍ଗରେ ପରିବହନ ବିଭାଗ ଆଦୌ ପଛକୁ ହଟୁ ନାହିଁ। ବଡ଼ କଥା ହେଉଛି ସରକାରଙ୍କ ଟାର୍ଗେଟ୍ ଆଗରେ ନିୟମ ଉଲ୍ଲଂଘନକାରୀଙ୍କ ସମେତ କିଛି ସାଧାରଣ ଲୋକମାନେ ମଧ୍ୟ ଫସୁଛନ୍ତି। କାର୍ ଚାଳକଙ୍କୁ ହେଲମେଟ୍ ▶ପୃଷ୍ଠା-୭

# ୪ ଦିନରେ ୪ ଡିଗ୍ରୀ ବଢ଼ିବ ତାପମାତ୍ରା

■ ଭୁବନେଶ୍ୱର, ୧୮ ।୧ (ସମିସ): ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରାରେ ବୃଦ୍ଧି ଘଟିଛି। ଫଳରେ ପୂର୍ବାପେକ୍ଷା ଶୀତର ପ୍ରଭାବ ହ୍ରାସ ହୋଇଛି। ଆଗାମୀ ଦିନରେ ତାପମାତ୍ରା ଆହୁରି ବଢ଼ିବାକୁ ଥିବାରୁ ଶୀତର ପ୍ରଭାବ କମିବା ସମ୍ଭାବନା ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୪ ଦିନ ମଧ୍ୟରେ ତାପମାତ୍ରାରେ ୪ ଡିଗ୍ରୀ ବୃଦ୍ଧି ପାଇବ। ଫଳରେ ଆଗକୁ ଥଣ୍ଡାର ପ୍ରଭାବ ହ୍ରାସ ହେବ।

ଶୀତର ପ୍ରଭାବ କମିବାର ମୁଖ୍ୟ କାରଣ ଭାବେ ପଶ୍ଚିମାଝଡ଼କୁ ବିବେଚନା କରାଯାଉଛି। ରାଜ୍ୟ ଉପରେ କ୍ରମାଗତ ଭାବେ ଦୁଇଟି ପଶ୍ଚିମା ଝଡ଼ର ପ୍ରଭାବ ପଡ଼ିବ। ୧୯ ତାରିଖ ଓ ୨୧ ତାରିଖରେ ଉତ୍ତରପଶ୍ଚିମ ଭାରତକୁ ପଶ୍ଚିମାଝଡ଼ ଅତିକ୍ରମ କରି ଓଡ଼ିଶା ଉପରେ ପ୍ରଭାବ ପକାଇବ। ପଶ୍ଚିମାଝଡ଼ ଯୋଗୁଁ ରାଜ୍ୟକୁ ପ୍ରଚୁର ମାତ୍ରାରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବାହିତ ହେବ। ଏହା ତାପମାତ୍ରା ବୃଦ୍ଧିରେ ସହାୟକ ହେବ। ଆଗାମୀ ୨୪ଘଣ୍ଟା ପରେ ଦେଶର ପୂର୍ବ ଭାଗରେରେ ରାତିର ତାପମାତ୍ରା ୩ ରୁ ୫ ଡିଗ୍ରୀ ଯାଏଁ ବୃଦ୍ଧି ହେବା ନେଇ ଆକଳନ କରାଯାଉଥିବା ବେଳେ ଓଡ଼ିଶାରେ ମଧ୍ୟ ସମାନ ସ୍ଥିତି ସୃଷ୍ଟି ହେବ ବୋଲି ଆକଳନ କରାଯାଉଛି। ଗତ ୨୪ ଘଣ୍ଟାରେ ରାଉରକେଲାରେ ତାପମାତ୍ରା ୬ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଝାରସୁଗୁଡ଼ାରେ ୬.୮, କେନ୍ଦୁଝରେ ୯.୨, ଭୁବନେଶ୍ୱର ୧୦.୯, ସମ୍ବଲପୁର ୧୧.୨, ହୀରାକୁଦ ୧୧.୬, ପାରାଦ୍ୱୀପ ୧୩ ଓ ଚାନ୍ଦବାଲିରେ ତାପମାତ୍ରା ୧୩.୫ ଡିଗ୍ରୀ ରେକର୍ଡ ହୋଇଛି। ଅନ୍ୟପଟେ ଶୀତର ପ୍ରଭାବ କମିବା ନେଇ ସମ୍ଭାବନା ସୃଷ୍ଟି ହେବା ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

NURSING PROGRAMMES
- B.Sc. (Nursing) (Basic)
- B.Sc. (Nursing) (Post Basic)
- M.Sc. (Nursing)

APPROVAL & RECOGNITIONS
- Approved by UGC, ONMRC and INC
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 15th Best in University Category
- 15th Best in Medical Category
- 09th Best in Dental Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ଟ୍ରମ୍ପଙ୍କୁ ଗ୍ରୀନଲାଣ୍ଡରେ ବିରୋଧ

■ ନୁକ, ୧୮ ।୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବଳ ଏବଂ ଅର୍ଥ ପ୍ରୟୋଗ କରି ଗ୍ରୀନଲାଣ୍ଡଙ୍କୁ କବ୍‌ଜା କରିବାକୁ ଚାହୁଁଛନ୍ତି। ଏଥିପାଇଁ ସେ ବାରମ୍ବାର ଗ୍ରୀନଲାଣ୍ଡ ଏବଂ ଡେନମାର୍କକୁ ଧମକ ଦେଇ ଆସୁଛନ୍ତି। ଏହି ଯୋଜନାକୁ ବିରୋଧ କରୁଥିବା ଦେଶ ଉପରେ ୧୦ ପ୍ରତିଶତ ଲେଖାଏଁ ଶୁଳ୍କ ଲଗାଇଛନ୍ତି। ଟ୍ରମ୍ପଙ୍କ ଏଭଳି ଏକଛତ୍ରନୀତିକୁ ବିରୋଧ କରି ଗ୍ରୀନଲାଣ୍ଡରେ ବଡ଼ଧରଣର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ହଜାର ହଜାର ଲୋକ ରାସ୍ତାକୁ ଓହ୍ଲାଇଛନ୍ତି। ସେମାନେ ଟ୍ରମ୍ପଙ୍କ ବୟାନକୁ ତୀବ୍ର ସମାଲୋଚନା କରିଛନ୍ତି। ଗ୍ରୀନଲାଣ୍ଡ ବିକ୍ରି ପାଇଁ ଉପଲବ୍ଧ ନାହିଁ ବୋଲି କହିଛନ୍ତି। ଏହାକୁ ଦେଶର ବଡ଼ ବିକ୍ଷୋଭ ପ୍ରଦର୍ଶନ କୁହାଯାଉଛି। ବରଫ ଆଚ୍ଛାଦିତ ରାସ୍ତାରେ ଗ୍ରୀନଲାଣ୍ଡବାସୀ ବିକ୍ଷୋଭ କରିଛନ୍ତି। ଆମେରିକା ରାଷ୍ଟ୍ରପତିଙ୍କ ଚାପକୁ ପ୍ରତ୍ୟାଖାନ କରିଛନ୍ତି। ଆମେରିକା ଗ୍ରୀନଲାଣ୍ଡରୁ ପଳାଉ ବୋଲି କହିଛନ୍ତି। ଏହା ସହିତ ଲୋକେ ସହର କେନ୍ଦ୍ରରୁ ଆମେରିକାର ବାଣିଜ୍ୟିକ ଦୂତାବାସ ପର୍ଯ୍ୟନ୍ତ ପଦଯାତ୍ରା ବାହାର କରିଥିଲେ। ଲୋକମାନେ ଗ୍ରିନଲାଣ୍ଡିକ୍ ଭାଷାରେ ସ୍ଲୋଗାନ ଦେଇଥିଲେ। ଏହି ପଦଯାତ୍ରା ନୁକ୍ ଜନସଂଖ୍ୟାର ପ୍ରାୟ ଏକ ଚତୁର୍ଥାଂଶ ଲୋକ ସାମିଲ ହୋଇଥିଲେ। ଗ୍ରିନଲାଣ୍ଡର ▶ପୃଷ୍ଠା-୭

### ଅଟକିବ ଇୟୁ-ଆମେରିକା ବାଣିଜ୍ୟ ଚୁକ୍ତି

ୟୁରୋପୀୟ ଦେଶଗୁଡ଼ିକ ଗ୍ରୀନଲ୍ୟାଣ୍ଡ ଉପରେ ଆମେରିକାର ଦଖଲକୁ ନିରନ୍ତର ବିରୋଧ କରୁଛନ୍ତି। ଏହି ବିରୋଧକୁ ପ୍ରଶମିତ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚାପ ପ୍ରୟୋଗ କରିବାରେ ଲାଗିପଡିଛନ୍ତି। ଏହାର ପ୍ରଭାବ ଇୟୁ-ଆମେରିକା ବାଣିଜ୍ୟ ଚୁକ୍ତି ଉପରେ ପଡିବାକୁ ଯାଉଛି। କୁହାଯାଉଛି ଯେ ୟୁରୋପୀୟ ସଂଘ(ଇୟୁ)ର ଆଇନ ପ୍ରଣୟନକାରୀମାନେ ଆମେରିକା ସହିତ ସ୍ୱାକ୍ଷରିତ ବାଣିଜ୍ୟ ଚୁକ୍ତିକୁ ଅବରୋଧ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହା ମଧ୍ୟ ଗ୍ରୀନଲ୍ୟାଣ୍ଡ ଉପରେ ଆମେରିକାର ନିୟନ୍ତ୍ରଣକୁ ବିରୋଧ କରି କରାଯାଉଛି।





TOLL FREE 1800 266 0018

INDIA'S FIRST 5 YEAR WARRANTY *Conditions apply

0% PROCCESSING FEES · DOCUMENTATION FEES · ADVANCE EMI

CORPORATE OFFER ₹3 200#

LOW DOWN PAYMENT ₹7 999^

LOW ROI 7.99%^

Hero MotoCorp Ltd, Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC0173541. For further information, contact your nearest Hero MotoCorp authorised outlet or CALL TOLL-FREE 1800 266 0018 or visit us on www.heromotocorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. As per cumulative dispatch numbers till August 2025. ^Finance offers are at the sole discretion of the financier, subject to its respective T&Cs. Hero MotoCorp reserves the rights to modify or withdraw any or all the offers without prior notice. #To avail corporate offer employee ID card is mandatory. *Ex-showroom prices are applicable in Odisha.

Authorized Dealers: Bhubaneswar: Rohan Hero - 9289922474, Bharat Hero - 9289922180, DD Hero - 0674-2747448 / 9439650824, Arundhati Hero - 9289923183, Cuttack: JMG Hero - 9289922178, Sunny Hero - 9289922697, Essen Hero - 9289923078, Jagatsinghpur: Sunny Autobikes - 9289233592, Angul: Parbati Hero - 9289922902, Balasore: Neelam Hero - 9289922519, Baripada: Aditya Hero - 9289922585, Bhadrak: Sanjib Hero - 9289922608, Chandikhol: S. K. Hero - 9289922900, Jajpur Road: Soumik Hero - 9289922611, Jaleswar: Sai Hero - 9289922844, Jatni: Vishal Hero - 9289922984, Keonjhar: Supreme Hero - 9289922182, Nayagarh: Bhagabati Hero - 9289922687, Puri: Sanjib Hero - 9289923107, Behrampur: Lakshmi Motors - Dharma Nagar - 9289922184, Jeypore: Supreme Hero - 9289922183, Phulbani: Narayani Hero - 9289922991, Raygada: Ajit Hero - 9289922819, Bargarh: Aakash Hero - 9289922181, Bhawanipatna: Arundhati Hero - 9289922837, Bolangir: Arundhati Hero - 9289923033, Jharsuguda: Vijaylaxmi Hero - 9289922595, Rourkela: Dua Hero - 9289922179, Sambalpur: Sri Shyam Hero - 9289922484, Sonepur: Jai Jawan Hero - 9289922800, Sundergarh: Robotech Hero - 9289923063, Dhenkanal: Som Hero - 9289922614, Talcher: Tarini Hero - 9289922736.
Authorized HeroSure Dealers: Bhubaneshwar: Arundhati Motobikes - 7682841658, Rourkela: Dua Motors - 6372753989, Jeypore: Supreme Sales - 8144822656.

### ଇରାନ ବିକ୍ଷୋଭକାରୀଙ୍କ ଟିପ୍ପଣୀ

# ଧୋକା ଦେଲେ ମିଛୁଆ ଟ୍ରମ୍ପ

## ଆବଶ୍ୟକତା ବେଳେ ହାତ ଛାଡ଼ିଦେଲେ

## ଆନ୍ଦୋଳନ ପାଇଁ ଉସୁକାଇ ସହାୟତା ଦେବାକୁ ମନା କରିଦେଲେ



ତେହରାନ, ୧୮ା୧ (ଏଜେନ୍ସି):

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ୍ ବିକ୍ଷୋଭକାରୀଙ୍କୁ ବଡ଼ ଧୋକା ଦେଇଛନ୍ତି। ସର୍ବାଧିକ ଆବଶ୍ୟକତା ଥିବା ସମୟରେ ହାତ ଛାଡ଼ି ଦେଇଛନ୍ତି। ସହାୟତା କରିବା ବଦଳରେ ମୃତ୍ୟୁର କାରଣ ପାଲଟି ବିଶ୍ୱାସଘାତ କରିଛନ୍ତି। ଆନ୍ଦୋଳନକୁ ଉସୁକାଇ ସହାୟତା ଦେବାରେ ପଛଘୁଞ୍ଚା ଦେଇଛନ୍ତି। ଟ୍ରମ୍ପ ପୁଣି ନିଜ ପ୍ରତିଶ୍ରୁତି ପୂରଣ କରିନାହାନ୍ତି। ସେ ନିଜ ଆଭିମୁଖ୍ୟ ବଦଳାଇ ଆମକୁ ବୋକା ବନାଇ ଦେଇଛନ୍ତି। ଏଥିପାଇଁ ଠକାମିର ଶିକାର ହୋଇଥିବା ଭଳି ଅନୁଭବ କରୁଛୁ। ଇରାନରେ ସରକାର ବିରୋଧୀ ଆନ୍ଦୋଳନର ନେତୃତ୍ୱ ନେଇଥିବା ବ୍ୟକ୍ତି କ୍ଷୋଭର ସହ ଏହି ଟିପ୍ପଣୀ ଦେଇଛନ୍ତି। ଇରାନ ଛାଡ଼ି ପଳାଇ ଥିବା ଅନ୍ୟ ଜଣେ ବ୍ୟକ୍ତି କହିଛନ୍ତି ଯେ ଟ୍ରମ୍ପ ଯାହା କହିଥିଲେ ଏବଂ ଯାହା କରିଥିଲେ ତାହା ମଧ୍ୟରେ ବହୁତ ବଡ଼ ପାର୍ଥକ୍ୟ ରହିଛି। ଜଣେ ଇରାନ ଅଧିକାରୀ ଅଧିକ ହତ୍ୟା ନ କରିବାକୁ ପ୍ରତିଶ୍ରୁତି ଦେଇଥିବା ଟ୍ରମ୍ପ ଆମକୁ କହିଥିଲେ। ଏହା ଶୁଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ଟ୍ରମ୍ପଙ୍କ ଟିପ୍ପଣୀ ପାଇଁ ଲୋକଙ୍କ ମଧ୍ୟରେ ନୂଆ ଆଶା ସଞ୍ଚାର ହୋଇଥିଲା। ସେମାନେ ଜୀବନ ବିପଦରେ ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମାତ୍ର ସର୍ବାଧିକ ଆବଶ୍ୟକତା ଥିବା ସମୟରେ ଆମେରିକା ସମର୍ଥନ ଦେଇ ନ ଥିଲା। ଟ୍ରମ୍ପଙ୍କ କଥା ଓ କାମରେ ବହୁ ଫରକ୍ ରହିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି।

ଇରାନରେ ଦରଦାମ ବୃଦ୍ଧିକୁ ନେଇ ବିକ୍ଷୋଭ ଆରମ୍ଭ ହେବା ପରେ ଟ୍ରମ୍ପ ଆନ୍ଦୋଳନକାରୀଙ୍କୁ ଉତ୍ସାହିତ କରିବା ସହିତ ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲ ଖାମନେଇଙ୍କୁ ଚେତାବନୀ ଦେଇଥିଲେ। ସହାୟତା ଆସୁଛି, ମାଡ଼ି ଚାଲ ବୋଲି ଟ୍ରମ୍ପ ଘୋଷଣା କରିଥିଲେ। ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ କରୁଥିବା ଲୋକଙ୍କ କ୍ଷତି କଲେ ଆମେରିକା କଡ଼ା କାର୍ଯ୍ୟାନୁଷ୍ଠାନ ନେବ ବୋଲି ଇରାନ ସରକାରଙ୍କୁ ଚେତାବନୀ ଦେଇଥିଲେ। ଇରାନବାସୀ ଏହାକୁ ସତ ଭାବି ପୁଣି ରାସ୍ତାକୁ ଓହ୍ଲାଇଲେ। ମାତ୍ର ଇରାନ ସରକାର ଏହାକୁ ଦମନ ପାଇଁ କଠୋର ରଣନୀତି ଆପଣାଇ ଗୁଳି ମାଡ଼ କରିଥିଲେ। ଇଣ୍ଟରନେଟ ବନ୍ଦ କରି ଭଡ଼ାଟିଆ ସେନା ଆଣି ନରସଂହାର କରିଥିଲେ। ଏହା ପରେ ପେଣ୍ଟାଗନ କିଛି ଅଣ-ଅତ୍ୟାବଶ୍ୟକ କର୍ମଚାରୀଙ୍କୁ ମଧ୍ୟପ୍ରାଚ୍ୟରେ ଥିବା ଏକ ପ୍ରମୁଖ ଆମେରିକୀୟ ଘାଟି ଛାଡିବା ପାଇଁ ନିର୍ଦ୍ଦେଶ ଦେଇଥିଲା। ଆମେରିକା ଯୁଦ୍ଧ ଜାହାଜ ଇରାନ ଅଭିମୁଖେ ବଢୁଥିବା କୁହାଯାଇଥିଲା। ଏହି ଖବରକୁ ଆମେରିକାର ଯୁଦ୍ଧ ପ୍ରସ୍ତୁତି କୁହାଯାଉଥିଲା। ମାତ୍ର କିଛି ସମୟ ମଧ୍ୟରେ ସ୍ଥିତି ଓଲଟି ଯାଇଥିଲା। ଇରାନର ସରକାର ତାଙ୍କୁ ହତ୍ୟା ଓ ମୃତ୍ୟୁଦଣ୍ଡ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଥିବା ଟ୍ରମ୍ପ ଘୋଷଣା କରିଥିଲେ। ଆମେରିକୀୟ ସାମରିକ କାର୍ଯ୍ୟାନୁଷ୍ଠାନ ଆଉ ଆଗକୁ ବଢ଼ିବ ନାହିଁ ବୋଲି ସଙ୍କେତ ଦେଇଥିଲେ। ଏହା ଆନ୍ଦୋଳନକାରୀଙ୍କ ପାଇଁ କାଳ ପାଲଟି ଯାଇଥିଲା। ଇରାନ ସେନା ଗୁଳିରେ ଜୀବନକୁ ବାଜି ଲଗାଇ ଆନ୍ଦୋଳନ କରୁଥିବା ୧୫,୦୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା। ଏଥିପାଇଁ ଟ୍ରମ୍ପ ଦାୟୀ ବୋଲି ପ୍ରଦଶନକାରୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ବିକ୍ଷୋଭକାରୀ ଆମେରିକା ବିରୋଧରେ ଗମ୍ଭୀର ଅଭିଯୋଗ ଲଗାଇଛନ୍ତି। ଇରାନ ସହ ଆମେରିକା ଚୁକ୍ତି କରି ନେଇଥିବା ସେମାନେ ଅଭିଯୋଗ କରିଛନ୍ତି। ଅନ୍ୟ ଜଣେ ଆନ୍ଦୋଳନକାରୀ କହିଛନ୍ତି ଯେ ଟ୍ରମ୍ପ ଆମକୁ ବଳିବୋଦା ଭଳି ବ୍ୟବହାର କରିଛନ୍ତି। ସେ ପାଦତଳୁ ମାଟି ଖସାଇ ଦେଇଛନ୍ତି। ବିକ୍ଷୋଭକାରୀଙ୍କ ବିଷୟରେ ଚିନ୍ତା କରୁଥିବା ନେଇ ଟ୍ରମ୍ପ ମିଛ କହିଥିଲେ ବୋଲି ପ୍ରଦର୍ଶନକାରୀ ଅଭିଯୋଗ ଆଣିଛନ୍ତି। ଏବେ ଟ୍ରମ୍ପ ଇରାନ ବାସୀଙ୍କୁ ବିଶ୍ୱାସ ହରାଇ ଦେଇଛନ୍ତି।

## ଆଇଆର୍‌ଜିସି ସମ୍ପର୍କରେ ସୂଚନା ଦେଲେ ପୁରସ୍କାର: ଟ୍ରମ୍ପ




ୱାସିଂଟନ, ୧୮ା୧ (ଏଜେନ୍ସିଃ): ଇରାନ ଆନ୍ଦୋଳନକାରୀଙ୍କ ବିଶ୍ୱାସ ହରାଇବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନୂଆ ପଇଁତରା ମାରିଛନ୍ତି। ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆର୍‌ଜିସି)କୁ ଦୁର୍ବଳ କରିବା ପାଇଁ କୂଟନୈତିକ ପଦକ୍ଷେପ ନେଇଛନ୍ତି। ଆଇଆରଜିସି ବିଷୟରେ ସୂଚନା ଦେଲେ ବିପୁଳ ପୁରସ୍କାର ଦିଆଯିବ ବୋଲି ଘୋଷଣା କରିଛନ୍ତି। ଇରାନ ନାଗରିକଙ୍କୁ ଆଇଆର୍‌ଜିସିର ଅର୍ଥନୈତିକ ନେଟୱର୍କ ଓ ଗୁପ୍ତ କାର୍ଯ୍ୟକଳାପ ସମ୍ପର୍କରେ ସଠିକ୍ ସୂଚନା ପ୍ରଦାନକରିବାକୁ ଆମେରିକା ଅନୁରୋଧ କରିଛି। ଇରାନ ସରକାର ନିଜର ସାମରିକ ଶକ୍ତି ଓ ଦମନମୂଳକ ନୀତି ପାଇଁ ଲୋକଙ୍କ କୋଟି କୋଟି ଡଲାରର ଅର୍ଥ ଖର୍ଚ୍ଚ କରୁଛନ୍ତି। ଆମେରିକା ପକ୍ଷରୁ କୁହାଯାଇଛି ଯେ ଆଇଆର୍‌ଜିସିର ଆର୍ଥିକ ଉତ୍ସ ଓ ଏହାର କାର୍ଯ୍ୟକଳାପ ସୂଚନା ଦେଲେ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଆଇଆର୍‌ଜିସିର ଆର୍ଥିକ ସମ୍ବଳକୁ ରୋକିବା ଏହାର ଉଦ୍ଦେଶ୍ୟ। ହିଂସାକୁ ଜାରି ରଖିବା ଓ କ୍ଷମତା ବଜାୟ ରଖିବାକୁ ଏହି ଅର୍ଥ ବ୍ୟବହାର କରାଯାଉଛି। ଏହି ସୂଚନା ଦେଉଥିବା ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସୁରକ୍ଷିତ ସ୍ଥାନକୁ ନିଆଯିବ ବୋଲି ଆମେରିକା ପ୍ରତିଶ୍ରୁତି ଦେଇଛି।

# ଇରାନ ସରକାର କିଛି ସମୟର ଅତିଥି: ଟ୍ରମ୍ପ

ତେହରାନ, ୧୮ା୧ (ଏଜେନ୍ସି): ସରକାର ବିରୋଧୀ ବିକ୍ଷୋଭରେ ହଜାର ହଜାର ଲୋକଙ୍କ ଜୀବନ ଯାଇଛି ବୋଲି ଇରାନର ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲ ଖାମନେଇ ପ୍ରଥମ ଥର ପାଇଁ ସ୍ୱୀକାର କରିଥିଲେ । ସେ ଏହି ମୃତ୍ୟୁ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଦାୟୀ କରିଥିଲେ। ଇରାନୀ ନାଗରିକଙ୍କ ମୃତ୍ୟୁରେ ଟ୍ରମ୍ପଙ୍କ ହାତ ରକ୍ତରଞ୍ଜିତ ବୋଲି କହିଥିଲେ। ଏବେ ଟ୍ରମ୍ପ ଏହାର ଜବାବ ଦେଇଛନ୍ତି। ଇରାନୀ ସରକାର କିଛି ଦିନର ଅତିଥି ବୋଲି କହିଛନ୍ତି। ନୂତନ ନେତୃତ୍ୱ ଖୋଜିବାର ସମୟ ଆସି ଯାଇଥିବା ଉଲ୍ଲେଖ କରିଛନ୍ତି।

## ମୃତଦେହ ମଧ୍ୟରୁ ଝିଅକୁ ଖୋଜିଲେ ପରିବାର

ଅନ୍ୟପଟେ ଇରାନରୁ ହୃଦୟ ବିଦାରକ ଦୃଶ୍ୟ ସାମ୍ନାକୁ ଆସିଛି। ଦେଶରେ ବିଭିନ୍ନ ସ୍ଥାନରେ ସରକାରଙ୍କ ଗୁଳିରେ ପ୍ରାଣ ହରାଇଥିବା ଆନ୍ଦୋଳନକାରୀଙ୍କ ମୃତଦେହ ପଡ଼ି ରହିଛି। ସରକାରଙ୍କ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ଲାଗି ପରିବାର ସଦସ୍ୟ ଲୁଚି ଲୁଚି ନିଜ ସମ୍ପର୍କୀୟଙ୍କ ମୃତଦେହ ନେଇ ଯାଉଛନ୍ତି। ଗତ ୮ ତାରିଖରେ ଇରାନ ସେନା ଗୁଳିରେ ଫ୍ୟାସନ ଡିଜାଇନ ପଢୁଥିବା ରୁବିନା ଅମିନିୟମ (୨୩) ଙ୍କୁ ଗୁଳି ମାରି ହତ୍ୟା କରିଥିଲା। ଏବେ ତାଙ୍କ ମାଆ ମୃତଦେହ ମଧ୍ୟରୁ ଝିଅକୁ ଖୋଜି ନେଇଛନ୍ତି। ରିପୋର୍ଟ ଅନୁଯାୟୀ, ଛାତ୍ରୀ ରୁବିନାଙ୍କ ମୁଣ୍ଡ ପଛରେ ଗୁଳି ବାଜି ଥିଲା। ମୃତ୍ୟୁର ଗୋଟିଏ ସପ୍ତାହ ପରେ ମଧ୍ୟ ତାଙ୍କ ପରିବାର ରୀତିନୀତି ଅନୁଯାୟୀ ଅନ୍ତିମ ସଂସ୍କାର କରିନାହାନ୍ତି।



ସୁରକ୍ଷାବାହିନୀ ଠାରୁ ରକ୍ଷା ପାଇବା ପାଇଁ ତାଙ୍କ ଶରୀରକୁ ଗୁପ୍ତ ଭାବରେ ରାସ୍ତା କଡ଼ରେ ପୋତି ଦିଆଯାଇଥିଲା। ଘଟଣା ସମୟରେ ରୁବିନାଙ୍କ ମାଆ ତେହେରାନରୁ ପ୍ରାୟ ୪୬୦ କିମି ଦୂର କେରମାନଶାହ ସହରରେ ଥିଲେ। ବନ୍ଧୁମାନେ ରୁବିନାଙ୍କ ମାଆଙ୍କୁ ଫୋନ୍ କରି ଏହି ଖବର ଦେଇଥିଲେ। ଗତ ୮ ତାରିଖରେ କଲେଜରୁ ଘରକୁ ଫେରୁଥିବା ସମୟରେ ଏକ ପ୍ରତିବାଦ ଦେଖି ରୁବିନା ସେଥିରେ ଯୋଗ ଦେଇଥିଲେ। ଇରାନୀ ଏଜେଣ୍ଟମାନେ ପ୍ରତିବାଦକାରୀଙ୍କୁ ଘଉଡ଼ାଇବା ପାଇଁ ରାଇଫଲ୍ ଏବଂ ବନ୍ଧୁକ ବ୍ୟବହାର କରୁଥିଲେ। ଏହି ସମୟରେ ସୁରକ୍ଷା ବାହିନୀର ଏକ ଗୁଳି ରୁବିନାଙ୍କ ମୁଣ୍ଡରେ ବାଜିଥିଲା।

### କାଳ ପାଲଟିଲା କୁହୁଡ଼ି

# କାର୍ ସହିତ ଡ୍ରେନ୍‌କୁ ଖସି ସଫ୍ଟୱେୟାର ଇଞ୍ଜିନିୟର ମୃତ

ନୋଏଡ଼ା, ୧୮ା୧ (ଏଜେନ୍ସି): ଉତ୍ତର ପ୍ରଦେଶ ନୋଏଡ଼ାରେ ଘନ କୁହୁଡ଼ି ଜଣେ ସଫ୍ଟୱେୟାର ଇଞ୍ଜିନିୟରଙ୍କ ଜୀବନ ନେଇଛି। କାର୍ ସମେତ ଡ୍ରେନକୁ ଖସି ସେ ପ୍ରାଣ ହରାଇଛନ୍ତି। ଗାଡ଼ି ଦଳକୁ ଖସି ପଡ଼ିବା ପରେ ସେ ୮୦ ମିନିଟ ପର୍ଯ୍ୟନ୍ତ ବାପାଙ୍କ ସହ ଫୋନ୍ କରି କଥା ହୋଇଥିଲେ। ବାପା ମୋତେ ବଞ୍ଚାଇ ଦିଅ, ମୁଁ ମରିବାକୁ ଚାହେଁନି ବୋଲି କହିଥିଲେ। କିନ୍ତୁ ଘଟଣାସ୍ଥଳରେ ଆସି ବାପା ପହଞ୍ଚି ଥିଲେ ବି ପୁଅର ଜୀବନ ବଞ୍ଚାଇବାରେ ଅସମର୍ଥ ହୋଇଥିଲେ। ସମସ୍ତ ପ୍ରୟାସ କରି ସେ ବିଫଳ ହୋଇଥିଲେ। ଶେଷରେ କାର୍ ସମେତ ୩୦ ଫୁଟ ଦଳ ଭିତରେ ବୁଡ଼ି ପୁଅ ପ୍ରାଣ ହରାଇଥିଲେ।

ସୂଚନା ଅନୁଯାୟୀ, ସଫ୍ଟୱାର ଇଞ୍ଜିନିୟର ଯୁବରାଜ ମେହେଟା ତାଙ୍କ ଗ୍ରାଣ୍ଡ ଭିଟାରା କାରରେ ଶୁକ୍ରବାର ବିଳମ୍ବିତ ରାତିରେ ଏଟିଏସ ଲେ ଗ୍ରାଣ୍ଡ ନିକଟରେ ଡ୍ରେନ୍ କାନ୍ଥ ଭାଙ୍ଗି ପାଣିରେ ଭର୍ତ୍ତି ୩୦ ଫୁଟ ଗଭୀର ଜଳଖାଇକୁ ଖସି ପଡ଼ିଥିଲା। କାର ଖାତରେ ପଡ଼ିବା ମାତ୍ରେ ଏହା ବୁଡ଼ିବାକୁ ଲାଗିଲା। ଯୁବରାଜ କୌଣସି ପ୍ରକାରରେ ବାହାରି ଆସି କାର୍ ଉପରକୁ ଉଠିଗଲେ। ସେ ଫୋନ୍ କରିବା ପରେ ତାଙ୍କ ବାପା ଘଟଣାସ୍ଥଳରେ ପହଞ୍ଚିଲେ। ଇନ୍ସପେକ୍ଟର ସର୍ବେଶ ସିଂହ, ଅଗ୍ନିଶମ ବାହିନୀ କ୍ରେନ୍ ସହିତ ପହଞ୍ଚି ଥିଲା। ଯୁବରାଜଙ୍କ ବାପା ଏବଂ ଅନ୍ୟ ଫୋର୍ସ ତାଙ୍କଠାରୁ କିଛି ମିଟର ଦୂରରେ ଥିଲେ ବି କୁହୁଡ଼ି ଯୋଗୁଁ ପରସ୍ପରକୁ ଦେଖିପାରି ନ ଥିଲେ। ସେ ତାଙ୍କ ମୋବାଇଲ୍ ଟର୍ଚ୍ଚଲାଇଟ୍ ଚାଲୁ କରି ଚିତ୍କାର କଲେ, 'ବାପା ମୋତେ ବଞ୍ଚାଅ, କାର ବୁଡ଼ି ଯାଉଛି!' ମାତ୍ର କିଛି ସମୟ ପରେ ତାଙ୍କ ସ୍ୱର ଆସିବା ବନ୍ଦ ହୋଇଗଲା।

### ପୌର ନିର୍ବାଚନକୁ ନେଇ ମହାରାଷ୍ଟ୍ର ମହିଳାଙ୍କ ଦାବି

# ଭୋଟ ଦେବାକୁ ଅନ୍ୟ ଜିଲ୍ଲାକୁ ନିଆଯାଇଥିଲା

ମୁମ୍ବଇ, ୧୮ା୧ (ଏଜେନ୍ସି): ବିରୋଧୀଙ୍କ ଭୋଟ ଚୋରି ଅଭିଯୋଗ ମଧ୍ୟରେ ମହାରାଷ୍ଟ୍ର ବିଡ ଜିଲ୍ଲାର ଜଣେ ମହିଳା ବଡ଼ ଦାବି କରିଛନ୍ତି। ନିକଟରେ ଶେଷ ହୋଇଥିବା ନିର୍ବାଚନରେ ଭୋଟ ଦେବା ପାଇଁ ତାଙ୍କ ସମେତ ଅନ୍ୟ ମହିଳାଙ୍କୁ ଅନ୍ୟ ଜିଲ୍ଲାକୁ ନିଆଯାଇଥିଲା ବୋଲି ସେ କହିଛନ୍ତି। ଗତ ୧୫ ତାରିଖରେ ନିର୍ବାଚନ ଦିନ ୪ଟି ବସ୍ରେ ମହିଳାଙ୍କୁ ପିମ୍ପରି-ଚିଞ୍ଚୱାଡ ନିଆଯାଇଥିଲା। ସେଠାରେ ସେମାନେ ଭୋଟ ଦେଇଥିଲେ। ମହିଳା କହିଛନ୍ତି ଯେ ସେ ବିଡ୍ର ଗେଭରାଇ ବ୍ଲକର ବାସିନ୍ଦା। ସେ ଭୋଟ୍ ପ୍ରକ୍ରିୟା ବିଷୟରେ ଅଜ୍ଞ ଥିଲେ। ପୁନେ ଜିଲ୍ଲାର ଜେଜୁରିର ଖଣ୍ଡୋବା ମନ୍ଦିରରେ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ବୈଠକ ହେବାକୁ ଯାଉଛି ବୋଲି ତାଙ୍କୁ କୁହାଯାଇଥିଲା। ତେଣୁ ମହିଳାମାନେ ଏକ ବସ୍ ଚଢ଼ି ସେଠାକୁ ଯାଇଥିଲେ। ଶନିବାର ମହିଳା ଏ ନେଇ ବିଡ୍ ଏସ୍ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ଏସ୍ପି କହିଛନ୍ତି। ମହିଳା କହିଥିଲେ ଯେ ଏହି ଘଟଣା ପଛରେ ଆଉ ଜଣେ ମହିଳା ଅଛନ୍ତି। ସେ ଅଭିଯୁକ୍ତ ମହିଳାଙ୍କ ବିରୋଧରେ ଠକେଇ ପାଇଁ ଏତଲା ରୁଜୁ କରିବାକୁ ଦାବି କରିଛନ୍ତି। ଅଭିଯୁକ୍ତ ମହିଳା ତାଙ୍କୁ ଏକ ନିର୍ଦ୍ଦିଷ୍ଟ ଦଳକୁ ଭୋଟ୍ ଦେବାକୁ କହିଥିଲେ। ପିମ୍ପରି-ଚିଞ୍ଚୱାଡରେ ଭୋଟ ଦେବା ପରେ ପୁଲିସ ତାଙ୍କୁ ଗିରଫ କରିଥିଲା। ମାତ୍ର ସନ୍ଧ୍ୟା ୬ଟା ପରେ ଛାଡି ଦେଇଥିଲା।

### ମହାଯୁତିରେ ମହା ଫାଟ

# ଅଢ଼େଇ ବର୍ଷ ପାଇଁ ମେୟର ପଦ ଚାହୁଁଛନ୍ତି ସିନ୍ଦେ

## ମୁମ୍ବାଇ ମହାନଗରନିଗମର ୨୯ ନବନିର୍ବାଚିତ କାଉନ୍‌ସିଲରଙ୍କ ଗୋପନବାସ

ମୁମ୍ବଇ, ୧୮ା୧ (ଏଜେନ୍ସି): ମହାରାଷ୍ଟ୍ର ପୌର ନିର୍ବାଚନ ପରେ ପୁଣି ମହାନାଟକ ଆରମ୍ଭ ହୋଇଯାଇଛି। ବିଧାନସଭା ନିର୍ବାଚନରେ ବିଜୟୀ ହେବା ପରେ ଏନଡିଏ ମେଣ୍ଟରେ ଆରମ୍ଭ ହୋଇଥିବା କ୍ଷମତା ଟଣାଓଟରା ଅଧ୍ୟାୟର ପୁନରାବୃତ୍ତି ଘଟିଛି। ସରକାରୀ ମେଣ୍ଟ ମହାଯୁତିରେ ଭାଗବଣ୍ଟାକୁ ନେଇ ଅଡୁଆ ଲାଗି ରହିଛି। ଏପରି ସମୟରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ତଥା ଶିବସେନା ନେତା ଏକନାଥ ସିନ୍ଦେ ନିଜ ଦଳର ୨୯ କାଉନସିଲରଙ୍କୁ ବାନ୍ଦ୍ରା ସ୍ଥିତ ହୋଟେଲ ହୋଟେଲ ତାଜ୍ ଲ୍ୟାଣ୍ଡସ ଏଣ୍ଡରେ ନେଇ ରଖିଛନ୍ତି। ଏଠାରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଇଛି। ମୁମ୍ବଇର ବିଏମସି ମେୟର ପଦକୁ ନେଇ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ବିଜେପି ମୁମ୍ବଇରେ ସବୁଠାରୁ ବଡ଼ ଦଳ ଭାବେ ଉଭା ହୋଇଛି। ପ୍ରଥମ ଥର ପାଇଁ ଏହି ଦଳ ମୁମ୍ବଇ ମେୟର ପାଇବାକୁ ଯାଉଛି। କିନ୍ତୁ ନିଜ ମେଣ୍ଟରେ ସାମିଲ ଏକନାଥ ସିନ୍ଦେଙ୍କ ଶିବସେନା ଏଥିରେ କଣ୍ଟା ସୃଷ୍ଟି କରିଛି। ଏହି ଦଳ ଅଢେଇ ବର୍ଷ ପାଇଁ ବିଏମସି ମେୟର ପଦ ଚାହୁଁଛି। ଶିବସେନା ଏଥିପାଇଁ ବାଲ୍ ଠାକରେଙ୍କ ଜନ୍ମ ଶତବାର୍ଷିକକୁ ଦ୍ୱାହି ଦେଉଛି। ଚଳିତ ବର୍ଷ ଠାକରେଙ୍କ ଏହି ଜୟନ୍ତୀକୁ କ୍ଷମତାର ପ୍ରତୀକ ଭାବେ ପାଳନ କରିବାକୁ ଚାହୁଁଛି। ତେଣୁ ବିଜେପିକୁ ମେୟର ପଦ ମାଗୁଛି। ବିଜେପି କୁନ୍ଥୁ କୁନ୍ଥୁ ହେଉଥିବାରୁ ମାମଲା ଫସି ରହିଛି।

ଅନ୍ୟପଟେ ଉଦ୍ଧବ ଗୋଷ୍ଠୀର ଶିବସେନା ବଡ଼ ଦାବି କରିଛି। ଭଗବାନ ଚାହିଁଲେ ଦଳର ପ୍ରାର୍ଥୀ ମେୟର ହୋଇପାରନ୍ତି ବୋଲି କୁହାଯାଇଛି। ଶିବସେନା ଏପରି କହି ସଂଶୟକୁ ବଢ଼ାଇ ଦେଇଛି। ବିରୋଧୀ ଏକାଠି ହୋଇଗଲେ ବିଜେପି ମେଣ୍ଟ ପାଇଁ ସମସ୍ୟା ସୃଷ୍ଟି ହୋଇପାରେ ବୋଲି କୁହାଯାଉଛି। ଶିବସେନା ସାଂସଦ ସଞ୍ଜୟ ରାଉତ କହିଛନ୍ତି ଯେ ଏକନାଥ ସିନ୍ଦେ ତାଜ ହୋଟେଲକୁ ୟରୱାଡ ଜେଲ୍ କରିଦେଇଛନ୍ତି। ନବନିର୍ବାଚିତ କାଉନସିଲରଙ୍କୁ ଏଠାରେ ବନ୍ଦୀ କରି ରଖାଯାଇଛି। ହୋଟେଲ ତାଲା ଭାଙ୍ଗି କାଉନସିଲରଙ୍କୁ ମୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପୁଲିସକୁ ନିର୍ଦ୍ଦେଶ ଦେବା ଉଚିତ।



## ବିଜେପିରୁ ମେୟର ହୁଅନ୍ତୁ ବୋଲି ଚାହୁଁନାହାନ୍ତି ଉପ-ମୁଖ୍ୟମନ୍ତ୍ରୀ: ସଞ୍ଜୟ

## ଉଦ୍ଧବ ଗୋଷ୍ଠୀରୁ ବି ମେୟର ହୋଇପାରନ୍ତି

ମୁମ୍ବଇର ୨୨୭ଟି ୱାର୍ଡ ମଧ୍ୟରୁ ବିଜେପି ୮୯ଟି ଏବଂ ସିନ୍ଦେ ଗୋଷ୍ଠୀ ୨୯ଟିରେ ବିଜୟୀ ହୋଇଥିଲା। ୧୧୪ଟି ସଂଖ୍ୟାଗରିଷ୍ଠତା ହାସଲ କରିବା ପାଇଁ ବିଜେପିକୁ ସିନ୍ଦେ ଗୋଷ୍ଠୀର ୨୯ ଜଣ କାଉନସିଲର ଆବଶ୍ୟକ। ଉଦ୍ଧବଙ୍କ ମରାଠୀ କାର୍ଡ ସିନ୍ଦେ ଗୋଷ୍ଠୀର କାଉନସିଲରଙ୍କ ସଂଖ୍ୟାକୁ ସୀମିତ କରି ଦେଇଥିଲା। ଏଭଳି ସ୍ଥିତିରେ ସିନ୍ଦେ ଗୋଷ୍ଠୀ ମେୟର ପଦବୀ ପାଇଁ ଦାବି ଉପସ୍ଥାପନ କରିଛି। ଯଦି ବିଜେପି ଏହି ଦାବି ଗ୍ରହଣ ନ କରେ ତେବେ କ୍ଷମତା ସମୀକରଣ ବଦଳିପାରେ। ଏଥିପାଇଁ ହୋଟେଲରେ ବୈଠକ କରି ଦଳୀୟ ନେତାଙ୍କୁ ଚୟନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସୂତ୍ର ଅନୁଯାୟୀ, ଘୋଡା ବେପାରକୁ ରୋକିବା ପାଇଁ ହୋଟେଲରେ କାଉନସିଲରଙ୍କୁ ରୋକା ଯାଇଛି। ସମସ୍ତ ୨୯ ଜଣ କାଉନସିଲରଙ୍କୁ ବୁଧବାର ଅପରାହ୍ନ ୩ଟା ପର୍ଯ୍ୟନ୍ତ ହୋଟେଲରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଘଟଣା ୨୦୨୨ରେ ସିନ୍ଦୋ ଗୋଷ୍ଠୀ କରିଥିବା ବିଦ୍ରୋହର ସ୍ମୃତିକୁ ତାଜା କରିଦେଇଛି। ଏଥିପାଇଁ ଶିବସେନା ଭାଗ ଭାଗ ହୋଇଯାଇଥିଲା। ଏକନାଥ ସିନ୍ଦେ ୩୯ ଜଣ ବିଧାୟକଙ୍କୁ ଧରି ବିଦ୍ରୋହ କରିଥିଲେ।

### ସୋନମ୍ ୱାଙ୍ଗଚୁକ୍‌ଙ୍କ ପତ୍ନୀଙ୍କ ଟିପ୍ପଣୀ

# ଏନ୍‌ଏସ୍‌ଏ ମାମଲାରେ କୌଣସି ଆଧାର ନ ଥିବାରୁ ତାରିଖ ଗଡ଼ାଉଛନ୍ତି ସରକାର



ନୂଆଦିଲ୍ଲୀ, ୧୮ା୧ (ଏଜେନ୍ସି): ଲଦାଖ ହିଂସାକୁ ନେଇ ସାମାଜିକ କର୍ମୀ ତଥା ମାଗ୍‌ସେସେ ପୁରସ୍କାର ବିଜେତା ସୋନମ୍ ୱାଙ୍ଗଚୁକ୍ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ବଳରେ ଗିରଫ କରାଯାଇଥିଲା। ଏହାକୁ ନେଇ ସୋନମଙ୍କ ପତ୍ନୀ ଗୀତାଞ୍ଜଳି ଅଙ୍ଗମୋ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଏହି ମାମଲାରେ କୌଣସି ଆଧାର ନ ଥିବାରୁ ସରକାର ତାରିଖ ଗଡ଼ାଇ ଚାଲିଥିବା ସେ ଅଭିଯୋଗ କରିଛନ୍ତି। ଏହା ସହିତ ସ୍ୱାମୀଙ୍କୁ ଜେଲ୍‌ରେ ନିର୍ଯାତନା ଦିଆଯାଉଥିବା ଅଭିଯୋଗ କରିଛନ୍ତି। ସୋନମଙ୍କୁ ଜେଲ୍‌ରେ ତଳେ ଶୋଇବାକୁ ପଡ଼ିଛି। ତାଙ୍କ ପାଖରେ କୌଣସି ଆସବାବପତ୍ର ନାହିଁ। ବାରାକ ଜଣେ ବୁଲିବା ପରି ବି ସ୍ଥାନ ନାହିଁ। ସଲିସିଟର ଜେନେରାଲ ତାରିଖ ପରେ ତାରିଖ ମାଗି ଚାଲିଛନ୍ତି। କାରଣ ଏହି ମାମଲାରେ କୌଣସି ଦମ୍ ନ ଥିବା ସେ ଜାଣିଛନ୍ତି।

ଗୀତାଞ୍ଜଳି କହିଛନ୍ତି ଯେ ସ୍ୱାମୀଙ୍କ ଗିରଫ ଗିରଫଦାରୀ ଗଣତନ୍ତ୍ରର ସ୍ଥିତିକୁ ଦର୍ଶାଉଛି। କେମିତି କ୍ଷମତାର ଅପବ୍ୟବହାର କରି ଲୋକମାନଙ୍କୁ ବେଆଇନ ଭାବେ ଅଟକ ରଖାଯାଉଛି ଏହା ତାହାର ପ୍ରକୃଷ୍ଟ ଉଦାହରଣ। ଏହା କେବଳ ଜଣେ ସୋନମଙ୍କ ପ୍ରସଙ୍ଗ ନୁହେଁ। ୱାଙ୍ଗଚୁକ୍‌ଙ୍କ ଗିରଫକୁ ନେଇ ସମାଜ ତଥା ରାଜନୀତି କ୍ଷେତ୍ରରୁ ଯେଭଳି ଦୃଢ ପ୍ରତିକ୍ରିୟା ଆସିବା କଥା ସେପରି ଆସିନାହିଁ। ଏନ୍‌ଏସ୍‌ଏ ମାମଲାରେ ଅଭିଯୁକ୍ତଙ୍କୁ ୫ରୁ ୧୦ ଦିନ ମଧ୍ୟରେ ସମସ୍ତ କାଗଜପତ୍ର ଯୋଗାଇ ଦେବା କଥା। ମାତ୍ର ସୋନମ୍‌ଙ୍କୁ ଗୁରୁତ୍ୱପୂର୍ଣ୍ଣ ଭିଡିଓ ୨୮ ଦିନରେ ଦେଲେ। ଏହା ଧାରା ୮ ଓ ଧାରା ୧୧ର ଉଲ୍ଲଙ୍ଘନ। ଏଥିପାଇଁ ତାଙ୍କୁ ଅଟକ ରଖିବା ନିର୍ଦ୍ଦେଶ ବେଆଇନ।

# ସାନ୍ତ୍ରାଗାଛି-ତାମ୍ବରମ୍ ଅମୃତ ଭାରତ ଏକ୍ସପ୍ରେସର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

କୋଲକାତା, ୧୮ା୧ (ଏଜେନ୍ସି):

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ସାନ୍ତ୍ରାଗାଛି (କୋଲକାତା)-ତାମ୍ବରମ୍ (ଚେନ୍ନଇ) ଅମୃତ ଭାରତ ଏକ୍ସପ୍ରେସ୍ ସେବାର ଶୁଭାରମ୍ଭ କରିଛନ୍ତି। ଆଧୁନିକ, ସୁଲଭ ଏବଂ ଅନ୍ତର୍ଭୁକ୍ତ ରେଳ ସଂଯୋଗୀକରଣ ଦିଗରେ ଏହା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଏହି ଟ୍ରେନ ପୂର୍ବ ଭାରତକୁ ଦକ୍ଷିଣ ଭାରତ ସହିତ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ଦୂରଗାମୀ ସେବାର ଶୁଭାରମ୍ଭକୁ ସୂଚିତ କରୁଛି। ଏହା ଦ୍ୱାରା ପଶ୍ଚିମବଙ୍ଗ, ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁକୁ ସଂଯୋଗ କରୁଥିବା ଏକ ଦୃଢ଼ ନୂତନ ରେଳ କରିଡର ପ୍ରତିଷ୍ଠା ହେବ। ଆନ୍ତଃ ଆଞ୍ଚଳିକ ରେଳ ସଂଯୋଗୀକରଣରେ ଉଲ୍ଲେଖନୀୟ ବୃଦ୍ଧି ଘଟିବ। ଏହି ସେବା ଓଡ଼ିଶା ପାଇଁ ବିଶେଷ ଲାଭଦାୟକ ହେବ, କାରଣ ଏହା ଉନ୍ନତ ରେଳ ସମନ୍ୱୟ ମାଧ୍ୟମରେ ଦେଶର ବିଭିନ୍ନ ଅଂଶକୁ ଦ୍ରୁତ ଏବଂ ଅଧିକ ଆରାମଦାୟକ ସେବା ପ୍ରଦାନ କରୁଛି। ଓଡ଼ିଶାର ଲୋକଙ୍କ ପାଇଁ ଏହି ଟ୍ରେନ୍ ପୂର୍ବ ଏବଂ ଦକ୍ଷିଣ ଭାରତର ପ୍ରମୁଖ ସହରାଞ୍ଚଳ, ବାଣିଜ୍ୟିକ, ଶିକ୍ଷାଗତ ଏବଂ ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକୁ ସଂଯୋଗ ଭାବରେ କାର୍ଯ୍ୟ କରିବ। ଏହି ସେବା ଚିକିତ୍ସା, ଶିକ୍ଷା, ନିଯୁକ୍ତି, ପର୍ଯ୍ୟଟନ ଏବଂ ତୀର୍ଥଯାତ୍ରା ପାଇଁ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପାଇଁ ବହୁ ଉପଯୋଗୀ ସାବ୍ୟସ୍ତ ହେବ। ବିଶେଷ କରି ଚେନ୍ନଇ ଏବଂ କୋଲକାତା ଭଳି ସହରଗୁଡ଼ିକୁ ଯୋଗାଯୋଗ ଅଧିକ ମଜବୁତ ହେବ।



ଅମୃତ ଭାରତ ଏକ୍ସପ୍ରେସ ହେଉଛି ଏକ ଆଧୁନିକ ଏଲଏଚବି ରେକ୍ ଟ୍ରେନ। ଏଥିରେ ଉନ୍ନତ ପୁସ୍-ପୁଲ୍ ପ୍ରଯୁକ୍ତିବିଦ୍ୟା ରହିଛି। ଅଧିକ ବେଗ, ସୁଗମ କାର୍ଯ୍ୟ ଏବଂ ବର୍ଦ୍ଧିତ ଯାତ୍ରୀ ଆରାମ ପ୍ରଦାନ କରେ। ଏହି ଟ୍ରେନରେ ଏରଗୋନୋମିକାଲି ଡିଜାଇନ୍ ହୋଇଥିବା ବର୍ଥ, ମଡ୍ୟୁଲାର୍ ଶୌଚାଳୟ, ଏଲଇଡି ଆଲୋକୀକରଣ, ସିସିଟିଭି ନିରୀକ୍ଷଣ ଏବଂ ମୋବାଇଲ୍ ଚାର୍ଜିଂ ଭଳି ସୁବିଧା ରହିଛି। ସାନ୍ତ୍ରାଗାଛି-ତାମ୍ବରମ୍ ଅମୃତ ଭାରତ ଏକ୍ସପ୍ରେସ (୦୬୧୦୮) ଆଜି ୨ଟା୪୫ରେ ସାନ୍ତ୍ରାଗାଛି ଛାଡିଛି। ଏହା ପରଦିନ ୬ଟା ୪୫ରେ ତାମ୍ବରମରେ ପହଞ୍ଚିବ। ଏହି ଟ୍ରେନ୍ ଭଦ୍ରକ, ଯାଜପୁର କେନ୍ଦୁଝର ରୋଡ , କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, ବାଲୁଗାଁ , ବ୍ରହ୍ମପୁର, ପାଲାସା, ବିଜୟନଗରମ୍ ଏବଂ ଦୁଭଭଡା ସମେତ ପୂର୍ବ ତଟ ରେଳ ଅଧୀନରେ ଥିବା ପ୍ରମୁଖ ଷ୍ଟେସନ ଦେଇ ଯିବ। ଟ୍ରେନରେ ୨୨ଟି ଆଧୁନିକ ଶ୍ରେଣୀ କୋଚ୍ ରହିବ। ଏଥିରେ ୧୧ ଟି ଜେନେରାଲ୍ ଶ୍ରେଣୀ ସିଟିଂକୋଚ, ୮ ଟି ସ୍ଲିପର୍ ବଗି, ୨ଟି ଲଗେଜ୍ କମ ଡିଭିଆଙ୍ଗଜାନ୍ କୋଚ୍ ଏବଂ ଗୋଟିଏ ପ୍ୟାଣ୍ଟ୍ରି କାର୍ ରହିଛି।

### ୧୩ ଶ୍ରମିକଙ୍କୁ ଚାପିଦେଲା କାର୍

# ୨ ମହିଳା ଶ୍ରମିକଙ୍କ ସମେତ ୩ ମୃତ

ଭୋପାଳ, ୧୮ା୧ (ଏଜେନ୍ସି): ମଧ୍ୟପ୍ରଦେଶ ଜବଲପୁରର ଏକତା ଛକ ନିକଟରେ ରବିବାର ଦ୍ୱିପହରେ ଭୟଙ୍କର ଦୁର୍ଘଟଣା ଘଟିଛି। ଏଠାରେ ଏକ ଦ୍ରୁତଗାମୀ କାର ୧୩ ଜଣ ଶ୍ରମିକଙ୍କୁ ଚାପି ଦେଇଛି। ଘଟଣାସ୍ଥଳେ ଦୁଇ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୧୧ ଜଣ ଆହତ ହୋଇଥିଲେ। ଆଉ ଜଣେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇ ଥିଲେ। ଆହତଙ୍କ ମଧ୍ୟରୁ ୭ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ସମସ୍ତଙ୍କୁ ମେଡିକାଲ କଲେଜ ହସ୍ପିଟାଲକୁ ପଠାଯାଇଛି। ସୂଚନା ଅନୁଯାୟୀ, ସମସ୍ତ ମୃତାହତ ମଣ୍ଡଲା ଜିଲ୍ଲା ବିଜାଦଣ୍ଡି ଥାନା ଅଞ୍ଚଳର ବିହାରିଆ ଗ୍ରାମର ବାସିନ୍ଦା। ସମସ୍ତେ ସେଠାରେ ଦେଢ଼ ମାସ ଧରି କାମ କରୁଥିଲେ। ରାସ୍ତା ଡିଭାଇଡରରେ ଲୁହା ଜାଲି ସଫା କରିବା ପରେ ଶ୍ରମିକମାନେ ବସି ମଧ୍ୟାହ୍ନ ଭୋଜନ ଖାଉଥିଲେ। ଏହି ସମୟରେ ବରେଲାରୁ ଜବଲପୁର ଅଭିମୁଖେ ଆସୁଥିବା ଏକ ଧଳା କାର ସେମାନଙ୍କ ଉପରେ ମାଡ଼ି ଯାଇଥିଲା। ସାହାଯ୍ୟ କରିବା ପରିବର୍ତ୍ତେ ଡ୍ରାଇଭର ଗାଡ଼ି ନେଇ ଫେରାର ହୋଇ ଯାଇଥିଲା।

## ଅନାହାରରେ ପ୍ରାଣ ହରାଇଲେ ମାନସିକ ଭିନ୍ନକ୍ଷମ

ମାଥିଲି,୧୮ ।୧(ସମିସ): ଅନାହାରରେ ପ୍ରାଣ ହରାଇଲେ ମାନସିକ ଭିନ୍ନକ୍ଷମ। ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଉଦୁଲିବେଡ଼ା ପଞ୍ଚାୟତରୁ ଏଭଳି ଏକ ଖବର ସାମ୍ନାକୁ ଆସିଛି । ମୃତକ ହେଲେ, ଚେଡେଙ୍ଗା ପଞ୍ଚାୟତ ଅନ୍ତର୍ଗତ ସିନ୍ଧାବେଡ଼ା ଗ୍ରାମର ଦିଗାମ ପେର୍ମା (୬୦) । ଦିନ ଦିନ ଧରି ଖାଇବାକୁ ନ ପାଇ ଦିଗାମ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି। ଖାଦ୍ୟ ସୁରକ୍ଷା ଯୋଜନା ମାଧ୍ୟମରେ ରାଜ୍ୟ ଓ କେନ୍ଦ୍ର ସରକାର ମିଳିତ ଭାବେ ମୁଣ୍ଡପିଛା ଚାଉଳ ଯୋଗାଣ କରୁଛନ୍ତି । ଏହାସହ ବୃଦ୍ଧବୃଦ୍ଧା, ବିଧବା, ଭିନ୍ନକ୍ଷମ ଓ ମାନସିକ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ଭତ୍ତାର ମଧ ବ୍ୟବସ୍ଥା କରିଛନ୍ତି । ଏସବୁର ଉଦ୍ଦେଶ୍ୟ ହେଉଛି, କେହି ଯେପରି ଅନାହାରରେ ପ୍ରାଣ ନ ହରାଇବେ । କିନ୍ତୁ, ଖାଇବାକୁ ନ ପାଇ ଦିଗାମଙ୍କ ମୃତ୍ୟୁ ଘଟିବା, ଏସବୁ ସରକାରୀ ଯୋଜନାକୁ ସତେଯେପରି ଉପହାସ କରୁଛି । ଏହାକୁ ନେଇ ବୁଦ୍ଧିଜୀବୀମହଲରେ ଉଦ୍‌ବେଗ ପ୍ରକାଶ ପାଇଛି ।

ସୂଚନାନୁଯାୟୀ, ଉଦୁଲିବେଡ଼ା ପଞ୍ଚାୟତ ଅନ୍ତର୍ଗତ ଚାଲାଣଗୁଡ଼ା ଗ୍ରାମ ନିକଟରେ ଦିଗାମଙ୍କ ଶବ ପଡ଼ିଥିବା କିଛି ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ । ଖବର ପାଇ ଗୋବିନ୍ଦପାଲ୍ଲୀ ଫାଣ୍ଡିଅଧିକାରୀ ଏଏସ୍‌ଆଇ ପଦମନ ପୂଜାରୀ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ଦିଗାମ ଜଣେ ମାନସିକ ଭିନ୍ନକ୍ଷମ । କିଛି ଦିନ ତଳୁ ସେ ଘରୁ ଚାଲିଆସିଥିଲେ । ରାସ୍ତାକଡ଼ରେ ବସି ରହି ଯାହା ମିଳୁଥିଲା, ତାହା ଖାଇ ବଞ୍ଚୁଥିଲେ । ତେବେ କିଛି ଦିନ ହେଲା ଖାଇବାକୁ ନ ମିଳିବାରୁ ତାଙ୍କର ମୃତ୍ୟୁ ଘଟିଥିବା ପରିବାରଲୋକେ କହିଛନ୍ତି ।

## ଦୁର୍ଘଟଣାରେ ଗଲା ଦୁଇ ସାଙ୍ଗଙ୍କ ଜୀବନ





ଜଳେଶ୍ୱର,୧୮ ।୧ (ସମିସ): ଦୁର୍ଘଟଣାରେ ଗଲା ଦୁଇ ସାଙ୍ଗଙ୍କ ଜୀବନ । ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଦେଇ ଯାଇଥିବା ୫୭ ନମ୍ବର ରାଜ୍ୟ ରାଜପଥର ନାମ୍ପୋ ନିକଟ ଷଡ଼ଙ୍ଗୀ ପୋଲ ନିକଟରେ ଆଜି ଭୋର୍‌ରେ ଏହି ଅଘଟଣ ଘଟିଛି । ମୃତକଦ୍ୱୟ ହେଲେ, କମର୍ଦା ଥାନା ବାଗ ଗ୍ରାମର ଗୌତମ ସାହୁ ଓ ନିମାଇଁ ମହାପାତ୍ର । ଉଭୟ ଜଳେଶ୍ୱରରୁ ଏକ ବାଇକ୍‌ରେ ଘରକୁ ଫେରୁଥିବା ବେଳେ କୌଣସି ଏକ ଗାଡ଼ି ସେମାନଙ୍କୁ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା । ନାମ୍ପୋ ଓ ଜଳେଶ୍ୱର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା । ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ଲାଗି ଜିକେଭଇଟର୍ ହସ୍ପିଟାଲକୁ ପଠାଇଛି । ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

## ଦଳକୁ ଦୁର୍ବଳ କରିବାକୁ ଷଡ଼ଯନ୍ତ୍ର କରିଥିଲେ ସନାତନ ଓ ଅରବିନ୍ଦ: ବିଜେଡି

ଭୁବନେଶ୍ୱର,୧୮ ।୧(ସମିସ): ଦଳକୁ ଦୁର୍ବଳ କରିବା ପାଇଁ ଷଡ଼ଯନ୍ତ୍ର ଓ ଦଳୀୟ କର୍ମୀଙ୍କ ସହ ବିଶ୍ୱାସଘାତକତା ନିମନ୍ତେ ଚମ୍ପୂଆ ବିଧାୟକ ସନାତନ ମହାକୁଡ଼ ଓ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ବିଜେଡିରୁ ନିଲମ୍ବିତ କରାଯାଇଛି ବୋଲି କହିଛନ୍ତି ବିଜେଡି ସାଧାରଣ ସମ୍ପାଦକ ଅମରେଶ ପତ୍ରୀ । ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ



ଦ୍ୱାରା ସୁଯୋଗ ପାଇ ବିଧାୟକ ହେବା ପରଠାରୁ ପାଟକୁରାର ଦଳୀୟ କର୍ମୀଙ୍କୁ ଅଣଦେଖା କରି ନିଜସ୍ୱ ସଂଗଠନ ଜରିଆରେ ଅରବିନ୍ଦ କାର୍ଯ୍ୟ କରିଆସୁଥିଲେ । ନିର୍ବାଚନମଣ୍ଡଳୀର ଅରବିନ୍ଦ ପୁରୁଖା ଦଳୀୟ କର୍ମୀଙ୍କୁ ସଂପୂର୍ଣ୍ଣ ଅଣଦେଖା କରୁଥିବା ବେଳେ ସେଠାରେ ବାପା-ପୁଅଙ୍କ ଶାସନ ଚାଲିଥିଲା । ସେହିପରି ଚମ୍ପୂଆରେ ସନାତନ ମଧ୍ୟ ଦଳବିରୋଧୀ କାର୍ଯ୍ୟରେ ଲିପ୍ତ ଥିଲେ ଓ ସମାନ୍ତରାଳ ସଙ୍ଗଠନ ଚଳାଇଥିଲେ ବୋଲି ସାଂଘାତିକ ଅଭିଯୋଗ କରିଛନ୍ତି ବିଜେଡି ସାଧାରଣ ସମ୍ପାଦକ ତଥା ପାଟକୁରାର ଯୁବ ନେତା ଅମରେଶ ପତ୍ରୀ ।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପତ୍ରି କହିଛନ୍ତି ଯେ ଅରବିନ୍ଦଙ୍କୁ ନବୀନ ପାଟକୁରାରେ ଦଳୀୟ ଟିକଟ ଦେଇଥିଲେ । ୨୫ ବର୍ଷ ଧରି ଯେଉଁ ଦଳୀୟ କର୍ମୀମାନେ ପାଟକୁରାରେ ବିଜେଡି ସଂଗଠନକୁ ସଶକ୍ତ କରି ରଖିଥିଲେ, ସେହି ପୁରୁଖା ନେତା ଓ କର୍ମୀଙ୍କୁ ଜାଣିଶୁଣି ଉପେକ୍ଷା କରି ନିଜର ଚାଟୁକାରମାନଙ୍କୁ ପଞ୍ଚାୟତ ଦାୟିତ୍ୱ ଦେଇ ସେମାନଙ୍କ ଜରିଆରେ ବିଧାୟକ ପାଣ୍ଠି ବିନିଯୋଗ କରୁଥିଲେ । ଗତ ସାଧାରଣ ନିର୍ବାଚନରେ ଟିକେଟ ପାଇଲା ପରେ ଦଳର ସାଂସଦ ପ୍ରାର୍ଥୀଙ୍କୁ ଅସହଯୋଗ ସହ ବାପାଙ୍କ ଇସାରାରେ ସବୁ କାମ କରୁଥିଲେ ଅରବିନ୍ଦ । ଅତୀତରେ ସ୍ୱର୍ଗତ ବିଜୁ ବାବୁଙ୍କ ବିରୋଧରେ ଅରବିନ୍ଦ ମହାପାତ୍ରଙ୍କ ପିତା ଯେଭଳି ଷଡଯନ୍ତ୍ର କରିଥିଲେ, ଆଜି ନବୀନ ପଟ୍ଟନାୟକଙ୍କ ବିରୋଧରେ

- ପାଟକୁରାରେ ଚାଲିଥିଲା ବାପା-ପୁଅ ଶାସନ
- ଚମ୍ପୂଆରେ ଚାଲିଥିଲା ସମାନ୍ତରାଳ ସଙ୍ଗଠନ
- ଉପେକ୍ଷିତ ହୋଇଥିଲେ ପୁରୁଖା ଦଳୀୟ କର୍ମୀ

ସେହିଭଳି ବିଶ୍ୱାସଘାତକତା ଯୋଜନାରେ ସେ ନିଜକୁ ସାମିଲ କରିଥିଲେ । କିଛି ମାସ ଧରି ଏହି ଷଡ଼ଯନ୍ତ୍ରର ସୁରାକ ବିଜେଡି ସଭାପତି ପାଇଥିଲେ ମଧ୍ୟ, ତ୍ରୁଟି ସୁଧାରିବା ପାଇଁ ଉଭୟ ସନାତନ ଓ ଅରବିନ୍ଦଙ୍କୁ ସୁଯୋଗ ଦେଇଥିଲେ; ମାତ୍ର ଉଭୟଙ୍କ ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ନ ହେବାରୁ ସେମାନଙ୍କୁ ଦଳରୁ ନିଲମ୍ବିତ କରାଯାଇଛି ବୋଲି ଶ୍ରୀ ପତ୍ରୀ କହିଛନ୍ତି ।

ସେହିପରି ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡା କହିଛନ୍ତି ଯେ ଗତ ତିନି ଦଶନ୍ଧି ମଧ୍ୟରେ ନବୀନ ପଟ୍ଟନାୟକ ଅନେକ ଯୁବ ପ୍ରତିଭାଙ୍କୁ ସମାଜସେବା ପାଇଁ ସୁଯୋଗ ଦେଇଛନ୍ତି, ରାଜନୀତିକୁ ଆଣିଛନ୍ତି । ସେହି କ୍ରମରେ ଅରବିନ୍ଦଙ୍କୁ ପାଟକୁରାରୁ ବିଧାନସଭାର ପ୍ରତିନିଧିତ୍ୱ କରିବାକୁ ସୁଯୋଗ ଦେଇଥିଲେ । ଏହି ସୁଯୋଗର ସଦବ୍ୟବହାର କରି ଲୋକଙ୍କ ସେବା କରିବା ପରିବର୍ତ୍ତେ ଏଭଳି ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା ଦୁର୍ଭାଗ୍ୟଜନକ । ଶୃଙ୍ଖଳିତ ଆଚରଣ ପାଇଁ ସାରା ଦେଶରେ ବିଜେଡି ଓ ନବୀନ ବାବୁଙ୍କ ନେତୃତ୍ୱ ବେଶ୍ ପରିଚିତ । ବିଜୁ ଜନତା ଦଳରେ ବିଶୃଙ୍ଖଳାର ସ୍ଥାନ ନାହିଁ ବୋଲି ଶ୍ରୀ ପଣ୍ଡା କହିଛନ୍ତି ।

### ବିସ୍ଫୋରଣରେ ଉଡ଼ିଗଲା ଘର

## ଖଣ୍ଡଖଣ୍ଡ ହୋଇଗଲା ବାଣ ଭିଡ଼ାଳିଙ୍କ ଶବ

ଫୁଲନଖରା, ୧୮ ।୧(ସମିସ): କଟକ ସଦର ଥାନା ଅନ୍ତର୍ଗତ ଖଲର୍ଦାଠାରେ ଆଜି ଏକ ବଡ଼ଧରଣର ଅଘଟଣ ଘଟିଛି । ବାଣ ଭିଡ଼ିବା ବେଳେ ପ୍ରଚଣ୍ଡ ବିସ୍ଫୋରଣ ଘଟି ଜଣଙ୍କର ମୃତ୍ୟୁ ହୋଇଛି । ମୃତକ ହେଲେ, ଖଲର୍ଦା ବାଡ଼ାସାହିର ସୁରେଶ ଭୋଇ ଓରଫ୍ କୁନ୍ଥା(୪୪) । ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଘରଟି ସଂପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବା ବେଳେ କୁନ୍ଥାଙ୍କ ଶବ ଖଣ୍ଡବିଖଣ୍ଡିତ ହୋଇଯାଇଥିଲା । ସଦର ଥାନା ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ ମେଡିକାଲକୁ ପଠାଇ ଘଟଣାର ତଦନ୍ତ କରୁଛି । ଏହା ଏକ ସମ୍ବେଦନଶୀଳ ମାମଲା ହୋଇଥିବାରୁ ଅତିରିକ୍ତ ଡିସିପି ରଣଜିତ୍ ପୃଷ୍ଟି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିବା ସହ ମୁଖ୍ୟ ଆସାମୀ ବୈକୁଣ୍ଠ ସାମଲ ଓରଫ୍ ବଇନ(୫୦)କୁ ଧରିବାକୁ ୩ଟି ଟିମ୍ ଗଠନ କରିଛନ୍ତି ।

ସୂଚନାନୁଯାୟୀ, ଖଲର୍ଦା କେନାଲ ରୋଡ୍ ପାର୍ଶ୍ୱରେ ବୈକୁଣ୍ଠ ସାମଲଙ୍କ ଘର । ସେ ସେଠାରେ ଦୀର୍ଘ ବର୍ଷ ହେବ ବେଆଇନ୍ ବାଣ ତିଆରି କରି ବିକ୍ରୟ କରୁଥିଲେ । ବାଡ଼ାସାହିର ସୁରେଶ ଦିନମଜୁରିଆ ଭାବେ ବଇନଙ୍କ ପାଖରେ ବେଆଇନ ବାଣ ଭିଡ଼ିବାରେ କାର୍ଯ୍ୟ କରି ନିଜର ପରିବାର ପ୍ରତିପୋଷଣ କରିଥାଏ । ପ୍ରତିଦିନ ଭଳି ରବିବାର ଦିନ ମଧ୍ୟ କୁନ୍ଥା ବାଣ ଭିଡ଼ିବା କାର୍ଯ୍ୟରେ ନିୟୋଜିତ ଥିଲେ । ରବିବାର ମଧ୍ୟାହ୍ନରେ ହଠାତ୍ ଘର ଭିତରେ ବିସ୍ଫୋରଣ ଘଟିଥିଲା । ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ୧ କିଲୋମିଟର ପର୍ଯ୍ୟନ୍ତ ଘର ଭିତରେ ଥିବା ଜନସାଧାରଣ ଭୟଭୀତ ହୋଇପଡ଼ିଥିଲେ । ଦୀର୍ଘ ସମୟ ଧରି ଆକାଶ ଧୂଆଁଳିଆ ହୋଇ ଯାଇଥିଲା । ବାଣ ଭିଡ଼ାଯାଉଥିବା ଆଜବେଷ୍ଟସ୍ ଘରଟି ସଂପୂର୍ଣ୍ଣ ଧ୍ୱଂସ ହୋଇଯାଇଥିଲା । ବିସ୍ଫୋରଣର କାରଣ ଅସ୍ପଷ୍ଟ ଥିଲେ ସୁଦ୍ଧା ପ୍ରଚୁର ବିସ୍ଫୋରକ ଦ୍ରବ୍ୟ ଗଚ୍ଛିତ ଥିଲା ବୋଲି ସନ୍ଦେହ କରାଯାଉଛି । ପ୍ରଚଣ୍ଡ ଶବ୍ଦ ଶୁଣି ନିକଟସ୍ଥ ଲୋକମାନେ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ କୁନ୍ଥାର ମୃତଦେହ ଘର ଦୁଆରମୁହଁ ବାହାରେ ପଡିଥିବାର ଦେଖିବାକୁ ପାଇଥିଲେ ।



ଘଟଣାସ୍ଥଳରୁ ଧୂଆଁ ବାହାରୁଥିବାରୁ ଲୋକମାନେ ଦୂରରେ ଥାଇ ସଦର ପୁଲିସକୁ ଖବର ଦେଇଥିଲେ । ସଦର ଆଇଆଇସି ତୁଷାରକାନ୍ତ ସେଠୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ସଙ୍ଗେସଙ୍ଗେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଘଟଣା ଘଟିବାର ୧ ଘଣ୍ଟା ବିଳମ୍ବରେ ବାରଙ୍ଗସ୍ଥିତ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଧୂଆଁ ବାହାରୁଥିବା ସ୍ଥାନକୁ ଲିଭାଇବା ସହ କୁନ୍ଥାର ମୃତ ଶରୀରକୁ ଉଦ୍ଧାର କରିଥିଲେ । ଅପରପକ୍ଷେ ଏହି ଘଟଣା ପରେ ମୁଖ୍ୟ ଆସାମୀ ବୈକୁଣ୍ଠ ସାମଲ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି ।

ଉଲ୍ଲେଖଯୋଗ୍ୟ, କଟକ ସଦର ପୁଲିସ ଅପରେସନ୍ ଅଗ୍ନି ମାଧ୍ୟମରେ ଅନେକ ବେଆଇନ୍ ବାଣ କାରଖାନା ସିଜ୍ ଏବଂ ବିପୁଳ ପରିମାଣରେ ବିସ୍ଫୋରକ ଦ୍ରବ୍ୟ ଜବତ କରିଥିବା ବେଳେ ଖଲର୍ଦା ମୁଖ୍ୟ ରାସ୍ତା କଡରେ ଥିବା ଉକ୍ତ ବେଆଇନ୍ ବାଣ କାରଖାନାଟିକୁ କିଭଳି ଅଣଦେଖା କରିଥିଲେ ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

**ଅପାରଗ ଅଧ୍ୟାପକଙ୍କୁ ବିଦା ନିଷ୍ପତ୍ତିକୁ ବିଶେଷଜ୍ଞଙ୍କ ବିରୋଧ**

## ବିଗିଡ଼ିବ ଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣ

ଭୁବନେଶ୍ୱର, ୧୮ ।୧(ସମିସ): ବିଶ୍ୱବିଦ୍ୟାଳୟର କୁଳସଚିବଙ୍କ ସମେତ ସରକାରୀ ଡିଗ୍ରୀ କଲେଜର ଅଧ୍ୟକ୍ଷ, ସରକାରୀ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷମାନେ ନିମ୍ନ-ପ୍ରଦର୍ଶନ କରୁଥିବା କର୍ମଚାରୀଙ୍କ ତାଲିକା ଦେବା ପରେ ସେମାନଙ୍କୁ ବିଦା କରାଯିବ ବୋଲି ସରକାର ନିର୍ଦ୍ଦେଶନାମା ଜାରିକୁ ନେଇ ଶିକ୍ଷାନୁଷ୍ଠାନରେ ଛକାପଞ୍ଝା ଆରମ୍ଭ ହୋଇଛି । ପ୍ରଦର୍ଶନର ନିର୍ଦ୍ଦିଷ୍ଟ ମାପଦଣ୍ଡ ନିର୍ଦ୍ଧାରଣ କରାଯାଇ ନ

### ଅଧ୍ୟାପକଙ୍କ ବିରୋଧରେ ଆକ୍ରୋଶମୂଳକ ପଦକ୍ଷେପ ଆଶଙ୍କା

ଥିବାବେଳେ କାହାକୁ କିପରି ଅପାରଗ ବିବେଚନା କରାଯିବ ବୋଲି ଦର୍ଶାଯିବ, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଅପରପକ୍ଷରେ ଅଧିକାଂଶ ମହାବିଦ୍ୟାଳୟରେ ନିୟମିତ ଅଧ୍ୟକ୍ଷ ନାହାନ୍ତି । ଅଧ୍ୟକ୍ଷ ହେବା ପାଇଁ ଏକାଧିକ ଦାବିଦାର ଥିବାରୁ ଅନେକ ଶିକ୍ଷାନୁଷ୍ଠାନରେ ବିବାଦ ରହିଛି । ଏପରିକି ବରିଷ୍ଠଙ୍କ ବଦଳରେ କନିଷ୍ଠ ଅଧ୍ୟାପକଙ୍କୁ ଅଧ୍ୟକ୍ଷ କରାଯାଇଥିବା ନେଇ ବହୁ ମାମଲା ଉଚ୍ଚଶିକ୍ଷା ବିଭାଗରେ ଓ ଉଚ୍ଚ ନ୍ୟାୟାଳୟରେ ପହଞ୍ଚିଛି । ଅର୍ଥାତ୍ ଶିକ୍ଷାନୁଷ୍ଠାନରେ ଅଧ୍ୟକ୍ଷଙ୍କୁ ବିରୋଧ କରୁଥିବା ଅଧ୍ୟାପକମାନେ ରହିଛନ୍ତି । ସେହିପରି ବହୁ ଅଧ୍ୟକ୍ଷଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ସେହି ଶିକ୍ଷାନୁଷ୍ଠାନର ଅଧ୍ୟାପକ ଓ କର୍ମଚାରୀମାନେ ହିଁ କରିଛନ୍ତି । ସବୁଠାରୁ ବଡ଼ କଥା ହେଲା, ମହାବିଦ୍ୟାଳୟଗୁଡ଼ିକରେ ଏସ୍‌ଏସ୍‌ବି ଓ ବ୍ଲକ୍ ଗ୍ରାଣ୍ଟ ଅଧ୍ୟାପକଙ୍କ ମଧ୍ୟରେ ବହୁ ଆଗରୁ ବିବାଦ ରହିଛି । ଏହାର ପ୍ରତିଫଳନ ରାଜରାସ୍ତାରେ ମଧ୍ୟ ଦେଖିବାକୁ ମିଳିଛି । ବିଧାନସଭା ସମ୍ମୁଖରେ ଆନ୍ଦୋଳନ କି ପରସ୍ପର ବିରୋଧରେ ବିଷୋଦ୍‌ଗାର କରିଛନ୍ତି । ବରିଷ୍ଠତା ଭିତ୍ତିରେ ବହୁ ଶିକ୍ଷାନୁଷ୍ଠାନରେ ବ୍ଲକ୍ ଗ୍ରାଣ୍ଟ ଅଧ୍ୟାପକମାନେ ଅଧ୍ୟକ୍ଷ ହୋଇଥିବାରୁ ଏସ୍‌ଏସ୍‌ବି ଅଧ୍ୟାପକଙ୍କ ମଧ୍ୟରେ ଭାଲେଣି ପଡ଼ିଛି ।

କ୍ୟାମ୍ପସ୍‌ରେ ଅଧ୍ୟକ୍ଷ ଓ ଅଧ୍ୟାପକଙ୍କ ମଧ୍ୟରେ ବିବାଦ ଥିବାବେଳେ ଏକ ପ୍ରକାର ସିସିଆର୍ ଦେବାର କ୍ଷମତା ମିଳିଥିବାରୁ ଅଧ୍ୟକ୍ଷମାନେ ଯେ ଆକ୍ରୋଶମୂଳକ ଭାବେ ରିପୋର୍ଟ ନ ଦେବେ, ତାହାକୁ ଏଡ଼ାଯାଇ ନ ପାରେ ବୋଲି ଶିକ୍ଷାବିତ ଡ. ମାନସ ବେହେରା କହିଛନ୍ତି । ପୁଣି ଆସନ୍ତା ୩୧ ତାରିଖ ଅର୍ଥାତ୍ ମାତ୍ର ୧୫ ଦିନ ମଧ୍ୟରେ ଅଧ୍ୟାପକ/ଅଧ୍ୟାପିକାଙ୍କ ସର୍ଭିସ ରେକର୍ଡ ସହ କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ ରିପୋର୍ଟ, ସାଧୁତା ସ୍ଥିତି ଏବଂ ସାମଗ୍ରିକ ଆଚରଣକୁ କିପରି ଯାଞ୍ଚ କରିବେ ବୋଲି ପ୍ରଶ୍ନ କରିଛନ୍ତି । ସରକାରଙ୍କ ଏହି ତରବରିଆ ନିଷ୍ପତ୍ତି ଶିକ୍ଷାନୁଷ୍ଠାନରେ ବ୍ୟାପକ ଅସ୍ଥିରତା ସୃଷ୍ଟି କରିବ । ପର୍ଯ୍ୟାୟକ୍ରମେ ଶୈକ୍ଷିକ ବାତାବରଣ ନିମ୍ନଗାମୀ ହେବ । ସରକାରଙ୍କ ତତ୍କାଳ ନିର୍ଦ୍ଦେଶନାମା ବଦଳରେ ଏହାକୁ ଏକ ପ୍ରକ୍ରିୟା କରାଯାଉ । ପ୍ରଦର୍ଶନର ମାନ ନିର୍ଦ୍ଧାରଣ କରିବା ପାଇଁ ଏକ ମାନଦଣ୍ଡ ପ୍ରସ୍ତୁତ କରାଯାଉ । ପ୍ରତି ବର୍ଷ ଏହାକୁ ସମୀକ୍ଷା କରିବା ସହ ଶିକ୍ଷାବର୍ଷ ଶେଷରେ ବା ପ୍ରାରମ୍ଭରେ ପ୍ରଦର୍ଶନକୁ ଅନୁଧ୍ୟାନ କରାଯାଉ । ଅଧ୍ୟକ୍ଷ ବା ବିଶ୍ୱବିଦ୍ୟାଳୟ କୁଳସଚିବଙ୍କୁ ଏପରି କ୍ଷମତା ଦେବା ପରିବର୍ତ୍ତେ ଏକ ବିଶେଷଜ୍ଞ କମିଟି ଗଢ଼ି ତର୍ଜମା କରାଗଲେ ସରକାରଙ୍କ ଉଦ୍ଦେଶ୍ୟ କିଛିକାଂଶରେ ସଫଳ ହୋଇପାରିବ ବୋଲି ଡ. ବେହେରା କହିଛନ୍ତି ।

### ଗୋରୁମାଫିଆଙ୍କ ଘରେ ଚଢ଼ଉ ବେଳେ ପୁଲିସକୁ ବାଧା

## ୨୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କ ନାମରେ ମାମଲା

ରାଇରଙ୍ଗପୁର, ୧୮ ।୧(ସମିସ): ଗୋରୁ ମାଫିଆଙ୍କ ଘରେ ଚଢ଼ଉ ବେଳେ ପୁଲିସ୍ କାର୍ଯ୍ୟରେ ବାଧା ଦେବା ଅଭିଯୋଗରେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ପୁଲିସ ଟେଣ୍ଟୋପୋଷି ଗ୍ରାମର ୨୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କ ନାମରେ ମାମଲା ରୁଜୁ କରିଛି । ସୂଚନାନୁଯାୟୀ, କେନ୍ଦୁଝର ପୁଲିସ ପକ୍ଷରୁ ଗତକାଲି ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଟେଣ୍ଟୋପୋଷି ଗ୍ରାମସ୍ଥିତ କିଛି ଗୋ-ମାଫିଆଙ୍କ ଘରେ ଚଢ଼ଉ କରିଥିଲା । ଏହି ସମୟରେ ଗାଁର ସେକ୍ ଅଲ୍ଲୀ, ଇଦ୍ ମହମ୍ମଦ, ସେକ୍ ବସିର, ସେକ୍ ଲାଲ, ସେକ୍ ମୁନ୍ନା, ସେକ୍ ଅୱାଜ, ସେକ୍ ଜାହିର, ସେକ୍ ତାଉହିଦଙ୍କ ସମେତ ବହୁ ଗ୍ରାମବାସୀ ପୁଲିସକୁ ବାଧା ଦେଇଥିଲେ । ପୁଲିସ ଜବତ କରିଥିବା କାର୍‌ଗୁଡ଼ିକର ଚକରୁ ପମ୍ପ ଖୋଲିଦେବା ସହ ରାସ୍ତା ଅବରୋଧ କରିଥିଲେ । ଏପରିକି, ପୁଲିସକୁ ଠେଲାପେଲା ଓ ଧସ୍ତାଧସ୍ତି କରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ଏହାର ଭିଡିଓ ଓ ଫଟୋକୁ ଆଧାର କରି ପୁଲିସ ପକ୍ଷରୁ ମାମଲା ରୁଜୁ କରାଯାଇଛି । ତଦନ୍ତ ପ୍ରକ୍ରିୟା ଜାରି ରହିଥିବା ବେଳେ ଆଗକୁ ଅନ୍ୟମାନଙ୍କ ନାମରେ ମାମଲା ରୁଜୁ



କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଇରଙ୍ଗପୁର ପୁଲିସ କହିଛି ।

ସୂଚନାନୁଯାୟୀ, ଗୋ-ତସ୍କରୀ ଲିଙ୍କ୍‌କୁ ନେଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବାଦାମପାହାଡ଼ ବ୍ଲକ ଅଞ୍ଚଳର ଟେଣ୍ଟୋପୋଷି ଗ୍ରାମର ସେକ ରାଜୁ, ସେକ ନଇଁନ, ସେକ ରିଆଜଉଦ୍ଦିନ, ସେକ ଜାଫର, ସେକ ମୁଜାଫର ଘରେ ଗତକାଲି କେନ୍ଦୁଝର ପୁଲିସର ଏକ ଟିମ୍ ଚଢ଼ଉ କରିଥିଲା । ସେମାନଙ୍କ ଘରୁ ପୁଲିସ ୯ଟି କାର୍, ୭ଟି ବାଇକ୍, ୧.୫ ଲକ୍ଷ ଟଙ୍କା, ୩୫ ଗ୍ରାମ ସୁନା ଓ ୯୫ ଗ୍ରାମ ରୁପା ଜବତ କରିଥିଲା । ପୁଲିସ ଉକ୍ତ ସାମଗ୍ରୀଗୁଡ଼ିକୁ ଜବତ କରି ଫେରିବା ସମୟରେ ଉତ୍ତେଜନା ପ୍ରକାଶ ପାଇଥିଲା । କିଛି ଗ୍ରାମବାସୀ ପୁଲିସ୍ କାର୍ଯ୍ୟରେ ବାଧା ଦେଇଥିଲେ । ଶତାଧିକ ମହିଳା ଘରୁ ବାହାରି ରାସ୍ତା ଅବରୋଧ କରି ବିରୋଧ ପ୍ରଦର୍ଶନ କରିଥିଲେ । ଏଥିଯୋଗୁଁ ପୁଲିସ ଓ ମହିଳାଙ୍କ ମଧ୍ୟରେ କିଛି ସମୟ ଠେଲାପେଲା ହୋଇଥିଲା । ପାଖାପାଖି ୨/୩ ଘଣ୍ଟା ଧରି ଏମିତି ସ୍ଥିତି ଉପୁଜିଥିଲା । ପରେ ବୁଝାସୁଝା କରିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା । ଗାଡ଼ି ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରି ପୁଲିସ ଫେରିଥିଲା । ଏନେଇ କେନ୍ଦୁଝର ପୁଲିସର ଏତଲା ଆଧାରରେ ରାଇରଙ୍ଗପୁର ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ଆଜି ଗୋ-ମାଫିଆଙ୍କ ବ୍ୟାଙ୍କଜମା ଓ ଲକର୍ ଖୋଲତାଡ଼

ବାରିପଦା, ୧୮ ।୧(ସମିସ): ଅବୈଧ ଗୋ-ଚାଲାଣ ଅଭିଯୋଗରେ ଗତକାଲି ଝାରପୋଖରିଆରୁ ଗିରଫ ସୁଜିତ ମହାନ୍ତିଙ୍କ ସମ୍ପର୍କୀୟଙ୍କ ନାମରେ ଥିବା ଏକ ଦାମୀ ବିଏମ୍‌ଡବ୍ଲୁ କାର୍‌କୁ ଆଜି ପୁଲିସ ବାଲେଶ୍ୱରରୁ ଜବତ କରିଛି । ସେହିପରି ଅନ୍ୟତମ ଅଭିଯୁକ୍ତ

**ସୁଜିତଙ୍କ ସମ୍ପର୍କୀୟଙ୍କ ନାମରେ ଥିବା ବିଏମଡବ୍ଲୁ ବାଲେଶ୍ୱରରୁ ଜବତ**

କୁନୁ ପଠାନ୍ ଓରଫ୍ ଶେଖ ଆକବର, ବିଶୋଇ ଥାନା ଅଞ୍ଚଳର ଟୁନା ଓରଫ୍ ମୃତ୍ୟୁଞ୍ଜୟ ମହାପାତ୍ର, ରାଇରଙ୍ଗପୁର ନିକଟ ଟେଣ୍ଟୋପୋଷି ଗ୍ରାମର ଶେଖ ନଇମଙ୍କୁ ପୁଲିସ ପଚରାଉଚରା କରୁଛି । ସୋମବାର ଏହି ଅଭିଯୁକ୍ତମାନଙ୍କ ବ୍ୟାଙ୍କ ଜମା ବିବରଣୀ ଓ ଲକର୍ ଯାଞ୍ଚ କରାଯିବ ବୋଲି ପୁଲିସ କହିଛି । ଏହାଦ୍ୱାରା ସେମାନଙ୍କ ଅନୈତିକ ଆୟର ପର୍ଦ୍ଦାଫାସ ହେବ ବୋଲି ପୁଲିସ ଆଶାବାଦୀ ରହିଛି ।

### ଆଜି 'ମନରେଗା' ପାଇଁ କଂଗ୍ରେସର ସତ୍ୟାଗ୍ରହ

## ବି ଭି ଜି ରାମ୍ ଜି ଗରିବଙ୍କ ପାଇଁ ଏକ ଅଭିଶାପ

ଭୁବନେଶ୍ୱର, ୧୮ ।୧(ସମିସ): ଗତ ସଂସଦୀୟ ଅଧିବେଶନରେ କେନ୍ଦ୍ର ସରକାର ଐତିହାସିକ ମନରେଗା ଆଇନକୁ ବିକୃତ କରି ବିଭିଜିରାମଜି ନାମରେ ନୂଆ ଯୋଜନା ଆଣିଛନ୍ତି । ନୂଆ ଯୋଜନାରେ କେବଳ ମହାତ୍ମା ଗାନ୍ଧୀଙ୍କ ନାମକୁ ବାଦ୍ ଦିଆଯାଇନାହିଁ, ବରଂ ଆଇନରେ ଥିବା ବିଭିନ୍ନ ନିୟମଗୁଡ଼ିକୁ ନଷ୍ଟ କରି ଦିଆଯାଇଛି । ଏହା ସମଗ୍ର ଭାରତବର୍ଷ ପାଇଁ ଏକ ନିନ୍ଦନୀୟ ଘଟଣା ବୋଲି କହିଛି ରାଜ୍ୟ କଂଗ୍ରେସ । ରବିବାର ଦଳର ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀରେ ସଙ୍ଗଠନର ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସ କହିଛନ୍ତି, କେନ୍ଦ୍ର ସରକାରଙ୍କ ଏହି ନୂତନ ଯୋଜନା ଗରିବଙ୍କ ପାଇଁ ଏକ ଅଭିଶାପ । ତେଣୁ, ସୋମବାର ଲୋୟର୍ ପିଏମଜିଠାରେ ମନରେଗା ବଞ୍ଚାଅ ସତ୍ୟାଗ୍ରହ ଅନୁଷ୍ଠିତ ହେବ ।

ସେ ଆହୁରି କହିଛନ୍ତି, ମନରେଗା ଆଇନ ୧୨କୋଟି ପରିବାରଙ୍କୁ କର୍ମସଂସ୍ଥାନ ଯୋଗାଇବା ସହ ସେମାନଙ୍କ କ୍ରୟଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥିଲା । ଭାରତର ବିକାଶରେ ମନରେଗା ଆଇନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଏହି ଆଇନରେ କେନ୍ଦ୍ର ସରକାର ୯୦ ପ୍ରତିଶତ




ଏବଂ ରାଜ୍ୟ ସରକାର ୧୦ ପ୍ରତିଶତ ବିନିଯୋଗ କରୁଥିଲା । କିନ୍ତୁ, ବିଭିଜିରାମଜି ଆଇନ ଅନୁସାରେ କେନ୍ଦ୍ର ୬୦ ଓ ରାଜ୍ୟ ୪୦ ପ୍ରତିଶତ ଭାଗୀଦାରି ରହିବ, ଯାହା ଏକ ଅସମ୍ଭବ ବ୍ୟାପାର । ମନରେଗାରେ ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଏବଂ ପଞ୍ଚାୟତିରାଜ ବ୍ୟବସ୍ଥା ଦ୍ୱାରା କାର୍ଯ୍ୟକାରୀ ହେଉଥିଲା । ତଳସ୍ତରରେ ଥିବା ଗରିବ ଲୋକମାନଙ୍କ ଦାବୀ ମୁତାବକ କର୍ମ ଯୋଗାଇ ଦେବାରେ ଏହି ଆଇନ ସମର୍ଥ ହେଉଥିଲା । ହେଲେ ବିଭିଜିରାମଜି ଆଇନରେ ଏହି ଅଧିକାରକୁ ହଟାଇ ଦିଆଯାଇଛି । କାମ କରିବାର ସ୍ଥାନ, ସମୟ ଏବଂ ଅଟକଳ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଇଚ୍ଛା ଉପରେ ନିର୍ଭର କରୁଛି । ଏବେ ସାଧାରଣଲୋକଟି ଗ୍ରାମ ପାଖରେ କାମ ପାଇବା ଦୁଃସ୍ୱପ୍ନ ହେବ ।

ଏହି ପରିପେକ୍ଷୀରେ ଜାତୀୟ କଂଗ୍ରେସ ପକ୍ଷରୁ ଦେଶସାରା ମନରେଗା ବଞ୍ଚାଅ ସଂଗ୍ରାମ ଜାରି ରହିଛି । ତୁରନ୍ତ ବିଭିଜିରାମଜି ଆଇନ ପ୍ରତ୍ୟାହାର ଓ ମନରେଗା ଆଇନର ପୁନଃ ପ୍ରଣୟନ ଦାବି ନେଇ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଓ ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ସୋମବାର ଲୋୟର ପିଏମଜିରେ ଏକ ରାଜ୍ୟସ୍ତରୀୟ ଦିନବ୍ୟାପୀ ସତ୍ୟାଗ୍ରହ କାର୍ଯ୍ୟକ୍ରମ କରିବ । ଏହାସହ ରାଜ୍ୟପାଳଙ୍କୁ ଏକ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯିବ । କାର୍ଯ୍ୟକ୍ରମରେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ଜାତୀୟ ଅଧ୍ୟକ୍ଷ ଡଃ ସୁନୀଲ ପନୱାର ଓ ଉପାଧ୍ୟକ୍ଷ କୁନାଲ ବାନାର୍ଜୀଙ୍କ ସହ ହଜାର ହଜାର ସଙ୍ଗଠନର କର୍ମକର୍ତ୍ତା ଯୋଗଦେବେ ବୋଲି ସଙ୍ଗଠନର ରାଜ୍ୟ ଅଧ୍ୟକ୍ଷ ଶ୍ରୀ ଦାସ ସୂଚନା ଦେଇଛନ୍ତି ।

## ପ୍ରଫେସର ଗାୟତ୍ରୀବାଳା ପଣ୍ଡାଙ୍କ 'ସ୍ତ୍ରୀୟାଁ' ଲୋକାର୍ପିତ



ଭୁବନେଶ୍ୱର,୧୮ ।୧(ସମିସ): ନୂଆଦିଲ୍ଲୀର ପ୍ରଗତି ମଇଦାନରେ ଅନୁଷ୍ଠିତ ବିଶ୍ୱ ପୁସ୍ତକ ମେଳାରେ ପ୍ରଖ୍ୟାତ ଓଡ଼ିଆ କବି, ଶିକ୍ଷାବିତ୍, ସମ୍ପାଦକ, ସ୍ତମ୍ଭକାର ପ୍ରଫେସର ଗାୟତ୍ରୀବାଳା ପଣ୍ଡାଙ୍କ କବିତା ପୁସ୍ତକ 'ସ୍ତ୍ରୀୟାଁ'ର ଲୋକାର୍ପିତ ହୋଇଛି । ବିଶିଷ୍ଟ ଅନୁବାଦକ ଡ. ରାଜେନ୍ଦ୍ର ପ୍ରସାଦ ମିଶ୍ରଙ୍କ ଦ୍ୱାରା ଅନୁଦିତ ଓ ମୁମ୍ବାଇର ପ୍ରଲେକ ପ୍ରକାଶନୀ ଦ୍ୱାରା ପ୍ରକାଶିତ ଏହି ପୁସ୍ତକ ଲୋକାର୍ପଣ ଉତ୍ସବରେ ଡ. ରାଜେନ୍ଦ୍ର ପ୍ରସାଦ ମିଶ୍ର, ପ୍ରକାଶକ ଜିତେନ୍ଦ୍ର ପାତ୍ର , ପ୍ରଖ୍ୟାତ ହିନ୍ଦୀ କବି ଅଶୋକ ବାଜପେୟୀ, ବିଶିଷ୍ଟ ହିନ୍ଦୀ କବି ତଥା ଚିତ୍ରଶିଳ୍ପୀ ଲୀଳାଧର ମଣ୍ଡଲୋଇ, ବିଶିଷ୍ଟ ହିନ୍ଦୀ କବି ତଥା ଇଗ୍‌ନୁର କୁଳସଚିବ ପ୍ରଫେସର ଜିତେନ୍ଦ୍ର ଶ୍ରୀବାସ୍ତବ, ବିଶିଷ୍ଟ ହିନ୍ଦୀ କବି ପ୍ରଫେସର ସବିତା ସିଂହ, ବିଶିଷ୍ଟ ହିନ୍ଦୀ କବି ଅଗ୍ନିଶେଖର, ବିଶିଷ୍ଟ ହିନ୍ଦୀ ଲେଖିକା କ୍ଷମା କୌଲ, ବିଶିଷ୍ଟ ହିନ୍ଦୀ ଲେଖକ ଜୟ ପ୍ରକାଶ କର୍‌ଦମ, ପ୍ରଖ୍ୟାତ ପଞ୍ଜାବୀ କବି ତଥା ଅନୁବାଦକ ଡଃ ବନୀତା, କେନ୍ଦ୍ର ସାହିତ୍ୟ ଅକାଦେମୀ ଉପ ସଚିବ କୁମାର ଅନୁପମ ପ୍ରମୁଖ ଉପସ୍ଥିତ ଥିଲେ । 'ସ୍ତ୍ରୀୟାଁ' କବିତା ସଙ୍କଳନରେ ମୋଟ ୧୦୮ଟି କବିତା ସ୍ଥାନୀତ ହୋଇଛି ଏବଂ ଏଥିରେ ଥିବା କବିତାରେ ମହିଳାମାନଙ୍କ ସଂଘର୍ଷ, ସମସ୍ୟା, ଆଦି ପ୍ରସଙ୍ଗ ପ୍ରତିଧ୍ୱନିତ ହୋଇଛି । ଏହି ସଂଗ୍ରହରେ କବି ପୁରୁଷତାନ୍ତ୍ରିକ ଓ ପାରମ୍ପରିକ ସମାଜିକ ନୀତିଗୁଡ଼ିକୁ ପ୍ରଶ୍ନ କରିବା ସହିତ, ସ୍ତ୍ରୀ ଅସ୍ତିତ୍ୱର ଶକ୍ତି, ଜିଜୀବିଷା ଓ ମର୍ଯ୍ୟାଦାକୁ ସ୍ୱର ଦେଇଛନ୍ତି । ଦୀର୍ଘ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ କବିତା, ଗପ, ଉପନ୍ୟାସ, ପ୍ରବନ୍ଧ ଓ ଖବରକାଗଜରେ ସ୍ତମ୍ଭ ରଚନା କରି ଯଥେଷ୍ଟ ପାଠକୀୟ ସ୍ୱୀକୃତି ହାସଲ କରିଥିବା କବି ଗାୟତ୍ରୀବାଳା ପଣ୍ଡାଙ୍କର ବର୍ତ୍ତମାନ ସୁଦ୍ଧା ୩୯ଟି ପୁସ୍ତକ ପ୍ରକାଶ ପାଇଛି । କବିତା ସଙ୍କଳନ 'ଦୟା ନଦୀ' ପାଇଁ ୨୦୨୨ରେ ଗାୟତ୍ରୀବାଳା କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କାର, କବିତା ସଙ୍କଳନ 'ଗାଁ' ପାଇଁ ୨୦୧୧ରେ କେନ୍ଦ୍ର ସାହିତ୍ୟ ଅକାଦେମୀ ଯୁବ ପୁରସ୍କାରରେ ପୁରସ୍କୃତ ହେବା ସହ ଜାତୀୟ ଓ ରାଜ୍ୟସ୍ତରରେ ଅନେକ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି ।

## ମା'ବିରଜା ମହୋତ୍ସବ ଉଦ୍‌ଘାଟିତ

# ମା'ବିରଜା ସମଗ୍ର ମାନବ ଜାତିର ସର୍ବମଙ୍ଗଳଦାତ୍ରୀ

ଯାଜପୁର,୧୮।୧(ସମିସ)]

ଯାଜପୁର ଡିଷ୍ଟ୍ରିକ୍ଟ ଆର୍ଟିଷ୍ଟ ୱେଲ୍‌ଫେୟାର ଆସୋସିଏସନ୍ ଦ୍ୱାରା ଆୟୋଜିତ ମା'ବିରଜା ମହୋତ୍ସବ-୨୦୨୬କୁ ଯାଜପୁରର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ଉଦ୍‌ଘାଟନ କରିଛନ୍ତି। ପଣ୍ଡିତ ଭୂପତିଭୂଷଣ ମିଶ୍ରଙ୍କର ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଉତ୍କଳ ସାମ୍ବାଦିକ ସଂଘର ସଭାପତି ହରିହର ସ୍ୱାଇଁ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ପରିଚୟ ପ୍ରଦାନ କରିଥିଲେ। ସମାଜସେବୀ ହୃଷୀକେଶ ପତି ସ୍ତୋତ୍ରପାଠ କରିଥିଲେ। ସମ୍ପାଦକ ଡ. କୈଳାସ ଚନ୍ଦ୍ର ବେହେରା ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ମା'ବିରଜା ହେଉଛନ୍ତି ସମଗ୍ର ମାନବ ଜାତିର କଲ୍ୟାଣମୟୀ ଓ ସର୍ବମଙ୍ଗଳଦାତ୍ରୀ। ସ୍ୱନକ୍ଷତ୍ର ଦିବସରେ ସାବିତ୍ରୀ ବେଶରେ ସେ ସମସ୍ତ ଭକ୍ତମାନଙ୍କର ମନସ୍କାମନା ପୂର୍ଣ୍ଣ କରିବା ସହିତ ଆଗାମୀ ଦିନରେ ବିରଜାକ୍ଷେତ୍ରକୁ ରେଳ ସଂଯୋଗ ହେବା ସଂଗେ ସଂଗେ ବିରଜା ପରକ୍ରମା ପ୍ରକଳ୍ପକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ଉପରେ ଗୁରୁତ୍ୱାରୋପ କରାଯାଉଛି ବୋଲି ସାଂସଦ ପ୍ରକାଶ କରିଥିଲେ। ମୁଖ୍ୟଅତିଥିଭାବେ ପ୍ରାକ୍ତନ ଜିଲ୍ଲାପରିଷଦ ଅଧ୍ୟକ୍ଷ ଗୌତମ ରାୟ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଯାଜପୁର ଭୂଲେଖ ଓ ବନ୍ଦୋବସ୍ତ, ଅତିରିକ୍ତ ଆୟୁକ୍ତ ଅକ୍ଷୟ କୁମାର ମଲ୍ଲିକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁରର ଉପଜିଲ୍ଲାପାଳ ତାପସ ରଂଜନ ଦେହୁରୀ, ଯାଜପୁର ରୋଡ୍ ଡିଏସ୍‌ପି ଶରତ ପାତ୍ର, ଚଳଚ୍ଚିତ୍ର ଅଭିନେତା ଅଭିନବ ସିଂହ, ହୃଦ୍‌ରୋଗ ବିଶେଷଜ୍ଞ ଦୀପକ କୁମାର ପାଢ଼ୀ, ନିର୍ଦ୍ଦେଶକ ନୃସିଂହ ନନ୍ଦ ପ୍ରମୁଖ ଯୋଗଦେଇ ଉତ୍ସବର ଭୂୟସୀ ପ୍ରଶଂସା କରିଥିଲେ। ଡିଏସ୍‌ପି. ଶରତ ପାତ୍ରଙ୍କ ରଚିତ, ସଂଗୀତଜ୍ଞ ଦିନେଶ୍ ମଲ୍ଲିକଙ୍କ ସ୍ୱର ସଂଯୋଜନା ଓ ଡ. ସୁବାସ ପାଣିଙ୍କ କଣ୍ଠଦାନରେ 'ମା'ବିରଜା' କ୍ୟାସେଟ୍ ଏବଂ ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ରଙ୍କ ଦ୍ୱାରା ଲିଖିତ ସୁଶ୍ରୀ ଅଭିଲିପ୍ସା ମିଶ୍ରଙ୍କ କଣ୍ଠଦାନରେ ପ୍ରସ୍ତୁତ 'ବିରଜା ସ୍ତୋତ୍ରମ' କ୍ୟାସେଟ୍ ଓ ପୁସ୍ତକ ଉନ୍ମୋଚିତ ହୋଇଥିଲା। ବିଶିଷ୍ଟ ସଂସ୍କୃତବିତ୍ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ସମ୍ପାଦିତ 'ଯଜ୍ଞପ୍ରଭା'କୁ ମା'ଙ୍କ ସ୍ୱନକ୍ଷତ୍ର ଦିବସ ଅବସରରେ ଅତିଥିମାନେ ଲୋକାର୍ପଣ କରିଥିଲେ।



## ଶିକ୍ଷାବିତ୍ ଗଗନ ସାର୍‌ଙ୍କ ଶେଷକୃତ୍ୟ ସଂପନ୍ନ



ଯାଜପୁର,୧୮।୧(ସମିସ): ଯାଜପୁର ସହର ସ୍ଥିତ ବୈଷ୍ଣବଦତ୍ତ ହାଇସ୍କୁଲର ପ୍ରଥମ ପ୍ରଧାନ ଶିକ୍ଷକ ଗଗନ ବିହାରୀ ମିଶ୍ରଙ୍କର ପରଲୋକ ଘଟିଛି। ତାଙ୍କ ପରଲୋକରେ ଶୋକ ସନ୍ତପ୍ତ ପରିବାରଙ୍କୁ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ତାଙ୍କ ଗ୍ରାମ ସୁକୁପୁରରେ ପହଞ୍ଚି ଗଭୀର ଶୋକବ୍ୟକ୍ତ କରିଥିଲେ। ତାଙ୍କ ପାର୍ଥୀବ ଶରୀରକୁ ଆଜି ତାଙ୍କ ଘରୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ବୈଷ୍ଣବ ଦତ୍ତ ହାଇସ୍କୁଲ ଅଣାଯାଇଥିଲା। ସେଠାରେ ପ୍ରଧାନ ଶିକ୍ଷୟିତ୍ରୀ ଓ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପୂର୍ବତନ ପୌରପାଳ ଭବପ୍ରସାଦ ଦାସଙ୍କ ସମେତ ସହରର ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲା।

ପୁରାତନ ଛାତ୍ର ପ୍ରଫେସର ମୋହନ ଚରଣ ଦାଶ, ଶିଶିର କୁମାର ନାୟକ, ଅବସରପ୍ରାପ୍ତ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ସାହୁ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଙ୍ଗାଧର ସନ୍ଧିବିଗ୍ରହ, ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ, ସମାଜସେବୀ ନିସିତ୍ କୁମାର ଦାସ, ରାମଚନ୍ଦ୍ର ସାହୁ ପ୍ରମୁଖ ଶବ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବୈତରଣୀ ତଟସ୍ଥ ମହାଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## ବିଞ୍ଝାରପୁରୀ ଗୋ ପ୍ରଜାତିର ସଂରକ୍ଷଣ ପାଇଁ ଜାତୀୟସ୍ତରରେ ପୁରସ୍କୃତ



ଯାଜପୁର,୧୮।୧(ସମିସ): ବିଞ୍ଝାରପୁରୀ ଗୋପ୍ରଜାତି ପ୍ରୋତ୍ସାହକ ଓ ଉତ୍ପାଦକ ସମିତି ଯାଜପୁରର ଏହି ପ୍ରଜାତିର ସଂରକ୍ଷଣ ଓ ଉନ୍ନତି ପାଇଁ ବଳିଷ୍ଠ ଅବଦାନ ନିମନ୍ତେ "ଜାତୀୟ ପ୍ରଜାତି ସଂରକ୍ଷଣ ପୁରସ୍କାର ୨୦୨୫ରେ ପ୍ରଥମ ପୁରସ୍କାର ଗ୍ରହଣ କରିଛନ୍ତି। ଜାତୀୟ କୃଷି ବିଜ୍ଞାନ ସଂସ୍ଥାନ ନୂଆଦିଲ୍ଲୀ ଠାରେ ଗତ ୧୪ ତାରିଖ ରେ ଏକ ସ୍ୱତନ୍ତ୍ର ଉତ୍ସବରେ କେନ୍ଦ୍ର କୃଷି ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ଠାରୁ ସମିତିର ସମ୍ପାଦକ ସୁକାନ୍ତ କୁମାର ବିଶ୍ୱାଳ ଓ ସମିତିର ବୈଷୟିକ ପରାମର୍ଶଦାତା ତଥା ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଜ୍ୟୋତି ରଞ୍ଜନ ମହାନ୍ତି ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ପୁରସ୍କାର ପାଇଁ ସମିତିର ସମ୍ପାଦକ ଶ୍ରୀଯୁକ୍ତ ବିଶ୍ୱାଳ, ରାଜ୍ୟ ପ୍ରାଣୀ ସମ୍ପଦ ବିକାଶ ସମିତି ଭୁବନେଶ୍ୱରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ସଂଜୀବ କୁମାର ପଟେଲ, ଉପନିର୍ଦ୍ଦେଶକ ଡା. ସୌମେନ୍ଦ୍ର ଧଳ, ଜିଲ୍ଲା ପ୍ରଶାସନ ଯାଜପୁର, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଯାଜପୁର ଡା. ସୁବ୍ରତ ମହାପାତ୍ର, ଏହି ପ୍ରଜାତିର ସଂରକ୍ଷଣ ପାଇଁ ଜିଲ୍ଲା କାର୍ଯ୍ୟ କରିଥିବା ସମସ୍ତ କର୍ମକର୍ତ୍ତା ଓ ଗୋ ପାଳକମାନଙ୍କୁ ଶ୍ରେୟ ଦେଇଛନ୍ତି।

## କଂଗ୍ରେସ ନେତା ଗୋବିନ୍ଦ ପରିଡ଼ାଙ୍କ ପରଲୋକ

ବିଞ୍ଝାରପୁର/ପ୍ରୀତିପୁର,୧୮।୧(ସମିସ): ବିଞ୍ଝାରପୁର ବ୍ଲକ କଂଗ୍ରେସର ବର୍ଷିୟାନ ନେତା, ଅରେଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବରୁଣେଶ୍ୱର ମେଳାର ଅନ୍ୟତମ ପୁରୋଧା ଗୋବିନ୍ଦ ଚନ୍ଦ୍ର ପରିଡା (୮୨)ଙ୍କର ରବିବାର ସକାଳେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ପରଲୋକ ଖବର ପାଇ ବିଧାୟିକା ପ୍ରମିଳା ମଲ୍ଲିକ, ବିଜେପି ସଭାନେତ୍ରୀ ବବିତା ମଲ୍ଲିକ, ବରିଷ୍ଠ କଂଗ୍ରେସ ନେତା ଶିଶିର ନାୟକ, ପଦ୍ମାକର ଗୁରୁ, କଂଗ୍ରେସ ନେତ୍ରୀ କନକଲତା ମଲ୍ଲିକ, ବ୍ଲକ କଂଗ୍ରେସ ସଭାପତି ପ୍ରବୋଧ ଦାସ, ସଂଯୋଜକ ପ୍ରତାପ ଦାସ, ବ୍ଲକ ବିଜେପି ସଂଯୋଜକ ନିରଞ୍ଜନ ବେଉରିଆ, ଜିଲ୍ଲା ପରିଷଦ ସଭ୍ୟ ନନ୍ଦକିଶୋର ମଲ୍ଲିକ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସୁଶାନ୍ତ କୁମାର ମିଶ୍ର, ଅରେଇ ସରପଞ୍ଚ ସ୍ମୃତିସମିକ୍ଷା ମଲ୍ଲିକ, ଶାସନ୍ଦା ସରପଞ୍ଚ କାମଦେବ ଧଳ, ଘଣ୍ଟିଆଳି ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ଧଳ, ଅରେଇ ପୂର୍ବତନ ସରପଞ୍ଚ ଦେବାନନ୍ଦ ମଲ୍ଲିକ, କଏଣା-ରଘୁନାଥପୁର ପୂର୍ବତନ ସରପଞ୍ଚ ରବିନ୍ଦ୍ର କୁମାର ଜେନା, କୃଷକ ନେତା ସନାତନ ସାହୁ, ଅରେଇ ପୂର୍ବତନ ସମିତିସଭ୍ୟ ସମୀର ଜେନା, ଚିକଣା ପୂର୍ବତନ ସରପଞ୍ଚ ପ୍ରଦିପ ମଲ୍ଲିକ ପ୍ରମୁଖ ଅରେଇସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକାକୁଳ ପରିବାରକୁ ସମବେଦନା ଜଣାଇଥିଲେ। ଅପରାହ୍ନରେ ମରଶରୀରକୁ ଏକ ଶୋଭାଯାତ୍ରରେ ଅରେଇ ପଞ୍ଚାୟତ ପରିକ୍ରମା କରାଯାଇ ଅନ୍ତିମ ସତ୍କାର କରାଯାଇଥିଲା। ତଙ୍କ ପୁଅ ଅମିୟ ମୁଖାଗ୍ନି ଦେଇଥିଲେ।



## ଟ୍ରକ୍ ମାଲିକଙ୍କ ଆନ୍ଦୋଳନ ଚେତାବନୀ

ପାଣିକୋଇଲି,୧୮।୧(ସମିସ): ଅଲ୍ ଓଡ଼ିଶା ଟ୍ରକ୍ ମାଲିକ ସଂଘ ପକ୍ଷରୁ ପାଣିକୋଇଲି ଠାରେ କାର୍ଯ୍ୟନିର୍ବାହୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତ ୨୦୨୫ ଜୁଲାଇ ୧ ତାରିଖରେ ଟ୍ରକ୍ ମାଲିକମାନେ ପରିବହନ ମନ୍ତ୍ରୀଙ୍କ ବାସଭବନରେ ପହଞ୍ଚି ୧୪ଦଫା ଦାବି ପତ୍ର ପ୍ରଦାନ କରିଥିଲେ। ତଦନୁଯାୟୀ ପରିବହନ ମନ୍ତ୍ରୀ ଯଥାଶୀଘ୍ର ସମସ୍ତ ଦାବି ଗୁଡିକ ବିଷୟରେ ଏକ ଉଚ୍ଚସ୍ତରୀୟ ତଦନ୍ତ କରି ସାମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ତଦନୁଯାୟୀ ୧ ମାସ ପରେ ପରିବହନ କମିଶସନରଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ହୋଇଥିଲା। ମାତ୍ର ବିଭାଗ ପକ୍ଷରୁ ଅଦ୍ୟାବଧି କୌଣସି ସମାଧାନ ନ କରିବାରୁ ଓଡ଼ିଶାର ଲକ୍ଷାଧିକ ଗାଡ଼ି ମାଲିକମାନେ ନିରାଶ ହୋଇଛନ୍ତି। ପରିବହନ ମୂଲ୍ୟ ନିର୍ଦ୍ଧାରଣ, ଟ୍ରେନ୍ ଓ ଟ୍ରକ ମାଧ୍ୟମରେ ପରିବହନର ଅନୁପାତ ଆଦି ମୁଖ୍ୟ ଦାବି କରାଯାଇଥିଲା। ଏହି ନ୍ୟାର୍ଯ୍ୟ ଦାବି ପୂରଣରେ ଅହେତୁକ ବିଳମ୍ବ ହେତୁ ଟ୍ରକ୍ ମାଲିକ ମାନେ ହତାଶ ହୋଇ ଧିରେ ଧିରେ ରାଜ୍ୟ ସରକାରଙ୍କ ଉପରେ ଆସ୍ଥା ହରାଇ ଆଗାମୀ ଦିନରେ ଏକ ବଡ଼ ଧର୍ମଘଟ କରିବାକୁ ଆଲୋଚନା ହୋଇଥିଲା। ରାଜ୍ୟ ସଭାପତି ପୁରଞ୍ଜନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ତଞ୍ଜିମ ମହମ୍ମଦ ଚିଷ୍ଟି, ଉପସଭାପତି ଫିରୋଜ ଖାଁ, ଉପସଭାପତି କିଶୋର କୁମାର ରାଉତ, କୋଷାଧ୍ୟକ୍ଷ ତପନ ବେହେରା, ଯୁଗ୍ମ ସମ୍ପାଦକ ଦାମୋଦର ସାହୁ, ଦିନାନାଥ ସ, ଜିତେନ୍ଦ୍ର କୁମାର ସାହୁ, ରଜତ ବେଉରା, ମାନ୍ଧତା କୋଶରୀ ସ୍ୱାଇଁ, ବିରେନ ସାହୁ, ମୁକୁନ୍ଦ ନାଥ, ଅବଦୁଲ ସହିଦ, ଅଶୋକ ଦାସ, ପ୍ରମୋଦ ଏବଂ ରାଜ୍ୟର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଜାରକାରେ ସ୍ୱାସ୍ଥ୍ୟ ମେଳା

ଧର୍ମଶାଳା,୧୮।୧(ସମିସ): ଅଂଶୁମନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଜାରକା ଟ୍ୟାକ୍ସିଷ୍ଟାଣ୍ଡଠାରେ ଥିବା ଚହଟା କ୍ଲବ ପରିସରରେ ଏକ ସ୍ୱାସ୍ଥ୍ୟଶିବିର ଅନୁଷ୍ଠିତ ହୋଇଯାଇଛି। ରାମକୋ ସିମେଣ୍ଟ କାରଖାନାର ମୁଖ୍ୟ ପରିଚାଳକ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଜାରକା, ଚୋରମୁହାଁ ଓ ଚହଟା ପଞ୍ଚାୟତବାସୀଙ୍କ ପାଇଁ ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରରେ ହାଇଟେକ୍ ମେଡିକାଲର ବିଶେଷଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ଚର୍ମ, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, ମଧୁମେହ ଭଳି ରୋଗରେ ଅକ୍ରାନ୍ତ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଟ୍ରଷ୍ଟ ପକ୍ଷରୁ ରୋଗୀମାନଙ୍କୁ ଔଷଧ ବଣ୍ଟନ କରାଯିବା ସହ ମଧୁମେହ ରୋଗ ସମ୍ପର୍କରେ ଲୋକମାନଙ୍କୁ ସଚେତନତା କରାଯାଇ ପୀଡ଼ିତ ଲୋକମାନଙ୍କୁ ତିନିମାସ ପାଇଁ ଔଷଧ ବଣ୍ଟନ କରାଯାଇଥିଲା। ଭୁବନେଶ୍ୱର ହାଇଟେକ୍ ମେଡିକାଲର କର୍ମଚାରୀ ଓ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ରାଜେଶ କୁମାର ପାଳ, ଜିତେନ୍ଦ୍ର ରାଉତ, ତିର୍ଥରାଜ ପଣ୍ଡା, ଶିବୁଲି ଧିର, ଆୟୁଷ୍ମାନ ପ୍ରିୟଦର୍ଶନ ପ୍ରମୁଖ ଶିବିବ ପରିଚାଳନାରେ ସହାୟତା କରିଥିଲେ।

## ଓଚିନ୍ଦା ଗଣପର୍ବ ହରିହାଟ ଯଜ୍ଞ ଉଦ୍‌ଯାପିତ

ପାଣିକୋଇଲି,୧୮।୧(ସମିସ): ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓଚିନ୍ଦା ଗ୍ରାମର ଗଣପର୍ବ ହରିହାଟ ଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ନାମଯଜ୍ଞ, ଗୀତା ଓ ଭାଗବତ ପାଠ ସହ ଯଜ୍ଞ ଆରମ୍ଭ ହୋଇଥିଲା। ଯଜ୍ଞ ଯୋଗୁ ସମ୍ପୂର୍ଣ୍ଣ ଗ୍ରାମକୁ ଆମିଷ ନିଷେଧ କରାଯାଇଛି। ଭକ୍ତ ଓ ଦର୍ଶକଙ୍କ ଭିଡ଼ ଜମିବା ସହ ଶ୍ରଦ୍ଧାଳୁମାନେ ଯଜ୍ଞକୁଣ୍ଡରେ ନଡିଆ, ଘିଅ, ଅରୁଆ ଚାଉଳ, ଧୂପ, ଉଖୁଡା, ଫୁଲ ପକାଉଛନ୍ତି। ନିଜର ମାନସିକ ପୂରଣ ସହ ନୂତନ ମାନସିକ ଭକ୍ତମାନେ କରୁଥିବା ଦେଖାଯାଇଥିଲା। ବନ୍ଧୁବାନ୍ଧବ ବା ରାଜ୍ୟ ବାହାରେ କାମ ଓ ଚାକିରି କରିଥିବା ସମସ୍ତେ ଗ୍ରାମକୁ ଗଣପର୍ବ ପାଇଁ ଫେରିଛନ୍ତି।

ମୀନାବଜାର ସହ ବିଭିନ୍ନ ଦୋଳିର ମଜା ନେଉଛନ୍ତି କୁନି କୁନି ପିଲାମାନେ। ଏହି ଅବସରରେ ମହୋତ୍ସବ କରାଯିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଏହି ମେଳା ଏକ ସପ୍ତାହ ବ୍ୟାପୀ ଚାଲିବ। ଗ୍ରାମ୍ୟ ମୁରବୀ ରଘୁନାଥ ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜକ ପରମାନନ୍ଦ ଶତପଥି, ରାଧାକାନ୍ତ ଶତପଥି, ପ୍ରଫୁଲ୍ଲ ପାଢୀ, କୃଷ୍ଣଚନ୍ଦ୍ର ପାଢୀ ପ୍ରମୁଖ ଯଜ୍ଞ ଭାର ତୁଲାଉଛନ୍ତି। ଗୋପିନାଥ ନାଟ୍ୟ ପରିଷଦ ପକ୍ଷରୁ ୩ ଦିନ ମୁକ୍ତାକାଶ ନାଟକ ପରିବେଷଣ ସହ ୩ଦିନ ଯାତ୍ରା ଅନୁଷ୍ଠିତ ହେବ। ସର୍ବୋପରି ଗାଁ ଗଣପର୍ବ ଅବସରରେ ଉତ୍ସବ ମୁଖର ହୋଇଛି। ଗ୍ରାମର ଆବାଳ ବୃଦ୍ଧ ବନିତା ଏହି କାର୍ଯ୍ୟକ୍ରମରେ ସହଯୋଗ ଓ ଯୋଗ ଦେବା ସହ ସନ୍ଧ୍ୟାରେ ମହିଳାଙ୍କ ଭିଡ଼ ପରିଲିକ୍ଷତ ହୋଇଛି। ରଙ୍ଗୀନମାଳାରେ ସୁସଜ୍ଜିତ କରାଯାଇଛି ସମଗ୍ର ଅଞ୍ଚଳ। କମିଟି ପକ୍ଷରୁ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ୩ ଦିନ ମୁକ୍ତାକାଶ ନାଟକ ପରିବେଷଣ କରାଯିବ। ଗୋପିନାଥ ମନ୍ଦିର ପ୍ରତିଷ୍ଠାର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ରଖାଯାଇଛି। ୨୦ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲୁ ରହିବ। ୨୩ ତାରିଖରୁ ତିନି ଦିନ ଶିବାନୀ ଗଣନାଟ୍ୟ ଦ୍ୱାରା ଯାତ୍ରା ଅନୁଷ୍ଠିତ ହେବ।



## ମହାଗିରି ପ୍ରେସ୍ କ୍ଲବ୍‌ର ବାର୍ଷିକ ଉତ୍ସବ



ଯଖପୁରା/ଦାନଗଦି,୧୮।୧(ସମିସ): ଟମକା ମହାଗିରି ପ୍ରେସ୍ କ୍ଲବର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ମଳୟ କୁମାର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ରାଜ୍ୟ ସାମ୍ବାଦିକ ସଂଘ (ଏସ୍‌ୟୁଜେ)ର ସଭାପତି କୈଳାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଝାଡେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡା, କଳିଙ୍ଗନଗର ଆରକ୍ଷୀ ଅଧୀକ୍ଷକ ସୁପ୍ରସନ୍ନ ମଲ୍ଲିକ, ଏନୟୁଜେର ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ ଡ. ଚିନ୍ତାମଣି ପାଢ଼ୀ ଏବଂ ଦାନଗଦି ବ୍ଲକ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ସେଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ଓ କାର୍ଯ୍ୟ କରିଥିବା ବ୍ୟକ୍ତି ବିଶେଷମାନଙ୍କ ସହିତ ଯାଜପୁର ଓ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକ ଅଞ୍ଚଳର ସାମ୍ବାଦିକ ସଂଘ ସଭାପତି ଏବଂ ଖବରକାଗଜ ପ୍ରତିନିଧିମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ବାବାଜୀ ଚରଣ ଜେନା କରିଥିବା ବେଳେ ସଂଘର କାର୍ଯ୍ୟକାରୀ ସଭାପତି ନରୋତ୍ତମ ବେହେରା, ସହ ସମ୍ପାଦକ ଅନିଲ କୁମାର ଦାସ, କୋଷାଧ୍ୟକ୍ଷ ଅଜୟ କୁମାର ଦେହୁରୀ, ଉପଦେଷ୍ଟା ଉମାକାନ୍ତ ମହାପାତ୍ର, ବରିଷ୍ଠ ସଭ୍ୟ ଭରତ ଚନ୍ଦ୍ର ହୋତା, କାଳନ୍ଦୀ ମିଶ୍ର, ଖଗେଶ୍ୱର ମହାନ୍ତ ଓ ବିଷ୍ଣୁଚରଣ ମହାନ୍ତ ପ୍ରମୁଖ ସକ୍ରିୟ ଭାବେ ସହଯୋଗ କରିଥିଲେ।

## ବୀଣପାଣୀ ଦାସଙ୍କ ସ୍ମୃତିଚାରଣ ସଭା

ଯାଜପୁର,୧୮।୧(ସମିସ): ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ ସମ୍ପାଦକ ମଣ୍ଡଳୀ ବରିଷ୍ଠ ସଦସ୍ୟ ତଥା ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନର ପୂର୍ବତନ ରାଜ୍ୟ ସଭାପତି ବୀଣାପାଣୀ ଦାସଙ୍କ ସ୍ମୃତିଚାରଣ ସଭା ଜିଲ୍ଲା ସମ୍ପାଦକ ସୁରେନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଯାଜପୁର ଟାଉନ ବଡବଜାର ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସମ୍ପାଦକ ମଣ୍ଡଳୀର ସଦସ୍ୟ ବିଷ୍ଣୁ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ କମିଟି ସଭ୍ୟ କ୍ଷୀରୋଦ କର, ନୃସିଂହ ପଣ୍ଡା, ସୁରେଶ ପ୍ରଧାନ, ଅଚ୍ୟୁତ ପ୍ରଦାନ, କେଦାର ନାଥ ସାହୁ, ସୁବାସ ମଲ୍ଲିକ ଏବଂ ଜିଲ୍ଲା କମିଟି ସଭ୍ୟ ରାଧାବଲ୍ଲଭ ମଲ୍ଲିକ, ଅଭିମନ୍ୟୁ ମଲ୍ଲିକ, ତରଙ୍ଗିନୀ ଦାସ, ସୁଲୋଚନା ପ୍ରଧାନ, ଗୋବିନ୍ଦ ସାହୁ, ବୀରକିଶୋର ନାୟକ, ଅଭିମନ୍ୟୁ ମଲ୍ଲିକ, ଶରତ ବାରିକ, ଶାନ୍ତି ପଣ୍ଡା ଓ ସୁଧାଂଶୁ ଦାସ ଏବଂ ବହୁକର୍ମୀ ଉପସ୍ଥିତ ଥିଲେ।

## ଜଗନ୍ନାଥ କଲୋନୀରେ ଅଷ୍ଟପ୍ରହରୀ ନାମଯଜ୍ଞ

ଦାନଗଦି,୧୮।୧(ସମିସ): ଦାନଗଦି ବ୍ଲକ ତ୍ରିଜଙ୍ଗା ପଞ୍ଚାୟତ ଜଗନ୍ନାଥ କଲୋନୀ ଠାରେ ୩ ଦିନ ଧରି ଅଷ୍ଟମ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ତିନି ଦିନ ଧରି ଅନୁଷ୍ଠିତ ଏହି ନାମଯଜ୍ଞରେ ପ୍ରତେହ ହଜାର ହଜାର ଶ୍ରଦ୍ଧାଳୁ ଓ ନାମଯଜ୍ଞରେ ସାମିଲ ହୋଇଥିଲେ।

ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ଅଞ୍ଚଳରୁ ନାମ ସଂକୀର୍ତ୍ତନ ନିମନ୍ତେ ବହୁ କୀର୍ତ୍ତନ ଦଳ ଏଠାକୁ ଆସିଥିଲେ। କଲୋନୀର ଦୁଷ୍ମନ୍ତ ସାମନ୍ତରାୟ, ଦ୍ରୌପଦ ଚୌଧୁରୀ, ଧୀର କିଶୋର ମହାନ୍ତି, ଅଭିରାମ ଦାସ, କାର୍ତ୍ତିକ ଚନ୍ଦ୍ର ରଣା, ସୁଶାନ୍ତ ପାଣ୍ଡବ, ଚିତ୍ତରଞ୍ଜନ ନାୟକ, ବାବୁଲି ସାହୁ, ନିତ୍ୟାନନ୍ଦ ବେହେରା, ଅନିଲ ବାରିକ ପ୍ରମୁଖଙ୍କ ନେତୃତ୍ୱରେ ଏହି ଅନୁଷ୍ଠାନ ୩ ବର୍ଷରେ ପଦାର୍ପଣ କରିଛି। ଜଗନ୍ନାଥ କଲୋନୀର ୫୮ ପରିବାରଙ୍କୁ ନେଇ ଏହି ଅନୁଷ୍ଠାନ ଗଢିଉଠିଛି।

# ପାଣିକୋଇଲିରେ ହିନ୍ଦୁ ସମ୍ମିଳନୀ ଓ ଗୀତା ମହାଯଜ୍ଞ

ପାଣିକୋଇଲି,୧୮।୧(ସମିସ)



ପାଣିକୋଇଲି ହିନ୍ଦୁ ସମାଜର ମଣ୍ଡଳ ଆୟୋଜନରେ ପାଣିକୋଇଲି କଲେଜ ପଡିଆ ଠାରେ ଆଜି ଏକ ବିଶାଳ ହିନ୍ଦୁ ସମ୍ମିଳନୀ ଓ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପଞ୍ଚାୟତର ମା'ଙ୍କ ନିକଟରୁ ଆସିଥିବା କଳସ ଗତକାଲି ତାରିଣୀ ମନ୍ଦିରରେ ଥିବା ବେଳେ ଆଜି ସକାଳୁ ଏକ କଳସ ଶୋଭାଯାତ୍ରା ନାମ ସଂକୀର୍ତ୍ତନ ସହିତ ପାଣିକୋଇଲି ତାରିଣୀ ମନ୍ଦିରରୁ ବାହାରି ଜାଗୁଳାଇ ପୀଠରେ ପହଞ୍ଚି ଗ୍ରାମ ପରିକ୍ରମା କରି କଲେଜ ପଡିଆ ଠାରେ ପହଞ୍ଚିଥିଲା। ସେଠାରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଥିଲା। ଏଥି ସହିତ ଧର୍ମସଭାର ଆୟୋଜନ କରାଯାଇଥିଲା।

ପାଣିକୋଇଲି, ପଥରପଦା, କରଦା, ଗୋଲେଇପୁର ଓ ମୂଳାପାଳ ମଣ୍ଡଳର ହିନ୍ଦୁ ସମାଜ ପକ୍ଷରୁ ବିଶ୍ୱଶାନ୍ତି ମହାଯଜ୍ଞ ଓ ହିନ୍ଦୁ ସମ୍ମିଳନୀ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ପଦ୍ମଲୋଚନ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ ଗୀତା ଆଶ୍ରମର ତନ୍ମୟ ମିଶନର ପ୍ରବୀଣ ସନ୍ଥ ପୂଜ୍ୟ ସ୍ୱାମୀ ଜଗଦୀଶାନନ୍ଦ ସରସ୍ୱତୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଶ୍ୱହିନ୍ଦୁ ପରିଷଦର କେନ୍ଦ୍ରୀୟ ସଦସ୍ୟ ତଥା ଏକାମ୍ର ପୀଠସ୍ଥିତ ଉତ୍କଳ ସାରସ୍ୱତ ଆଶ୍ରମର ସ୍ୱାମୀ ତ୍ରିଲୋକେଶ୍ୱର ଭାରତୀ ଓ ପାଣିକୋଇଲିର ବିଶିଷ୍ଟ ପାଲାଗାୟକ ଅଜୟ କୁମାର ଦାସ ଓ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରାନ୍ତ ସଦ୍‌ଭାବନା ସଦସ୍ୟ ଅକ୍ଷୟ କୁମାର ପଣ୍ଡା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଗୁରୁଜୀ ପ୍ରମୋଦ କୁମାର ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସତ୍ୟରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବରପଦା ଗ୍ରାମର ବିଶିଷ୍ଟ ବ୍ୟକ୍ତିତ୍ୱ ଦାମୋଦର ପରିଡ଼ା, ମଦନ ଗୋପାଳ ମଠର ବିପିନ ବେଦାନ୍ତ, ଧନତ୍ରୀ ଗ୍ରାମର ଆଦର୍ଶ ଚାଷୀ ବନମାଳୀ ବେହେରା, ମଞ୍ଚ କଳାକାର ରାମଚନ୍ଦ୍ର ଦତ,ଲିଙ୍ଗେଶ୍ୱର ଶିଶୁ ମନ୍ଦିରର କ୍ଷେତ୍ରବାସୀ ସାହୁ,ଏବଂ ଗୋଲେଇପୁର ପଞ୍ଚାୟତର ବିବେକୋନନ୍ଦ ଦାସ, ଦୁର୍ଯ୍ୟୋଧନ ବିନ୍ଧାଣୀ ଓ ପ୍ରତିମା ସୁନ୍ଦରୀ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ କୋରାଇ ବ୍ଲକ ହିନ୍ଦୁ ସମାଜର ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନା କରିଥିଲେ।

## ଗୋଲାଗାଁ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ

ଯଖପୁରା,୧୮।୧(ସମିସ): ଦାନଗଦି ବ୍ଲକ ଚାନ୍ଦିଆ ପଞ୍ଚାୟତ ଅନ୍ତର୍ଗତ ଗୋଲାଗାଁ ଗ୍ରାମର ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ ଗୋଲାଗାଁ ପ୍ରାଙ୍ଗଣରେ ପିଏମ୍‌ଶ୍ରୀ ଉତ୍ସବ ଉଦଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷୟତ୍ରୀ ସରିତା ଜାମୁଦାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇଥିଲେ। ଆୟୋଜିତ ସଭାରେ ମଣ୍ଡଳ ଅଧିକାରୀ ଦାନଗଦି ଶୁଭ୍ରାଂଶୁ ପୁହାଣ, ନୋଡାଲ ପ୍ରଧାନଶିକ୍ଷକ ଦାନଗଦି ପ୍ରଫୁଲ୍ଲ ଚନ୍ଦ୍ର ବେହେରା, ଯାଜପୁର ଜିଲ୍ଲା ଅଧିକାରୀ ତପନ କୁମାର ସାହୁ, ବିଶ୍ୱଜିତ ରାଜ, ଚାନ୍ଦିଆ ସରପଞ୍ଚ ଗାଣ୍ଡୁସିଂ ଖୁଣ୍ଟିଆ, ବିଦ୍ୟାଳୟ ସଭାପତି ମାନସ ବେହେରା, ପଞ୍ଚସଖା ଶିକ୍ଷାସେତୁ ସଭାପତି ରାଜେନ୍ଦ୍ର ସାହୁ, ସିଆର୍‌ସିସି ସୁରେନ୍ଦ୍ର କୁମାର ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଛତାଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ଷ୍ଟଲ, ଇନସ୍ପାଏରିଂ ଓଡିଶା ୨୦୩୬, ଆକାଂକ୍ଷା ଛାତ୍ର ପରିଷଦ, ଦି ଟ୍ୟାଲେଣ୍ଟ ଗ୍ୟାଲେରୀ, ଦୋକାନ ଯାତ୍ରା ପାଭିଲିୟନ, ଆମ ବିଦ୍ୟାଳୟ ବଜାର, ବୃତ୍ତିଗତ ଶିକ୍ଷା, କ୍ରୀଡ଼ା ଓ ଶାରୀରିକ ଶିକ୍ଷା, ଶିଶୁ ବାଟିକା ଆଦି ଷ୍ଟଲର ଆୟୋଜନ କରାଯାଇଥିଲା। ଉତ୍ସବରେ ବିଭିନ୍ନ ପ୍ରକଳ୍ପର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

ଚତୁର୍ଥ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତ-ଅର୍ଜୁନ ପୁଷ୍ଟି
ଭୁଷଣ୍ଡପୁର,ଖୋର୍ଦ୍ଧା
ଆବିର୍ଭାବ-୧ .୦୭.୧୯୩୩
ତିରୋଧାନ-୧୯.୦୧.୨୦୨୨
ଆପଣଙ୍କ ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତ ଯନ୍ତ୍ରଣା ଦାୟକ ।ବାପା ଆପଣଙ୍କ ସ୍ନେହ,ଶ୍ରଦ୍ଧା,ଧର୍ମ,କର୍ମ,ସେବା ଓ କର୍ତ୍ତବ୍ୟନିଷ୍ଠା ସର୍ବଦା ମନେରହିଥିବ ।ସ୍ୱର୍ଗତ ଅମର ଆତ୍ମାର ଶାନ୍ତି ଓ ସଦ୍ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରାର୍ଥନା ।

## ଅମଳର ୧୫ ଦିନ ପରେ ବି ଚାଷୀ ହତାଶ

# ଖୋଲା ଯାଉଛି ମଣ୍ଡି; କିଣାଯାଉନି ମୁଠାଏ ଧାନ

## ଭଦ୍ରକ ଜିଲ୍ଲାରେ ତେଜୁଛି ଚାଷୀ ଆନ୍ଦୋଳନ

## ଚାଷୀଙ୍କ ସ୍ୱାର୍ଥଠାରୁ ଜିଲ୍ଲା ମହୋତ୍ସବ ଲାଗି ପ୍ରଶାସନ ଅଧିକ ତତ୍ପର

ଭଦ୍ରକ,୧୮।୧(ସମିସ)

ଭଦ୍ରକ ଜିଲ୍ଲାରେ ଗତ ୫ ତାରିଖରୁ ଅଦ୍ୟାବଧି ଧାନ ମଣ୍ଡି ଖୋଲି ଚାଲିଛି ସତ, ହେଲେ ଆଜି ସୁଦ୍ଧା ମୁଠାଏ ଧାନ ଚାଷୀଙ୍କଠାରୁ କିଣାଯାଇନି। ଫଳରେ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲାରେ ଚଳିତ ଖରିଫ ଧାନ ସଂଗ୍ରହକୁ ଏହା ଭିତରେ ୧୫ ଦିନରୁ ଅଧିକ ଦିନ ବିତିବାକୁ ବସିଲାଣି। ହେଲେ ଜିଲ୍ଲାର ଚାଷୀ ଧାନ ବିକିପାରିଲେ ନାହିଁ। ଧାନ କିଣାରେ ଏଭଳି ବିଳମ୍ବତା ନେଇ ଚାଷୀଙ୍କ ଭିତରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଚଳିତ ମାସ ୫ ତାରିଖ ଦିନ ଭଦ୍ରକ ଜିଲ୍ଲାରେ ଖରିଫ ଧାନ ସଂଗ୍ରହର ଶୁଭାରମ୍ଭ ହୋଇଥିଲା। ଚାଷୀଙ୍କୁ ୪୮ ଘଣ୍ଟାରେ ସମାନଙ୍କ ପ୍ରାପ୍ୟ ମିଳିବ ବୋଲି କୁହାଗଲା। ଜିରୋ କଟ୍‌ନୀଛଟ୍‌ନୀରେ ଧାନ କିଣା ହେବ ଏବଂ ସରକାର କ୍ୱିଣ୍ଟାଲ ପିଛା ୮୦୦ ଟଙ୍କାର ଇନ୍‌ପୁଟ ସବ୍‌ସିଡି ଦେବେ ବୋଲି ପ୍ରତିଶ୍ରୁତି ମିଳିଲା। ନେତା ଓ ପ୍ରଶାସନ ମିଳିତ ଭାବେ ମଣ୍ଡି ଉଦ୍‌ଘାଟନ କରିଦେଲେ। କିନ୍ତୁ ଧାନ କିଣା ହେଲା ନାହିଁ। ପରେ ପରେ ଜିଲ୍ଲା ତମାମ ମଣ୍ଡି ଖୋଲି ଚାଲିଛି। ହେଲେ ଧାନ କିଣା ହେଉନି। ମିଲରମାନେ କାଳେ ଧାନ ଉଠାଉ ନାହାନ୍ତି। ଏମିତି ୧୫ ଦିନରୁ ଅଧିକ ବିତିଗଲାଣି। ମିଲରଙ୍କ ମନମାନୀ ଯୋଗୁଁ ଧାନ କିଣାରେ ଅଚଳାବସ୍ଥା ସୃଷ୍ଟି ହୋଇଛି ବୋଲି ଚାଷୀ ମହଲରେ ଅଭିଯୋଗ ହେଉଛି। ପ୍ରଶାସନ କହିଲେ ଜିରୋ କଟିଂରେ ଧାନ କିଣା ହେବ। ଚାଷୀଙ୍କଠାରୁ ଧାନ କିଣାବେଳେ ଗୋଟିଏ କେଜି ବି କଟାଯିବ ନାହିଁ। ଜିଲ୍ଲା ପ୍ରଶାସନର ଏଭଳି ତାଗିଦ୍ ପରେ ମିଲର ଓ ସମବାୟ ସମିତି, ମହିଳା ସମିତିଗୁଡ଼ିକ ଅଡୁଆରେ ପଡ଼ିଯାଇଛନ୍ତି। ସେମାନେ କହୁଛନ୍ତି, ଜିରୋ କଟିଂରେ ଧାନ କିଣିବାକୁ ହେଲେ ଏଫ୍‌ଏକ୍ୟୁ ମାନର ଧାନ ଚାଷ ହେଉ। ବାସ୍ତବରେ ଜିଲ୍ଲାରେ ଏଫ୍‌ଏକ୍ୟୁ ମାନର ଧାନ ମିଳିବା ସମ୍ଭବ ନୁହେଁ। ଏପରି ସ୍ଥଳେ ପ୍ରଶାସନ, ମିଲର ମିଳିତ ଭାବରେ କିଛି ନିଷ୍ପତ୍ତି ନିଅନ୍ତୁ। ନ ହେଲେ ଚାଷୀ ଧାନ ବିକ୍ରି କରିବା ସହଜ ହେବ ନାହିଁ। ଜିଲ୍ଲା ଯୋଗାଣ ନିଗମ କହୁଛି ଖୁବ୍‌ଶୀଘ୍ର ଚାଷୀଙ୍କ ଧାନ କିଣାଯିବ। ହେଲେ ଜିଲ୍ଲାରେ ଆଜି ସୁଦ୍ଧା ଧାନ କିଣା ଶୂନ୍। ଯାହାକୁ ନେଇ କେବଳ ଚାଷୀ ଅସନ୍ତୋଷ ହୋଇଛନ୍ତି ଏହା ନୁହେଁ; ବରଂ ବିଭିନ୍ନ ରାଜନୈତିକ ମହଲରେ ବି ଏନେଇ ଆନ୍ଦୋଳନ ଡକରା ଦିଆଗଲାଣି। ତୁରନ୍ତ ମଣ୍ଡି ଖୋଲି ଚାଷୀ ଏବଂ ଭାଗ ଚାଷୀଙ୍କଠାରୁ ଧାନ କିଣିବା, ଟୋକନ ପ୍ରହସନ ବନ୍ଦ କରିବା, ସବୁ ଚାଷୀଙ୍କୁ କୃଷି ଏବଂ ମହାଜନୀ ଋଣ ଛାଡ଼ କରିବା ଆଦି ଦାବିରେ ୧୯ ତାରିଖରେ ଜିଲ୍ଲାବ୍ୟାପୀ ଆନ୍ଦୋଳନ ଏବଂ ପ୍ରତିବାଦ କରିବାକୁ ଦେତାବନୀ ଦେଇଛି କୃଷକ ସଂଗଠନ। ତେଣେ ଜିଲ୍ଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ ଜିଲ୍ଲାରେ ଧାନ କିଣା ଖୁବ୍‌ଶୀଘ୍ର ହେବ ବୋଲି କହିଥିଲେ ବି ରବିବାର ସୁଦ୍ଧା ଜଣେ ହେଲେ ଚାଷୀ ଧାନ ବିକି ନ ଥିବା ଜଣାଯାଇଛି।



ମିଳିଥିବା ସୂଚନାନୁଯାୟୀ, ଶୁକ୍ରବାର କିଛି ସ୍ଥାନରେ ଚାଷୀ ମଣ୍ଡିକୁ ଧାନ ବିକ୍ରି ପାଇଁ ଆଣିଥିଲେ। ହେଲେ ଆଣିଥିବା ଧାନ ଏଫ୍‌ଏକ୍ୟୁ ମାନର ହୋଇନଥିବା କହି ତାକୁ ଫେରାଇ ଦିଆଯାଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଗତ ୫ ତାରିଖରୁ ଚାଷୀଙ୍କୁ ଇସ୍ୟୁ କରାଯାଇଥିବା ଟୋକନ୍‌ଗୁଡ଼ିକରୁ ଗତ ୫, ୭, ୧୨, ୧୪ ଓ ୧୬ ତାରିଖକୁ ମିଶାଇ ୭ଟି ଧାନ କିଣା ତାରିଖ ଲାପ୍ସ କରିଥିବା ଜଣାଯାଇଛି। ଧାନକିଣା ଆରମ୍ଭ ହେବ କ'ଣ, ଏଯାଏଁ ସବୁ ମିଲରଙ୍କ ସହ ଯୋଗାଣ ନିଗମର ଏଗ୍ରିମେଣ୍ଟ କାର୍ଯ୍ୟ ସରିନି କି ମିଲର ଟ୍ୟାଗିଂ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ନ ଥିବା ଜଣାଯାଇଛି। ଧାନକିଣାରେ ବିଳମ୍ବତାର ସୁଯୋଗ ନେଇ ଜିଲ୍ଲା ତମାମ ଧାନ ବେପାରୀ ବାହାର ରାଜ୍ୟକୁ କମ୍ ଦରରେ ଧାନ ବୋହି ନେବା କାର୍ଯ୍ୟରେ ମାତିଥିବା ଜଣାଯାଇଛି। ଅପରପକ୍ଷରେ ଜିଲ୍ଲା ପ୍ରଶାସନ ଧାନକିଣା ଏଯାଏଁ ଆରମ୍ଭ ହୋଇ ନ ଥିବା ଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗଠାରୁ ବଳେଇ ଯାଉଛି ଜିଲ୍ଲା ପ୍ରଶାସନିକ ଅଧିକାରୀମାନେ ଜିଲ୍ଲା ମହୋତ୍ସବରେ ମସଗୁଲ୍ ହେବା ଘଟଣା। ଏନେଇ ବରିଷ୍ଠ ଆଇନଜୀବୀ ତଥା ଶ୍ରମିକନେତା ଦିବ୍ୟସିଂହ ନାୟକ ଗୁରୁତର ଅଭିଯୋଗ କରିଛନ୍ତି।

# ଟୋକନରେ ଧାନ ବିକ୍ରି ପରିମାଣ କମିବାକୁ ନେଇ ଚାଷୀଙ୍କ ଅଭିଯୋଗ

ଭଣ୍ଡାରିପୋଖରୀ,୧୮।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ସରସଦା ଗ୍ରାମର ଚାଷୀ ରାମକୃଷ୍ଣ ବିଶ୍ୱାଳ ୨୦୨୪-୨୫ ବର୍ଷ ଓ ପୂର୍ବରୁ ମଧ ଟୋକନ ପାଇ ୨୪.୮୯ କ୍ୱିଣ୍ଟାଲ ଧାନ ବିକ୍ରୟ କରି ଆସୁଥିଲେ। ଚଳିତ ବର୍ଷ ମାତ୍ର ୬.୮୪ କ୍ୱିଣ୍ଟାଲ ଧାନ ବିକ୍ରୟ କରିବାକୁ ଟୋକନ ଆସିଛି। ଏହାକୁ ନେଇ ରାମକୃଷ୍ଣ ପ୍ରଶ୍ନ ଉଠାଇ ଧାନକ୍ରୟ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ରାମକୃଷ୍ଣଙ୍କ ପୈତୃକ ଚାଷଜମି ପରିମାଣ ୨ ଏକର ୬୨ ଡେସିମିଲ୍ ଅଟେ। ବଡ଼କୋଳିପଦୀ ରାଜସ୍ୱ ଗ୍ରାମର ଖାତା ନଂ ୧୫୮ ଓ ପ୍ଲଟ୍ ନଂ୧୯୭ରେ ୧.୯୦ ଡେସିମିଲ ଓ ଖାତା ନଂ ୧୬୬ ଓ ପ୍ଲଟ୍ ନଂ ୩୦୩ରେ ୬୦.୭୨ ଡେସିମିଲ ଚାଷଜମି ପରିବାର ନାମରେ ରହିଛି। ୨ ଭାଇ ରାମକୃଷ୍ଣ ଓ ରାଜେନ୍ଦ୍ରଙ୍କ ମଧ୍ୟରେ ୧.୩୧ ଡେମିମିଲ ଜମି ଭାଗ ହୋଇଛି। ପ୍ରତ୍ୟେକ ୬୧.୩୧ ଡେସିମିଲ ଜମି ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିଆସୁଛନ୍ତି। ଏଥର ମଧ ସାନଭାଇ ରାଜେନ୍ଦ୍ର ନାମରେ ୨୪.୮୯ କ୍ୱିଣ୍ଟାଲ ଧାନ ବିକ୍ରି ପାଇଁ ଟୋକନ ଆସିଛି। ମାତ୍ର ବଡ଼ଭାଇ ରାମକୃଷ୍ଣଙ୍କ ନାମରେ ୧୫୫୦୭୦୩ନଂ ଟୋକନ୍ ଯୋଗେ ମାତ୍ର ୬.୮୪ କ୍ୱିଣ୍ଟାଲ ଧାନ ବିକ୍ରି ପାଇଁ ନିର୍ଦ୍ଦେଶ ଆସିଛି। ଏହାକୁ ନେଇ ହତବାକ୍ ହୋଇଛନ୍ତି ଚାଷୀ ରାମକୃଷ୍ଣ। ରାମକୃଷ୍ଣ ବ୍ଲକ୍ ମାର୍କେଟିଂ ଇନ୍ସପେକ୍ଟର, ଜିଲ୍ଲା ସମବାୟ ଅଧିକାରୀଙ୍କୁ ସାକ୍ଷାତ୍ କରି ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ମାତ୍ର ଏହାର କୌଣସି ପ୍ରତିକାର ହୋଇନାହିଁ। ଅନ୍ୟପକ୍ଷରେ ମଣ୍ଡିରେ ପଞ୍ଜୀକରଣ ସମୟରେ ସମସ୍ତ ଜମି ଦରଜ କରାଯାଇ ଚାଷୀଙ୍କ ଚକ୍ଷୁ ସ୍କାନ୍ କରାଯାଇଛି ବୋଲି ଏ ସମ୍ପର୍କରେ ସିରିଡ଼ି ସାଇ ମଣ୍ଡି ପକ୍ଷରୁ କୁହାଯାଇଛି। ବ୍ୟବସ୍ଥାଜନିତ ତ୍ରୁଟି ପାଇଁ ଚାଷୀଙ୍କ ସ୍ୱାର୍ଥ ବଳିପଡୁଛି ବୋଲି ରାମକୃଷ୍ଣ ପ୍ରକାଶ କରିଛନ୍ତି। ତୁରନ୍ତ ତ୍ରୁଟି ସଂଶୋଧନ କରି ଉପଯୁକ୍ତ ପରିମାଣ ଧାନ ବିକ୍ରୟ ପାଇଁ ସୁଯୋଗ ଦିଆଯାଉ ବୋଲି ସେ ଦାବି କରିଛନ୍ତି।

## ରହଣିଆ ଧାନ ମଣ୍ଡି ଉଦ୍‌ଘାଟିତ



ବାରିକପୁର,୧୮।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରାଢୋସ୍ଥିତ ରହଣିଆ ପ୍ରାଥମିକ କୃଷି ସମବାୟ ସମିତିଠାରେ ଧାନ ମଣ୍ଡି ଶୁଭାରମ୍ଭ ହୋଇଛି। ସମିତି ଅଧୀନସ୍ଥ ଚାଷୀ ଲମ୍ବୋଧର ନାୟକ ମଣ୍ଡି ଉଦ୍‌ଘାଟନ କରି ସର୍ବପ୍ରଥମେ ଧାନ ବିକ୍ରି କରିଥିଲେ। ଏହି ଅବସରରେ ସମିତି ସଭାପତି ସାଗର ରଞ୍ଜନ ଲେଙ୍କା ଓ ସମ୍ପାଦକ ସନ୍ତୋଷ କୁମାର ଦାସ ଉପସ୍ଥିତ ରହି ମଣ୍ଡିକୁ ସଠିକ୍ ମାନରେ ଧାନ ଆଣିବାକୁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଉଦ୍‌ଘାଟନ ଉତ୍ସବରେ ପରିଚାଳନା କମିଟି ସଭ୍ୟସଭ୍ୟାଙ୍କ ସମେତ ଅନେକ ଚାଷୀ ଯୋଗଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ସମିତି ସହକାରୀ ସମ୍ପାଦକ ନୀଳମଣି ସାମଲ, ଓମ୍‌କାର ବାରିକ, ବିଜୟ ନାୟକ, ହୁରେନ୍ଦ୍ର ଜେନା ପ୍ରମୁଖ ପରିଚାଳନା କରିଥିଲେ। ବାର ଅନୁଯାୟୀ ଚାଷୀମାନଙ୍କ ନିକଟରୁ ଧାନ କ୍ରୟ କରାଯିବ ବୋଲି ସମିତି ପକ୍ଷରୁ ସୂଚନା ଦିଆଯାଇଛି।

## ୫ ମାସ ହେଲା ଦିବ୍ୟାଙ୍ଗ ଆଶୁତୋଷଙ୍କୁ ମିଳୁନି ଭତ୍ତା



ଅସୁରାଳି,୧୮।୧(ସମିସ): ଧାମନଗର ବ୍ଲକ୍ ଗୋବିନ୍ଦପୁର ପଞ୍ଚାୟତରେ ଭତ୍ତା ପାଇବାକୁ ଆସିଥିବା ଦିବ୍ୟାଙ୍ଗଙ୍କ ଦୁର୍ଦ୍ଦଶା ନେଇ ଅସନ୍ତୋଷ ସୃଷ୍ଟି ହୋଇଛି। ଗୋବିନ୍ଦପୁର ଗ୍ରାମର ଶତ ପ୍ରତିଶତ ଭିନ୍ନକ୍ଷମ ଆଶୁତୋଷ ସାହୁ ୫ ମାସ ହେଲା ପଞ୍ଚାୟତ କାର୍ଯ୍ୟାଳୟରୁ ଭତ୍ତା ନ ପାଇ ଖାଲି ହାତରେ ଫେରୁଛନ୍ତି। ସୂଚନା ମୁତାବକ, ଜନ୍ମରୁ ଦିବ୍ୟାଙ୍ଗ ଆଶୁତୋଷ ସାହୁ ଭତ୍ତା ଟଙ୍କାରେ ନିଜର ଗୁଜୁରାଣ ମେଣ୍ଟାଉଥିଲେ। କିନ୍ତୁ ଗତ ୫ ମାସ ହେଲା ସେ ଭତ୍ତାରୁ ବଞ୍ଚିତ ହୋଇଛନ୍ତି। ଏହି ସମୟରେ ସେ ଏମ୍‌ସରେ ଚିକିତ୍ସାଧୀନ ଥିବା ସତ୍ତ୍ୱେ ଭତ୍ତା ଟଙ୍କା ନ ମିଳିବାରୁ ଗୁଜୁରାଣ ମେଣ୍ଟାଇବାରେ ଅସହାୟ ହୋଇପଡ଼ିଛନ୍ତି। ପିଇଓ ରାକେଶ ସେନାପତିଙ୍କୁ ପଚାରିବାରୁ ସେ କହିଛନ୍ତି, ଅନ୍‌ଲାଇନ୍ ପ୍ରମାଣପତ୍ର ପାଇଲେ ୫ ମାସର ବଳକା ଭତ୍ତା ପ୍ରଦାନ କରାଯିବ। ଭତ୍ତା ନ ମିଳିଲେ, ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାଦେବାକୁ ଆଶୁତୋଷ ଚେତାବନୀ ଦେଇଛନ୍ତି। ଏହି ପରିସ୍ଥିତିରେ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ତତ୍କାଳ ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

## ବ୍ୟବସାୟୀଙ୍କ ପରଲୋକ



ବାରିକପୁର,୧୮।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ସରସଦା ପଞ୍ଚାୟତ ଉତରାଗଡ଼ିଆ ଗ୍ରାମ ନିବାସୀ ବ୍ୟବସାୟୀ ଦୁର୍ଗାଚରଣ ରାଉତଙ୍କ ଅକାଳ ବିୟୋଗ ହୋଇଛି। ସେ କିଛିଦିନ ଧରି ଅସୁସ୍ଥ ଥିବାବେଳେ ଗତ ଶନିବାର ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୫୮ ବର୍ଷ ବୟସ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରଠାରେ ପାର୍ଥିବ ଶରୀର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସ୍ୱର୍ଗତ ରାଉତ ଦୀର୍ଘ ୪୦ ବର୍ଷ ଧରି ସ୍ଥାନୀୟ ମହିମା ବଜାର ପଟାପୋଲଠାରେ ବ୍ୟବସାୟ କରୁଥିଲେ। ଘୁରୁଡ଼ା ତେଜରାତି ଦୋକାନୀ ଭାବେ ସେ ବେଶ୍ ପରିଚିତ ଥିଲେ। ତାଙ୍କ ଅକାଳ ବିୟୋଗରେ ଗ୍ରାମ ସମେତ ବଜାର କମିଟି ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି।

## ଭିତ୍ତିପ୍ରସ୍ତର ଉତ୍ସବରେ ସରପଞ୍ଚଙ୍କୁ ଅଣଦେଖା ଅଭିଯୋଗ

ବାରିକପୁର,୧୮।୧(ସମିସ): ପଞ୍ଚାୟତିରାଜ ବ୍ୟବସ୍ଥାକୁ ଲୋକାଦୃତ କରିବା ପାଇଁ ନିର୍ବାଚିତ ସରପଞ୍ଚମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। ପରିତାପର ବିଷୟ ଧୀରେ ଧୀରେ ତୃଣମୂଳସ୍ତରରେ ନିର୍ବାଚିତ ପ୍ରତିନିଧିମାନଙ୍କ କ୍ଷମତାକୁ ସଙ୍କୁଚିତ କରାଯାଉଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଛି। ଏପରିକି ସ୍ଥାନୀୟ ଅଞ୍ଚଳରେ ହେଉଥିବା ଅନେକ ସରକାରୀ କାର୍ଯ୍ୟକ୍ରମରେ ସରପଞ୍ଚଙ୍କୁ ନିମନ୍ତ୍ରଣ ମିଳୁନାହିଁ। ଏଭଳି ଅଭିଯୋଗ ମିଳିଛି ଭଣ୍ଡାରିପୋଖରୀ ବ୍ଲକ୍ ବାଲିପୋଖରୀ ପଞ୍ଚାୟତରେ। ସୂଚନା ମୁତାବକ, ଆଖୁଆପଦା ଜଳସମ୍ପଦ ବିଭାଗ ପକ୍ଷରୁ ଗତ ୧୬ ତାରିଖରେ ୨ଟି କେନାଲର ନୂତନ କଂକ୍ରିଟ ନିର୍ମାଣ ପାଇଁ ଭିତ୍ତିଭୂମି ପୂଜା ଉତ୍ସବ ଅନୁଷ୍ଠିତ ହେଉଥିଲା। ଏଥିରେ ସାଂସଦ, ବିଧାୟକ, ବ୍ଲକ୍ ଅଧକ୍ଷା, ଉପାଧକ୍ଷଙ୍କ ସମେତ ଅନ୍ୟାନ୍ୟ ନେତୃବୃନ୍ଦ ଯୋଗଦେଇଥିଲେ। ୨ଟି କେନାଲ ମଧ୍ୟରୁ ଗୋଟିଏ କେନାଲ କାର୍ଯ୍ୟ ବାଲି ପୋଖରୀ ପଞ୍ଚାୟତ ଅଞ୍ଚଳରେ ହେଉଥିବାବେଳେ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ସ୍ଥାନୀୟ ସରପଞ୍ଚଙ୍କୁ ନିମନ୍ତ୍ରଣ ଦିଆଯାଇନାହିଁ। ଯାହାକୁ ନେଇ ସରପଞ୍ଚ ଅକ୍ଷୟ କୁମାର ତ୍ରିପାଠୀ କ୍ଷୋଭ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମ କେଉଁମାନେ ଆୟୋଜନ କରିଥିଲେ ଏନେଇ ସରପଞ୍ଚ ପ୍ରଶ୍ନ କରିଛନ୍ତି। କେଉଁ କାରଣରୁ ତାଙ୍କୁ ଏଥିରେ ନିମନ୍ତ୍ରଣ ମିଳିଲା ନାହିଁ ଓ ନାମଫଳକରେ ତାଙ୍କ ନାମ ରହିଲା ନାହିଁ ସେନେଇ ଶ୍ରୀ ତ୍ରିପାଠୀ ପ୍ରଶ୍ନ ଉଠାଇଛନ୍ତି।

## ସତ୍ୟସାଇ ସଂଗଠନ ପକ୍ଷରୁ ସଫେଇ



ବାରିକପୁର,୧୮।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମଞ୍ଜୁରୀରୋଡ୍ ଶ୍ରୀସତ୍ୟସାଇ ଭଜନମଣ୍ଡଳୀ ପକ୍ଷରୁ ଅଁଳାଶୁଣି ମକରମେଳାରେ ସ୍ୱେଚ୍ଛାକୃତ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଜନ ମଣ୍ଡଳୀର ଆବାହକ ଗଣେଶ ପ୍ରସାଦ ଗୁଡିଙ୍କ ସଂଯୋଜନାରେ ମକର ସଂକ୍ରାନ୍ତିଠାରୁ ଆରମ୍ଭ ହୋଇଥିବା ଏହି ସେବା କାର୍ଯ୍ୟ ୩ ଦିନ ଧରି ଚାଲିଥିଲା। ପ୍ରାତଃରୁ ଓଁକାର ଓ ସୁପ୍ରଭାତମ୍ ସହିତ ନଗର ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ପରେ ମେଳା ପରିସରକୁ ସଫେଇ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସେବା ସଂଗଠନ ପକ୍ଷରୁ ବ୍ୟୋମକେଶ ସେଠୀ, ସୁଦର୍ଶନ ସେଠୀ, ନିରଞ୍ଜନ ପରିଡ଼ା, ସୁରେନ୍ଦ୍ର ବାରିକ, ମାନସ ନାୟକ, ରତନ ରାଉତ, ଲକ୍ଷ୍ମୀଧର ବେହେରା, ଶ୍ରୀକାନ୍ତ ପ୍ରସାଦ ବେହେରା, ପଦ୍ମଲୋଚନ ମାଝୀ, ତୁଷାରକାନ୍ତ ବାରିକ, ଦେବାନନ୍ଦ ସେଠୀ, ଶୁଭ୍ରାଂଶୁ ରଞ୍ଜନ ସେଠୀ, ଲକ୍ଷ୍ମୀଧର ମହାନ୍ତି, ଭଗବାନ ସାହୁ, ବଟକୃଷ୍ଣ ଜେନା, ଶରତ ଚନ୍ଦ୍ର ସେଠୀ, ଘନଶ୍ୟାମ ମାଝୀ, ସନ୍ତୋଷ ଜେନା, ଭାସ୍କର ଦଳେଇ, ମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜାଦ୍ କପ୍ ଟୁର୍ଣ୍ଣାମେଣ୍ଟ: ପଙ୍ଗିରା ଏକାଦଶ ଚାମ୍ପିଅନ



ବନ୍ତ/ଆଗରପଡ଼ା,୧୮।୧(ସମିସ): ବନ୍ତ ବ୍ଲକ୍ ଗଣିଜାଙ୍ଗ ପଞ୍ଚାୟତ ତାରିଣୀ ଛକ ନିକଟରେ ଅନୁଷ୍ଠିତ ୧୧ତମ ଆଜାଦ୍ କପ୍ ଟୁର୍ଣ୍ଣାମେଣ୍ଟରେ କୁଣ୍ଡୁଳାକୁ ହରାଇ ପଙ୍ଗିରା ଏକାଦଶ ବିଜୟୀ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଟିମ୍ ଅଂଶ ଗ୍ରହଣ କରିଥିବାବେଳେ ଫାଇନାଲ ମ୍ୟାଚ୍‌ରେ କୁଣ୍ଡୁଳା ଓ ପଙ୍ଗିରା ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ କୁଣ୍ଡୁଳା ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭର୍‌ରେ ୬ ୱିକେଟ୍ ହରାଇ ୭୯ ରନ୍ ସଂଗ୍ରହ କରିଥିବାବେଳେ ବିପରୀତ ଦଳ ପଙ୍ଗିରା ଏକାଦଶ ୭.୩ ଓଭରରେ ନିଜର ବିଜୟ ଲକ୍ଷ୍ୟସ୍ଥଳ ୮୦ ରନ୍‌ରେ ପହଞ୍ଚି ପାରିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଅମ୍ପାୟାର ଶିବ ପ୍ରସାଦ ସେଠୀ, ଜିତୁ ବରାଳ, କାହ୍ନୁ ପ୍ରଧାନ, ଅକ୍ଷୟ ପଣ୍ଡା ସମ୍ପାଦନା କରିଥିବାବେଳେ ଭାଷ୍ୟକାର ଉଦୟ ପ୍ରଧାନ, ସ୍କୋରର ଦାୟିତ୍ୱ ସୁନିଲ ମହାପାତ୍ର ତୁଲାଇଥିଲେ। ଆଜାଦ୍ କ୍ଲବ୍ ସମ୍ପାଦକ ପ୍ରତାପ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ସମାଜସେବୀ ମଦନମୋହନ ମହାନ୍ତି, ଭୀମସେନ ସାମଲ, ବିଜୟ କୁମାର ପ୍ରଧାନ, ମନୋଜ ପଣ୍ଡା, କ୍ଲବ୍ ସଭାପତି ସମୀର ଘଡ଼ାଇ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପଙ୍ଗିରା ଏକାଦଶର ଖେଳାଳି ଶୁଭଙ୍କର ଜେନାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍, କୁଣ୍ଡୁଳାର ଖେଳାଳି ଦିଲ୍ଲୀପ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ଟ୍ରଫି ପ୍ରଦାନ କରିବା ସହିତ ମୁଖ୍ୟ ଅତିଥି ବିଜୟୀ ଟିମ୍ ପଙ୍ଗିରା ଏକାଦଶକୁ ଟ୍ରଫି ଓ ସମ୍ମାନିତ ଅତିଥି ପରାଜିତ କୁଣ୍ଡୁଳା ଟିମ୍‌କୁ ମଧ ଟ୍ରଫି ପ୍ରଦାନ କରିଥିଲେ। ପ୍ରଶାନ୍ତ ଘଡ଼ାଇ, ରାହୁଲ ପଲାଇ, ହରେକୃଷ୍ଣ ନାୟକ, ଟୁଟୁ ବିଶ୍ୱାଳ, ଜୁଲୁ ଘଡ଼ାଇ, ଦିପୁନୁ ସେଠୀ, ମନୋଜ ଘଡ଼ାଇ, ଦିପୁ ପଲାଇ, ଲୁଲୁ ଘଡ଼ାଇ, ଶ୍ରୀକାନ୍ତ ପ୍ରଧାନ, ସୌମ୍ୟ ରଞ୍ଜନ ପ୍ରଧାନଙ୍କ ସମେତ ସମସ୍ତ ଆଜାଦ୍ କ୍ଲବ୍‌ର କର୍ମକର୍ତ୍ତା ସହଯୋଗ କରିଥିଲେ।

# ବୀଣାପାଣି ଉଚ୍ଚ ବିଦ୍ୟାଳୟରେ ସମ୍ପୂର୍ଣ୍ଣ ହେଉନି ପାଚେରି କାର୍ଯ୍ୟ



ଦୋଳସାହି,୧୮।୧(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତର ବୀଣାପାଣି ଉଚ୍ଚ ବିଦ୍ୟାଳୟର ପାଚେରି କାର୍ଯ୍ୟ ସମ୍ପୂର୍ଣ୍ଣ ହେଉ ନ ଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଖବର ଅନୁଯାୟୀ, ଗୁଆମାଳ ପଞ୍ଚାୟତର ବୀଣାପାଣି ଉଚ୍ଚ ବିଦ୍ୟାଳୟର ବିଭିନ୍ନ ପଦ ପଦବୀ ଖାଲି ପଡ଼ିଥିବା ନେଇ ଦୈନିକ ''ସକାଳ'ରେ ବାରମ୍ବାର ଖବର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ସମସ୍ତ ପଦ ପୂରଣ କରାଯାଇଥିଲା। ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି। ତେବେ ଏହି ବିଦ୍ୟାଳୟର ପାଚେରି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉ ନ ଥିବା ନେଇ ବିଦ୍ୟାଳୟ ପରିସର ବିଭିନ୍ନ ଧରଣର ନିଶାଡ଼ିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏନେଇ ମଧ 'ସକାଳ'ରେ ଖବର ପ୍ରକାଶିତ ପରେ ତିହିଡ଼ି ପୁଲିସ ପଇଁତାରା ମାରିଥିଲା। ଏବେ ପୁଣି ନିଶାଚରମାନେ ରାତିରେ ଆଡ୍ଡା ଜମାଉଥିବା ସାଧାରଣରେ ଅଭିଯୋଗ ହୋଇଛି। ସେହିପରି ଏହି ବିଦ୍ୟାଳୟର ପାଚେରି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ବିଦ୍ୟାଳୟ ପକ୍ଷରୁ ପ୍ରଶାସନଠାରୁ ପୂର୍ବତନ ରାଜ୍ୟପାଳ ଓ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କଠାରେ ଦୀର୍ଘ ବର୍ଷ ପୂର୍ବରୁ କରିଥିବାବେଳେ ଅଦ୍ୟାବଧି ପାଚେରି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉ ନ ଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ବିଦ୍ୟାଳୟକୁ ସରକାରଙ୍କ ପକ୍ଷରୁ ବିଦ୍ୟାଳୟରେ ହେଉଥିବା କାର୍ଯ୍ୟକ୍ରମରେ ଉଭୟ ସରକାରୀ ଦଳ ଓ ବିରୋଧୀ ଦଳ ନେତାଙ୍କୁ ଆମନ୍ତ୍ରଣ କରାଯାଉଥିବା ବେଳେ ଜନପ୍ରତିନିଧିମାନେ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଥିଲାବେଳେ ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ବରିଷ୍ଠ ନାଗରିକ ପରିଷଦର ପ୍ରତିଷ୍ଠା ଦିବସ ଓ ସମ୍ବର୍ଦ୍ଧନା ଉତ୍ସବ



ଧାମନଗର,୧୮।୧(ସମିସ): ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଧାମନଗର ବରିଷ୍ଠ ନାଗରିକ ପରିଷଦର ନବମ ବାର୍ଷିକ ପ୍ରତିଷ୍ଠା ଦିବସ ଓ ସମ୍ବର୍ଦ୍ଧନା ଉତ୍ସବ-୨୦୨୬ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ପରିଷଦର ସଭାପତି ଅନୀଲ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧକ୍ଷା ଶର୍ମିଷ୍ଠା ବେହେରା, ମୁଖ୍ୟବକ୍ତା ଭାବେ ଏସ୍‌ପି ମନୋଜ କୁମାର ରାଉତ ଯୋଗଦେଇ ଉଦ୍‌ଘାଟନ କରିବା ସହିତ ବରିଷ୍ଠମାନଙ୍କ ଦିଗ୍‌ଦର୍ଶନରେ ଯୁବ ସମାଜ ଆଗକୁ ଯିବ ବୋଲି ଏସ୍‌ପି ଶ୍ରୀ ରାଉତ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଧିରଞ୍ଜନ ନାୟକ, ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ସଭାପତି ଲଲାଟେନ୍ଦୁ ମହାନ୍ତି, ସଭାପତି ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ, ଡାକ୍ତର ଅଜିତ ପ୍ରସାଦ ଯେନା ବିଶେଷଜ୍ଞ ଗ୍ୟାଷ୍ଟ୍ରୋଲୋଜି ବିଭାଗ କଟକ, ଯୁବ ସଂଗଠକ କୈଳାସ ଚନ୍ଦ୍ର ମହାପାତ୍ର, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସମୀର ଗୋସ୍ୱାମୀ, ବିଶିଷ୍ଟ ସମାଜସେବୀ ବରଦା ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗଦେଇ ଆଜକୁ ୯ବର୍ଷ ପୂର୍ବରୁ ୨୦୧୭ରେ ଜନ୍ମ ଗ୍ରହଣ କରିଥିବାବେଳେ ପରିଷଦରେ ସଦସ୍ୟ ସଂଖ୍ୟା ୧୩୦୦ରେ ପହଞ୍ଚିଲାଣି ବୋଲି ସମ୍ପାଦକୀୟ ପାଠରେ ସୂଚନା ଦେଇଥିଲେ। ଏହି ଅବସରରେ ସମାଜର କଲ୍ୟାଣ ଓ ଉନ୍ନତି ପାଇଁ ବୟସ୍କ ବ୍ୟକ୍ତିଙ୍କ ପରାମର୍ଶ ଅପରିହାର୍ଯ୍ୟ। ଏବେ ଉତରପିଢ଼ି ଅତ୍ୟାଧୁନିକ ପାଶ୍ଚାତ୍ୟ ସଭ୍ୟତାରେ ବୁଡୁବୁଡୁ ହୋଇ ଭାରତୀୟ ଆର୍ଯ୍ୟ ସଂସ୍କୃତି, ପରମ୍ପରା, ସଂସ୍କୃତିଠାରୁ ଦୂରେଇ ଯାଉଥିବା ପରିଲକ୍ଷିତ ହେଉଛି। ଏପରିସ୍ଥଳେ ବୟସ୍କ ବ୍ୟକ୍ତି ସମାଜରେ ଅଲୋଡ଼ା ତଥା ଶାରୀରିକ ଓ ମାନସିକ ନିର୍ଯାତନାର ଶିକାର ହେଉଛନ୍ତି। ଯୁବପିଢ଼ିକୁ ସଚେତନ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି ବରିଷ୍ଠ ନାଗରିକ। ତାଙ୍କର ଅବଦାନ ଓ ବିଭିନ୍ନ ସମୟରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର, ସମାଜସେବା ସହିତ ଜନହିତକର କାର୍ଯ୍ୟରେ ଲିପ୍ତ ରହିଥିବାରୁ ଅତିଥି ବକ୍ତବ୍ୟ ପ୍ରଦାନ ସହ ପରିଷଦର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି। ବରିଷ୍ଠ ସଦସ୍ୟ ଅଭିମନ୍ୟୁ ମଲ୍ଲିକ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ ସହ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଦଶରଥ ଦାଶ ସ୍ୱାଗତ ଭାଷଣ ଦେଇଥିବାବେଳେ ନିରାକାର ଧଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଶଚିକାନ୍ତ ପଣ୍ଡା ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ପରିଷଦ ଉପସଭାପତି ସୁରଥ ଚନ୍ଦ୍ର ସେଠୀ, କୋଷାଧ୍ୟକ୍ଷ ଇଂ ନୃସିଂହ ଚରଣ ନାୟକ, ଯୁଗ୍ମ ସମ୍ପାଦକ ହୃଦାନନ୍ଦ କର, ଗୋଲାମ ଜିଲାନି ହବିବିଙ୍କ ସମେତ ପରିଷଦର ସଦସ୍ୟ ଓ ସଦସ୍ୟା ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମାଜସେବୀ, ବୁଦ୍ଧିଜୀବୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ। ଶେଷରେ ସଭ୍ୟ କୃଷ୍ଣ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## 'ଭଦ୍ରାୟଣୀ'ରେ ଆଇନସେବା ପ୍ରାଧିକରଣ ଷ୍ଟଲ୍ ଉଦ୍‌ଘାଟିତ



ଭଦ୍ରକ,୧୮।୧(ସମିସ): ଜିଲ୍ଲା ଆଇନ ସେବା ପ୍ରାଧିକରଣ ଭଦ୍ରକର ଅଧ୍ୟକ୍ଷ (ଭାରପ୍ରାପ୍ତ) ପ୍ରଭାତ କୁମାର ରାଜଗୁରୁ ଭଦ୍ରାୟଣୀ-୨୦୨୬ ଜିଲ୍ଲା ମହୋତ୍ସବ (ଆତ୍ମନିର୍ଭର ସ୍ୱଦେଶୀ ମେଳା, ପଲ୍ଲିଶ୍ରୀ ମେଳା ଓ ସୁଭଦ୍ରା ଶକ୍ତି ମେଳା) ନେହେରୁ ଷ୍ଟାଡିୟମ୍, ଭଦ୍ରକଠାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଲଗାଯାଇଥିବା ଷ୍ଟଲ୍‌ର ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ, ଭଦ୍ରକ ପୁଣ୍ୟଶ୍ଳୋକ ରଥ ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ଜିଲ୍ଲା ନ୍ୟାୟାଳୟର ସମସ୍ତ ବିଚାରପତିବୃନ୍ଦ ତଥା ସ୍ଥାୟୀ ଲୋକ ଅଦାଲତ (ଜନସେବା ଉପଯୋଗୀ) ଭଦ୍ରକ ବିଜୟ କୁମାର ପାତ୍ର ତଥା ସମସ୍ତ କର୍ମଚାରୀଗଣ, ତାଲିକାଭୁକ୍ତ ଓକିଲଗଣ, ଏଲ୍‌ଏଡିଏସ୍‌ଏସ୍ କର୍ମୀମାନେ ତଥା ପାରା ଲିଗାଲ ସ୍ୱେଚ୍ଛାସେବୀ ଗଣ ଉପସ୍ଥିତ ଥିଲେ। ଆୟୋଜିତ ଷ୍ଟଲ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆଇନଗତ ସେବା ଓ ସହାୟତା ସମ୍ପର୍କରେ ସାଧାରଣ ଲୋକମାନଙ୍କୁ ଜଣାଇବା। ଯେପରିକି ସମସ୍ତେ ସମାନ ସୁବିଧାସୁଯୋଗ ପାଇବାରୁ ବଞ୍ଚିତ ହେବେନାହିଁ।

## ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲର ବାର୍ଷିକ ଉତ୍ସବ



ବନ୍ତ/ଆଗରପଡ଼ା,୧୮।୧(ସମିସ): ଜିଲ୍ଲାର ଅନ୍ୟତମ ପ୍ରମୁଖ ତଥା ପୁରାତନ ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲର ବାର୍ଷିକ ତଥା ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ସଭ୍ୟା ରୁନୀତା ଦାସ, କୁପାରୀ ହରେକୃଷ୍ଣ ମହତାବ କଲେଜ ଅଧକ୍ଷ ଯୁଧିଷ୍ଠିର କୁଅଁର, ସରପଞ୍ଚ ପ୍ରକାଶ ବିଶ୍ୱାଳ, ବିନୋଦିନୀ ମହାନ୍ତି, ସିଆର୍‌ସିସି ନିରଞ୍ଜନ ଖିଲାର, ପୁରୁଷଣ୍ଡ ସେବା ସମବାୟ ସମିତି ସଭାପତି ପ୍ରଶାନ୍ତ ଦାଶ, ସ୍କୁଲ ପରିଚାଳନା କମିଟି ସଭାପତି ବର୍ଷାରାଣୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ଅଜିତ ରାଉଳ ସ୍ୱାଗତ ଭାଷଣ ଓ ଶିକ୍ଷକ ବିରେନ ମିଶ୍ର ବାର୍ଷିକ ବୀବରଣୀ ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବନ୍ତ ବ୍ଲକ୍ ଅଧକ୍ଷ ମନୋରଞ୍ଜନ ଘଡ଼େଇ, ଶିକ୍ଷାବିତ୍ ଡ. ସୁଧାଂଶୁ ଶେଖର ନାୟକ, ବିଜେପି ମହତାବ ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ, ସରପଞ୍ଚ ଶୁଭଦ୍ରା ସିଂହ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯାଇଥିଲା। ଏହି ଦିବସବ୍ୟାପୀ କାର୍ଯ୍ୟକ୍ରମକୁ ଶିକ୍ଷକ-ଶିକ୍ଷୟିତ୍ରୀମାନେ ପରିଚାଳନା କରିଥିଲେ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/20 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 କଟ୍ ଅଫ୍) |
|---|---|---|
| ଏ. ଭି. ପି. (ମାନବ ସମ୍ବଳ ଯୋଜନା ଏବଂ ନିଯୁକ୍ତି) | 1 | 42 ବର୍ଷ |
| ଏ. ଭି. ପି. (ଶିକ୍ଷଣ ଏବଂ ବିକାଶ) | 1 | 42 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query)ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 12.01.2026 ରୁ 02.02.2026 ପର୍ଯ୍ୟନ୍ତ ।**

ସ୍ଥାନ: ମୁମ୍ବାଇ
ତାରିଖ: 12.01.2026
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

ସକାଳ
THE SAKALA

# ସମ୍ପାଦକୀୟ



ମୋ ମତରେ ସର୍ବସାଧାରଣ ହିତର ସୁରକ୍ଷା ପାଇଁ ସାମାଜିକ ଗଣମାଧ୍ୟମ ଉପରେ ନିୟନ୍ତ୍ରଣ ଜରୁରୀ ହୋଇପଡ଼ିଛି।
-ଏଲୋନ ମସ୍କ

## 'ବିଯୁକ୍ତ ୪୦'ର ବିତର୍କ

ଡାକ୍ତରୀ ପାଠ୍ୟକ୍ରମରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପାଇଁ ଡାକ୍ତରୀ ସ୍ନାତକ(ଏମ୍‌ବିବିଏସ୍) ଛାତ୍ରଛାତ୍ରୀଙ୍କୁ ବୋଧହୁଏ ଆଉ ବେଶି କସରତ କରିବାକୁ ପଡ଼ିବନି। ଆମ ଦେଶରେ ଡାକ୍ତରୀ ପାଠ୍ୟକ୍ରମ ଶିକ୍ଷା ଓ ତାଲିମ୍ ବ୍ୟବସ୍ଥା ଏଭଳି ହୋଇଛି ଯେ ଜଣେ ପରୀକ୍ଷାର୍ଥୀ ଏଥିପାଇଁ ଉଦ୍ଦିଷ୍ଟ ପ୍ରବେଶିକା ପରୀକ୍ଷା(ନିଟ୍-ପିଜି)ରେ ବିଯୁକ୍ତ ୪୦ ନମ୍ବର ରଖିଲେ ମଧ୍ୟ ନାମ ଲେଖାଇବାକୁ ବା ପଢ଼ିବାକୁ ଯୋଗ୍ୟ ବିବେଚିତ ହୋଇପାରୁଛି। ନିକଟରେ ଏଭଳି ଏକ ଉଦାହରଣ ସୃଷ୍ଟି ହେବା ପରେ ଜାତୀୟସ୍ତରରେ ବିତର୍କ ଓ ବିବାଦର ଝଡ଼ ସୃଷ୍ଟି ହୋଇଛି ଏବଂ ଭାରତର ଡାକ୍ତରୀ ଶିକ୍ଷା ଓ ଡିଗ୍ରୀଧାରୀ ଡାକ୍ତରମାନଙ୍କର ଗୁଣାତ୍ମକ ଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି। ଏପରିକି ଏ ସମ୍ପର୍କିତ ଖବର ପ୍ରକାଶ ପାଇବା ପରେ ବିଦେଶରେ ମଧ୍ୟ ଭାରତୀୟ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଅବମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହେବାର ଆଶଙ୍କା ସୃଷ୍ଟି ହୋଇଛି।

ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ବା ଡାକ୍ତରୀ ଡିଗ୍ରୀ ହାସଲ କରିବା ପାଇଁ ଛାତ୍ରଛାତ୍ରୀଙ୍କ ଯୋଗ୍ୟତା ନିର୍ଦ୍ଧାରଣ କରିବାକୁ ଆମ ଦେଶରେ ନିର୍ଦ୍ଦିଷ୍ଟ ପ୍ରବେଶିକା ପରୀକ୍ଷା(ଏମ୍‌ବିବିଏସ୍ ପାଇଁ ନିଟ୍ ୟୁଜି ଏବଂ ସ୍ପେଶାଲିଷ୍ଟ ପାଇଁ ନିଟ୍ ପିଜି) ପ୍ରଚଳିତ ଅଛି। ଏହି ପ୍ରବେଶିକା ପରୀକ୍ଷାର ଫଳାଫଳ(ସ୍କୋର) ଆଧାରରେ ମାନ୍ୟତାପ୍ରାପ୍ତ ମେଡିକାଲ୍ କଲେଜ୍‌ରେ ନାମ ଲେଖାଇବାର ସୁଯୋଗ ମିଳୁଛି। ପ୍ରତି ଠିକ୍ ଉତ୍ତର ପାଇଁ ୪ ନମ୍ବର ମିଳୁଥିବା ବେଳେ ପ୍ରତି ଭୁଲ୍ ଉତ୍ତର ପାଇଁ ୧ ନମ୍ବର ବିଯୁକ୍ତ ହୋଇଯାଏ ଏବଂ ଆଦୌ ଉତ୍ତର ନ ଲେଖିଲେ ଶୂନ(୦) ମିଳେ। ମୋଟ ଠିକ୍ ଉତ୍ତର ଗୁଣନ ୪ର ଫଳାଫଳରୁ ମୋଟ ଭୁଲ୍ ଉତ୍ତର ଗୁଣନ ୧ ଫଳାଫଳକୁ ବିଯୁକ୍ତ କଲେ ଯେଉଁ ସର୍ବଶେଷ ନମ୍ବର ରହେ ତାହା ଯୋଗ୍ୟତା ମାନଦଣ୍ଡ ବା ମେଧା ନିର୍ଦ୍ଧାରଣ କରେ। ସାମାନ୍ୟ ବା ଅତି ନଗଣ୍ୟ ପଏଣ୍ଟ ବ୍ୟବଧାନରେ ଭାଗ୍ୟ ନିର୍ଦ୍ଧାରଣ ହେଉଥିବାରୁ ଛାତ୍ରଛାତ୍ରୀମାନେ ଗଳଦଘର୍ମ ଉଦ୍ୟମ କରିଆସୁଛନ୍ତି ଏବଂ ମେଡିକାଲ୍ ଛାତ୍ରଛାତ୍ରୀ ଉତ୍ପାଦନକାରୀ ମେସିନ୍ ରୂପେ ପରିଚିତ ରାଜସ୍ଥାନର କୋଟାରେ ଛାତ୍ରଛାତ୍ରୀମାନେ ଆକାଂକ୍ଷା, ପ୍ରତିଯୋଗିତା ଓ ମାତ୍ରାଧିକ ଚାପରେ ଆତ୍ମହତ୍ୟା କରୁଥିବା ଭଳି ଉଦାହରଣ ବଢ଼ିବାରେ ଲାଗିଛି। କିନ୍ତୁ ସଦ୍ୟତମ ନିଟ୍ ପିଜିରେ ସୃଷ୍ଟି ହୋଇଥିବା ଏହି ବ୍ୟତିକ୍ରମ ଯେତିକି ଆଶ୍ଚର୍ଯ୍ୟଜନକ ତତୋଧିକ ଉଦ୍‌ବେଗଜନକ। ଏହି ପରୀକ୍ଷାରେ ଠିକ୍ ଉତ୍ତର ଓ ଆଦୌ ଉତ୍ତର ଦେଇନଥିବା ପ୍ରଶ୍ନ ତୁଳନାରେ ଅଧିକ ଭୁଲ୍ ଉତ୍ତର ଦେଇଥିବା ବା ବିଯୁକ୍ତାତ୍ମକ ୪୦(-୪୦) ନମ୍ବର ରଖିଥିବା ଜଣେ ପରୀକ୍ଷାର୍ଥୀଙ୍କୁ ପିଜି(ସ୍ପେଶାଲିଷ୍ଟ) ପାଠ୍ୟକ୍ରମରେ ନାମ ଲେଖାଇବାର ସୁଯୋଗ ମିଳିଛି। ଏହି ଧାରା ପୂର୍ବବର୍ଷମାନଙ୍କରୁ ଜାରି ରହିଥିବା ବେଳେ ଚଳିତ ବର୍ଷ ବିଯୁକ୍ତ ୪୦ ପର୍ଯ୍ୟନ୍ତ ହ୍ରାସ ପାଇଛି।

ଏଭଳି ପରିସ୍ଥିତି ସୃଷ୍ଟି ହେବା ପଛରେ ଯେଉଁକେତେକ କାରଣ ରହିଛି ତାହା ଆମ ଶିକ୍ଷାବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ଏବଂ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ର ପ୍ରତି ଗୁରୁତର ଆହ୍ୱାନ ସୃଷ୍ଟି କରିଛି। ଚଳିତ ବର୍ଷ ଦେଶର ବିଭିନ୍ନ ମେଡିକାଲ୍ କଲେଜ୍‌ରେ ପ୍ରାୟ ୧୦ ହଜାର ଅଧିକ ପିଜି ସିଟ୍ ସଂଖ୍ୟା ଯୋଡ଼ା ଯାଇଛି; ଅଥଚ ସେଥିରେ ନାମ ଲେଖାଇବା ପାଇଁ ପରୀକ୍ଷାର୍ଥୀମାନେ ଆଶାନୁରୂପ ନମ୍ବର ରଖି ପାରିନାହାନ୍ତି। ତେଣୁ ସମସ୍ତ ପିଜି ସିଟ୍ ସଂଖ୍ୟା ପୂରଣ କରିବା ଉଦ୍ଦେଶ୍ୟରେ ଶତପ୍ରତିଶତ ନମ୍ବର ରଖିଥିବା ପ୍ରାର୍ଥୀଙ୍କ ସହିତ ଶୂନ୍ ଏବଂ ତା' ତଳକୁ ୪୦ ପର୍ଯ୍ୟନ୍ତ ବିଯୁକ୍ତାତ୍ମକ ନମ୍ବର ରଖିଥିବା ପ୍ରାର୍ଥୀଙ୍କୁ ସୁଯୋଗ ଦେବାକୁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଅର୍ଥାତ୍ ଡାକ୍ତରୀ ପିଜିରେ ନାମ ଲେଖା ପାଇଁ ଚଳିତ ବର୍ଷ କଟ୍‌ଅଫ୍ ମାର୍କ ବିଯୁକ୍ତ ୪୦କୁ ଖସି ଆସିଛି। ବିଶେଷଜ୍ଞ ହେବାକୁ ଯାଉଥିବା ଆମ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଯୋଗ୍ୟତା କେତେ ତାହା ଏଥିରୁ ବୁଝାପଡୁଛି। କିନ୍ତୁ ଏହି ଘଟଣାରେ ବା ବ୍ୟବସ୍ଥାରେ ସେମାନଙ୍କୁ ଦୋଷ ଦେଇ ହେବ ନାହିଁ। ସରକାରୀ ସ୍ତରରେ ଯେଉଁ ଅପରିଣାମଦର୍ଶୀ ନୀତି ନିର୍ଦ୍ଧାରଣ ହୋଇଛି ଏବଂ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି ବା ନିଆଯାଉଛି ତାହାରି ପ୍ରତିଫଳନ କେବଳ ଦୃଶ୍ୟମାନ ହୋଇଛି।

ଏବେ ଯେତିକି ସଂଖ୍ୟାରେ ମେଡିକାଲ୍ କଲେଜ୍‌ମାନ ଖୋଲୁଛି, ସେହି ଅନୁପାତରେ ଭିତ୍ତିଭୂମି, ଆବଶ୍ୟକ ପାରାମେଡିକାଲ୍ ସୁବିଧା ଏବଂ ସର୍ବୋପରି ଶିକ୍ଷକଙ୍କ ଘୋର ଅଭାବ ରହୁଛି। ତେଣୁ ଡାକ୍ତରୀ ଶିକ୍ଷା ଓ ତାଲିମ୍ ଭଳି ଏକ କ୍ଷେତ୍ର, ଯାହା ଅଧିକରୁ ଅଧିକ ପ୍ରୟୋଗାତ୍ମକ(ପ୍ରାକ୍ଟିକାଲ୍) ହେବା କଥା, ସେଠାରେ ଆମ ଡାକ୍ତରୀ ଛାତ୍ରଛାତ୍ରୀମାନେ କେବଳ ବହି ପଢ଼ି(ଥିଓରି) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଡିଗ୍ରୀ ହାସଲ କରୁଛନ୍ତି। ସଂଖ୍ୟାତ୍ମକ ଦୃଷ୍ଟିରୁ ସରକାରଙ୍କ ଶ୍ରେୟ ନେବାର ଏହି ପ୍ରୟାସରେ ବର୍ଷକୁ ବର୍ଷ ଡିଗ୍ରୀଧାରୀ ଡାକ୍ତର ସଂଖ୍ୟା ତ ବଢୁଛି; କିନ୍ତୁ ଗୁଣାତ୍ମକତା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ତେଣୁ ନିଟ୍ ପିଜିରେ ଯଦି ବିଯୁକ୍ତ ୪୦ ନମ୍ବର ରଖିଥିବା ଜଣେ ଛାତ୍ର ନାମ ଲେଖାଇବାର ସୁଯୋଗ ପାଇଲା ସେଥିରେ ଅଧିକ ଆଶ୍ଚର୍ଯ୍ୟ ହେବାର ନାହିଁ।

ଯଦି ଏହି ଧାରା ଜାରି ରହେ ତେବେ ଆଗାମୀ ଦିନରେ ଛାତ୍ରଛାତ୍ରୀମାନେ ନିଟ୍ ପିଜିରେ କେବଳ ଶତପ୍ରତିଶତ ନିଶ୍ଚିତ ଥିବା ଦୁଇ/ଚାରିଗୋଟି ଉତ୍ତର ଲେଖିଦେଇ କିମ୍ବା ଆଦୌ ଉତ୍ତର ନ ଲେଖି ଖାତା ଦେଇ ଚାଲିଆସିବାର ସମ୍ଭାବନା ଯେ ସୃଷ୍ଟି ନ ହେବ ତାହା କିଏ କହିବ? କାରଣ ଯେଉଁଠି କଟ୍‌ଅଫ୍ ମାର୍କ ବିଯୁକ୍ତ ୪୦ ପର୍ଯ୍ୟନ୍ତ ଯାଉଛି ସେଠାରେ ୧୨/୧୬ ନମ୍ବର କିମ୍ବା ଶୂନ୍ ରଖିଲେ ମଧ୍ୟ ନାମ ଲେଖା ପାଇଁ ସୁଯୋଗ ମିଳିପାରିବ। ହୁଏତ କର୍ତ୍ତୃପକ୍ଷ 'ବିଯୁକ୍ତ ୪୦ ବିତର୍କ' ଓ ସମାଲୋଚନାରୁ ବର୍ତ୍ତିବା ପାଇଁ ଆଗାମୀ ବର୍ଷଠାରୁ ଅତି ସହଜ ପ୍ରଶ୍ନପତ୍ର ପ୍ରସ୍ତୁତ କରିବେ ଏବଂ କଟ୍‌ଅଫ୍ ମାର୍କ ବିଯୁକ୍ତାତ୍ମକ ନ ହୋଇପାରେ; କିନ୍ତୁ ଏହାଦ୍ୱାରା ବିନା ପ୍ରାକ୍ଟିକାଲ୍ କିମ୍ବା ବିନା ଶିକ୍ଷକରେ ଉତ୍ତୀର୍ଣ୍ଣ ହୋଇଥିବା ଆମ ଏମ୍‌ବିବିଏସ୍ ଡିଗ୍ରୀଧାରୀମାନଙ୍କର ମେଧାଶକ୍ତି ଯେ ବୃଦ୍ଧି ପାଇବ ତାହା ଭାବିବା ଭୁଲ୍। ପୁଣି ଏହି ପରମ୍ପରା ଯଦି ଏମ୍‌ବିବିଏସ୍ ପାଠ୍ୟକ୍ରମ ବା ନିଟ୍‌ୟୁଜିକୁ ସଂକ୍ରମିତ ହୁଏ ଆଗାମୀ ଦିନରେ ଆମ ସ୍ୱାସ୍ଥ୍ୟସେବାକୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା 'ଭବିଷ୍ୟତର ଡାକ୍ତର'ମାନଙ୍କର ରୋଗ ନିଦାନ ଦକ୍ଷତା, ଚିକିତ୍ସାଗତ ପାରଦର୍ଶିତା ଓ ସ୍ୱାସ୍ଥ୍ୟ ବିଜ୍ଞାନ ସମ୍ପର୍କିତ ଜ୍ଞାନ ଓ ଅଭିଜ୍ଞତା କ'ଣ ହେବ ତାହା ଅନୁମେୟ। ଏକପକ୍ଷରେ ସରକାର ଅଧିକ ଡାକ୍ତର ସୃଷ୍ଟି କରିବାର ଶ୍ରେୟ ସାଉଁଟି ଚାଲିଥିବେ; ଅପରପକ୍ଷରେ ରୋଗୀମାନେ କେବଳ ଭାଗ୍ୟ ଓ ଭଗବାନଙ୍କୁ ଭରସା କରି ଡାକ୍ତରଖାନାକୁ ଯାଉଥିବେ କିମ୍ବା ସେଠାରୁ ଫେରୁଥିବେ।

# ଓଡ଼ିଶାରେ ନଦୀଜଳ ପ୍ରଦୂଷଣ ଓ ନିରାକରଣ

**ବିଦ୍ୟାଧର ମହାରଣା**

ପ୍ରାଚୀନ ସଭ୍ୟତା ଗଢ଼ି ଉଠିଥିଲା ନଦୀ କୂଳରେ। ନଦୀ ତଟବର୍ତ୍ତୀ ଉର୍ବର ମାଟିରେ କୃଷି, ପାନୀୟ, ଗୃହକାର୍ଯ୍ୟ ଆଦି ପାଇଁ ଜଳଯୋଗାଣ ସହିତ ବେପାର ବଣିଜ ପାଇଁ ନଦୀ ପଥରେ ପରିବହନ ସୁବିଧା ଯୋଗୁଁ ଜନବସତି ଗଢ଼ି ଉଠିଥିଲା ନଦୀ କୂଳରେ। ନଦୀଜଳ ସବୁଠାରୁ ସ୍ୱଚ୍ଛ। କାରଣ ଏହା ପାର୍ବତ୍ୟ ଅଞ୍ଚଳରୁ ବାଲୁକା ଶଯ୍ୟାରେ ବହିଯାଇ ସମୁଦ୍ରରେ ମିଶିଯାଏ। ତେଣୁ ନଦୀକୂଳିଆ ସହରଗୁଡ଼ିକ ଅଧିକ ସ୍ୱାସ୍ଥ୍ୟକର ବୋଲି ମନେ କରାଯାଉଥିଲା। ଏପରିକି ପାନୀୟଜଳ ପାଇଁ ନଦୀର ଚୂଆ ଉପରେ ସ୍ଥାନୀୟ ଲୋକେ ନିର୍ଭର କରୁଥିଲେ। ଏବେ କିନ୍ତୁ ନଦୀଜଳ ପ୍ରଦୂଷିତ ହୋଇ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କଲାଣି।

ସମଗ୍ର ଦେଶରେ ୩୫୧ ଗୋଟି ନଦୀର ଜଳ ପ୍ରଦୂଷିତ ଥିଲା ବେଳେ ଓଡ଼ିଶାରେ ଏପରି ନଦୀ ସଂଖ୍ୟା ୧୯ ରେ ପହଞ୍ଚିଛି। ଓଡ଼ିଶାରେ ମୁଖ୍ୟତଃ ୧୧ ଗୋଟି ନଦୀ ଅବବାହିକା ରହିଛି, ଯେଉଁଗୁଡ଼ିକର ବହୁ ଶାଖାନଦୀ ଓ ଉପନଦୀ ରହିଛି। ମୁଖ୍ୟ ନଦୀ ଅବବାହିକାଗୁଡ଼ିକ ହେଲା ମହାନଦୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା, ବୈତରଣୀ, ଋଷିକୂଲ୍ୟା, ବୁଢ଼ାବଳଙ୍ଗ, ବଂଶଧାରା, ନାଗାବଳି, ଇନ୍ଦ୍ରାବତୀ, କୋଲାବ ଓ ବାହୁଡ଼ା। ରାଜ୍ୟର ସବୁଠାରୁ ବଡ଼ନଦୀର ମାନ୍ୟତା ପାଇଥିବା ମହାନଦୀର ଜଳଗ୍ରହ ଅଞ୍ଚଳ ୬୫୬୨୮ ବର୍ଗ କିଲୋମିଟର। ଦ୍ୱିତୀୟ ବୃହତ୍ତମ ନଦୀ ବ୍ରାହ୍ମଣୀର ଜଳଗ୍ରହ ଅଞ୍ଚଳ ୩୯୧୧୬ ବର୍ଗ କିଲୋମିଟର। ଏହି ଦୁଇନଦୀ ରାଜ୍ୟର ଅସଂଖ୍ୟ ଲୋକଙ୍କୁ ପାନୀୟ ଓ ଘରୋଇ ଆବଶ୍ୟକ ପୂରଣ କରିବା ସହିତ କୃଷି ପାଇଁ ଜଳଯୋଗାଣ କରନ୍ତି। କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତଥ୍ୟ ଅନୁସାରେ ଓଡ଼ିଶାର ଗଙ୍ଗୁଆ, ଗୁରାଡିହ ନାଳ, କାଠଯୋଡ଼ି, ନନ୍ଦିରା ଯୋର, ଦୟା, କୁଆଖାଇ, ବାଙ୍ଗୁର ନାଳ, ଭେଡେନ, ବ୍ରାହ୍ମଣୀ, ବୁଢ଼ାବଳଙ୍ଗ, କୁସୁମୀ, ମହାନଦୀ, ମଙ୍ଗଳା, ନାଗାବଳୀ, ଲୁଣା, ରତ୍ନଚିରା, ଋଷିକୂଲ୍ୟା, ସାବୁଳିଆ ଓ ସାରୁଆ ନଦୀ ଅଧିକ ମାତ୍ରାରେ ପ୍ରଦୂଷିତ।

ନଦୀ ଜଳରେ ଅଧିକ ପରିମାଣର ଜୈବିକ ଅମ୍ଳଜାନ ଚାହିଦା ବା ବିଓଡି ସ୍ତର, ରାସାୟନିକ ଅମ୍ଳଜାନ ଚାହିଦା ସ୍ତର ଓ ମୋଟ କୋଲିଫର୍ମ ବ୍ୟାକ୍ଟେରିଆ ପରିମାଣକୁ ନେଇ ନଦୀ ଜଳ ପ୍ରଦୂଷଣ ହିସାବ କରାଯାଏ। ଏହାଛଡ଼ା ଆର୍ସେନିକ, ପାରଦ, ଦସ୍ତା ଇତ୍ୟାଦି ଭାରି ଧାତୁ ପରିମାଣ ମଧ୍ୟ ହିସାବ କରାଯାଏ। କାରଣ ଏଗୁଡ଼ିକ ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ। ନଦୀଜଳରେ ବିଓଡି ସ୍ତର ଆକଳନ କରିବା ପାଇଁ ପ୍ରଥମେ ନଦୀରୁ ନମୁନା ଜଳ ସଂଗ୍ରହ କରି ଏଥିରେ କେତେ ଦ୍ରବୀଭୂତ ଅମ୍ଳଜାନ ଅଛି ପରୀକ୍ଷା କରାଯାଏ। ଏହି ନମୁନା ଜଳକୁ ଏହାପରେ ୫ ଦିନ ପାଇଁ ଇନକୁବେଟରରେ ୨୦ ଡିଗ୍ରୀ ସେଲସିୟସ ଉତ୍ତାପରେ ରଖିବା ପରେ ପୁଣି ଦ୍ରବୀଭୂତ ଅମ୍ଳଜାନ ପରିମାଣ ମପାଯାଏ। ଏହି ଦୁଇ ସଂଖ୍ୟାର ଆଧାରରେ ବିଓଡି ହିସାବ କରାଯାଏ। ବିଓଡିକୁ ନିୟୁତାଂଶ ଆକାରରେ ବା ଲିଟର ପ୍ରତି ମିଲିଗ୍ରାମ ହିସାବରେ ପ୍ରକାଶ କରାଯାଏ। ନିରାପଦ ପାନୀୟ ଜଳ ପାଇଁ ବିଓଡି ମାତ୍ରା ୧-୨ ରହିବା କଥା। ସାଧାରଣତଃ ଏହା ୫ ରୁ ଅଧିକ ହେଲେ ଜଳ ପ୍ରଦୂଷିତ ବୋଲି ବିବେଚନା କରାଯାଏ। ଭୁବନେଶ୍ୱର ଓ କଟକ ଠାରେ ମହାନଦୀ ଜଳରେ ଏବଂ ରାଉରକେଲା ଠାରେ ବ୍ରାହ୍ମଣୀ ନଦୀରେ ଜୈବିକ ଅମ୍ଳଜାନ ଚାହିଦା ସ୍ତର ୧.୮ ରୁ ୩୯ ମିଲିଗ୍ରାମ ହେଉଥିବା ଓଡ଼ିଶା ରାଜ୍ୟ ପ୍ରଦୂଷଣ ବୋର୍ଡ ରିପୋର୍ଟ ଅନୁସାରେ ଜଣାପଡ଼ିଥିଲା। ସେହିପରି ଚାନ୍ଦବାଲି ଓ ଧାମରାଠାରେ ବୈତରଣୀ ନଦୀରେ, ସୁବର୍ଣ୍ଣରେଖା ଓ ଇନ୍ଦ୍ରାବତୀ ନଦୀରେ ମଧ୍ୟ ଏକାପ୍ରକାରର ସମସ୍ୟା ଦେଖାଯାଇଛି।

ନଦୀଜଳ ପ୍ରଦୂଷିତ ହେବାର ମୁଖ୍ୟକାରଣ ହେଲା ଶିଳ୍ପ ନିର୍ଗତ ମଇଳା ହିସାବରେ ଇସ୍ପାତ, କାଗଜ, ସାର, ଫାର୍ମାସିଉଟିକାଲ ଓ ଖଣିଜ ଶିଳ୍ପରୁ ନିର୍ଗତ ହୋଇଥିବା ମଇଳାଜଳ ଓ ଭାରିଧାତୁ, ସହରାଞ୍ଚଳର ଅଶୋଧିତ ନାଳ ନର୍ଦ୍ଦମାର ଜଳ, ଜଙ୍ଗଲ କଟା, କୃଷି କ୍ଷେତ୍ରରୁ ବୋହି ଯାଉଥିବା ରାସାୟନିକ ସାର ଓ କୀଟନାଶକ ଅବଶେଷ, ନଦୀ କୂଳରେ ଅବାଧରେ ମଳତ୍ୟାଗ, ପର୍ବପର୍ବାଣୀରେ ମୂର୍ତ୍ତି ବିସର୍ଜନ ଏବଂ ବ୍ୟାକ୍ଟେରିଆଲ୍ ଦୂଷିତକରଣ ଇତ୍ୟାଦି। ଏହାଛଡ଼ା ନଦୀନାଳରେ ଯାବତୀୟ ଆବର୍ଜନା ବର୍ଷ ସାରା ପକାଯାଏ। ଏହି ବିଷାକ୍ତଜଳ ପ୍ରତ୍ୟକ୍ଷ ବା ପରୋକ୍ଷରେ ଚିଲିକା ଓ ବଙ୍ଗୋପସାଗରରେ ମିଶି ପ୍ରଦୂଷଣ ବଢ଼ାଉଛି। ଭୁବନେଶ୍ୱର, କଟକ ଓ ରାଉରକେଲା ଭଳି ସହରରୁ କ୍ରମାଗତ ଭାବରେ ଉପଚାର ବିନା ଘରୋଇ ଆବର୍ଜନା ଓ ମଇଳା ନଦୀକୁ ଛାଡ଼ି ଦିଆଯିବା ଫଳରେ ଭାରିଧାତୁ ଓ ରୋଗ ବୀଜାଣୁ ନଦୀଜଳ ସହିତ ମିଶେ। ବ୍ରାହ୍ମଣୀ, ମହାନଦୀ ଓ ଋଷିକୂଲ୍ୟା ନଦୀତଟରେ ଥିବା ଇସ୍ପାତ, କାଗଜ, ସାର ଓ ଖଣିଜ କାରଖାନାଗୁଡ଼ିକରୁ ବିଷାକ୍ତ ରାସାୟନିକ ପଦାର୍ଥ, ଭାରିଧାତୁ ହିସାବରେ ଦସ୍ତା, ପାରଦ, ଟିଣ ଓ କ୍ରୋମିୟମ, ବିଭିନ୍ନ ଅମ୍ଳ ଓ କ୍ଲୋରାଇଡ୍ ନିର୍ଗତ ହୋଇ ନଦୀଜଳରେ ମିଶିବା ଫଳରେ ଏହା ବିପଦର କାରଣ ହୋଇଥାଏ।

ନଦୀ ଜଳ ସହିତ ଭୂଗର୍ଭ ଜଳ ମଧ୍ୟ ପ୍ରଦୂଷିତ ହୋଇଥାଏ। ୨୦୧୧ ଜନଗଣନା ଅନୁସାରେ ଦେଶରେ ପ୍ରାୟ ୫୦ ନିୟୁତ ସହର ବାସିନ୍ଦା ବାହାରେ ମଳ ତ୍ୟାଗ କରନ୍ତି। ସହରଗୁଡ଼ିକର ମଇଳା ଓ ଆବର୍ଜନା ବିନା ଉପଚାରରେ ନଦୀ ନାଳକୁ ଛାଡ଼ିବା ଫଳରେ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଏ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତଥ୍ୟ ଅନୁଯାୟୀ ସହରାଞ୍ଚଳରେ ମାତ୍ର ୩୦ ପ୍ରତିଶତ ମଳମୂତ୍ର ଉପଚାର କରିବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଉଛି। ପରିଣାମ ସ୍ୱରୂପ ସହରାଞ୍ଚଳ ଓ ଶିଳ୍ପ କାରଖାନା ଯୋଗୁଁ ନଦୀଜଳ ଅଧିକ ମାତ୍ରାରେ ପ୍ରଦୂଷିତ ହେଉଛି। ଗ୍ରାମାଞ୍ଚଳରେ ମଧ୍ୟ ଗୋରୁଗାଈ ନଦୀକୁ ଗାଧୋଇବାକୁ ଯିବା ଦ୍ୱାରା ନଦୀଜଳ ପ୍ରଦୂଷିତ ହୋଇଥାଏ। ପ୍ରଦୂଷିତ ଜଳ ବ୍ୟବହାର ଦ୍ୱାରା ଜଳବାହିତ ରୋଗ ହିସାବରେ କାମଳ, ହଇଜା, ଆମାଶୟ ଇତ୍ୟାଦି ବ୍ୟାପିଥାଏ। ଏହାଛଡ଼ା ଭାରିଧାତୁଗୁଡ଼ିକ ଖାଦ୍ୟ ଶୃଙ୍ଖଳା ମଧ୍ୟରେ ଦୀର୍ଘଦିନ ଧରି ରହିଥାଏ। ନଦୀ ଜଳରେ ଜୈବିକ ଅମ୍ଳଜାନ ଚାହିଦା ବୃଦ୍ଧି ପାଇବା ଯୋଗୁଁ ଅମ୍ଳଜାନ ପରିମାଣ ହ୍ରାସ ପାଏ। ଏହାଦ୍ୱାରା ଅସଂଖ୍ୟ ଜଳଚର ପ୍ରାଣୀ ମୃତ୍ୟୁମୁଖରେ ପଡ଼ନ୍ତି। ନଦୀ ପାର୍ଶ୍ୱବର୍ତ୍ତୀ ଗ୍ରାମରେ ଚର୍ମ ଓ ହଇଜା ଆଦି ରୋଗ ଅଧିକ ଦେଖାଯାଏ।

ଆମ ରାଜ୍ୟ ଓ ଦେଶରେ ନଦୀଜଳ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ମୁଖ୍ୟତଃ ଚାରିଟି ରଣକୌଶଳ ପରିଚାଳନା କରାଯାଇପାରେ। ପ୍ରଥମରେ ସହରାଞ୍ଚଳରେ ଜଳ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଗୁରୁତ୍ୱ ଦେବାକୁ ହେବ। ନାଳ ନର୍ଦ୍ଦମା ଜଳ ଓ ମଳମୂତ୍ର ଥିବା ସ୍ୱେରେଜ ଜଳକୁ ଶୁଦ୍ଧିକରଣ ପାଇଁ ଟ୍ରିଟମେଣ୍ଟ ପ୍ଲାଣ୍ଟ ବାଧ୍ୟତାମୂଳକ ହେବା ଆବଶ୍ୟକ। ଏପରି ଅପଶିଷ୍ଟ ବା ୱେଷ୍ଟୱାଟର ଉପଚାର ହେବା ପରେ ଏହାକୁ ବାଡ଼ି ବଗିଚା, ରାସ୍ତା ଓ ଗୃହ ନିର୍ମାଣ କାର୍ଯ୍ୟରେ ବିନିଯୋଗ କରାଯାଇପାରିବ। ଦ୍ୱିତୀୟରେ ଶିଳ୍ପ କେନ୍ଦ୍ର ଓ କଳ କାରଖାନା ପାଇଁ ସ୍ୱତନ୍ତ୍ର ଯୋଜନା ଆବଶ୍ୟକ। ଏହି ଅନୁଷ୍ଠାନଗୁଡ଼ିକ ସୀମିତ ଜଳ ବିନିଯୋଗ ପାଇଁ ନୂତନ ପ୍ରଯୁକ୍ତିବିଦ୍ୟା ଅନୁସରଣ କରିବେ ଏବଂ ବର୍ଜ୍ୟଜଳ ଶୁଦ୍ଧିକରଣ ହେବା ପରେ ପୁନଃବିନିଯୋଗ କରିବେ। ଶିଳ୍ପ ସଂସ୍ଥାଗୁଡ଼ିକ ପାଇଁ ଜଳ ସମୀକ୍ଷା ବ୍ୟବସ୍ଥା ବାଧ୍ୟତାମୂଳକ ହେବା ଆବଶ୍ୟକ। ଯେଉଁମାନେ କାରଖାନାରୁ ବାହାରୁଥିବା ବର୍ଜ୍ୟଜଳ ନଦୀକୁ ତ୍ୟାଗ କରିବେ ସେମାନଙ୍କୁ ଦଣ୍ଡିତ କରିବାକୁ ହେବ ଏବଂ ଯେଉଁମାନେ ଜଳ ସଂରକ୍ଷଣ କରିବେ ସେମାନଙ୍କ ପାଇଁ ପ୍ରୋତ୍ସାହନ ବ୍ୟବସ୍ଥା ଗ୍ରହଣ କରିବା ଆବଶ୍ୟକ। ଆମ ଦେଶରେ ୧୯୭୭ ଠାରୁ ପ୍ରଚଳିତ ପ୍ରଦୂଷଣ ନିୟନ୍ତ୍ରଣ ଓ ପ୍ରତିଷେଧକ ସେସ ଆଇନ୍‌କୁ ସଂଶୋଧନ କରି ଏହାକୁ ଅଧିକ କଠୋର କରିବା ଜରୁରୀ। ତୃତୀୟରେ ଗ୍ରାମାଞ୍ଚଳରେ କୃଷି କାର୍ଯ୍ୟକୁ ଏପରି ଭାବରେ ନିୟନ୍ତ୍ରଣ କରିବାକୁ ହେବ, ଯେପରି ଚାଷଜମିରୁ ରାସାୟନିକ ସାର ଓ କୀଟନାଶକ ଅବଶେଷ ନଦୀଜଳ ସହିତ ମିଶିବ ନାହିଁ। ଏବାବଦରେ ଚାଷୀଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦିଆଯିବା ଆବଶ୍ୟକ। ଚତୁର୍ଥରେ ନଦୀବନ୍ଧଗୁଡ଼ିକର ସୁରକ୍ଷା ପାଇଁ ଦୁଇ କୂଳରେ ବୃକ୍ଷରୋପଣ ସହିତ ନଦୀବନ୍ଧ ଦୃଢ଼ୀଭୂତ ଯୋଜନା କାର୍ଯ୍ୟକାରୀ ହେବା ଉଚିତ। ନଦୀ ପଠା ଓ ବନ୍ଧ ଉପରେ ଯେପରି ଲୋକମାନେ ମଳତ୍ୟାଗ ନ କରିବେ ସେଥିପ୍ରତି ଜନ ସଚେତନତା ସୃଷ୍ଟିହେବା ମଧ୍ୟ ଜରୁରୀ।

ସାରାଂଶରେ ଏତିକି କୁହାଯାଇ ପାରିବ କି ଆମ ରାଜ୍ୟରେ ସବୁ ନଦୀ ଓ ନାଳଗୁଡ଼ିକରେ ସଠିକ ପ୍ରଦୂଷଣ ମାତ୍ରା ନିର୍ଣ୍ଣୟ କରିବା ଏକ ଦୁରୁହବ୍ୟାପାର। ଏହା କିନ୍ତୁ ନିଃସନ୍ଦେହରେ କୁହାଯାଇପାରେ କି ରାଜ୍ୟର ନଦୀଗୁଡ଼ିକ ଅଧିକ ମାତ୍ରାରେ ପ୍ରଦୂଷିତ ହେଉଥିବାରୁ ଏଥିପାଇଁ ସମନ୍ୱିତ ଓ ସମ୍ମିଳିତ ଉଦ୍ୟମ ଆବଶ୍ୟକ। ରାଜ୍ୟ ସରକାର ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କ୍ରମାଗତ ଭାବରେ ନଦୀଗୁଡ଼ିକର ପର୍ଯ୍ୟବେକ୍ଷଣ କରିବା ସହିତ କଠିନ ଦଣ୍ଡବ୍ୟବସ୍ଥା ଓ ଗୋଷ୍ଠୀ ସହଭାଗିତା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ଗାନ୍ଧୀ-ଦର୍ଶନରେ ଜୀବନ-ମନ୍ତ୍ର

**ମାନସ କୁମାର କର**

ଆଜିର ବସ୍ତୁବାଦୀ ଦୁନିଆରେ ମଣିଷ ପାଖରେ ସବୁକିଛି ଅଛି, କେବଳ ଶାନ୍ତିକୁ ଛାଡ଼ି। ସକାଳୁ ଉଠିବା ମାତ୍ରେ ସାମାଜିକ ଗଣମାଧ୍ୟମ ପରଦାରେ ଆଖି ପକାଇଲେ ପ୍ରଥମେ ଦୃଶ୍ୟମାନ ହୁଏ ପରସ୍ପର ପ୍ରତି କଟୁକ୍ତି, ବିଦ୍ୱେଷ ଓ ଘୃଣା ଭରା ସନ୍ଦେଶ। କେଉଁଠି ଧର୍ମ ନାମରେ ତ କେଉଁଠି ଜାତି ବା ରାଜନୀତି ନାମରେ ମଣିଷ ପରସ୍ପରର ରକ୍ତର ଶୋଷକ ସାଜିଛି। ଏହି ପରିପ୍ରେକ୍ଷୀରେ ମହାତ୍ମା ଗାନ୍ଧୀଙ୍କ ସେହି କାଳଜୟୀ ବାଣୀ ମନେପଡ଼େ - 'ଜଗତରେ ପରିବର୍ତ୍ତନ ଦେଖିବାକୁ ଚାହୁଁଥିଲେ, ପ୍ରଥମେ ନିଜ ଭିତରେ ସେହି ପରିବର୍ତ୍ତନ ଆଣ।' କିନ୍ତୁ ଆଜି ଆମେ ଅନ୍ୟକୁ ବଦଳାଇବା ନିଶାରେ ନିଜ ଭିତରର ମାନବିକତାକୁ ହରାଇ ବସିଛୁ।

ସାମାଜିକ ଗଣମାଧ୍ୟମ ଓ ଇଣ୍ଟରନେଟ୍‌ର ଆବିଷ୍କାର ହୋଇଥିଲା ଦୂରତାକୁ କମାଇବା ପାଇଁ। କିନ୍ତୁ ଆଶ୍ଚର୍ଯ୍ୟର କଥା, ଏହା ଲୋକଙ୍କୁ ଯୋଡ଼ିବା ପରିବର୍ତ୍ତେ ମନ ଭିତରେ ପାଚେରି ଠିଆ କରିଦେଇଛି। ଫେସବୁକ୍, ଟ୍ୱିଟର, ହ୍ୱାଟସଆପ୍ ଆଜି ଏକ ବୌଦ୍ଧିକ ଯୁଦ୍ଧକ୍ଷେତ୍ରରେ ପରିଣତ ହୋଇଛି। ଏଠାରେ ବ୍ୟକ୍ତି ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ପାଇଁ ଅନ୍ୟକୁ ଅତି ନୀଚସ୍ତରକୁ ଯାଇ ସମାଲୋଚନା କରୁଛି। ଗାନ୍ଧିଜୀ ସର୍ବଦା ଶବ୍ଦର ସଂଯମ ଉପରେ ଗୁରୁତ୍ୱ ଦେଉଥିଲେ। ସେ କହୁଥିଲେ, 'ଅସଂଯତ ଭାଷା ମଣିଷର ଅଶାନ୍ତ ମନର ପରିଚୟ।' ଆଜିର ଡିଜିଟାଲ ଯୁଗରେ ଶବ୍ଦମାନେ ଶାଣିତ ଅସ୍ତ୍ର ପାଲଟିଛନ୍ତି, ଯାହା ଶରୀରକୁ ନୁହେଁ ବରଂ ମଣିଷର ଆତ୍ମାକୁ କ୍ଷତବିକ୍ଷତ କରୁଛି। ଶିକ୍ଷାର ପ୍ରସାର ହେଉଛି ସତ, କିନ୍ତୁ ବ୍ୟାବହାରିକ ଜ୍ଞାନ ଓ ସଂସ୍କାରର ଶୂନ୍ୟତା ଆମକୁ ଏକ ବୌଦ୍ଧିକ ଅନ୍ଧକାର ଆଡ଼କୁ ଠେଲି ଦେଉଛି।

ଯେତେବେଳେ ବ୍ୟକ୍ତି ଭାବେ ଯେ ସେ ହିଁ ସର୍ବଶ୍ରେଷ୍ଠ ଏବଂ ତା'ର ବିଚାର ହିଁ ଏକମାତ୍ର ସତ୍ୟ, ସେତେବେଳେ ସେ ଅନ୍ୟର ଅସ୍ତିତ୍ୱକୁ ସ୍ୱୀକାର କରିପାରେ ନାହିଁ। ଗାନ୍ଧିଜୀ ନିଜ ଜୀବନରେ 'ଅହିଂସା'କୁ କେବଳ ଅସ୍ତ୍ର ନୁହେଁ, ବରଂ ଏକ ଜୀବନଶୈଳୀ ଭାବେ ଗ୍ରହଣ କରିଥିଲେ। ହିଂସା କେବଳ ଶାରୀରିକ ଆକ୍ରମଣ ନୁହେଁ, ବରଂ କାହା ପ୍ରତି ମନରେ ଖରାପ ଚିନ୍ତା କରିବା ମଧ୍ୟ ଏକପ୍ରକାର ହିଂସା। ଆଜିର ମଣିଷ ନିଜ ସଫଳତା ଅପେକ୍ଷା ଅନ୍ୟର ବିଫଳତାରେ ଅଧିକ ଆନନ୍ଦ ପାଉଛି। ଏହି ଈର୍ଷା ଓ ଅହଂକାର ମଣିଷକୁ ଏତେ କଠୋର କରିଦେଉଛି ଯେ, ସେ ସମ୍ପର୍କର ସୂତାକୁ ଅତି ସହଜରେ ଛିଣ୍ଡାଇ ଦେଉଛି। ଯଦି ଏହି ଅହଂକାର ବଢ଼ିଚାଲେ, ତେବେ ଆଗାମୀ ଦିନରେ ଆମେ ଏକ 'ଏକାକୀ ସମାଜ' ଦେଖିବାକୁ ପାଇବା, ଯେଉଁଠି ଭିଡ଼ ତ ଥିବ କିନ୍ତୁ ଆତ୍ମୀୟତା ନଥିବ।

ଗାନ୍ଧିଜୀଙ୍କ ଦର୍ଶନରେ କ୍ଷମା ହେଉଛି ସବୁଠାରୁ ବଡ଼ ସଦ୍‌ଗୁଣ। ସେ କହୁଥିଲେ, 'କ୍ଷମା କରିବା ହେଉଛି ବୀରମାନଙ୍କର ଲକ୍ଷଣ।' ସାଧାରଣତଃ ଲୋକେ ଭାବନ୍ତି ଯେ କାହାକୁ କ୍ଷମା କରିଦେଲେ ସେ ନିଜେ ଛୋଟ ହୋଇଗଲେ। କିନ୍ତୁ ବାସ୍ତବରେ କ୍ଷମା କରିବା ଦ୍ୱାରା ବ୍ୟକ୍ତି ନିଜ ଭିତରେ ଥିବା କ୍ରୋଧର ବୋଝରୁ ମୁକ୍ତ ହୋଇଥାଏ। ଘୃଣା ହେଉଛି ଏକ ଜଳନ୍ତା କୋଇଲା ପରି, ଯାହାକୁ ଆମେ ଅନ୍ୟ ଉପରକୁ ଫିଙ୍ଗିବା ପାଇଁ ହାତରେ ଧରିଥାଉ, କିନ୍ତୁ ପ୍ରକୃତରେ ତାହା ଆମ ନିଜ ହାତକୁ ହିଁ ପୋଡ଼ିଥାଏ। କ୍ଷମା କରିବାର ଅର୍ଥ ଏହା ନୁହେଁ ଯେ ଆମେ ଅନ୍ୟର ଭୁଲକୁ ସମର୍ଥନ କରୁଛୁ, ବରଂ ଏହାର ଅର୍ଥ ହେଉଛି ଆମେ ନିଜର ମାନସିକ ଶାନ୍ତିକୁ ଅନ୍ୟର ହୀନ ପ୍ରକୃତି ଅପେକ୍ଷା ଅଧିକ ଗୁରୁତ୍ୱ ଦେଉଛୁ। ଯେତେବେଳେ ଆମେ କାହାକୁ କ୍ଷମା କରୁ, ଆମେ ପ୍ରକୃତରେ ଗାନ୍ଧୀଙ୍କ 'ଆତ୍ମଶୁଦ୍ଧି'ର ମାର୍ଗକୁ ଆପଣେଇଥାଉ।

ଘୃଣା ଦୂର କରିବାର ଏକ ମାତ୍ର ମାର୍ଗ ହେଉଛି ପତ୍ର ଲିଖନ ଓ ଆତ୍ମ-ସମୀକ୍ଷା। ଯଦି ଆମେ କାହା ପ୍ରତି ପ୍ରବଳ ଘୃଣା ପୋଷଣ କରୁଛୁ, ତେବେ ଗାନ୍ଧୀବାଦୀ ଉପାୟରେ ତାହାର ସମାଧାନ କରିବା ଆବଶ୍ୟକ। ଏକ କାଗଜ ଓ କଲମ ଧରି ମନ ଭିତରେ ଥିବା ସମସ୍ତ ଅସନ୍ତୋଷ, କ୍ରୋଧ ଓ ଅଭିଯୋଗ - କାହିଁକି ଆମେ କଷ୍ଟ ପାଉଛୁ? ସେହି ବ୍ୟକ୍ତି ଆମର କ'ଣ କ୍ଷତି କରିଛନ୍ତି? ଇତ୍ୟାଦି ସବୁକିଛି ସ୍ପଷ୍ଟ ଭାବେ ସେହି କାଗଜରେ ଲେଖିଦେଲେ ଆମକୁ ଏପରି ଅନୁଭବ ହେବ ଯେ ମନରୁ ଏକ ବଡ଼ ପଥର ଖସିଗଲା। ଲେଖା ସରିବା ପରେ ପତ୍ରଟିକୁ ଚିରି ଫୋପାଡ଼ି କିମ୍ବା ପୋଡ଼ି ଦିଆଯାଇପାରେ। ଏହି ପ୍ରକ୍ରିୟା ଆମ ମନରେ 'ଭେଣ୍ଟିଲେସନ୍' ଭଳି କାମ କରିବ। ଗାନ୍ଧିଜୀ ନିଜ ଜୀବନର ଭୁଲଗୁଡ଼ିକୁ ମାନି ନେଇ ନିଜ ପିତାଙ୍କୁ ଚିଠି ଲେଖିଥିଲେ, ଯାହା ତାଙ୍କୁ ଜଣେ ସାଧାରଣ ମଣିଷରୁ ମହାତ୍ମାରେ ପରିଣତ କରିଥିଲା।

ଆଜିର ମଣିଷ ସମାଜଠାରୁ ବାହାରି ଯାଇଛି, ପ୍ରକୃତିଠାରୁ ଦୂରେଇ ଯାଇଛି ଏବଂ ସାହିତ୍ୟ ପ୍ରତି ବିମୁଖ ହୋଇଛି। ସେ ମୋବାଇଲର ଏକ କୃତ୍ରିମ ଦୁନିଆରେ ବଞ୍ଚୁଛି। ଗାନ୍ଧିଜୀ ସର୍ବଦା 'ସରଳ ଜୀବନ' ଓ 'ଉଚ୍ଚ ବିଚାର' ଉପରେ ଗୁରୁତ୍ୱ ଦେଉଥିଲେ। ଆଜି ଆମର ଜୀବନ ଜଟିଳ ହୋଇଯାଇଛି ଏବଂ ବିଚାର ନିମ୍ନଗାମୀ ହେଉଛି। ଏହାର ସମାଧାନ ପାଇଁ ଆମକୁ ଉତ୍ତମ ସାହିତ୍ୟ ପଠନ ଯଥା ମହାପୁରୁଷଙ୍କ ଜୀବନୀ ଏବଂ ସକାରାତ୍ମକ ପୁସ୍ତକ ପଢ଼ିବାକୁ ହେବ। ଏହାଦ୍ୱାରା ମନରୁ ବିଷାକ୍ତ ଚିନ୍ତାଧାରା ଦୂର ହେବ। ଗାନ୍ଧୀଙ୍କ 'ସର୍ବୋଦୟ' ବିଚାର ଅନୁସାରେ ସମସ୍ତଙ୍କର ମଙ୍ଗଳ ଚିନ୍ତା କରିବା ଶିଖିବାକୁ ହେବ। ସାମାଜିକ ଗଣମାଧ୍ୟମରେ କିଛି ବି ପ୍ରତିକ୍ରିୟା ଦେବା ପୂର୍ବରୁ ଦଶସେକେଣ୍ଡ ଚିନ୍ତା କରିବା ଆବଶ୍ୟକ - 'ମୋର ଏହି ଶବ୍ଦ କାହାକୁ ଶାନ୍ତି ଦେବ ନା କଷ୍ଟ?' ଜୀବନ ଅତି କ୍ଷଣସ୍ଥାୟୀ। ଏହି ସ୍ୱଳ୍ପ ସମୟ ଭିତରେ ଘୃଣା, ଷଡ଼ଯନ୍ତ୍ର ଓ ବିବାଦରେ ସମୟ ନଷ୍ଟ କରିବା କେତେଦୂର ଯୁକ୍ତିଯୁକ୍ତ? ଜୀବନର ପ୍ରକୃତ ଆନନ୍ଦ, ପ୍ରେମ, ସହଯୋଗ ଓ ସମନ୍ୱୟ ଭିତରେ ହିଁ ନିହିତ।

ଯେତେବେଳେ ଆମେ ଅନ୍ୟର ଖୁସିରେ ଖୁସି ହେବା ଶିଖିଯିବା, ସେତେବେଳେ ଈର୍ଷା ନିଜେ ନିଜେ ପରାଜିତ ହେବ। ଗାନ୍ଧିଜୀଙ୍କ 'ରାମରାଜ୍ୟ'ର ପରିକଳ୍ପନା କେବଳ ଏକ ରାଜନୈତିକ ବ୍ୟବସ୍ଥା ନଥିଲା, ବରଂ ଏହା ଥିଲା ଏକ ସୁସ୍ଥ ମାନସିକ ସମାଜର ପ୍ରତିଫଳନ। ଯଦି ଆମେ ମନରୁ ଘୃଣାର ବିଷ ବାହାର କରି କ୍ଷମା ଓ ପ୍ରେମର ଅମୃତ ଭରିପାରିବା, ତେବେ ତାହା ହିଁ ହେବ ଗାନ୍ଧୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ଏବଂ ଜୀଇଁବାର ପ୍ରକୃତ ଶୈଳୀ।

କୋଡାଙ୍ଗ(କୋଣାର୍କ), ମୋ: ୭୩୮୧୩୮୨୨୧୦

# ଆମ ବୃକ୍ଷଲତା ଆମ ଜୀବନ

## ତେନ୍ତୁଳି
(Tamarind Tree- Tamarindus indica)

**ପ୍ରକୃତି-ପରିବେଶ**

**ସୌଭାଗ୍ୟସୁନ୍ଦର**

ତେନ୍ତୁଳି ଆଫ୍ରିକାର ଏକ ମୂଳଜାତ ଉଦ୍ଭିଦ ଏବଂ ଭାରତ ସମେତ ବିଭିନ୍ନ ଏସୀୟ ଦେଶ, କାରିବିଆନ୍, ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜରେ ଏହା ପ୍ରାକୃତିକୀକରଣ ହୋଇସାରିଛି। ବହୁବିଧ ବ୍ୟବହାର ଯୋଗୁଁ ସାରା ବିଶ୍ୱରେ ଉଷ୍ମମଣ୍ଡଳୀୟ ଏବଂ ଉପ-ଉଷ୍ମମଣ୍ଡଳୀୟ ଅଞ୍ଚଳରେ ଏହା ଚାଷ କରାଯାଏ। ଏଗୁଡ଼ିକୁ ସାଧାରଣତଃ ରାଜପଥ କଡ଼ରେ ଏବଂ ପାର୍କରେ ଶୋଭାବର୍ଦ୍ଧକ ଓ ଛାୟା ପ୍ରଦାନକାରୀ ବୃକ୍ଷ ଭାବରେ ଏବଂ ଧୂଳି ଧରି ରଖିବା ପାଇଁ ରୋପଣ କରାଯାଏ।

ତେନ୍ତୁଳି ଏକ ଦୀର୍ଘଜୀବୀ ଚିରହରିତ ବୃକ୍ଷ, ଯାହା ସର୍ବାଧିକ ୨୫-୩୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼େ। ଗଛ ପରିପକ୍ୱ ହେବା ସହିତ ଶାଖାଗୁଡ଼ିକ ଗଣ୍ଡିର ଶୀର୍ଷ ଭାଗରୁ ଝୁଲିଯାଏ। ଏହାର ଆଦି ମୂଳ ବହୁତ ଶାଖାଯୁକ୍ତ। ପତ୍ରଗୁଡ଼ିକ ଯୌଗିକ, ସମପକ୍ଷଳ ଏବଂ ବିକଳ୍ପ ଭାବରେ ବ୍ୟବସ୍ଥିତ ହୋଇଥାଏ। ଫୁଲଗୁଡ଼ିକ ଆକାରରେ ଛୋଟ, ଗୋଲାପୀ ରଙ୍ଗର। ଏହାର ଫଳ ୧୨ ରୁ ୧୫ ସେମି ଲମ୍ବା, ଏକ କଠିନ ମାଟିଆ ରଙ୍ଗର ଚୋପା ଭିତରେ ରସାଳ ଉପାଦାନ ସହିତ ଅନେକ ମଞ୍ଜି ଗୋଟିକ ପରେ ଗୋଟିଏ ଲମ୍ବା ହୋଇ ସଜେଇ ହୋଇ ରହିଥାଏ। ଏହାର ଫଳକୁ ଲୋମେଣ୍ଟାମ ବା ମାଳା ଶିମ୍ବ କୁହାଯାଏ। ଏହାର ରସାଳ ବା ମାଂସଳ ଉପାଦାନ ପ୍ରଥମେ ଅମ୍ଳୀୟ ଥାଏ, ପରିପକ୍ୱ ହେଲେ ମାଟିଆ କିମ୍ବା ଲାଲମାଟିଆ ରଙ୍ଗର ହୋଇଯାଏ ଏବଂ କମ୍ ଅମ୍ଳ ବିଶିଷ୍ଟ ହୋଇ ଟିକିଏ ମିଠା ସ୍ୱାଦର ହୁଏ। ବିହନଗୁଡ଼ିକ କଠିନ, ଚେପଟା ଏବଂ ଚକଚକିଆ ଗାଢ଼ ମାଟିଆ ରଙ୍ଗର।

ତେନ୍ତୁଳି ଗଛର ବିଭିନ୍ନ ରାନ୍ଧଣା, ବାଣିଜ୍ୟିକ ଓ ପରିବେଶଗତ ବ୍ୟବହାର ମୂଲ୍ୟ ଅଛି। କଅଁଳ ଫଳର କଠିନ ମାଂସଳ ଉପାଦାନ ବା ମଣ୍ଡ ଖଟା ହୋଇଥାଏ, ଯାହାକୁ ସ୍ୱାଦିଷ୍ଟ ଖାଦ୍ୟରେ ଆଚାର ଭାବରେ ବ୍ୟବହାର କରାଯାଏ। ଏହାର ବିହନଗୁଡ଼ିକରେ ପେକ୍ଟିନ ରହିଥିବା ହେତୁ ସାଧାରଣତଃ ଜେଲି, ମୋରବା ଜେଲ୍ ଓ ଜାମ୍‌ରେ ବ୍ୟବହୃତ ହୁଏ ଏବଂ ପନିର, ଆଇସକ୍ରିମ୍ ଓ ସସ୍ ତିଆରି କରିବା ପାଇଁ ସ୍ଥିରକାରୀ ଉପାଦାନ ଭାବରେ ବ୍ୟବହାର କରାଯାଏ। କିଛିଦେଶରେ ତେନ୍ତୁଳି ବିହନଗୁଡ଼ିକର ଉଚ୍ଚ ପ୍ରୋଟିନ୍‌ସ୍ତର ହେତୁ ଏହାକୁ ଜରୁରିକାଳୀନ ଖାଦ୍ୟ ଭାବରେ ବ୍ୟବହାର କରାଯାଏ। ତେନ୍ତୁଳି ଗଛର ପତ୍ରରେ କ୍ୟାଲସିୟମ୍ ଓ ପ୍ରୋଟିନ୍ ଅଧିକ ଥାଏ ଏବଂ ଏହାକୁ ମଣିଷ ସହିତ ବନ୍ୟପ୍ରାଣୀ ଓ ଗୃହପାଳିତ ପଶୁମାନେ ମଧ୍ୟ ଖାଦ୍ୟ ଭାବରେ ବ୍ୟବହାର କରନ୍ତି।

ତେନ୍ତୁଳି ମଞ୍ଜି ପାଉଡରକୁ ବୟନ ଶିଳ୍ପରେ ଅଠା ବା ଆଧେସିଭ୍ ତିଆରିରେ ବ୍ୟବହାର କରାଯାଏ। ଏହାର ବିହନ ତେଲ ରଙ୍ଗ ବା ବାର୍ଣ୍ଣିସ୍ ତିଆରି ପାଇଁ ବ୍ୟବହୃତ ହୁଏ। ପତ୍ର ଓ ଫୁଲଗୁଡ଼ିକୁ ରଙ୍ଗ ପାଇଁ ସେଟିଂଏଜେଣ୍ଟ ଭାବରେ ବ୍ୟବହାର କରାଯାଏ। ତେନ୍ତୁଳି କାଠର ମଞ୍ଜ ଟାଣ ଓ ଗାଢ଼ ଲାଲ ହୋଇଥିବାରୁ ଆସବାବପତ୍ର, ଡଙ୍ଗା, ଅନ୍ୟାନ୍ୟ ଛୋଟ ଛୋଟ କାଠ ସାମଗ୍ରୀ ତିଆରିରେ ବ୍ୟବହୃତ ହୁଏ। ତେନ୍ତୁଳି ମଣ୍ଡ ପିତ୍ତଳ ଏବଂ ତମ୍ବା ମୂର୍ତ୍ତି, ଦୀପ, ପାତ୍ର ସାମଗ୍ରୀଗୁଡ଼ିକୁ ପଲିସ୍ କରିବା ପାଇଁ ବ୍ୟବହୃତ ହୁଏ।

ତେନ୍ତୁଳି ପାରମ୍ପରିକ ଔଷଧର ଏକ ପ୍ରଧାନ ଉତ୍ସ। ତେନ୍ତୁଳି ଫଳ ରସକୁ ଜ୍ୱର ଆକ୍ରାନ୍ତଙ୍କ କପାଳରେ ଲେପ ଭାବରେ ଲଗାଯାଏ। ଏଥିସହିତ କୋଷ୍ଠକାଠିନ୍ୟ, ଚର୍ମ କ୍ଷତ ଓ ଜଳନ, କୁଷ୍ଠ ରୋଗ, ପତଳା ଝାଡ଼ା, କୃମି ଆଦିର ଉପଶମ ପାଇଁ ତେନ୍ତୁଳିର ବିଭିନ୍ନ ଅଂଶ ଉପଯୋଗ କରାଯାଏ। କଞ୍ଚା ତେନ୍ତୁଳି ଫଳରେ ୬୩ % କାର୍ବୋହାଇଡ୍ରେଟ୍ ବା ଶର୍କରା, ୩୧ % ପାଣି, ୩ % ପ୍ରୋଟିନ୍ ଓ ୧ % ଚର୍ବି ଥାଏ। ୧୦୦ ଗ୍ରାମର କଞ୍ଚା ତେନ୍ତୁଳି ୨୩୯ କ୍ୟାଲୋରୀ ଖାଦ୍ୟ ଶକ୍ତି ଯୋଗାଇଥାଏ ଏବଂ ଏହା ମ୍ୟାଗ୍ନେସିୟମ୍ ଓ ପୋଟାସିୟମ୍ ସମେତ ଥାୟାମିନ୍ ଓ ଖାଦ୍ୟ ଖଣିଜ ପଦାର୍ଥର ଏକ ସମୃଦ୍ଧ ଉତ୍ସ। ତେନ୍ତୁଳି ପତ୍ର ଓ ବିହନରେ ଲୁପିଓଲ୍, କ୍ୟାଟେଚିନ୍, ଏପିକେଟେଚିନ୍, କ୍ୱେର୍ସେଟିନ୍, ପ୍ରୋସିଆନିଡିନ୍ ଈ୨, କାଫିକ୍ ଏସିଡ୍, ଫେରୁଲିକ୍ ଏସିଡ୍, କ୍ଲୋରାମଫେନିକୋଲ୍, ମାଇରିସେଟିନ୍, ମୋରିନ୍, ଆପିଜେନିନ୍, କ୍ୟାମ୍ପଫେରୋଲ୍ ଏବଂ ଆଇସୋରହାମନେଟିନ୍ ରହିଛି।

ଆମ ଦେଶରେ ମହାରାଷ୍ଟ୍ର, ଛତିଶଗଡ଼, କର୍ଣ୍ଣାଟକ, ତେଲେଙ୍ଗାନା, ଆନ୍ଧ୍ର ପ୍ରଦେଶ ଓ ତାମିଲନାଡୁରେ ଏହାର ଅଧିକ ଚାଷ କରାଯାଏ। ବିଂଶ ଶତାବ୍ଦୀର ଶେଷ ଭାଗରେ ଭାରତ ବାର୍ଷିକ ୨, ୫୦, ୦୦୦ ଟନ୍ ତେନ୍ତୁଳି ଉତ୍ପାଦନ କରୁଥିଲା। ଏକ ପରିପକ୍ୱ ବୃକ୍ଷ ପ୍ରତିବର୍ଷ ୨୨୫ କିଲୋଗ୍ରାମ ପର୍ଯ୍ୟନ୍ତ ଫଳ ଉତ୍ପାଦନ କରିପାରିବ। ଯୁକ୍ତରାଷ୍ଟ୍ରରେ ଏହା ଏକ ବଡ଼ ପରିମାଣର ଫସଲ, ଯାହା ବାଣିଜ୍ୟିକ ବ୍ୟବହାର ପାଇଁ ପ୍ରଚଳିତ (କେବଳ ଭାରତ ପରେ ନେଟ୍ ଉତ୍ପାଦନ ପରିମାଣରେ ଦ୍ୱିତୀୟ)।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟ ସରକାରଙ୍କ ମୁଖପତ୍ର 'ପ୍ରଗତି ପ୍ରବାହ' ଉନ୍ମୋଚିତ

ଭୁବନେଶ୍ୱର,୧୮।୧(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ସରକାରଙ୍କ ମୁଖପତ୍ର 'ପ୍ରଗତି ପ୍ରବାହ' ଉନ୍ମୋଚନ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ଏହି ପୁସ୍ତିକାଟିକୁ ମୁଖ୍ୟମନ୍ତ୍ରୀ ନିଜ ବାସଭବନ ତଥା ଆବାସିକ କାର୍ଯ୍ୟାଳୟରେ ଉନ୍ମୋଚନ କରିଥିଲେ। ପ୍ରଗତି ପ୍ରବାହ ରାଜ୍ୟ ବିକାଶର ଚଳନ୍ତି ପ୍ରତିଛବି ବୋଲି ମୁଖ୍ୟମନ୍ତ୍ରୀ

### ଝାରସୁଗୁଡ଼ାର ସଫଳ ଯୁବ ଚାଷୀ ହୃଦାନନ୍ଦ ବିଶିଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ, ଜିଲ୍ଲା ପ୍ରଶାସନକୁ ସମସ୍ତ ସହାୟତା ଯୋଗାଇବାକୁ ନିର୍ଦ୍ଦେଶ

ମତବ୍ୟକ୍ତ କରିବା ସହ ଏହି ପୁସ୍ତିକାର ପ୍ରକାଶନ ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ଧନ୍ୟବାଦ ଦେଇଥିଲେ।

ସୂଚନାଯୋଗ୍ୟ ଯେ ପ୍ରଗତି ପ୍ରବାହର ଉନ୍ମୋଚନ ସମୟରେ ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ଗ୍ରାମର ଜଣେ ସଫଳ ଯୁବ ଚାଷୀ ହୃଦାନନ୍ଦ ବିଶି ମଧ୍ୟ ଉପସ୍ଥିତ ଥିଲେ। ଏହି ପୁସ୍ତିକାରେ ହୃଦାନନ୍ଦଙ୍କ ସଫଳ କାହାଣୀ ମଧ୍ୟ ଉଲ୍ଲେଖ ଅଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ହୃଦାନନ୍ଦ ବିଶିଙ୍କୁ ସମ୍ମାନିତ କରିବା ସହିତ ତାଙ୍କ ସଫଳତା ପାଇଁ ଶୁଭେଚ୍ଛା ପ୍ରଦାନ କରିଥିଲେ। ଏହା ସହିତ ଆଗକୁ କିଭଳି ଆହୁରି ସରକାରଙ୍କ ହିତାକାଂକ୍ଷୀ ଯୋଜନା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ପି.ଏମ କିଷାନ ଓ 'ସିଏମ- କିଷାନ' ମାଧ୍ୟମରେ ଆହୁରି ନିଜର କୃଷି କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ସେ ବିଷୟରେ



ପରାମର୍ଶ ଦେଇଥିଲେ। ଆମ ସରକାର ଚାଷୀଙ୍କ ଉନ୍ନତି ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରୁଛି। ଚାଷୀଟିଏ ଆଜି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆତ୍ମନିର୍ଭରଶୀଳ ଭାରତର ଉଦ୍ଦେଶ୍ୟକୁ ପୂରଣ କରୁଛି। ଚାଷୀ ନିଜ ଫସଲ ଦ୍ୱାରା ଗୋଟିଏ ପରିବାର ନୁହେଁ ଅନେକ ପରିବାର ଚଳାଇବାର କ୍ଷମତା ରଖୁଛି, ଯାହାକି ଆମ ଦେଶର ପ୍ରକୃତ ଷ୍ଟାର୍ଟ-ଅପ ବୋଲି ମୁଖ୍ୟମନ୍ତ୍ରୀ ସଫଳ ଚାଷୀ ଶ୍ରୀ ବିଶିଙ୍କ ସହ କଥା ହୋଇ ତାଙ୍କୁ କହିଥିଲେ। ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶିଙ୍କୁ ସରକାରୀ ସହାୟତା ଓ ସବସିଡି ମିଳୁଛି କି ନାହିଁ ସେ ସମ୍ପର୍କରେ ପଚାରି ବୁଝିଥିଲେ। ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ଜରିଆରେ ସମସ୍ତ ସରକାରୀ ସହାୟତା ତୁରନ୍ତ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି କୋଲ୍ଡ କୃଷି ଭିତ୍ତିଭୂମିର ବିକାଶ ପାଇଁ ଜିଲ୍ଲାପାଳ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସେ ସ୍ପଷ୍ଟ କରିଥିଲେ। ଏଥିସହିତ ବିଭିନ୍ନ କୃଷି ଯୋଜନାର ସୁଯୋଗ ନେଇ ନିଜର କୃଷି କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହ ଚାଷୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ।

### ବିଜେପିକୁ ଚକମା ଦେଲେ ଆଦିବାସୀ ନେତ୍ରୀ ଟିନା ହାଇବ୍ରୁ

## ୨୪ ଘଣ୍ଟା ନ ପୂରୁଣୁ ବିଜେଡିକୁ ଫେରିଲେ

ଦାନଗଦି,୧୮।୧(ସମିସ): ଯାଜପୁର ଜିଲ୍ଲାରେ ବିଜେଡିର ହେଭିୱେଟ୍ ନେତାଙ୍କ ସଂଗଠନକୁ ଦୁର୍ବଳ କରିବା ଓ ସେମାନଙ୍କ ପତିଆରା ହ୍ରାସ ପାଇଁ ବିଭିନ୍ନ ଚାଲ କରି ବିଜେପିର ବିଧାୟକ, ସାଂସଦ, ମନ୍ତ୍ରୀ ଯେଉଁ ଷଡ଼ଯନ୍ତ୍ର ଆରମ୍ଭ କରିଛନ୍ତି, ତାହା ଫସର ଫାଟିବାରେ ଲାଗିଛି। ବିଜେଡି ଦୁର୍ଗକୁ ଭାଙ୍ଗି ଯାଜପୁରକୁ ଗେରୁଆମୟ କରିବା ପାଇଁ ବିଭିନ୍ନ ପ୍ରଲୋଭନ ଦେଖାଇ ଜନପ୍ରତିନିଧିମାନଙ୍କୁ କରାୟତ୍ତ କରିବାକୁ ଉଦ୍ୟମ କରୁଛି ବିଜେପି। ତେବେ ଯେଉଁ ନେତାମାନେ ବିଜେପିରେ ଯୋଗ ଦେଉଛନ୍ତି; ମିଶିବାର ୨୪ ଘଣ୍ଟା ନ ପୂରୁଣୁ ପୁଣି ନିଜ ଦଳ ବିଜେଡିକୁ ଫେରି ଆସୁଛନ୍ତି। ଏଭଳି ଏକ ଘଟଣା ଘଟିଛି ସୁକିନ୍ଦା ନିର୍ବାଚନ ମଣ୍ଡଳୀର ଦାନଗଦି ବ୍ଲକର ୯ ନମ୍ବର ଜୋନ୍‌ରେ। ଏହି ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟା ଆଦିବାସୀ ନେତ୍ରୀ ଟିନା ହାଇବ୍ରୁଙ୍କୁ ପୁଣିଥରେ ବିଜେଡିରେ ସାମିଲ କରି ବିଜେପିକୁ ଶକ୍ତ ଧକ୍କା ଦେଇଛନ୍ତି ବିଜେଡି ନେତା ପ୍ରୀତିରଞ୍ଜନ ଘଡ଼ାଇ (ଡାନି)। ବିଜେପିରେ ସାମିଲ ହୋଇଥିବା ଦାନଗଦି ବ୍ଲକ୍ ୯ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ଟିନା ହାଇବ୍ରୁ ଦଳ ଛାଡ଼ି ବିଜେପିରେ ସାମିଲ ହେବାର ମାତ୍ର କେଇ



ଘଣ୍ଟା ପରେ ତାଙ୍କର ମୋହଭଙ୍ଗ ହୋଇଛି। ତାଙ୍କୁ ମିଛ ପ୍ରଲୋଭନ ଦେଖାଇ ବିଜେପିରେ ସାମିଲ କରାଯାଇଥିଲା ବୋଲି ସେ କହିଛନ୍ତି। ଘରବାହୁଡ଼ା ହେବା ପରେ ପ୍ରୀତିରଞ୍ଜନ ତାଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଛନ୍ତି।

ରାଜ୍ୟରେ ଡବଲ ଇଞ୍ଜିନ୍ ସରକାରଙ୍କ ଉପରେ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ତେଣୁ ଦଳ ଛାଡ଼ି ବିଜେପିରେ ସାମିଲ ହୋଇଥିବା କିଛି ନେତା ଆଗକୁ ବିଜେଡିରେ ସାମିଲ ହେବାକୁ ବିଜେଡି ନେତାଙ୍କ ଯୋଗାଯୋଗରେ ଥିବା ଚର୍ଚ୍ଚା ହେଉଛି। ଖାଲି ସେତିକି ନୁହେଁ, ଅନେକ ବିଜେପି ନେତା ଡବଲ ଇଞ୍ଜିନି ସରକାରଙ୍କ ଜନମାରଣ ନୀତିକୁ ବିରୋଧ କରି ବିଜେଡିମୁହାଁ ହେବାର ବିଭିନ୍ନ ଚା' ଖଟିରେ ଆଲୋଚନା ଜୋର ଧରିବାର ଦେଖିବାକୁ ମିଳୁଛି।

### ୫୭ ଶିଳ୍ପ ଉପରେ ୫୮୯୦ କୋଟି ଜଳ କର ବାକି

## ଶିଳ୍ପ ସଂସ୍ଥା ଚମ୍ପଟ; ଚକ୍ଷୁ କୁଟୁଛି ବିଭାଗ

ଭୁବନେଶ୍ୱର,୧୮।୧(ସମିସ): ଆସନ୍ତା ମଙ୍ଗଳବାର ସେଚ ସଦନରେ ଜଳ ସମ୍ପଦ ବିଭାଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ବୈଠକର ପ୍ରସଙ୍ଗ ରହିଛି ହଜାର ହଜାର କୋଟି ଟଙ୍କା ବକେୟା ଜଳକର ଆଦାୟ ପାଇଁ ନୀତି ପ୍ରସ୍ତୁତି। ସରକାରୀ ରାଜସ୍ୱ ବାକି ରଖିଥିବା କମ୍ପାନୀଗୁଡ଼ିଠାରୁ ବକେୟା ଆଦାୟ କରିବାରେ କୌଣସି ଅସଙ୍ଗତି ନାହିଁ ଓ ଏହା ସର୍ବାଦୌ ସ୍ୱାଗତଯୋଗ୍ୟ। ମାତ୍ର ଯେଉଁ କମ୍ପାନୀଗୁଡ଼ିକ କୋଟି କୋଟି ଟଙ୍କା ବକେୟା ନ ଦେଇ ଶିଳ୍ପ ସଂସ୍ଥାରେ ତାଲା ପକାଇ ଦେଇଛନ୍ତି, ସେହି କମ୍ପାନୀଠାରୁ କିପରି ବକେୟା ଆଦାୟ ହେବ ସେ ପ୍ରସଙ୍ଗରେ ବିଚାରବିମର୍ଶ ପରିବର୍ତ୍ତେ ସରକାରଙ୍କୁ ନିୟମିତ ବ୍ୟବଧାନରେ ଟିକସ ଦେଉଥିବା ଏବଂ ଚାଲୁ ରହିଥିବା କମ୍ପାନୀରୁ ଟିକସ ଆଦାୟ ପାଇଁ ଚାପକୁ ନେଇ ଏବେ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି।

ବିଧାନସଭା ଶୀତ ଅଧିବେଶନରେ ରାଜ୍ୟରେ ବକେୟା ଜଳକର ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ଲିଖିତ ଉତ୍ତର ରଖିଥିଲେ। ଉତ୍ତର ଅନୁଯାୟୀ ରାଜ୍ୟରେ ପ୍ରାୟ ୫୭ଟି ଶିଳ୍ପ ସଂସ୍ଥା ଉପରେ ୫୮୯୦ କୋଟି ଟଙ୍କାର ଜଳକର ବକେୟା ରହିଥିବା ଜଣାପଡ଼ିଛି। ଜୟପୁରର ବିଲ୍ଟ ୟୁନିଟ୍ ଉପରେ ସର୍ବାଧିକ ୧୫୦୮ କୋଟିର ଜଳକର ବାକି ପଡିଥିବାବେଳେ ଚୌଦ୍ୱାର ସ୍ଥିତ ବଲାରପୁର ଇଣ୍ଡଷ୍ଟ୍ରିଜ୍ ଉପରେ ୧୪୫୭ କୋଟି ବାକି ରହିଛି। ଏହି ଦୁଇ କମ୍ପାନୀର ସ୍ଥିତି ଏବେ ଏକପ୍ରକାର ନିଶ୍ଚିହ୍ନ। ୧୧ କୋଟି ୪୬ ଲକ୍ଷ ଟଙ୍କାର ଜଳକର ବକେୟା ରଖିଥିବା ବିନ୍ଧାଲ ସ୍ପଞ୍ଜ ଇତିମଧ୍ୟରେ ନିଜର କାରଖାନା ବନ୍ଦ କରି ସାରିଛି। ସେହିପରି ୨୩୧ କୋଟିର ବକେୟା ରଖିଥିବା ରାଠୀ ଷ୍ଟିଲ ଏବଂ ପାୱାର ଲିମିଟେଡ, ୧୪୫୭ କୋଟି ଟଙ୍କା ବକେୟା ରଖିଥିବା ଚୌଦ୍ୱାର ସ୍ଥିତ ବଲାରପୁର ଇଣ୍ଡଷ୍ଟ୍ରିଜ୍ ଏବଂ ଅନ୍ୟ କେତେକ ସଂସ୍ଥା ମଧ୍ୟ ଇତିମଧ୍ୟରେ ବନ୍ଦ ହୋଇ ସାରିଲେଣି। ୧୮୬ କୋଟି ଟଙ୍କା ବାକି ରଖିଥିବା ଆଧୁନିକ ମେଟାଲିକ୍ସ, ୨୪୪ କୋଟି ବକେୟା ଥିବା ଭୂଷଣ ପାୱାର ଓ ଷ୍ଟିଲର ପରିଚାଳନା ହସ୍ତାନ୍ତର ହୋଇ ସାରିଛି। ଏମାନଙ୍କ ଉପରେ ହଜାର ହଜାର କୋଟି ଟଙ୍କାର ବକେୟା ରହିଛି। ଏହି ବନ୍ଦ ହୋଇଥିବା ସଂସ୍ଥା ନିକଟରୁ ବକେୟା ଜଳକର ଆଦାୟ ହୋଇପାରିବ କି ନାହିଁ, ଯଦି ଆଦାୟ ହେବ କେଉଁ ପ୍ରକ୍ରିୟାରେ ହେବ ସେନେଇ ଉତ୍ତର କାହା ପାଖରେ ନାହିଁ।

## ନରାଜ ବ୍ୟାରେଜରୁ ନବଜାତ ଶିଶୁପୁତ୍ରର ମୃତଦେହ ଉଦ୍ଧାର

ତ୍ରିଶୂଳିଆ,୧୮।୧(ସମିସ): କଟକର ଉପକଣ୍ଠ ନରାଜ ବ୍ୟାରେଜ ନିକଟରେ ଏକ ଅତ୍ୟନ୍ତ ଦୁଃଖଦାୟକ ଘଟଣା ସାମ୍ନାକୁ ଆସିଛି। ବ୍ୟାରେଜର ୨୪ ନମ୍ବର ଗେଟ୍ ମଧ୍ୟରୁ ଏକ ନବଜାତ ଶିଶୁପୁତ୍ରର ମୃତଦେହ ଉଦ୍ଧାର କରାଯାଇଛି। କିଏ ଏବଂ କେଉଁ ପରିସ୍ଥିତିରେ ଏହି ନିଷ୍ପାପ ଶିଶୁଟିକୁ ଏଠାରେ ଫିଙ୍ଗି ଦେଇ ଚାଲିଯାଇଛି, ତାହା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ରବିବାର ସକାଳ ସମୟରେ ନରାଜ ଗ୍ରାମର କିଛି ମତ୍ସ୍ୟଜୀବୀ କାଠଯୋଡ଼ି ନଦୀକୁ ମାଛ ମାରିବାକୁ ଯାଇଥିବା ବେଳେ ବ୍ୟାରେଜ ଗେଟ୍‌ରେ ଶିଶୁଟିର ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ସେମାନେ ତୁରନ୍ତ ଏ ସମ୍ପର୍କରେ ବାରଙ୍ଗ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀର ଏକ ଦଳ ଘଟଣାସ୍ଥଳରେ ପହଞ୍ଚି ନବଜାତ ଶିଶୁଟିକୁ ଉଦ୍ଧାର କରିଥିଲେ ମଧ୍ୟ ସେତେବେଳକୁ ଶିଶୁଟିର ମୃତ୍ୟୁ ଘଟିସାରିଥିଲା। ଅଗ୍ନିଶମ ବିଭାଗ ପକ୍ଷରୁ ଶିଶୁର ମୃତଦେହକୁ ଉଦ୍ଧାର କରାଯାଇ ଗୋଡ଼ିସାହି ଫାଣ୍ଡି ପୁଲିସକୁ ହସ୍ତାନ୍ତର କରାଯାଇଛି। ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ମୃତଦେହକୁ କଟକ ବଡ଼ ମେଡିକାଲକୁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କେଉଁ ପରିସ୍ଥିତିରେ ଶିଶୁଟିକୁ ନଦୀକୁ ଫିଙ୍ଗାଯାଇଛି ଏବଂ ଏଥିପାଇଁ କିଏ ଦାୟୀ, ସେ ନେଇ ପୁଲିସ ଆଖପାଖ ଅଞ୍ଚଳର ଲୋକଙ୍କୁ ପଚରାଉଚରା ଜାରି ରଖିଛି।

### କୋଲକାତା ଜୋନାଲସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ

## ମାଲକାନଗିରି ଝିଅ ଦିବ୍ୟାଭାରତୀ ଶ୍ରେଷ୍ଠ କିଶୋରୀ ବୈଜ୍ଞାନିକ

ଚିତ୍ରକୋଣ୍ଡା,୧୮।୧(ସମିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଆରଏସସି ୬ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଆଦିବାସୀ ଛାତ୍ରୀ ଦିବ୍ୟାଭାରତୀ ପାଙ୍ଗିଙ୍କ ମ୍ୟାଜିକ୍ ଷ୍ଟିକ୍ ପ୍ରକଳ୍ପ କୋଲକତା ଜୋନାଲ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ପୁରସ୍କୃତ ହୋଇଛି। ତାଙ୍କୁ ଶ୍ରେଷ୍ଠ କିଶୋରୀ ବୈଜ୍ଞାନିକ ପୁରସ୍କାର ଏବଂ ସ୍ୱତନ୍ତ୍ର ନବସୃଜନ ପ୍ରକଳ୍ପ ପୁରସ୍କାର ମିଳିଛି। ଦିବ୍ୟାଭାରତୀ ଏହି ପ୍ରକଳ୍ପକୁ ନେଇ ପ୍ରଥମେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା, ପରେ ବ୍ଲକସ୍ତର ଓ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ କୃତକାର୍ଯ୍ୟ ହୋଇଥିଲେ। ସେ ୧୩ ଜାନୁୟାରୀରୁ ୧୬ ଜାନୁୟାରୀରେ କୋଲକତାରେ ୪ଦିନ ଧରି ଚାଲିଥିବା ଏହି ପ୍ରଦର୍ଶନୀରେ କୋଲକାତା, ବିହାର, ଝାଡଖଣ୍ଡ, ଓଡିଶା, ଆଣ୍ଡାମାନ ଓ ନିକୋବରରୁ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ ଦିବ୍ୟାଙ୍କ ପ୍ରକଳ୍ପ ସମସ୍ତଙ୍କୁ ଆକର୍ଷିତ କରିଥିଲା। ତାଙ୍କର ଏହି ପ୍ରକଳ୍ପଟି କୃଷକ ମାନଙ୍କ ସହାୟତା ପାଇଁ ହୋଇଥିଲା। ସାପ, ବିଷାକ୍ତ କୀଟପତଙ୍ଗଙ୍କ ଠାରୁ ରକ୍ଷା କରିବାରେ ସହାୟତା, ଟର୍ଚ୍ଚ ଲାଇଟ୍, ସାଇରନ ସହ ଜରୁରୀ ସମୟରେ ନିଜର ଆତ୍ମୀୟ, ଆମ୍ବୁଲାନ୍ସ ଚାଳକଙ୍କ ପାଖକୁ ମେସେଜ ପଠାଇବା, କୃଷକର ସ୍ୱାସ୍ଥ୍ୟ ପାଇଁ ଔଷଧ ରଖିବା ବ୍ୟବସ୍ଥା, ଖରା ଓ ବର୍ଷାରୁ ରକ୍ଷା ପାଇବା ପାଇଁ ଛତାର ବ୍ୟବସ୍ଥା ଓ ମହିଳା କୃଷକ ମାନେ ତାଙ୍କର ଶିଶୁଙ୍କୁ ସ୍ତନ୍ୟପାନ କରେଇବାରେ ମଧ୍ୟ ଏହା ସହାୟକ ହେବ। ଏହି ପ୍ରକଳ୍ପ ପୂର୍ବରୁ ରାଜ୍ୟସ୍ତରୀୟରେ ବେଶ ପ୍ରଶଂସା ସାଉଁଟି ଥିବା ବେଳେ ବର୍ତ୍ତମାନ ଏହା ଆହୁରି ଅଧିକ ଲୋକପ୍ରିୟ ହୋଇଛି।



## ୨ କୋଟିର ଅଫିମ ଚାଷ ଧ୍ୱଂସ



ବାରିପଦା, ୧୮।୧(ସମିସ): ମୟୂରଭଞ୍ଜ ଜିଲ୍ଲା ଯଶିପୁର ଥାନା ଅଧୀନରେ ଥିବା ଗୋପୀନାଥପୁର ଅଞ୍ଚଳରେ ଅବୈଧ ଭାବେ ଚାଷ ହୋଇଥିବା ପପି (ଅଫିମ) ଗଛର ଦୁଇଟି ବଡ଼ ଚାଷକ୍ଷେତକୁ ପୁଲିସ ଧ୍ୱଂସ କରିଦେଇଛି। ଏହି ଅଭିଯାନରେ ମୋଟ୍ ୯୫,୮୫୦ଟି ପପି ଗଛକୁ ନଷ୍ଟ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୧ କୋଟି ୯୧ ଲକ୍ଷ ୭୦ ହଜାର ଟଙ୍କାର ହେବ ବୋଲି କୁହାଯାଉଛି। ଯଶିପୁର ପୁଲିସ ଏହି ଅଭିଯାନକୁ ସଫଳ କରିବାରେ ଗୁଇନ୍ଦା ସୂଚନା ଆଧାରରେ କାର୍ଯ୍ୟ କରିଥିବା ଜଣାପଡ଼ିଛି। ଏହା ଉପରେ ଏନ୍‌ଡିପିଏସ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ମୟୂରଭଞ୍ଜ ଜିଲ୍ଲାରେ ପୂର୍ବରୁ ମଧ୍ୟ ଶିମିଳିପାଳ ଅଭୟାରଣ୍ୟ ଭିତରେ ଏଭଳି ଅବୈଧ ଅଫିମ ଚାଷ ବାରମ୍ବାର ଧରାପଡ଼ିଛି। ପୁଲିସ, ଅବକାରୀ ଓ ଜଙ୍ଗଲ ବିଭାଗର ମିଳିତ ଅଭିଯାନ ଏଭଳି ଅବୈଧ କାର୍ଯ୍ୟକଳାପ ବନ୍ଦ କରିବାକୁ କଠୋର ପଦକ୍ଷେପ ଗ୍ରହଣ କରୁଛନ୍ତି।

## ଚଳନ୍ତା ବସରୁ ଖସି ଯୁବକଙ୍କ ମୃତ୍ୟୁ

ଝାରସୁଗୁଡ଼ା,୧୮।୧(ସମିସ): ଚଳନ୍ତା ବସରୁ ଖସିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଯୋରାବଗା ବସଷ୍ଟାଣ୍ଡ ନିକଟରେ ଏହି ଦୁର୍ଘଟଣା ଘଟିଛି। ମୃତ ଯୁବକ ଜଣକ ଝାରଖଣ୍ଡର ଜିତେନ୍ଦ୍ର ଯାଦବ ଓରଫ ରବି (୨୭) ବୋଲି ପୁଲିସ ସୂଚନା ଦେଇଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖା ଦେଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ବସ ଏବଂ ଚାଳକ ରମେଶ ଲୁହାକୁ ଅଟକ ରଖି ତଦନ୍ତ କରିଛି। ସୂଚନାନୁଯାୟୀ, ଝାରଖଣ୍ଡର ଜିତେନ୍ଦ୍ର ବେଲପାହାଡ ଅଞ୍ଚଳରେ ଏକ ଟ୍ରକ ହେଲ୍ପର ଭାବେ କାର୍ଯ୍ୟ କରୁଥିଲେ। ସେ ଆଜି ସକାଳେ ବନ୍ଧବାହାଲ ପଟୁ ଝାରସୁଗୁଡ଼ା ପଟକୁ ଯାଉଥିବା ଶେଖର ବସ (ଓଡି-୨୩ଜେ-୯୩୫୫) ଯୋଗେ ଯାତ୍ରା କରୁଥିଲେ। ଏହି ସମୟରେ ଜିତେନ୍ଦ୍ର ବସର ଗେଟ ପାଖରେ ଛିଡା ହୋଇଥିଲେ। ଅସାବଧାନତା ହେତୁ ହଠାତ୍ ବସରୁ ତଳକୁ ଖସିପଡି ଦୁର୍ଘଟଣାଗ୍ରସ୍ତ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତେବେ ଦୁର୍ଘଟଣା ସ୍ଥଳରେ ହିଁ ଜିତେନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ବାସିନ୍ଦା ତଥା ଟ୍ରକ ଚାଳକ ଓ ହେଲ୍ପରମାନେ ଏକତ୍ରିତ ହୋଇ ମୃତକ ପରିବାର ପାଇଁ କ୍ଷତିପୂରଣ ଦାବି କରିଥିଲେ। ପୁଲିସ ଲୋକଙ୍କୁ ବୁଝାସୁଝା କରି ସ୍ଥିତି ନିୟନ୍ତ୍ରଣ କରିଥିଲା। ଏହାସହ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଜିତେନ୍ଦ୍ର କାହିଁକି ଗେଟ ପାଖରେ ଛିଡା ହୋଇଥିଲେ ଏବଂ ବସ ଡ୍ରାଇଭର କିମ୍ବା କଣ୍ଡକ୍ଟର ତାଙ୍କୁ ଭିତରକୁ କାହିଁକି ନେଇ ନଥିଲେ ବୋଲି ପ୍ରଶ୍ନ ଉଠିଛି। ପୁଣି ବସ କ୍ଷମତା ଠାରୁ ଅଧିକ ଯାତ୍ରୀ ନେଇ ଯାଉଥିବାରୁ ଏପରି ଦୁର୍ଘଟଣା ଘଟିଥିବା ମଧ୍ୟ ତଦନ୍ତ ସାପେକ୍ଷ ହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନଥିରେ 'ପରିଷଦ'...

ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ନିଯୁକ୍ତିରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ବିକାଶମୂଳକ କାର୍ଯ୍ୟରେ ଅଗ୍ରଗତି ହୋଇପାରୁ ନାହିଁ ବୋଲି ମଧ୍ୟ ଅଭିଯୋଗ ହୋଇଛି। ଯଦି ବିକାଶମୂଳକ କାର୍ଯ୍ୟ କରାଯାଇ ପାରୁନାହିଁ, ତେବେ ବଜେଟରେ କାହିଁକି ସରକାର ବ୍ୟୟବରାଦ କରୁଛନ୍ତି ବୋଲି ଏବେ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି।

କେବଳ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ନୁହେଁ; ରାଜ୍ୟରେ କ୍ଷମତାକୁ ଆସିବା ପରେ ବିଜେପି ସରକାର ଉତ୍ତର ଓଡ଼ିଶା ବିକାଶ ପରିଷଦ ଓ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ ନିମନ୍ତେ ଘୋଷଣା କରିଥିଲା। ଏଥିପାଇଁ କମିଟି ମଧ୍ୟ ଗଠନ ହେଲା। ଚଳିତ ବର୍ଷ ବଜେଟରେ ଦୁଇ ପରିଷଦ ପାଇଁ ୨୦୦ କୋଟି ଟଙ୍କା ଲେଖାଏଁ ବ୍ୟୟବରାଦ କରାଗଲା। ଉତ୍ତର ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାର ଶାସକ ଦଳର ନେତାମାନେ ଏହାକୁ ନେଇ ଅନେକ ବୟାନବାଜୀ କଲେ। ମାତ୍ର ଆର୍ଥିକ ବର୍ଷ ସରିବାକୁ ବସିଲାଣି, ଆଗାମୀ ଆର୍ଥିକ ବର୍ଷ ପାଇଁ ବଜେଟ୍ ପ୍ରସ୍ତୁତି କାର୍ଯ୍ୟ ସରକାର ଆରମ୍ଭ କଲେଣି। ମାସକ ପରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିଧାନସଭାରେ ବଜେଟ୍ ଆଗତ ହେବ। ମାତ୍ର ଦୁଇ ପରିଷଦର ରୂପରେଖ ସ୍ଥିର ହୋଇ ପାରିଲା ନାହିଁ, ପରିଷଦର ଅଧ୍ୟକ୍ଷ ଓ ସଦସ୍ୟ ନିଯୁକ୍ତି ଦିଆଯାଇ ପାରିଲା ନାହିଁ। ବଜେଟ୍ ବରାଦ ବ୍ୟୟ ହେବା ତ ଦୂରର କଥା, ଏ ସଂକ୍ରାନ୍ତରେ କୌଣସି ପ୍ରସ୍ତାବ ମଧ୍ୟ ଏଯାଏ ଆସି ପାରିଲା ନାହିଁ।

ଏଥିନିମନ୍ତେ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି ବିରୋଧୀ। ରାଜନୈତିକ ସମୀକ୍ଷକମାନେ ପରିଷଦ ପ୍ରସଙ୍ଗକୁ ନେଇ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ସରକାର ସାମାନ୍ୟ ଆନ୍ତରିକତା ଦେଖାଇଥିଲେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ କ୍ରିୟାଶୀଳ ହୋଇ ପାରିଥାଆନ୍ତା ଓ ବିକାଶମୂଳକ କାମଗୁଡ଼ିକ ନିମନ୍ତେ ମଞ୍ଜୁର ଅର୍ଥ ବିନିଯୋଗ ହୋଇ ପାରିଥାଆନ୍ତା। ମାତ୍ର ଅନୁଦାନ ମଞ୍ଜୁର ପରେ କାମକୁ ରୋକିବା ପଛରେ ରାଜନୈତିକ ଷଡ଼ଯନ୍ତ୍ର ରହିଛି ବୋଲି ବିରୋଧୀ ପ୍ରଶ୍ନ ଉଠାଇଛନ୍ତି।

### ଡାକ୍ତର ନକଲି...

ନ ଥିଲେ କି ହସ୍ପିଟାଲରେ ପଢ଼ାଉ ନ ଥିଲେ। ରୋଗୀଙ୍କ ଚିକିତ୍ସା ମଧ୍ୟ କରୁ ନ ଥିଲେ। ଏନ୍‌ଏମ୍‌ସି ଅନୁମୋଦନ ଓ ବିନା ବାଧାରେ ମେଡିକାଲ କଲେଜକୁ ଚଲାଇବା ପାଇଁ ଏପରି କରାଯାଇଥିଲା। ଇଡି ଟେକ୍ସଟ୍ ମେସେଜ୍ ଓ ଭିଡିଓ ଚାଟର ମଧ୍ୟ ଯାଞ୍ଚ କରିଥିଲା। ଏଥରୁ ଜଣାପଡ଼ିଥିଲା ଯେ ନିୟାମକ ଯାଞ୍ଚ ପୂର୍ବରୁ ଅଲ-ଫଲାହ ହସ୍ପିଟାଲ ପ୍ରାୟତଃ କାର୍ଯ୍ୟକ୍ଷମ ନ ଥିଲା। ଯାଞ୍ଚର କିଛି ଦିନ ପୂର୍ବରୁ ଦେଖାଇବା ପାଇଁ କେବଳ ନକଲି ରୋଗୀମାନଙ୍କୁ ଭର୍ତ୍ତି କରାଯାଇଥିଲା। ଏନ୍‌ଏମ୍‌ସି ଯାଞ୍ଚର ତିନି ସପ୍ତାହ ପୂର୍ବରୁ କୌଣସି ରୋଗୀ, କର୍ମଚାରୀ କିମ୍ବା ଡାକ୍ତର ହସ୍ପିଟାଲ ପରିସରରେ ଉପସ୍ଥିତ ନ ଥିଲେ।

ସୂଚନା ଅନୁଯାୟୀ, ଅକ୍ଟୋବର ୨୦୨୧ରୁ ସାଧାରଣ ଔଷଧ ବିଭାଗର ଜୁନିଅର ରେସିଡେଣ୍ଟ ଭାବେ ଆତଙ୍କବାଦୀ ତଥା ଡ. ଗନି ଓ ଔଷଧ ବିଜ୍ଞାନରେ ସହାୟକ ପ୍ରାଧ୍ୟାପିକା ଭାବେ ଡ. ସାହିନ ସୈଦକୁ ୨୦୨୪ ମେ'ରେ ନିଯୁକ୍ତ କରାଯାଇଥିଲା। ଅଲ-ଫଲାହର ମାନବ ସମ୍ବଳ ମୁଖ୍ୟଙ୍କ ସୁପାରିସରେ ଏହି ନିଯୁକ୍ତି ଦିଆଯାଇଥିଲା। ଏହାକୁ ଜୱାଦ ଅନୁମୋଦନ ଦେଇଥିଲେ। ଖାଲି ସେତିକି ନୁହେଁ, ଏହି ବିଶ୍ୱବିଦ୍ୟାଳୟ ଠକେଇ କରି ୪୯୩.୨୪ କୋଟି ଆୟ କରିଥିବା ଆକଳନ କରାଯାଉଛି। ଏନ୍‌ଏଏସି ଓ ମିଥ୍ୟା ୟୁଜିସି ମାନ୍ୟତା ଥିବା ଦର୍ଶାଇ ଛାତ୍ରଛାତ୍ରୀଙ୍କୁ ପ୍ରତାରିତ କରି ବାର୍ଷିକ ଶିକ୍ଷା ଓ ପରୀକ୍ଷା ଫି ବାବଦରେ ପାଣ୍ଠି ସଂଗ୍ରହ କରାଯାଇଥିଲା। ଏଠାରେ ପଢୁଥିବା କିଛି ଛାତ୍ରଛାତ୍ରୀଙ୍କ ବିଦେଶୀ ଲିଙ୍କ ମଧ୍ୟ ସାମନାକୁ ଆସିଛି। ସିଦ୍ଦିକିର ପୁଅ ଅଫହାମ ଅହମ୍ମଦ ଓ ଝିଅ ଅଫିଆ ସିଦ୍ଦିକାଙ୍କ ଦ୍ୱୈତ ନାଗରିକତା ଥାଇପାରେ ବୋଲି ସନ୍ଦେହ କରାଯାଉଛି। କିଛି ବିଦେଶୀ ସଂସ୍ଥା ଫାଇଲିଂରେ ସେମାନଙ୍କୁ ବ୍ରିଟିଶ ନାଗରିକ ଭାବେ ଦର୍ଶାଇ ଯାଇଛି।

### ଅପାରଗତା ଲୁଚାଇବାକୁ...

ପିନ୍ଧି ନ ଥିବା ଫାଇନ୍ ଆସୁଥିବା ବେଳେ ସହର ଭିତରେ ସ୍କୁଟି ଚାଳକ ୭୦-୮୦ କିମି ବେଗରେ ଗାଡ଼ି ଚଳାଉଥିବା ଦର୍ଶାଇ ଜୋରିମାନା ଲଦି ଦିଆଯାଉଛି।

ପ୍ରଦୂଷଣ ନାମରେ ସାଧାରଣ ବ୍ୟକ୍ତିଙ୍କଠାରୁ ହଜାର ହଜାର ଟଙ୍କାର ଫାଇନ୍ ନେବା ଯୋଗୁଁ ରାଜ୍ୟରେ ବିଭିନ୍ନ ସଂଗଠନ ସରକାରଙ୍କୁ ଘେରିବାକୁ ରାସ୍ତାକୁ ଓହ୍ଲାଉଛନ୍ତି। ଜାନୁୟାରୀ ୨୮ ତାରଖରେ ନବନିର୍ମାଣ କୃଷକ ସଂଗଠନ ଦ୍ୱାରା ସକାଳ ୬ଟାରୁ ୨ଟା ପର୍ଯ୍ୟନ୍ତ ଓଡ଼ିଶା ବନ୍ଦର ଡାକରା ଦିଆଯାଇଛି। ସରକାର ଗୋଟିଏ ପଟେ ଜମି, ଖଣି, ଜଳ, ଜଙ୍ଗଲ ଇତ୍ୟାଦିକୁ ନଷ୍ଟ କରୁଥିବା ଖଣି କମ୍ପାନୀମାନଙ୍କଠାରୁ ସୁପ୍ରିମକୋର୍ଟ ଦେଇଥିବା ଆଦେଶକୁ କାର୍ଯ୍ୟକାରୀ କରି ତାଙ୍କ ଉପରେ ବାକିଥିବା ୩,୯୬୬ କୋଟି ଟଙ୍କା ଆଦାୟ କରିପାରୁନାହାନ୍ତି। କମ୍ପାନୀଗୁଡ଼ିକ ଉପରେ ଥିବା ୬ ହଜାର କୋଟି ଟଙ୍କା ଜଳ କର ଆଦାୟ କରିବାରେ ସରକାର ଅସମର୍ଥ ହୋଇଛନ୍ତି। ଚୁକ୍ତି ଖିଲାପ କରିଥିବା ଖଣି କମ୍ପାନୀଗୁଡ଼ିକ ଗତ ୫ ବର୍ଷରେ ୪୨ ହଜାର କୋଟି ଟଙ୍କା ଦେଇ ନାହାନ୍ତି। ଏମାନଙ୍କ ତଣ୍ଟି ଧରିବାକୁ ସରକାରଙ୍କ ସାହସ ପାଉନାହିଁ, ଅଥଚ ସାଧାରଣ ଲୋକଙ୍କ ଉପରେ ସରକାର ଜୁଲମ କରୁଛନ୍ତି ବୋଲି ସଙ୍ଗଠନ ଅଭିଯୋଗ କରିଛି। ଏହାର ପ୍ରତିବାଦରେ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଙ୍ଗଠନ ଚେତାବନୀ ଦେଇଛି।

### ୪ ଦିନରେ...

ପରେ ପାଣିପାଗ କେନ୍ଦ୍ର ପକ୍ଷରୁ ସମସ୍ତ ସତର୍କ ସୂଚନା ହଟାଇ ଦିଆଯାଇଛି। ତେବେ ରାଜ୍ୟର କିଛି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର କୁହୁଡ଼ି ନେଇ କେନ୍ଦ୍ର ପୂର୍ବାନୁମାନ କରିଛି। ସୋମବାର ରାତିରୁ ମଙ୍ଗଳବାର ସକାଳ ମଧ୍ୟରେ କଟକ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ କଳାହାଣ୍ଡିରେ ସ୍ୱଳ୍ପରୁ ମଧ୍ୟମ ଧରଣର କୁହୁଡ଼ି ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

### ଟ୍ରମ୍ପଙ୍କୁ ଗ୍ରୀନଲାଣ୍ଡରେ...

ଅନ୍ୟ ସହର ତଥା କୋପେନହେଗେନ୍ ଓ ଅନ୍ୟାନ୍ୟ ଡେନମାର୍କ ସହରରେ ମଧ୍ୟ ସମାନ ବିକ୍ଷୋଭ ଓ ରାଲି ଅନୁଷ୍ଠିତ ହୋଇଥିଲା। ଗ୍ରିନଲାଣ୍ଡ ପ୍ରଧାନମନ୍ତ୍ରୀ ଜେନ୍ସ-ଫ୍ରେଡେରିକ୍ ନିଲସନ୍ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଆମେରିକା ଗ୍ରୀନଲାଣ୍ଡକୁ ଭିନ୍ନ ଦିଗରେ ନେଇଯିବାକୁ ଏବଂ ଶୋଷଣ କରିବାକୁ ଚାହୁଁଛି ବୋଲି କହିଥିଲେ।

### ■ ଅଚଳ ନିଯୋଜନ ନିର୍ଦ୍ଦେଶାଳୟ ୱେବସାଇଟ୍

## ହୋଇପାରୁନି ଆଶାୟୀଙ୍କ ନିଯୋଜନ ପଞ୍ଜୀକରଣ

ଭୁବନେଶ୍ୱର, ୧୮।୧(ସମିସ): ଅଚଳ ହୋଇ ପଡ଼ିଛି ନିଯୋଜନ ନିର୍ଦ୍ଦେଶାଳୟ ୱେବସାଇଟ୍। ଦୀର୍ଘ ଦିନରୁ ଅଚଳାବସ୍ଥା ଲାଗି ରହିଥିବାରୁ ଆଶାୟୀମାନେ ନିଯୁକ୍ତି ପାଇଁ ପଞ୍ଜିକରଣ କରିପାରୁ ନାହାନ୍ତି। ବିଭିନ୍ନ କାର୍ଯ୍ୟାଳୟରେ ବହୁ ସଂଖ୍ୟାରେ ଆଶାୟୀ ନିଯୁକ୍ତି ପଞ୍ଜିକରଣ ପାଇଁ କହୁଥିଲେ ମଧ୍ୟ ୱେବସାଇଟ୍ ଖୋଲୁ ନ ଥିବାରୁ କର୍ମଚାରୀମାନେ ମଧ୍ୟ ହାତ ବାନ୍ଧି ବସିଛନ୍ତି। ଫଳରେ ସାରା ରାଜ୍ୟରେ ଆଶାୟୀମାନେ ପଞ୍ଜିକରଣ କରି ନ ପାରି ଅସନ୍ତୋଷ ପ୍ରକାଶ କରୁଛନ୍ତି।

ସୂଚନା ଅନୁଯାୟୀ ନିଯୁକ୍ତି ପୂର୍ବରୁ ଏମ୍ପ୍ଲୋୟମେଣ୍ଟ ଏକ୍ସଚେଞ୍ଜ ରେଜିଷ୍ଟ୍ରେସନ୍ ବା ନିଯୋଜନ ପାଇଁ ନାମ ପଞ୍ଜିକରଣ କରିବାକୁ ପଡ଼ିଥାଏ। ସମ୍ପ୍ରତି ଆର୍‌ଆଇ, ଅମିନ, ଆଇସିଡିଏସ୍ ସୁପରଭାଇଜର ପରି ବିଭିନ୍ନ ପଦପେ ନିଯୁକ୍ତି ପାଇଁ ଆବେଦନ ଆରମ୍ଭ ହୋଇଥିବାବେଳେ ନିଯୋଜନ ପଞ୍ଜିକରଣ ସାର୍ଟିଫିକେଟ୍ ବାଧ୍ୟତାମୂଳକ କରାଯାଇଛି। ଫଳରେ ପ୍ରଥମ କରି ପଞ୍ଜିକରଣ କରିବାକୁ ଅନେକ ଆଶାୟୀ ଅପେକ୍ଷା କରି ରହିଛନ୍ତି। ସେହିପରି ପୂର୍ବରୁ ପଞ୍ଜିକରଣ କରିଥିବା ଛାତ୍ରଛାତ୍ରୀମାନେ ନବୀକରଣ କରିବା ପାଇଁ ଅପେକ୍ଷା କରିଛନ୍ତି। ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ ହେଉଥିଲେ ମଧ୍ୟ ପ୍ରାୟ ମାସାଧିକ କାଳ ହେବ ନିଯୋଜନ ନିର୍ଦ୍ଦେଶାଳୟ ୱେବସାଇଟ୍ ଖୋଲୁନାହିଁ। କିଛି ସମୟରେ ଧିମେଇ ଧିମେଇ ଖୋଲୁଥିଲେ ମଧ୍ୟ ଅନେକ ସମୟରେ ଏରୋର୍ କୋଡ୍ ୫୦୦ ଆସୁଛି। ସେହିପରି ଏହି ୱେବସାଇଟ୍ ଅଧୀନରେ ଥିବା ଓଡ଼ିଶା ରାଜ୍ୟ ବୃତ୍ତି ସେବା (ଏସ୍‌ସିଏସ୍) ସାଇଟ୍ ମଧ୍ୟ ଆବେଦନ ଅଧାରୁ ବନ୍ଦ ହୋଇଯାଉଛି। ୫୦୪ ଗେଟ୍-ୱେ ଟାଇମ୍ ଆଉଟ୍ ସହିତ ୱେବସାଇଟ୍ କ୍ରାସ୍ ହୋଇଯାଉଛି। ଫଳରେ ଦୀର୍ଘ ସମୟ ଧରି ଆବେଦନ କରିବାକୁ ପ୍ରୟାସ କରି ମଧ୍ୟ ସଫଳ ହେଉ ନାହାନ୍ତି। ଦିନରାତି ଏକାକାର କରି ପ୍ରୟାସ କରୁଥିଲେ ମଧ୍ୟ ୱେବସାଇଟ୍ ପାଇଁ ସଫଳ ହେଉ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିବା ସହ ନିଯୋଜନ କାର୍ଯ୍ୟାଳୟକୁ ଧାଉଁଛନ୍ତି। ସେଠାରେ ମଧ୍ୟ ସେମାନଙ୍କୁ ୱେବସାଇଟ୍ ଚାଲୁ ନ ଥିବା ଦର୍ଶାଇ ନାସ୍ତି ବାଣୀ ଶୁଣି ଫେରିବାକୁ ପଡୁଛି। ୱେବସାଇଟ୍ ଠିକ୍ କରିବା ପାଇଁ ନିର୍ଦ୍ଦେଶାଳୟକୁ ସେମାନେ ପତ୍ର ଲେଖିଥିବା ଦର୍ଶାଇ ଉପରକୁ ହାତ ଟେକି ଦେଉଛନ୍ତି। ସରକାର ୱେବସାଇଟ୍ ପାଇଁ ବିପୁଳ ଅର୍ଥ ଖର୍ଚ୍ଚ କରୁଥିବାବେଳେ କାହିଁକି ସେଗୁଡ଼ିକର କାର୍ଯ୍ୟଦକ୍ଷତା ଉପରେ ସମୀକ୍ଷା କରି ପଦକ୍ଷେପ ନେଉ ନାହାନ୍ତି ବୋଲି ଆଶାୟୀମାନେ ପ୍ରଶ୍ନ କରିଛନ୍ତି।


**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, vide CF. No. 51, dated 26.09.2025, **PRAMODA KUMAR PARIDA**, S/o Paramananda Parida resident of Vill.At- Injana, PO- Kalarahanga, Ps.- Mancheswar, Bhubaneswar Dist- Khordha, State- Odisha, Pin- 751024 declare that I have changed my name, from **PRAMOD PARIDA** to **PRAMODA KUMAR PARIDA**. Henceforth I shall be known as **PRAMODA KUMAR PARIDA** for all purposes.

Sd- **PRAMODA KUMAR PARIDA**

**AFFIDAVIT**

By virtue of an affidavit before The Executive Magistrate, BBSR, Vide CF No-109/ 15.01.2026. I, MAMA BISWAS aged about, 32 yrs, W/o- Satya Ranjan Biswas, Permanent resident of At- CN-22-B, Bhanwar Singh Camp, Vasant Vihar-1, Po- Vasant Vihar-1, Ps-Vasant Vihar, Dist-South West Delhi, State - Delhi-110057, Currently residing At-Kargil Basti, Tareni Sahi, Pokhariput, Ps-Airport, Bhubaneswar, Dist-Khordha, Odisha-751020 have changed my name from Mama Paramanik to Mama Biswas. Henceforth I shall be known as **Mama Biswas, W/o- Satya Ranjan Biswas** for all purposes.

**AFFIDAVIT**

I, Binoda Bihari Nayak, S/o Late Bimbadhar Nayak, resident of At Plot No. 833/3089, Khaleswar Nagar, Khaira, PO/PS- Jagatpur, Dist- Cuttack, PIN- 754021, Odisha declare by this affidavit No. 14104, dated- 12.12.2025, that now onwards I shall be known as **BINOD BIHARI NAYAK** for all future purposes.

# ବ୍ଲକ୍‌ସ୍ତରୀୟ କର୍ତ୍ତବ୍ୟବୋଧ ଦିବସ



**ଭଦ୍ରକ,୧୮।୧(ସମିସ):** ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ (ଏବିଆର୍‌ଏସ୍‌ଏମ୍) ଚାନ୍ଦବାଲି ବ୍ଲକ୍ ତରଫରୁ କର୍ତ୍ତବ୍ୟବୋଧ ଦିବସ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ବ୍ଲକ୍ ସଭାପତି ଶିକ୍ଷକ ଅମୂଲ୍ୟ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କାର୍ଯ୍ୟକର୍ତ୍ତା ସୁବାସ ଚନ୍ଦ୍ର ବେହେରା, ମୁଖ୍ୟବକ୍ତା ସାହିତ୍ୟିକ ପ୍ରଫୁଲ୍ଲ କୁମାର ଦାସ, ସମ୍ମାନିତ ଅତିଥି ଜିଲ୍ଲା ଉପସଭାପତି ପ୍ରଦୀପ କୁମାର ଦାଶ, ସଂଘର ଖଣ୍ଡ ଚାଳକ ସୂର୍ଯ୍ୟକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ କର୍ତ୍ତବ୍ୟବୋଧ ଦିବସ ପାଳନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହିତ ରାଷ୍ଟ୍ର ନିର୍ମାଣରେ ଶିକ୍ଷକମାନଙ୍କର କର୍ତ୍ତବ୍ୟ ସଠିକ୍ ମାର୍ଗରେ ସମ୍ପାଦିତ ହେବା ଉଚିତ୍ ବୋଲି ମତବ୍ୟକ୍ତ କରିଥଲେ। ଏଥିରେ ସମ୍ପାଦକ ମାନସ କୁମାର ପାଢ଼ୀ ସଭାର ଅଭିମୁଖ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ରବୀନ୍ଦ୍ର ନନ୍ଦୀ, ଡମ୍ବରୁଧର ମହାନ୍ତି, ବୈଲୋଚନ ଦେହୁରୀ, ସୁରେନ୍ଦ୍ର ମୋହନ ତ୍ରିପାଠୀ, ପ୍ରଶାନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଗୁରୁଜୀ ଶ୍ରୀଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୦୧୧ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ



**ଭଣ୍ଡାରିପୋଖରୀ,୧୮।୧(ସମିସ):** ମଞ୍ଜୁରୀରୋଡ୍ ଦେଓପଦା କୌଶଲ୍ୟା ରାଉତ ଉଚ୍ଚ ବିଦ୍ୟାପୀଠ ୨୦୧୧ ମ୍ୟାଟ୍ରିକ ପରୀକ୍ଷା ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ରବିବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସୁଶାନ୍ତ ଦାସ, ସଂଗ୍ରାମ ପଣ୍ଡା, ବିଭୁଦତ୍ତ ବାରିକ, ଗୀତାଞ୍ଜଳି ପଣ୍ଡା ପ୍ରମୁଖଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ସାହୁ ମୁଖ୍ୟ ଅତିଥି, ପୂର୍ବତନ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦାଶ, ପୂର୍ବତନ ଶିକ୍ଷକ ମନୋରଞ୍ଜନ ମହାପାତ୍ର, ସୁରେଶ ଚନ୍ଦ୍ର ସାହୁ, ରମାକାନ୍ତ ସାହୁ, ଶିକ୍ଷକ ଦିଗମ୍ବର ରାଉତ ଓ ହରିହର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ର ଜୀବନର ଅନୁଭୂତି ସହ ସାମ୍ପ୍ରତିକ ଜୀବନ ସମ୍ପର୍କରେ ପରସ୍ପର ସହ ଭାବବିନିମୟ କରିଥିଲେ। ଏହି ଅବସରରେ ଶିକ୍ଷକମାନଙ୍କୁ ପୁରାତନ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଦ୍ମାବତୀ ରାଉତ, ସସ୍ମିତା ସେନାପତି, ଚିନ୍ମୟୀ ଜେନା, ମମତା ବାରିକ, କିଶୋର ସାହୁ, ଦୀପକ ପତି, ବିଶ୍ୱନାଥ ରାଉଳ, ବିଶ୍ୱରଞ୍ଜନ ରାଉତ, ସୁବ୍ରତ ରାଉତ, ପ୍ରଶାନ୍ତ ପଲାଇ ପ୍ରମୁଖ ପୁରାତନ ଛାତ୍ରଛାତ୍ରୀ ଉତ୍ସବ ପରିଚାଳନା କରିଥିଲେ।

# ଧାମନଗର ଅଞ୍ଚଳରେ ଆଖୁଚାଷ ପାଇଁ ପ୍ରୋତ୍ସାହନ ଅଭାବ

ଭଦ୍ରକ,୧୮।୧(ସମିସ)

ଏକଦା ଆଖୁଚାଷ ଲାଗି ଭଦ୍ରକ ଜିଲ୍ଲାର ଧାମନଗର ଅଞ୍ଚଳ ବେଶ୍ ପ୍ରସିଦ୍ଧି ଲାଭ କରିଥିଲା। ଆଖୁ ଚାଷ ଅଧିକ ପରିମାଣରେ ଲୋକ କରୁଥିବାବେଳେ ୯୦ ଦଶକ ପୂର୍ବରୁ ଅସୁରାଳିରେ ଏକ ପାରମ୍ପରିକ ଚିନିକଳ ଥିଲା। ଏହି ଚିନିକଳରେ ଆଖୁରୁ ଚିନି ପ୍ରସ୍ତୁତ କରାଯାଉଥିଲା। ସେହିପରି ଅସୁରାଳିରେ ପାରମ୍ପରିକ ଘଣା ବସାଯାଇ ବଳଦ ମାଧ୍ୟମରେ ଘଣାରେ ଆଖୁକୁ ପେଡ଼ି ସେଥିରୁ ଗୁଡ଼ ପ୍ରସ୍ତୁତ କରାଯାଉଥିଲା। ଏବେ ବଳଦ ଦ୍ୱାରା ଆଉ ଘଣା ଯାଉନାହିଁ। ପାରମ୍ପରିକ ଘଣାରେ ଆଖୁ ପେଡ଼ାଯାଇ ଗୁଡ଼ ପ୍ରସ୍ତୁତ କରାଯାଉଛି। ଦିନ ଥିଲା ନୟାଗଡ଼ ଗୁଡ଼ ଭଳି ଅସୁରାଳି ଗୁଡ଼ର ବହୁ ଚାହିଦା ମଧ୍ୟ ରହିଥିଲା। ଏବେ ବି ଓଡ଼ିଶା ବଜାରରେ ଅସୁରାଳି ଗୁଡ଼ର ସ୍ୱତନ୍ତ୍ର ଚାହିଦା ରହିଛି। କଳାଗୁଡ଼ର ମୂଲ୍ୟ କ୍ୱିଣ୍ଟାଲ ପ୍ରତି ଦାମ୍ ୫୫୦୦ ଟଙ୍କା ରହିଥିବାବେଳେ ଧଳାଗୁଡ଼ର ମୂଲ୍ୟ ପ୍ରତି କ୍ୱିଣ୍ଟାଲ ପିଛା ୬ ହଜାର ଟଙ୍କା ରହିଛି। ତେବେ ସମ୍ପୃକ୍ତ ଅଞ୍ଚଳରେ ଆଖୁ ଚାଷ ପ୍ରତି ଚାଷୀଙ୍କର ଆଗ୍ରହ ଥିଲେ ମଧ୍ୟ ଆଖୁ ଚାଷ ପାଇଁ ଜଳାଭାବ ଯୋଗୁଁ ଏହି ଅଞ୍ଚଳରେ ଏବେ ଆଖୁ ଚାଷ ହ୍ରାସ ପାଇବାରେ ଲାଗିଛି।

ସୂଚନାଯୋଗ୍ୟ, ପୂର୍ବରୁ ଧାମନଗର ବ୍ଲକ୍‌ରେ ୨ ହଜାର ଏକରରୁ ଅଧିକ ଜମିରେ ଆଖୁ ଚାଷ ହେଉଥିଲା। ଏବେ ଏହା ହ୍ରାସ ପାଇ ୨୫୦ ଏକରରେ ସୀମିତ ରହିଛି। ଚଳିତ ବର୍ଷ ଧାମନଗର ବ୍ଲକ୍‌ର ଜୟାନଗର ଅଞ୍ଚଳରେ ୫୦ ଏକର ଜମିରେ ଆଖୁ ଚାଷ ହୋଇଥିବାବେଳେ କୁଳିଆ ଗଡ଼ିଆରେ ୧୦ ଏକର, ଭଣ୍ଡାରିପଡ଼ାରେ ୧୦ ଏକର, କାଙ୍କରାରେ ୨୦ ଏକର, ଭଗବାନପୁରରେ ୧୦ ଏକର, ଇଛଦାରେ ୧୩ ଏକର, ଅସୁରାଳି ଅଞ୍ଚଳରେ ୨୦ ଏକର, କାଙ୍କୁଡ଼ି ଗାଡ଼ିଆରେ ୨୦ ଏକର, ମାଙ୍କିଡ଼ିଆରେ ୫ ଏକର, କୋଠାରରେ ୫ ଏକର, କାସିମ୍‌ପୁରରେ ୨୦ ଏକର, ଧୂଷୁରୀରେ ୧୦ ଏକର, ଶ୍ରୀଗଙ୍ଗାରେ ୧୫ ଏକର, ଜାହାଙ୍ଗୀରରେ ୧୭ ଏକର, ଗୋବିନ୍ଦା ଗାଡ଼ିଆରେ ୧୦ ଏକର ଜମିରେ ଆଖୁ ଚାଷ ହେଉଥିବା ସୂଚନା ମିଳିଛି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ଧାନଠାରୁ ଆଖୁ ଚାଷ ଅଧିକ ଲାଭ ଦେଉଥିବାବେଳେ ଲୋକେ ଏହି ଅଞ୍ଚଳରେ ଆଖୁ ଚାଷ ପ୍ରତି ଚାଷୀଙ୍କ ଅନାଗ୍ରହ ଭାବ ବଢ଼ିଛି। ଆଖୁ ଚାଷୀଙ୍କ ପ୍ରତି କୃଷି ବିଭାଗର ସହଯୋଗ ନ ଥିବା ଓ ଏହି ଅଞ୍ଚଳରେ ଆଖୁ ଚାଷୀଙ୍କ ଜମିକୁ ଆବଶ୍ୟକ ଜଳଯୋଗାଣ କରାଯାଉ ନ ଥିବାବେଳେ ଆଖୁ ଚାଷ ଭଲ ଅମଳ ଦେଉନାହିଁ। ଆଖୁ ଚାଷ ପାଇଁ ଯେଉଁ ପରିମାଣରେ ଜଳର ଆବଶ୍ୟକତା ପଡୁଛି ଜଳସେଚନ ବିଭାଗ ଓ ଉଠା ଜଳସେଚନ ବିଭାଗ ସେହି ଅନୁପାତରେ ଜଳଯୋଗାଣ କରିପାରୁ ନାହାନ୍ତି। ଫଳରେ ଧାମନଗର ବ୍ଲକ୍‌ରେ ଆଖୁ ଚାଷ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ସେହିଭଳି ଆଖୁର ମୂଲ୍ୟ ବୃଦ୍ଧି ହେଉ ନ ଥିବାବେଳେ ଚାଷୀ ଯାହା ଖର୍ଚ୍ଚ କରୁଛି ତା'ର ବଜାର ମୂଲ୍ୟ ତାକୁ ଠିକ୍ ଭାବରେ ଦିଆଯାଉ ନାହିଁ। ଲୋକେ ପାରମ୍ପରିକ ଆଖୁ ଚାଷକୁ ଛାଡ଼ିପାରୁ ନ ଥିବାବେଳେ ପାରମ୍ପରିକ ଗୁଡ଼ ପ୍ରସ୍ତୁତ କରି ଏବେ ମଧ୍ୟ ଏ ଅଞ୍ଚଳର ସୁନାମ ବଜାଇ ରଖିଛନ୍ତି। ୯୦ ଦଶକ ପୂର୍ବରୁ ଏ ଅଞ୍ଚଳର ଅଧିକାଂଶ ଚାଷୀଙ୍କର ପ୍ରଥମ ପସନ୍ଦ ଥିଲା ଆଖୁ ଚାଷ। ଏବେ ଲୋକେ ଆଖୁ ଚାଷ ଆଡୁ ମୁହଁ ଫେରାଇଥିବାବେଳେ ଧାନ ଚାଷ ପ୍ରତି ଅଧିକ ଆକୃଷ୍ଟ ହୋଇଛନ୍ତି। ଆଖୁ ଚାଷ ପାଇଁ ଆମର ଆଗ୍ରହ କମିବା ପଛରେ ମୂଳ କାରଣ ହେଉଛି ସରକାରଙ୍କ ଆଖୁ ଚାଷୀଙ୍କ ପ୍ରତି ପ୍ରୋତ୍ସାହନ ନାହିଁ। ଆଖୁର ମୂଲ୍ୟ ବୃଦ୍ଧି ହେଉନି କି ବଜାର ବ୍ୟବସ୍ଥା ଠିକ୍ ନାହିଁ। ଚିନି କଳ ନ ଥିବାରୁ ଆଖୁ ଚାଷୀ ସେଥିପ୍ରତି ମୁହଁ ଫେରାଉଛନ୍ତି। ସେହିପରି ୯୦ ଦଶକରେ ଧରଣୀ ସୁଗାର ଧାମନଗର ଛକରେ ଚିନିକଳ କରିବା ବୋଲି କହି ଆଉ ଚିନି କଳ କଲାନାହିଁ। ଚିନିକଳ ନ ହେବାରୁ ଅନେକ ଚାଷୀ ଏହି ଚାଷ ଆଡୁ ମୁହଁ ଫେରାଇ ନେଇଛନ୍ତି। ସେହିପରି ଜଳସେଚନର ସୁବିଧା ନ ଥିବା ଯୋଗୁଁ ଆଖୁ ଚାଷ କରି ଚାଷୀ ଅଧିକ ଲାଭ ମିଳୁ ନ ଥିବାରୁ ଅଧିକାଂଶ ଏହି ଚାଷରୁ ମୁହଁ ଫେରାଇ ନେଉଥିବା ଅନେକ ଚାଷୀ କହିଛନ୍ତି। ଏ ଦିଗରେ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଲେ ଏହି ହ୍ରାସ ପାଉଥିବା ଚାଷ ପ୍ରତି ଅନାଗ୍ରହ ଭାବ ଛାଡ଼ି ଚାଷୀ ଅଧିକ ମନୋନିବେଶ କରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।

■ ପୂର୍ବରୁ ହଜାରେ ଏକର ଆଖୁ ଚାଷ ହେଉଥିଲା; ଏବେ ୨୫୦ରେ ସୀମିତ
■ ଆଖୁର ମୂଲ୍ୟ ବୃଦ୍ଧି ହେଉନି କି ଜଳସେଚନର ସୁବିଧା ନାହିଁ



# ୩୦ରୁ ମଞ୍ଜୁରୀରୋଡ୍ ଶକୁନ୍ତଳା ଲେଙ୍କା କ୍ରିକେଟ୍

ଭଣ୍ଡାରିପୋଖରୀ,୧୮।୧(ସମିସ): ମଞ୍ଜୁରୀରୋଡ୍ ମହାବୀର ଯୁବକ ସଂଘ ଆନୁକୂଲ୍ୟରେ ଚଳିତ ବର୍ଷ ଶକୁନ୍ତଳା ଲେଙ୍କା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଡାକ୍ତରଖାନା ପଡ଼ିଆରେ ଆସନ୍ତା ୩୦ ତାରିଖରୁ ଆରମ୍ଭ ହେବ। କଟକ ଏକାଦଶ ଓ ଭଦ୍ରକ ସୂର୍ଯ୍ୟଶିଖା ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ ୩୦ରେ ଏବଂ ଭଦ୍ରକ ଜେସିସି ଓ ଜେଏସି ଇଞ୍ଜନପୁର ମଧ୍ୟରେ ଦ୍ୱିତୀୟ ସେମି ଫାଇନାଲ ୩୧ ତାରିଖରେ ହେବ। ୧ରେ ପ୍ରଥମ ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ସେହିପରି ଯାଜପୁର ୧୧ ଷ୍ଟାର୍ ସହ କଟକ ବିଶ୍ୱଭାରତୀ କ୍ରିକେଟ୍ କ୍ଲବ ମଧ୍ୟରେ ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ୩ ତାରିଖରେ ଏବଂ କେନ୍ଦ୍ରପଡ଼ା ଇନ୍ଦୁପୁର ଗୋପବନ୍ଧୁ କ୍ରିକେଟ କ୍ଲବ ଓ ଆନ୍ଧ୍ରପ୍ରଦେଶ ଆଜାଦ ଏକାଦଶ ମଧ୍ୟରେ ଶେଷ କ୍ୱାର୍ଟର ଫାଇନାଲ ମ୍ୟାଚ୍ ୪ ତାରିଖରେ ଅନୁଷ୍ଠିତ ହେବ। ୫ରେ ଦ୍ୱିତୀୟ ସେମି ଫାଇନାଲ୍ ଓ ୮ରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ।

# ଧୂଷୁରୀ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ବେତାଳିଗାଁ ଚାମ୍ପିଅନ

**ଅସୁରାଳି,୧୮।୧(ସମିସ):** ଧୂଷୁରୀ ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖ କାଳୀ ପଡ଼ିଆଠାରେ ଗତ ୧୨ ତାରିଖରୁ ଆରମ୍ଭ ହୋଇଥିବା ୨ୟ ଧୂଷୁରୀ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ମ୍ୟାଚ୍‌ରେ ଫାଇନାଲକୁ ଉନ୍ନୀତ ହୋଇଥିବା ବେତାଳିଗାଁ କ୍ରିକେଟ ଟିମ୍ ଓ ଧୂଷୁରୀ ଜି.କେ ନଗରର ରୁଦ୍ର ଏକାଦଶ ମଧ୍ୟରେ ତିନି ରାଉଣ୍ଡ ବିଶିଷ୍ଟ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ବେତାଳିଗାଁ ଚାମ୍ପିଅନ ହୋଇଛି। ଫାଇନାଲ୍ ମ୍ୟାଚ୍‌କୁ ସମାଜସେବୀ ଡ. ସଞ୍ଜୟ ଦାସ ଓ ସନ୍ୟାସୀ ମଲ୍ଲିକ ଫିତା କାଟି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧୂଷୁରୀ ସେବା ସମବାୟ ସମିତି ସଭାପତି ସନ୍ଦିପ ସ୍ୱାଇଁ, ଧୂଷୁରୀ ପ୍ରେସ ୟୁନିୟନ ସଭାପତି ସାମ୍ବାଦିକ ସନ୍ତୋଷ ଦାସ, ସମ୍ପାଦକ ଦୀପ୍ତିରଞ୍ଜନ ନାୟକ, ସାମ୍ବାଦିକ ରତିକାନ୍ତ ନାୟକ ଅତିଥି ଭାବରେ ଯୋଗଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ୮ ଓଭର ବିଶିଷ୍ଟ ମ୍ୟାଚ୍‌ରେ ୩ ୱିକେଟ୍ ହରାଇ ରୁଦ୍ର ଏକାଦଶ ୧୨୭ ରନ୍ ସଂଗ୍ରହ କରିଥିବାବେଳେ ଜବାବରେ ବେତାଳିଗାଁ ୨ ୱିକେଟ୍ ହାରାଇ ୧୨୮ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ରାଉଣ୍ଡରେ ସେହି ୮ ଓଭର ବିଶିଷ୍ଟ ମ୍ୟାଚ୍‌ରେ ବେତାଳିଗାଁ ପ୍ରଥମେ ବ୍ୟାଟିଂ କରି ୪ ୱିକେଟରେ ୧୨୯ ରନ୍ ସଂଗ୍ରହ କରିଥିବାବେଳେ ରୁଦ୍ର ଏକାଦଶ ୫ ଓଭରରେ ୪ ୱିକେଟ ହରାଇ ୧୩୦ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଶେଷ ରାଉଣ୍ଡରେ ୬ ଓଭର ବିଶିଷ୍ଟ ମ୍ୟାଚ୍‌ରେ ବେତାଳିଗାଁ ପ୍ରଥମେ ବ୍ୟାଟିଂ କରି ୫ ୱିକେଟ୍ ହରାଇ ୯୧ ରନ୍ ସଂଗ୍ରହ କରିଥିବାବେଳେ ଜବାବରେ ରୁଦ୍ର ଏକାଦଶ ନିର୍ଦ୍ଧାରିତ ଓଭରରେ ୭ ୱିକେଟ ହରାଇ ୮୪ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା। ଏହି ମ୍ୟାଚ୍‌ରେ ବେତାଳିଗାଁର ବିଜୟ, ଲିପୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ସିରିଜ୍ ପାଇଁ ଯୋଗ୍ୟ ବିବେଚିତ ହେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଧାମନଗର ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ବିଶେଷ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ ମଲ୍ଲିକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ୍ ବିଜେଡି ସଭାପତି ଉମେଶ ମହାନ୍ତି, ସରପଞ୍ଚ ନରେନ୍ଦ୍ର ନାରାୟଣ ନାୟକ, ଅଜୟ ମଲ୍ଲିକ, ଭାରତ ବିଜୟ ଦଳାଇ ପ୍ରମୁଖ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଖେଳରେ ଆମ୍ପାୟର ଭାବେ ନିର୍ମାଲ୍ୟ ତରାଇ, ଅକ୍ଷୟ ଷଡ଼ଙ୍ଗୀ ଓ ସଂଜିପ ରଣା ଖେଳ ପରିଚାଳନା କରିଥିଲେ। ସରୋଜ ରାଉତ ଓ ଶୁଭେନ୍ଦୁ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ସରୋଜ ସ୍ୱାଇଁ, ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ସୁଶାନ୍ତ ନାୟକ, ରୂପ ରଞ୍ଜନ ଦୋବାଇ, ଜ୍ଞାନ ସ୍ୱାଇଁଙ୍କ ସମେତ କମିଟିର ସଦସ୍ୟମାନେ ଏହି ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ। ଯୁବ ବ୍ୟବସାୟୀ ବ୍ରଜ କିଶୋର ବିଶ୍ୱାଳ, ମନୋଜ ସାହୁ, ଚିନ୍ମୟ ବିଶ୍ୱାଳ ଓ ବିଜୟ ବିଶ୍ୱାଳ ସହଯୋଗ କରିଥିଲେ ଏବଂ ପରାଜୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।



# ଭଦ୍ରକ ଓଲଙ୍ଗ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା



**ଭଦ୍ରକ,୧୮।୧(ସମିସ):** ଭଦ୍ରକ ଓଲଙ୍ଗସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୨ଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଓଲଙ୍ଗ ମିନି ଷ୍ଟାଡିୟମ୍‌ଠାରେ ଗତ ୧୬ ଓ ୧୭ ତାରିଖରେ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ଉତ୍ସବର ଉଦ୍‌ଘାଟନ ଦିବସରେ ଡେପୁଟି କଲେକ୍ଟର ଦେବବ୍ରତ ମହାପାତ୍ର, ଅନ୍ତର୍ଜାତୀୟ ପାରା କ୍ରୀଡ଼ାବିତ୍ ମଧୁମିତା ସାହୁ ଓ ପୂର୍ବତନ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ବିଶ୍ୱାଳ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅତିଥିମାନେ କ୍ରୀଡ଼ାର ଗୁରୁତ୍ୱ ଓ ଶିକ୍ଷା ସହ କ୍ରୀଡ଼ାର ସମନ୍ୱୟ ଉପରେ ଗୁରୁତ୍ୱ ଦେଇ ଛାତ୍ରଛାତ୍ରୀମାନଙ୍କୁ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରହିବାକୁ ଆହ୍ୱାନ କରିଥିଲେ। ଦୁଇଦିନିଆ କ୍ରୀଡ଼ା ପ୍ରତିଯୋଗିତାରେ ଦୌଡ଼, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ଗୋଲାଛାଡ଼ ସହିତ ବିଭିନ୍ନ ଦଳୀୟ ଓ ବ୍ୟକ୍ତିଗତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀମାନଙ୍କର ଚମତ୍କାର ଶାରୀରିକ କୌଶଳ, ଶିଷ୍ଟାଚାର ଓ କ୍ରୀଡ଼ା ଭାବନା ଦର୍ଶକମାନଙ୍କୁ ମୁଗ୍ଧ କରିଥିଲା। ଗତ ୧୭ରେ ଅନୁଷ୍ଠିତ ସମାପନ ଉତ୍ସବରେ ଏନ୍‌ସିସି କମାଣ୍ଡିଂ ଅଫିସର, ନେଭାଲ୍ ୟୁନିଟ୍ ଭଦ୍ରକର ସୁଦୀପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ସମଗ୍ର କ୍ରୀଡ଼ା ଉତ୍ସବ ସୁସଂଗଠିତ ଓ ସଫଳ ଭାବେ ସମ୍ପନ୍ନ ହୋଇଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ବିଦ୍ୟାଳୟ ଅଧକ୍ଷ ମାନସ କୁମାର ମାଝୀ, କ୍ରୀଡ଼ା ଶିକ୍ଷକ ରଞ୍ଜନ ବେହେରା ମଞ୍ଚ ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ଏହି ଉତ୍ସବ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ତଥା କର୍ମଚାରୀ ପୂର୍ଣ୍ଣ ସହଯୋଗ କରିଥିଲେ।

# ମା' ଦପାନାୟକାଣୀ ପୀଠରେ ମେଗା ସ୍ୱାସ୍ଥ୍ୟ ସେବା ଶିବିର

**ଭଦ୍ରକ/ତିହିଡ଼ି,୧୮।୧(ସମିସ):** ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ତଥା ତିହିଡ଼ି ବ୍ଲକ୍‌ର ଈଶ୍ୱରପୁରଠାରେ ବିରାଜମାନ କରିଥିବା ମା' ଦପାନାୟକାଣୀଙ୍କ ପୀଠରେ ପବିତ୍ର ମକର ପର୍ବ ଅବସରରେ ଶୁଭମ୍ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ତ୍ରିଦିବସୀୟ ଅହୋରାତ୍ର ମେଗା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ସଂଗଠନର ସଭାପତି ହୃଷୀକେଶ ବାରିକ ଓ ମୁଖ୍ୟ ସଂଯୋଜକ ଆନନ୍ଦ ଚନ୍ଦ୍ର ପଲେଇଙ୍କ ନେତୃତ୍ୱରେ ୧୫ ଜଣିଆ ସ୍ୱେଚ୍ଛାସେବୀ ଦଳ ମା'ଙ୍କ ପୀଠରେ ପହଞ୍ଚି ଏହି ସ୍ୱାସ୍ଥ୍ୟ ସେବା ଶିବିରକୁ ପରିଚାଳନା କରିଥିଲେ। ଏହାସହିତ ମେଳାକୁ ଆସିଥିବା ହଜାର ହଜାର ଶ୍ରଦ୍ଧାଳୁମାନଙ୍କୁ ଶୁଦ୍ଧ ଲେମ୍ବୁ ମିଶ୍ରିତ ଜଳ ପ୍ରଦାନ କରିଥିଲେ। ଏହି ଶିବିରରେ ବରିଷ୍ଠ ଭେଷଜ ବିଶେଷଜ୍ଞ ଡାକ୍ତର ବିଜୟ କୁମାର ପଣ୍ଡା, ଡାକ୍ତର ଅନିଲ ଦାସ, ଡାକ୍ତର ଅଜୟ କୁମାର ପଣ୍ଡା, ଫାର୍ମାସିଷ୍ଟ ବିନୋଦ ବିହାରୀ ପଣ୍ଡା, ସତ୍ୟଶ୍ରୀ ନାୟକ, ଲିପୁନ ପତି ପ୍ରମୁଖ ଯୋଗଦେଇ ୩ ଦିନ ଧରି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ସେମାନଙ୍କୁ ମାଗଣାରେ ଔଷଧ ପ୍ରଦାନ କରିଥିଲେ। ଏହି ଶିବିରରେ ମୋଟ ୨୨୧୮ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଏହି ୩ ଦିନିଆ ମେଗା ସ୍ୱାସ୍ଥ୍ୟ ସେବା ଶିବିରକୁ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧିରଞ୍ଜନ ନାୟକ ମୁଖ୍ୟ ଅତିଥି ଓ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ ମକର ମେଳାରେ ମା'ଙ୍କ ପୀଠରେ ଏପରି ସ୍ୱତନ୍ତ୍ର ସେବା ଶିବିର ଆୟୋଜନ କରି ଯାତ୍ରୀ ଓ ଶ୍ରଦ୍ଧାଳୁମାନଙ୍କୁ ସେବା ଯୋଗାଇ ଦେଉଥିବାରୁ ସଂଗଠନର ନିଷ୍ଠାପର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଶିବିରକୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ପୂର୍ବତନ ଧାମନଗର ବ୍ଲକ୍ ଅଧକ୍ଷ ଅଶୋକ କୁମାର ନାୟକ, ଡ. ସଞ୍ଜୀୟ ଦାସ ପ୍ରମୁଖଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ପରିଦର୍ଶନ କରିଥିଲେ। ସଂଗଠନ ପକ୍ଷରୁ ଦିବା ରାତ୍ର ଧରି ଚାଲିଥିବା ଏପରି ମହତ୍ କାର୍ଯ୍ୟ ଦୀର୍ଘ ୨୨ ବର୍ଷ ହେଲା ଆୟୋଜନ କରାଯାଉଥିବାରୁ ସଂଗଠନର କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମା' ଦପାନାୟକାଣୀ ପୂଜା କମିଟିର ସଭାପତି ଶରତ ଚନ୍ଦ୍ର ଦାସ, ସମ୍ପାଦକ ମଦନ ମୋହନ ଦାସ, ଶିକ୍ଷାବିତ୍ ନିତ୍ୟାନନ୍ଦ ମଲ୍ଲିକ, ସଂଗଠକ ବିକାଶ ଦାସଙ୍କ ସହିତ ପୂଜା କମିଟିର ସବୁ କର୍ମକର୍ତ୍ତା ଯୋଗଦେଇଥିଲେ। ୩ ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମକୁ ସଂଗଠନର ସମ୍ପାଦକ ନରେନ୍ଦ୍ର ସାମଲ, ପାର୍ଥସାରଥୀ ସାମଲ, ଦେବେନ୍ଦ୍ର ଭଞ୍ଜ, ଚକ୍ରଧର ଜେନା, ଜ୍ୟୋତି କୃଷ୍ଣ ସାମଲ, ଅଜୟ ପଲେଇ ପ୍ରମୁଖ ପରିଚାଳନା କରିଥିଲେ।



# ଗ୍ରାମଦେବତୀ ମା' ଲେଙ୍କୁଡ଼େଶୁଣି ପୀଠ ଅବହେଳିତ

ଦୋବଲ,୧୮।୧(ସମିସ)

ଧାମନଗର ବ୍ଲକ୍ ଅନ୍ତର୍ଗତ ଧାମନଗର କଲେଜ ନିକଟରେ ଗୌଡ଼ବିଶୀ ନୂଆପଡ଼ା ମୌଜାରେ ଅବସ୍ଥିତ ୪୦୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ଗ୍ରାମଦେବତୀ ମା' ଲେଙ୍କୁଡ଼େଶୁଣି ପୀଠ ଅବହେଳିତ ଅବସ୍ଥାରେ ପଡ଼ିଛି। ରଘୁନାଥପୁର, ନୂଆପଡ଼ା ଓ ମୁସ୍ତାଫାପୁର ଗ୍ରାମବାସୀଙ୍କ ଆସ୍ଥାର କେନ୍ଦ୍ରବିନ୍ଦୁ ଥିବା ଏହି ପୁରାତନ ପୀଠ ଏବେ ବିଲ ମଝିରେ ଖଜୁରୀ ବଣ ଭିତରେ ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ି ରହିଛି। ମା'ଙ୍କ ନାମରେ ୨.୫୦ ଏକର ଜମି ଥିଲେ ସୁଦ୍ଧା ଦୀର୍ଘଦିନ ଧରି ଜବରଦଖଲ ହୋଇ ରହିଛି। ଠାକୁରାଣୀଙ୍କ ପାଇଁ ନା ମନ୍ଦିର ରହିଛି, ନା କୌଣସି ସ୍ଥାୟୀ ଘର। ଖୋଲା ଆକାଶ ତଳେ ରହିଛନ୍ତି ମା'। ପୂଜା ପାଠ ପାଇଁ ମାତ୍ର ଗୋଟିଏ ପୁରୁଣା କୂଅ ରହିଥିବାବେଳେ ଅନ୍ୟ କୌଣସି ଧାର୍ମିକ ଢାଞ୍ଚା ଦୃଶ୍ୟମାନ ନୁହେଁ।

ପୂର୍ବରୁ କୋରକର୍ଦା ଗ୍ରାମର ଜଣେ ବ୍ରାହ୍ମଣ ପରିବାର ଏହି ପୀଠରେ ନିୟମିତ ପୂଜାର୍ଚ୍ଚନା କରୁଥିଲେ। କିନ୍ତୁ ସେହି ବ୍ରାହ୍ମଣଙ୍କ ଦେହାନ୍ତ ପରେ ପୀଠଟି ଅପୂଜା ଓ ଅବହେଳିତ ଅବସ୍ଥାରେ ରହିଛି। ବର୍ତ୍ତମାନ ଜଣେ ଖଜୁରୀ ରସ ବିକ୍ରେତା କେବଳ ସାଧାରଣ ପୂଜା କରି ଦେଉଥିବା ଜଣାପଡ଼ିଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି ପୀଠ ସଂଲଗ୍ନ ଅଧିକାଂଶ ଜମି ଅଣହିନ୍ଦୁ ବ୍ୟକ୍ତିଙ୍କ ଅଧୀନରେ ରହିଥିବା ଜଣାଯାଇଛି। ମୁଖ୍ୟ ରାସ୍ତାରୁ ପୂର୍ବକୁ ୨୦୦ ମିଟର ଭିତରେ ଥିବା ପୀଠକୁ ଯିବା ପାଇଁ ହିଡ଼ ରାସ୍ତା ଅତ୍ୟନ୍ତ ଦୁର୍ଗମ ଓ ଅସୁବିଧାଜନକ ହୋଇଥିବାରୁ ଭକ୍ତମାନେ ଆସିବାକୁ ଅସୁବିଧା ଅନୁଭବ କରୁଛନ୍ତି। ଗ୍ରାମବାସୀଙ୍କ ମତାନୁସାରେ, ଯଦି ଏହି ରାସ୍ତାକୁ କଂକ୍ରିଟ କରାଯାଏ ତେବେ ସାଧାରଣ ଭକ୍ତମାନେ ସହଜରେ ମା'ଙ୍କ ପୀଠରେ ପହଞ୍ଚିପାରିବେ। ପୂର୍ବରୁ ପ୍ରତ୍ୟେକ ବିବାହ ଓ ବ୍ରତ ସମୟରେ ରଘୁନାଥପୁର, ନୂଆପଡ଼ା ଓ ମୁସ୍ତାଫାପୁର ଗ୍ରାମର ଲୋକେ ଏହି ଗ୍ରାମଦେବତୀଙ୍କ ନିକଟରେ 'ଦିଅ ମଙ୍ଗଳା' କାର୍ଯ୍ୟ କରିଥା'ନ୍ତି। କିନ୍ତୁ ବର୍ତ୍ତମାନ ରାସ୍ତା ଓ ଅନ୍ୟାନ୍ୟ ଉନ୍ନତି ନ ଥିବାରୁ ଏହି ମା'ଙ୍କୁ ଭୁଲି ଯାଇ ଅନ୍ୟ ସ୍ଥାନରେ ପୂଜାପାଠ କରିବାକୁ ବାଧ ହେଉଛନ୍ତି। ତଥାପି ମୁସ୍ତାଫାପୁର ଗ୍ରାମରେ ପ୍ରତ୍ୟେକ ସଂକ୍ରାନ୍ତିରେ ମା' ଲେଙ୍କୁଡ଼େଶୁଣିଙ୍କ ପୂଜାର୍ଚ୍ଚନା ଆଜି ମଧ୍ୟ ପରମ୍ପରା ଅନୁଯାୟୀ ହୋଇଆସୁଛି। ଯାହା ଏହି ପୀଠର ଗଭୀର ଐତିହ୍ୟ ଓ ଅତୁଟ ଆସ୍ଥାକୁ ପ୍ରମାଣିତ କରେ। ଏପରି ଏକ ପୁରାତନ ଓ ଐତିହାସିକ ଗ୍ରାମଦେବତୀଙ୍କ ପୀଠକୁ ସୁରକ୍ଷା ଦେବା, ଜବରଦଖଲ ଜମି ଉଦ୍ଧାର, ମନ୍ଦିର ନିର୍ମାଣ ଓ ସୁଚାରୁ ଯାତାୟାତ ବ୍ୟବସ୍ଥା ପାଇଁ ପ୍ରଶାସନ ଓ ଲୋକପ୍ରତିନିଧିଙ୍କ ତତ୍କାଳ ହସ୍ତକ୍ଷେପ ଆବଶ୍ୟକ ବୋଲି ବୁଦ୍ଧିଜୀବୀ ଓ ଗ୍ରାମବାସୀମାନେ ଦାବି କରିଛନ୍ତି।

ଜବରଦଖଲ ଓ ଯାତାୟାତ ସମସ୍ୟାରେ ଐତିହାସିକ ପୀଠ



# ବାଦଲ ଶିକ୍‌ଦାରଙ୍କୁ ଧୂଷୁରୀ ପ୍ରେସ୍ ୟୁନିୟନ ପକ୍ଷରୁ ସମ୍ବର୍ଦ୍ଧନା



**ଅସୁରାଳି,୧୮।୧(ସମିସ):** ନାଟ୍ୟ ନିର୍ଦ୍ଦେଶକ ତଥା ମୋଗଲ ତାମ୍‌ସା ଲୋକ ନାଟକକୁ ଜାତୀୟସ୍ତରରେ ପରିଚିତ କରିଥିବା ଏବଂ ସର୍ବୋପରି ଚଳିତ ବର୍ଷ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ମର୍ଯ୍ୟାଦାଜନକ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନରେ ସମ୍ମାନିତ ହୋଇଥିବା ବିଶିଷ୍ଟ ନାଟ୍ୟଗୁରୁ ବାଦଲ ଶିକଦାରଙ୍କୁ ତାଙ୍କ ନିଜସ୍ୱ ବାସଗୃହ କୋଠାରଠାରେ ଧୂଷୁରୀ ପ୍ରେସ୍ ୟୁନିୟନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରେସ୍ ୟୁନିୟନ ସଭାପତି ସନ୍ତୋଷ ଦାସ, ସମ୍ପାଦକ ଦୀପ୍ତି ରଞ୍ଜନ ନାୟକ, କୋଷାଧକ୍ଷ ରତିକାନ୍ତ ନାୟକ, ଅଧ୍ୟାପକ ଶ୍ରୀଧର ସାହୁ ପ୍ରମୁଖ ତାଙ୍କ ବାସଗୃହରେ ପହଞ୍ଚି ଶ୍ରୀ ଶିକଦାରଙ୍କୁ ଅଙ୍ଗବସ୍ତ୍ର ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ପ୍ରକାଶ ଥାଉକି, ଶ୍ରୀ ଶିକଦାର ଏହା ପୂର୍ବରୁ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର କୋଲକାତା, ରାଜୀବ ଗାନ୍ଧୀ କଳା ସମ୍ମାନ, ଫକୀର ମୋହନ ବିଶ୍ୱବିଦ୍ୟାଳୟ ସମ୍ମାନ, ଏକ ଘରୋଇ ଟିଭି ଚ୍ୟାନେଲ ପ୍ରଦତ୍ତ ସିଟିଜେନ୍ ଆୱାର୍ଡ ପରି ୧୦୦ରୁ ଊର୍ଦ୍ଧ୍ୱ ଜିଲ୍ଲା, ରାଜ୍ୟ ତଥା ଜାତୀୟସ୍ତରୀୟ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଏହି ଅବସରରେ ସଭାପତି ସନ୍ତୋଷ ଦାଶ ଏଭଳି ଜଣେ ମହାନ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିବାରୁ ଧୂଷୁରୀ ପ୍ରେସ୍ ୟୁନିୟନ ନିଜକୁ ଧନ୍ୟ ମନେ କରୁଛି ବୋଲି କହିଛନ୍ତି। ଅଧ୍ୟାପକ ଶ୍ରୀଧର ସାହୁ ଏଭଳି ଜଣେ ଯୁଗଜନ୍ମା ନାଟ୍ୟ ନିର୍ଦ୍ଦେଶକଙ୍କ ପାଇଁ ମୋ ଗାଁ ଗର୍ବିତ ବୋଲି କହିବା ସହିତ ତାଙ୍କର ସୁସ୍ଥ ଓ ନିରୋଗ ଜୀବନ କାମନା କରିଥିଲେ।

## ମା' ବିରଜାଙ୍କ ସ୍ୱନକ୍ଷତ୍ର ଉତ୍ସବ

# ସାବିତ୍ରୀ ବେଶରେ ଦର୍ଶନ ଦେଲେ ମା'





ଯାଜପୁର, ୧୮।୧(ସମିସ)

ଆଜି ଥିଲା ତ୍ରିବେଣୀ ଅମାବାସ୍ୟା। ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ସ୍ୱନକ୍ଷତ୍ର (ଜନ୍ମୋତ୍ସବ) ଉତ୍ସବ ଅବସରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଆଜି ଭୋର ୫.୩୦ ମିନିଟ୍ ପୂର୍ବରୁ ମା'ଙ୍କ ନିତ୍ୟ ସ୍ନାନ, ପୂଜା ଓ ବେଶ ଆଦି କାର୍ଯ୍ୟ ସରିବା ପରେ ସକାଳ ୭.୩୦ ପରେ ମା'ଙ୍କ ମହାସ୍ନାନ ହେବା ପରେ ପୁନରାୟ ଆଜିର ସାବିତ୍ରୀ ବେଶ ଆରମ୍ଭ କରାଯାଇଥିଲା। ଦିବା ୧୧ଟା ସମୟରେ ମା'ଙ୍କ ସିଂହାସନ ଓ ଗର୍ଭ ଗୃହ ଧୁଆ ପରେ ଷୋଡ଼ଶୋପଚାର ପୂଜା ଆରମ୍ଭ ହୋଇଥିଲା। ମନ୍ତ୍ରରାଜ ଗାୟତ୍ରୀ ମନ୍ତ୍ରରେ ପୂଜା ପରେ ସନ୍ଧ୍ୟା ୬ଟାରେ ନୀତି ଲାଗି କରାଯାଇଥିଲା। ନୀତି ସରିବା ପରେ ଯଜ୍ଞ ଆରମ୍ଭ କରାଯାଇ ସନ୍ଧ୍ୟା ୭.୩୦ ମିନିଟ୍ ପର୍ଯ୍ୟନ୍ତ ଚାଲୁ ରହିବା ସହ ସନ୍ଧ୍ୟାରେ ଆଳତି କରାଯାଇ ରାତି ୧୦ଟାରେ ରାତ୍ରି ପୂଜା ଓ ନୀତି ଆୟୋଜନ କରାଯାଇଥିଲା। ଆଜି ବିଶେଷ ପୂଜା ଥିବାରୁ ମଧ୍ୟାହ୍ନରେ ମା'ଙ୍କ ପହଡ଼ କରା ନଯାଇ ମନ୍ଦିର ଖୋଲା ରଖାଯାଇଥିବାରୁ ଭକ୍ତମାନେ ମନ୍ଦିର ପ୍ରବେଶ କରି ମା'ଙ୍କ ଦର୍ଶନ କରିଥିଲେ। ମନ୍ଦିର ପ୍ରଶାସନ ତରଫରୁ ମୁଖ୍ୟ ପରିଚାଳକ ତଥା ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ମନ୍ଦିରରେ ଉପସ୍ଥିତ ରହି ଉତ୍ସବର ସମସ୍ତ କାର୍ଯ୍ୟ ତଦାରଖ କରୁଥିବା ବେଳେ ଯାଜପୁର ଟାଉନ ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ଉପସ୍ଥିତ ଥିଲେ। ଆଜି ସକାଳ ୫.୩୦ ମିନିଟ ଠାରୁ ରାତି ୧୦ଟା ପର୍ଯ୍ୟନ୍ତ ଗହଳି ଲାଗି ରହିଥିଲା। ବିଶେଷ କରି ସନ୍ଧ୍ୟା ପରଠାରୁ ଭକ୍ତମାନଙ୍କ ଗହଳି ବଢ଼ି ଯିବାରୁ ଘଣ୍ଟା ଘଣ୍ଟା ଧରି ଭକ୍ତମାନେ ଧାଡ଼ିରେ ରହି ମା'ଙ୍କ ଦର୍ଶନ କରିଥିଲେ। ଯାଜପୁର ଟାଉନ ଥାନାଧିକାରୀ ଶ୍ରୀ ପାତ୍ରଙ୍କ ନେତୃତ୍ୱରେ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ପୂର୍ଣ୍ଣ୍ୟତୋୟା ପ୍ରତକ୍ସନ ତରଫରୁ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶିତିକଣ୍ଠ କାନୁନଗୋ, ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ, ନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ରାଉତ ଓ ମୁକ୍ତି ମଣ୍ଡପ ସେବାୟତ ପରିଷଦର ସଭାପତି ଦେବୀ ପ୍ରସାଦ ପାଣି ଉଦ୍‌ଘାଟନ କରିଥିଲେ। ଆଜି ମନ୍ଦିରର ଏହି ବିଶେଷ ପୂଜା କାର୍ଯ୍ୟକ୍ରମକୁ ମନ୍ଦିରର ପୁରୋଧା ମାନେ ପରିଚାଳନା କରିଥିବା ବେଳେ ସମସ୍ତ ସେବାୟତ ଓ କର୍ମଚାରୀ ସହଯୋଗ କରିଥିଲେ।



### ଭିଡ଼ ନିୟନ୍ତ୍ରଣ କରିବାକୁ ପୁଲିସ ନାକେଦମ

## ପାରିବାରିକ କଳହରୁ ଯୁବକଙ୍କ ଆତ୍ମହତ୍ୟା

**ବ୍ରହ୍ମବରଦା, ୧୮।୧(ସମିସ):** ବ୍ରହ୍ମବରଦା ଥାନା ମହେଶ୍ୱରପୁର ପଞ୍ଚାୟତ ଚାନ୍ଦପୁର ଗ୍ରାମର ସୁରେନ୍ଦ୍ର ବାରିକ (୩୬) ପାରିବାରିକ କଳହକୁ ନେଇ ରଶି ଲଗାଇ ଆତ୍ମହତ୍ୟା କରିଥିବା ବାପା ସନାତନ ବାରିକ ବ୍ରହ୍ମବରଦା ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୁଲିସ ୭/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଥାଉକି ଗତ କିଛି ଦିନ ହେଲା ବିଭିନ୍ନ ଘଟଣାକୁ ନେଇ ପରିବାର ମଧ୍ୟରେ କଳହ ଲାଗି ରହିଥିଲା। କଳହକୁ ସହ୍ୟ ନ କରି ପାରି ଆଜି ସକାଳେ ସୁରେନ୍ଦ୍ର ଘର ଲାଗିଥିବା ଏକ ଫ୍ୟାନରେ ରସି ଲଗାଇ ଝୁଲି ପଡ଼ିଥିଲେ। ଏହା ଦେଖି ପରିବାର ଲୋକେ ତାଙ୍କୁ ପ୍ରଥମେ ବ୍ରହ୍ମବରଦା କୋଠିଡିଅ ମେଡିକାଲ ପରେ ଧର୍ମଶାଳା ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ଶବକୁ ଘରକୁ ଅଣାଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ଜାଣିବାକୁ ମିଳିଛି।

## ଜାତୀୟ ରାଜପଥରେ ଦୁର୍ଘଟଣା; ୨ ଆହତ

**କବାଟବନ୍ଧ, ୧୮।୧(ସମିସ):** ଚଣ୍ଡିଖୋଲ- ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥରେ ଏକ ଦୁର୍ଘଟଣାରେ ୨ ଜଣ ଆହତ ହୋଇଥିବା ଜଣାପଡ଼ିଛି। ଦୁର୍ଘଟଣା ରେ ଜଣଙ୍କର ମୁଣ୍ଡ ଫାଟିଥିବା ବେଳେ ଅନ୍ୟ ଜଣଙ୍କର ହାତ ଗୋଡ଼ ରେ ଆଘାତ ଲାଗିଛି। ଚଣ୍ଡିଖୋଲ- ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ଜେନାପୁର ଥାନା ଅନ୍ତର୍ଗତ କନ୍ତପଡ଼ା ଛକ ନିକଟରେ ଏହି ଦୁର୍ଘଟଣା ଘଟିଥିବା ବେଳେ ଆହତ ଦ୍ୱୟ ଏହି ଥାନା ଅନ୍ତର୍ଗତ ଅଞ୍ଜିରା ପଞ୍ଚାୟତ ଶ୍ୟାମସୁନ୍ଦର ପୁର ଗ୍ରାମର ନୀଳମଣି ସାହୁଙ୍କ ପୁଅ ପିଙ୍କୁନ ସାହୁ ଏବଂ ଅନ୍ୟ ଜଣେ ସମ୍ପାରୁ ପଞ୍ଚାୟତ କୁରିକଣା ଗ୍ରାମର ସୁଶାନ୍ତ କୁମାର ରାଉତ ବୋଲି ଜଣାପଡ଼ିଛି। ପିଙ୍କୁନ କୌଣସି କାମରେ ଯାଉଥିବା ବେଳେ ସୁଶାନ୍ତ କଳିଙ୍ଗ ନଗର ପ୍ଲାଣ୍ଟରୁ ଡ୍ୟୁଟି ସାରି ଘରକୁ ଫେରୁଥିଲେ। ଦୁର୍ଘଟଣା ପରେ ଉଭୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ ଧର୍ମଶାଳା ମେଡ଼ିକାଲକୁ ପଠାଯାଇଥିଲା।


### ୭୬ କିଲୋ ଗଞ୍ଜେଇ ଜବତ

## ପଶ୍ଚିମବଙ୍ଗର ୫ ଗଞ୍ଜେଇ ମାଫିଆ ଗିରଫ



**ବ୍ୟାସନଗର, ୧୮।୧(ସମିସ):** ଯାଜପୁର ରୋଡ୍ ବସ୍‌ଷ୍ଟାଣ୍ଡରୁ ଯାଜପୁର ରୋଡ ପୁଲିସ୍ ଦ୍ୱାରା ୭୬ କିଲୋ ଗଞ୍ଜେଇ ଜବତ ହେବା ସହିତ ଏହି ଲିଙ୍କ୍‌ରେ ୫ ଜଣଙ୍କୁ ଅଟକ ରହିଛନ୍ତି। ସୂଚନା ଅନୁଯାୟୀ ଗତକାଲି କିଛି ସନ୍ଦିଗ୍ଧଙ୍କୁ ଯାଜପୁର ରୋଡ୍ ଅଞ୍ଚଳରୁ ପୁଲିସ ଅଟକ ରଖିଥିଲା। ଏଥିସହିତ ଏହି ସନ୍ଦିଗ୍ଧଙ୍କୁ ପଚରାଉଚରା କରିବା ପରେ ବ୍ୟାସନଗର ଅଞ୍ଚଳକୁ ବ୍ୟାପକ ଗଞ୍ଜେଇ ଆଣିଥିବା ସୂଚନା ଦେଇଥିଲେ ସନ୍ଦିଗ୍ଧ ମାନେ। ପୁଲିସ ସୂଚନା ପାଇ ଚଢ଼ଉ ଆରମ୍ଭ କରିଥିବା ବେଳେ ଆଜି ବସଷ୍ଟାଣ୍ଡ ଅଞ୍ଚଳରୁ ୭୬ କେଜି ଗଞ୍ଜେଇ ଜବତ କରିବା ସହ ୫ ଜଣଙ୍କୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ସମ୍ପର୍କରେ ଯାଜପୁର ରୋଡ୍ ପୁଲିସ ଥାନାରେ କେସ୍ ନଂ. ୩୩/୨୦୨୫ ରୁଜୁ କରାଯାଇ ମାଦକ ଦ୍ରବ୍ୟ ଓ ମନୋତ୍ତେଜକ ପଦାର୍ଥ ଆଇନ ଆଇନ ଧାରା ୨୦(ବି)(ସସ)(ସି) ଅନୁସାରେ ମାମଲା ରୁଜୁ ହୋଇଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ସୁମନ ମଣ୍ଡଳ (ରାହୁଲ) (୨୫), ଚନ୍ଦନ ସରକାର (୩୦), ଗୋପାଳ ଦେବନାଥ (୨୫), ସ୍ୱପନ ନସ୍କର (୨୬) ଓ ସୁଜୟ ହାଲଦାର (୨୧)। ସମସ୍ତ ଅଭିଯୁକ୍ତ କୋଲକାତାର ଦକ୍ଷିଣ ଚବିଶ ପ୍ରଗଣା ଜିଲ୍ଲାର ବାସିନ୍ଦା ବୋଲି ପୁଲିସ ସୂଚନା ଦେଇଛି। ସୂଚନା ମୁତାବକ ଗଞ୍ଜେଇ ଟ୍ରେନ୍ ଯୋଗେ କୋଲକାତାକୁ ଚାଲାଣ ହେବାକୁ ଥିବାବେଳେ ପୁଲିସ ତାହାକୁ ଜବତ କରିଥିଲା। ପରେ ଯାଜପୁର ରୋଡ୍ ପୁଲିସ ଘଟଣାସ୍ଥଳକୁ ପହଞ୍ଚି ଏକ୍ସିକ୍ୟୁଟିଭ୍ ମ୍ୟାଜିଷ୍ଟ୍ରେଟ୍ ଓ ସାକ୍ଷୀମାନଙ୍କ ସମ୍ମୁଖରେ ସମସ୍ତ ଆଇନ ସମ୍ମତ ପ୍ରକ୍ରିୟା ସହ ଜବତ କାର୍ଯ୍ୟ ସମ୍ପନ୍ନ କରିଥିଲା।

## ଯୁବ ବ୍ୟବସାୟୀଙ୍କ ପରଲୋକ



**ବରୀ, ୧୮।୧(ସମିସ):** ବରୀ ବ୍ଲକ ଅରଙ୍ଗାବାଦ ପଞ୍ଚାୟତ ଦାଶ ସାହିର ସୁଶାନ୍ତ କୁମାର ଦାଶଙ୍କ ହୃଦ୍‌ଘାତରେ ଦେହାନ୍ତ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୫୭ ବର୍ଷ ବୟସ ହୋଇଥିଲା। ଶନିବାର ରାତିରେ ବରୀ ମାଉଣ୍ଡର ଯୁବ ବ୍ୟବସାୟୀ ସୁଶାନ୍ତ କୁମାର ଦାଶ ନିଜ ଗ୍ରୋସୋରୀ ଦୋକାନରେ ବସିଥିଲା ବେଳେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପ୍ରଥମେ ତାଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଦାୟିତ୍ୱରେ ଥିବା ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ ପରିବାର ଲୋକେ ତାଙ୍କୁ ଅଧିକ ଚିକିତ୍ସା ପାଇଁ କଟକକୁ ନେଇଥିଲେ। କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇ ଥିଲା ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ଦେହାନ୍ତ ହୋଇଥିଲା। ଏହି ଖବର ପ୍ରକାଶ ପାଇବା ପରେ ବରୀ ବଜାର ବ୍ୟବସାୟୀ ସଂଘ ଓ ବରୀ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା।

### ଏମ୍‌ବିସିଟି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଜନତା କିଲର ଚାମ୍ପିଅନ

**ମଙ୍ଗଳପୁର, ୧୮।୧(ସମିସ):** ଦଶରଥପୁର ବ୍ଲକ ମଲ୍ଲିକାପୁର ଏମ୍‌ବିସିଟି କ୍ଲବ ପକ୍ଷରୁ ଆୟୋଜିତ ହୋଇଥିବା ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଅଲ୍‌ଷ୍ଟାର ଚାଉଳିଆ କ୍ରିକେଟ ଟିମ୍ ଓ ଜନତା କିଲର ଟିମ ଅହିୟାସ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଅହିୟାସ ଜନତା କିଲର ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୪ ୱିକେଟ ବିନିମୟରେ ୯୧ ରନ ସଂଗ୍ରହ କରିଥିବା ବେଳେ ଅଲଷ୍ଟାର କ୍ରିକେଟ ଟିମ ଚାଉଳିଆ ନିର୍ଦ୍ଧାରିତ ୧୨ ଓଭରରେ ୫ ୱିକେଟ ହରାଇ ୫୮ ରନ କରି ପରାସ୍ତ ହୋଇଥିଲେ। ଅହିୟାସ କ୍ରିକେଟ ଟିମ ଖେଳାଳି ସୂର୍ଯ୍ୟକାନ୍ତ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ଭାବେ ଯୋଗ୍ୟ ବିବେଚିତ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଭାତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ, ସମ୍ମାନିତ ଅତିଥି ଭାବେ ବିଜୁ ଯୁବ ଜନତାଦଳ ରାଜ୍ୟ ଉପସଭାପତି ସମ୍ବିତ ନାୟକ, ବରିଷ୍ଠ ବିଜେଡି ନେତା ମନୋଜ ରାଉତ, ମଲ୍ଲିକାପୁର ସରପଞ୍ଚଙ୍କ ପ୍ରତିନିଧି ସ୍ୱପ୍ନେନ୍ଦୁ ଦାସ ପ୍ରମୁଖ ଯୋଗ ଦେଇଥିଲେ। ବିଶ୍ୱରଞ୍ଜନ ଦାସ ଓ ସୌମ୍ୟରଞ୍ଜନ ସାମଲ ଅମ୍ପେୟାର ଦାୟିତ୍ୱ ତୁଲାଇଥିବା ବେଳେ ସୌମ୍ୟରଞ୍ଜନ ସାମଲ ସ୍କୋରର ଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିବାରେ ଏମବିସିଟି କ୍ଲବର ସଭାପତି ବିଶ୍ୱରଞ୍ଜନ ଦାସ, ଚୌଧୁରୀ ବିଶ୍ୱଜିତ ମହାନ୍ତି, ସତ୍ୟରଞ୍ଜନ ସାହୁ, ସୀତାକାନ୍ତ ନାୟକ, ସ୍ମୃତି ରଞ୍ଜନ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

## ମଧୁବନ ହାଟରେ ହିନ୍ଦୁ ସମ୍ମିଳନୀ

**କୁଆଖିଆ, ୧୮।୧(ସମିସ):** ରସୁଲପୁର ବ୍ଲକ ମଧୁବନ ହାଟ ଠାରେ ଏକ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ କାର୍ଯ୍ୟଭାଗ ସୁବ୍ରତ କୁମାର ଦ୍ୱିବେଦୀଙ୍କ ଆବାହକତ୍ୱରେ ହିଙ୍ଗୁଳା ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ ସ୍ୱାମୀ ଉଦୟାନନ୍ଦ ପର୍ବତ ମହାରାଜ, ମୁଖ୍ୟବକ୍ତା ଭାବରେ କେନ୍ଦ୍ରାପଡ଼ା ବଜରଙ୍ଗ ଦଳ ସଂଯୋଜକ ଚନ୍ଦ୍ରକାନ୍ତ କର, ସମ୍ମାନିତ ଅତିଥି ଭାବରେ କବୟିତ୍ରୀ ସରୋଜିନୀ ପତି, ମାତୃଶକ୍ତି ସଂଗଠନର ପ୍ରାନ୍ତ ସଂଯୋଜିକା ପ୍ରଣତି ସାହୁ, ବାବାଜୀ ମୋହନ ଦାସ ମହାରାଜ, ମହନ୍ତ କୁଞ୍ଜ ବିହାରୀ ଦାସ, ମହନ୍ତ ସୁକାନନ୍ଦ ମହାରାଜ ଯୋଗଦେଇଥିଲେ। ଖଣ୍ଡ କାର୍ଯ୍ୟକର୍ତ୍ତା ନିଗମାନନ୍ଦ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପଣ୍ଡିତ ରବୀନ୍ଦ୍ର କୁମାର ମିଶ୍ର ସଭା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଅଧକ୍ଷ ଶଶୀଭୁଷଣ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ବିଦେଶୀ ସାହୁ, ଗୋପାଳ ସାହୁ, ବେଣୁଧର ସାହୁ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିବାବେଳେ ଏହାକୁ ମଣ୍ଡଳର ଉଦୟନାଥ ପାଣି, ବୀରବର ବାରିକ, ଜିଲ୍ଲା ବୌଦ୍ଧିକ ସଙ୍ଘ ର ଅଜୟ କୁମାର ପୃଷ୍ଟି, ଯୁବ ସଂଗଠକ ରମେଶ ଚନ୍ଦ୍ର ତରେଇ, ବିଷ୍ଣୁ ଚରଣ ମହାନ୍ତି, ଆଶିଷ କୁମାର ସାହୁ, ବୈକୁଣ୍ଠ ନାଥ, ଯଶୋବନ୍ତ ଦାସ, ଦିଲୀପ କୁମାର ରଥ, ସୋମ୍ୟ ରଞ୍ଜନ ପଣ୍ଡା, ରଶ୍ମିରଞ୍ଜନ ପଣ୍ଡା ପ୍ରଭୃତି କାର୍ଯ୍ୟକର୍ତ୍ତା ମାନେ ପରିଚାଳନା କରିଥିଲେ।

## ଜାଲଶୁଖା ସ୍କୁଲର କ୍ରୀଡ଼ା ଉତ୍ସବ



**ଧର୍ମଶାଳା, ୧୮।୧(ସମିସ):** ଧର୍ମଶାଳା ବ୍ଲକ କୁମାରୀ ପଞ୍ଚାୟତ ଜାଲଶୁଖା ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପରିସରରେ ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସିଆର୍‌ସିସି ସନ୍ତୋଷ କୁମାର ବେହେରା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସିଏମ୍‌ସି ନିରଞ୍ଜନ ଦେହୁରୀ ଯୋଗଦେଇଥବଲେ। କ୍ରୀଡା ପ୍ରତିଯୋଗିତାରେ ୩୫ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପ୍ରମାଣପତ୍ର ସହିତ ଟ୍ରଫି ପ୍ରଦାନ କରିଥିଲେ। ଅୟୋଜିତ କ୍ରୀଡ଼ା ପ୍ରତିଯୋଗିତାରେ ପଞ୍ଚମ ଶ୍ରେଣୀ ଛାତ୍ରୀ ଲକ୍ଷ୍ମୀପ୍ରିୟା ସାମଲ ଚଳିତ ବର୍ଷ ଚମ୍ପିୟାନ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଜୁଲି ନାୟକ, ଗଙ୍ଗା ଦେହୁରୀ, ବାବୁ ଦାସ, ଅଞ୍ଜନା ଦେହୁରୀ, ପୁଷ୍ପ ଦେହୁରୀ, ଝୁନି ଦେହୁରୀ, ଦମୟନ୍ତୀ ସାମଲ, କୋଇଲି ସାମଲ, ସସ୍ମିତା ଦେହୁରୀ, ମିନା ଦେହୁରୀ, ଗେଡ଼ି ଦେହୁରୀ, ତାରିଣୀ ନାୟକ, ଲିଲି ଦେହୁରୀ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ସୁମିତ୍ରା ବେହେରା ଧନ୍ୟବାଦ ଦେଇଥିଲେ।

## ସାଧବ ଉତ୍ସବରେ ଯୁବ ଉଦ୍ଭାବକ ସମ୍ମାନିତ



**ଧର୍ମଶାଳା, ୧୮।୧(ସମିସ):** ଧର୍ମଶାଳା ଅଞ୍ଚଳର ଗର୍ବ ଓ ଗୌରବ ଯୁବ ଗବେଷକ ଡ.ସତ୍ୟପ୍ରକାଶ ମିଶ୍ରଙ୍କୁ ଜାତୀୟ ଷ୍ଟାର୍ଟଅପ୍ ଦିବସ ଅବସରରେ ସମ୍ମାନିତ କରାଯାଇଛି। ପୂର୍ବୋଦୟ ଦ୍ୱାରା ପୁରୀ ସ୍ଥିତ ଏକ ହୋଟେଲରେ ଆୟୋଜିତ ସାଧବ ଉତ୍ସବ-୨୦୨୬ ଉଦଯାପନୀ ଉତ୍ସବରେ ଲଘୁ, ମଧ୍ୟମ ଏବଂ କ୍ଷୁଦ୍ର ଉଦ୍ୟମ ବିଭାଗ ସହ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଅତିଥି ଭାବେ ଯୋଗଦେଇ ଯୁବ ଗବେଷକ ଡ. ସତ୍ୟପ୍ରକାଶଙ୍କୁ 'ଯୁବ ଉଦ୍ଭାବକ' ସମ୍ମାନରେ ସମ୍ମାନିତ କରଥିଲେ। ଡ. ମିଶ୍ର ନିଟ୍ ସିଚରରୁ ପିଏଚ୍‌ଡି କରିଥିବା ବେଳେ, ଗତ ଏକ ଦଶନ୍ଧି ଧରି ଭୂକମ୍ପ ତୀବ୍ରତା ଆକଳନ, ଭୂକମ୍ପ-ସହନଶୀଳ ଢାଞ୍ଚା ନିର୍ମାଣ ଦିଗରେ ଗବେଷଣା କରି ଆସୁଛନ୍ତି। ସେ ଏହି ଦିଗରେ ୧୦ରୁ ଅଧିକ ଆନ୍ତର୍ଜାତୀୟ ଗବେଷଣା ଜର୍ଣ୍ଣାଲ୍ ପ୍ରକାଶ କରିବା ସହ ଏକାଧିକ ପେଟେଣ୍ଟର ମଧ୍ୟ ଫାଇଲ କରିଛନ୍ତି। ଏଥିସହ ସେ ମେସିନେକ୍ସ ଷ୍ଟ୍ରକ୍‌ଚରାଲ୍ ଲାବ୍ସ ନାମକ ଏକ ଆଧୁନିକ ଷ୍ଟାର୍ଟଅପ୍ ସଂସ୍ଥା ସ୍ଥାପନ କରି କାମ କରୁଛନ୍ତି। ସୂଚନାଯୋଗ୍ୟଯେ ଡ. ମିଶ୍ରଙ୍କ ଘର ଧର୍ମଶାଳା ଅନ୍ତର୍ଗତ ଗଙ୍ଗାଧରପୁର ଗ୍ରାମପଞ୍ଚାୟତର ପଲାର ଗ୍ରାମରେ ଅଟେ।

## ରବି ନାୟକ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଦଶରଥପୁର, ୧୮।୧(ସମିସ): ବରିଷ୍ଠ ସମାଜସେବୀ ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରବି ନାୟକ ସ୍ମୃତିକମିଟି ପକ୍ଷରୁ ଦଶରଥପୁର ବ୍ଲକ ଚମ୍ପେଇପାଳ ପଞ୍ଚାୟତ କୁଆଁରପୁରଠାରେ ରବି ନାୟକ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସ୍ମୃତି କମିଟିର ବରିଷ୍ଠ କାର୍ଯ୍ୟକର୍ତ୍ତା ତଥା ଚମ୍ପେଇପାଳ ସରପଞ୍ଚ ହିମାଂଶୁ ନାୟକଙ୍କ ସଞ୍ଚାଳନରେ ଯାଜପୁର ବିଧାୟିକା ସୁଜାତା ସାହୁ ମୁଖ୍ୟ ଅତିଥିଭାବେ ଟୁର୍ଣ୍ଣାମେଣ୍ଟ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ କର୍ଣ୍ଣାଟକେଶରୀ ଦାସ, ପୁର୍ବତନ ସରପଞ୍ଚ ଜୟନ୍ତ ନାୟକ, ବିରୁହାଁ ସରପଞ୍ଚ ସୁବାସ ଦେବତା, ପୂର୍ବତନ ସରପଞ୍ଚ ଲକ୍ଷ୍ମଣ ମଲ୍ଲିକ, ଅନନ୍ତ ସାହୁ, ରାଜେନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ପ୍ରତିଯୋଗିତାରେ ଦଶରଥପୁର ବ୍ଲକ ଝାଡ଼ଙ୍ଗା ଅଞ୍ଚଳର ବିଏମ୍‌ଏସଏସ କ୍ରିକେଟ କ୍ଲବ ଏବଂ ଉଦ୍ରକର ସାଳନ୍ଦୀ କ୍ରିକେଟ କ୍ଲବ ମଧ୍ୟରେ ଖୋଲାଯାଇ। ପ୍ରଥମେ ନିର୍ଦ୍ଧାରିତ ୨୦ ଓଭର ଖେଳି ବିଏମଏସଏସ ତାର ସମସ୍ତ ୱିକେଟ୍ ହରାଇ ୧୫୧ରନ ସଂଗ୍ରହ କରିଥିଲା। ଜବାବରେ ସାଳନ୍ଦୀ ଟିମ ୬ ୱିକେଟ ବିନିମୟରେ ଶେଷ ଓଭରରେ ୧୫୨ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗ ନେବାର କାର୍ଯ୍ୟକ୍ରମ ରହିଛି। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ପୁରୁଷୋତ୍ତମ ସାମଲ, ରମେଶ ନାୟକ, ରମେଶ ସାମଲ, ମୃତ୍ୟୁଞ୍ଜୟ ନାୟକ, ଦୀପକ ଜେନା, ବିକାଶ ଦାସ, ଚନ୍ଦ୍ରକାନ୍ତ ଜେନା, ଶରତ ଜେନା, ଶିବପ୍ରକାଶ ଜେନା, ପ୍ରଭୁକୃଷ୍ଣ ମହାନ୍ତି, ଭକ୍ତହରୀ ନାୟକ, ମନୋଜ କୁମାର ମଲ୍ଲିକ, ପଞ୍ଚାନନ ବେହେରା ପ୍ରମୁଖ ସହଯୋଗ କରିଥିଲେ।

### ୫ମ ଦିବସରେ ବରୁଣେଶ୍ୱର ମେଳା

## ଅପେରା ପାଇଁ ମେଳା ପଡ଼ିଆ ରାତିଦିନ ସମାନ

ବିଞ୍ଝାରପୁର, ୧୮।୧(ସମିସ)





ପ୍ରସିଦ୍ଧ ବରୁଣେଶ୍ୱର ମେଳାର ଆଜି ୫ମ ଦିବସ ଅନୁଷ୍ଠିତ ହୋଇଛି। ରବିବାର ଛୁଟିଦିନ ହୋଇଥିବାରୁ ମେଳା ପଡ଼ିଆକୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଛି। ମେଳା ପଡ଼ିଆକୁ ଯୋଗାଯୋଗ କରୁଥିବା ସମସ୍ତ ରାସ୍ତା ଚଳଚଞ୍ଚଳ ହୋଇଉଠିଥିଲା। ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖି ଆୟୋଜକମାନେ ଖୁସି ବ୍ୟକ୍ତ କରିଥିବାବେଳେ ବ୍ୟବସାୟୀମାନେ ମଧ୍ୟ ଭଲ କାରବାର ହେଉଥିବା କହିଛନ୍ତି।

**ଖଦି ଓ ହସ୍ତତନ୍ତ୍ରରେ ବଢ଼ୁଛି ଚାହିଦା**

ବରୁଣେଶ୍ୱର ମେଳା ପଡ଼ିଆରେ ଲାଗିଥିବା ପଲ୍ଲିଶ୍ରୀ ମେଳାରେ ଖଦି ଓ ହସ୍ତତନ୍ତ୍ର ବସ୍ତ୍ର ପ୍ରତି ଲୋକମାନଙ୍କର ବିଶେଷ ଆକର୍ଷଣ ଦେଖାଯାଉଛି। ଖଦି ଓ ହସ୍ତତନ୍ତ୍ରରେ ପ୍ରସ୍ତୁତ ଶାଢ଼ି, ସାର୍ଟ, ସାଲ, ନେହରୁ ଜାକେଟ, ରୁମାଲ ଆଦି ବସ୍ତ୍ରକୁ ବହୁ ପରିମାଣରେ ଲୋକେ କ୍ରୟ କରୁଥିବା ଦେଖାଯାଉଛି।

**ମାନବିକତା ଦେଖାଇଲେ ସମାଜସେବୀ**

ସମାଜସେବୀ ଜିତେନ୍ଦ୍ର ପ୍ରଧାନ ମାନବିକତା ଓ ସେବାଭାବର ଉତ୍ତମ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ତାଙ୍କ ଉଦ୍ୟମରେ ଦିବ୍ୟାଙ୍ଗ ଓ ଅନାଥମାନଙ୍କୁ ବାବା ବରୁଣେଶ୍ୱରଙ୍କ ଦର୍ଶନ କରାଯିବା ସହ ମେଳା ପଡ଼ିଆରେ ଦୋଳି, ବିଭିନ୍ନ ମନୋରଞ୍ଜନ ସାଧନ ଓ ଖାଦ୍ୟ ପସରାର ଆନନ୍ଦ ଉଠାଇବାର ସୁଯୋଗ ଦିଆଯାଇଥିଲା। ଏହାରେ ସମସ୍ତଙ୍କ ମୁହଁରେ ଖୁସିର ଝଲକ ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ବରୁଣେଶ୍ୱର ମହାବିଦ୍ୟାଳୟର ଅଧ୍ୟାପକ ଡା. ଦୀପକ ଜେନା, ବରିଷ୍ଠ ସମାଜସେବୀ ରବୀନ୍ଦ୍ର କୁମାର ପରିଡ଼ା ଓ ଏନ୍‌ଏସଏସ୍ ୟୁନିଟର ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଏହି ପଦକ୍ଷେପକୁ ସ୍ଥାନୀୟ ଲୋକମାନେ ବେଶ ପ୍ରଶଂସା କରିଛନ୍ତି।

**ଅପେରା ମାନିଆ ଦର୍ଶକ**

ଶନିବାର ଠାରୁ ବରୁଣେଶ୍ୱର ମେଳା ପଡ଼ିଆରେ ଅପେରା ପରିବେଷଣ ଆରମ୍ଭ ହୋଇଛି। ଚଳିତ ବର୍ଷ ରାଜ୍ୟର ନାମୀଦାମୀ ୬ଟି ଅପେରା ଦଳ ମେଳା ପଡ଼ିଆରେ ଅଭିନୟ କରୁଥିବା ବେଳେ ଦର୍ଶକମାନଙ୍କ ମଧ୍ୟରେ ବିପୁଳ ଉତ୍ସାହ ଦେଖାଯାଉଛି। ଟିକେଟ ପାଇଁ ଅପେରା ପେଣ୍ଡାଲ ପାଖରେ ଲମ୍ବା ଲାଇନ୍ ଲାଗି ରହିଥିଲା। ଅପେରା ଦର୍ଶନ ପାଇଁ ମେଳା ପଡ଼ିଆ ରାତିଦିନ ସମାନ ହୋଇଯାଇଛି।

**ନାମମନ୍ଦିରରେ ନାଗା ସନ୍ୟାସୀ**

ବରୁଣେଶ୍ୱର ପୀଠ ସଲଗ୍ନ ନାମମନ୍ଦିର ପରିସରରେ ନାଗା ସନ୍ୟାସୀ ଗୋପାଳ ଗିରି ଡେରା ପକାଇଥିବା ଦେଖିବାକୁ ମିଳିଛି। ହରିଦ୍ୱାରର ଶମ୍ଭୁପଞ୍ଚାୟିତି ଦଶନାମ ଅଟଳ ଆଖଡ଼ାରୁ ଆସିଥିବା ସେ ୧୦ ବର୍ଷ ବୟସରୁ ସଂସାର ତ୍ୟାଗ କରି ପଞ୍ଚବଟୀର ଘଞ୍ଚ ଜଙ୍ଗଲରେ ସାଧନା କରି ନାଗା ସନ୍ୟାସୀ ହୋଇଥିବା କହିଛନ୍ତି। ନାଗା ସନ୍ୟାସୀଙ୍କୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି। ଏହି ସାଧୁ ସମ୍ମିଳନୀ କାର୍ଯ୍ୟକ୍ରମରେ ଯାଜପୁର ସପନପୁର ନିବାସୀ ଅନ୍ୱେଷଣ ଥିଏଟର ଗ୍ରୁପର ସଭାପତି ତଥା ସମାଜସେବୀ ବୃନ୍ଦାବନ ମିଶ୍ରଙ୍କୁ ଉତ୍ତରୀୟ ମାନପତ୍ର ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ନାମ ମନ୍ଦିରର ପ୍ରତିଷ୍ଠାତା ବାବା ସଚ୍ଚିଦାନନ୍ଦ ମହାରାଜଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ମହାମନ୍ତ୍ରୀ ଅଖିଳଭାରତୀୟ ସନ୍ଥ ସମିତିର ପୂଜନୀୟ ଜିତେନ୍ଦ୍ରାନନ୍ଦ ସରସ୍ୱତୀଜୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ସଭାରେ ଅବସରପ୍ରାପ୍ତ ସୈନିକ ଓ କିଛି ଅଗ୍ରଣୀ ଚାଷୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

# ଯୋଡ଼ା ହାଇସ୍କୁଲ ୧୯୯୦ ବ୍ୟାଚ୍ ବନ୍ଧୁ ମିଳନ

ଯୋଡ଼ା, ୧୮।୧(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଦାମପୁର ଗ୍ରାମଠାରେ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ପର୍ଯ୍ୟଟନସ୍ଥଳ ମିରିଗ ସିଂଘାଠାରେ ଯୋଡ଼ା ହାଇସ୍କୁଲ ୯୦ ଦଶକର ସମସ୍ତ ସହପାଠୀଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବିଦ୍ୟାଳୟର କିଛି ଛାତ୍ର ଯୋଡ଼ାରେ ଅବସ୍ଥାନ କରୁଥିବା ଜଣେ ଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀଙ୍କୁ ଭେଟି ସମ୍ମାନ ପୂର୍ବକ ଉତ୍ତରୀୟ ପ୍ରଦାନ କରିବା ପରେ ଅନୁଷ୍ଠିତ ସଭାରେ ସାଂସଦ ପ୍ରତିନିଧି ତଥା ସହପାଠୀ ବିଏନ ଦାଶଙ୍କୁ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହପାଠୀ ସଂଜୀବ ଜେନା, ସନ୍ତୋଷ ସାହୁ, ରମାକାନ୍ତ ମଲିକ, ରଂଜିତ ସାହୁ, ନକୁଳ ଓରାମ, ଶୁଭେନ୍ଦୁ ସାହୁ, ରମେଶ ଲୋହାର, କୁଳମଣି ପାତ୍ର, ବାବା ମଣି ମହାନ୍ତି, ହେମନ୍ତ ମିଶ୍ର (କାଳୀ), ଦୁଷ୍ମନ୍ତ ପାତ୍ର, ରାଜେଶ ଗୋଛାୟାତ, ପଂକଜ ବେହେରା, ଶ୍ରୀକାନ୍ତ ମୁଣ୍ଡା, କୁନା ତ୍ରିପାଠୀ, ବିଷ୍ଣୁ ନାଏକ, କୁନୁ ଖାଲକୋ, ବିନୋଦ ମାଝୀ, କର୍ମୁ ଲୋହାର, ଅମର ଦାଶ ପଟନାୟକ, ଶଙ୍କର ନାଏକ, ମୁକେଶ ମହାନ୍ତି, ମହେଶ୍ୱର ସିଂ, ରଞ୍ଜନ ମହାନ୍ତି, ଅଶୋକ ମହାକୁଡ଼, ବିଦ୍ୟୁତ ସାହୁ, ବିଶ୍ୱନାଥ ବେହେରା, ଫକୀର ମୋହନ ଗିରି, ମନୋଜ ରାଉତ, ଦିଲ୍ଲୀପ ପଟନାୟକ ପ୍ରଦୀପ ହେମ୍ବ୍ରମ, କିଶୋର ନନ୍ଦ, ରତ୍ନାକର ମହାପାତ୍ର ଯୋଗ ଦେଇଥିଲେ। ଜାନୁଆରୀ ୨୬ ତାରିଖରେ ଏକ ସାମାଜିକ କାର୍ଯ୍ୟ କରିବାକୁ ସମସ୍ତ ସହପାଠୀ ମତ ରଖିଥିଲେ।



# କେନ୍ଦୁଝର ବନଖଣ୍ଡରେ ପକ୍ଷୀ ଗଣନା; ୩୪ ଟିମ ସାମିଲ





କେନ୍ଦୁଝର/ତୁରୁମୁଙ୍ଗା, ୧୮।୧(ସମିସ):

କେନ୍ଦୁଝର ବନଖଣ୍ଡରେ ବନ ବିଭାଗ ପକ୍ଷରୁ ପକ୍ଷୀ ଗଣନା କାର୍ଯ୍ୟକ୍ରମ ରବିବାର ଶେଷ ହୋଇଛି। ସଦର ରେଞ୍ଜ, ଘଟଗାଁ, ତେଲକୋଇ ଓ ଚମ୍ପୁଆ ରେଞ୍ଜ ଅଧିନ ୨୧ଟି ବନ୍ଧ, ପୋଖରୀ ଓ ଆଦ୍ରଭୂମି ଚିହ୍ନଟ କରାଯାଇଥିଲା। ଏଥିପାଇଁ ୩୪ଟି ଟିମ୍ ଗଠନ କରାଯାଇଥିଲା। ପୂର୍ବରୁ କେନ୍ଦୁଝରକୁ ବିଦେଶୀ ପକ୍ଷୀ ଆଗମନ କରୁନଥିବାବେଳେ ଚଳିତବର୍ଷ ଅତ୍ୟଧିକ ଥଣ୍ଡା ଅନୁଭୂତ ହେଉଥିବାରୁ ରଙ୍ଗବେରଙ୍ଗ ବିଦେଶୀ ପକ୍ଷୀ ଆଗୁଆ ଆସି ପହଞ୍ଚିଛନ୍ତି। ସଦର ରେଞ୍ଜ ଅଧିନ ୯ଟି ସ୍ଥାନ ନଳପଙ୍ଗା ଡ୍ୟାମ, ବଡଶାସନ ପୋଖରୀ, ଟିକରପଡା ଡ୍ୟାମ, ଚାନ୍ଦିନୀ ପୋଖରୀ, ସାପୁଆ ଡ୍ୟାମ୍, କୋଡିପଶା ଡ୍ୟାମ, କାନ୍ଝାରୀ ଜଳଭଣ୍ଡାର, ଜଗଦଳା ଡ୍ୟାମ ଓ ଧୂଳିଆବେଡା ଡ୍ୟାମ ପ୍ରଭୃତି ଅଞ୍ଚଳରେ ପକ୍ଷୀ ଗଣନା କରାଯାଇଛି। ଘଟଗାଁ ରେଞ୍ଜ ଅଧିନରେ ୩ଟି ସ୍ଥାନ ମାନପୁର ଡ୍ୟାମ, କାଳିମାଟି ଜଳଭଣ୍ଡାର ଓ କାଣ୍ଡସର ଡ୍ୟାମ୍‌ରେ ପକ୍ଷୀ ଗଣନା ପାଇଁ କର୍ମଚାରୀ ନିୟୋଜନ କରାଯାଇଥିଲା। ବଡଘାଗରା ଜଳଭଣ୍ଡାର ଓ ତେଲକୋଇ ରେଞ୍ଜ ଅଧୀନ ୫ଟି ସ୍ଥାନ ଖଜୁରିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଦଣ୍ଡାଧାର ଡ୍ୟାମ, ଖୁଣ୍ଟାପଡା ଡ୍ୟାମ, କାକୁଡିଅମ୍ବା ଡ୍ୟାମ୍ ଓ ସଲେଇକେନା ଡ୍ୟାମ୍‌ରେ ପକ୍ଷୀ ଗଣନା କରାଯାଇଛି। ଚମ୍ପୁଆ ରେଞ୍ଜ ଅଧିନ ଯୋଡା ସେକ୍ସନର ଟାଟାଷ୍ଟିଲ ସିଲମେ ଡ୍ୟାମ୍‌ରେ ପକ୍ଷୀ ଗଣନା ହୋଇଛି। ପାଟଣା ବନାଞ୍ଚଳର ରାଜନଗର ବୈତରଣୀ ନଦୀ ଏବଂ ଖିରେଇଟାଙ୍ଗିରୀ ବଡବନ୍ଧରେ ମଧ୍ୟ ପକ୍ଷୀ ଗଣନା କରାଯାଇଛି। ମୋଟ ୩୪ଟି ସ୍ଥାନ ପାଇଁ ଟିମ୍‌କୁ ବାଇନକୁଲର, କ୍ୟାମେରା, ଜିପିଏସ୍ ଓ ଡିଏଚ୍‌ଏଫ୍ ଆଦି ଯନ୍ତ୍ର ବନବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିଲା। ଏଥିନେଇ ମତ୍ସ୍ୟଜୀବୀମାନଙ୍କୁ ମଧ୍ୟ ସଚେତନ କରାଯାଇଥିଲା। ପକ୍ଷୀ ଗଣନା ୩ଟି ପଦ୍ଧତିରେ କରାଯାଇଥାଏ। ପ୍ରଥମ ହେଲା ଯେଉଁଠି ସ୍ୱଳ୍ପ ସଂଖ୍ୟକ ପକ୍ଷୀ ଥିବେ ସେଠାରେ ସିଧାସଳଖ ୧,୨,୩,୪ ହିସାବରେ ଗଣନା କରାଯାଏ। ଦ୍ୱିତୀୟ ପଦ୍ଧତି ହେଉଛି ଯେଉଁଠି ଅଧିକ ପକ୍ଷୀ ଥିବେ ଉକ୍ତ ଅଂଚଳକୁ ବାଇନାକୁଲର ଦ୍ୱାରା ଗୋଟିଏ ଗୋଟିଏ ବ୍ଲକରେ ବିଭକ୍ତ କରାଯାଇଥାଏ। ଗୋଟିଏ ବ୍ଲକରେ ଥିବା ପକ୍ଷୀଙ୍କ ସମଷ୍ଟୀକରଣ କରାଯାଇ ଯେତୋଟି ବ୍ଲକ ହୋଇଥାଏ ତାହାକୁ ଗୁଣିତ କରି ପକ୍ଷୀ ସଂଖ୍ୟା ନିର୍ଦ୍ଧାରଣ ହୁଏ। ତୃତୀୟଟି ହେଲା ଗୋଟିଏ ସ୍ଥାନରେ ଅଗଣତି ପକ୍ଷୀ ଯାହାକି ବାଇନାକୁଲାର ପରିଧିକୁ ଆସେ ନାହିଁ ତାହାକୁ ଜିପିଏସ୍ ସ୍କେଲ ଦ୍ୱାରା ମପାଯାଇ ପ୍ରଜାତି ଓ ସଂଖ୍ୟା ନିର୍ଦ୍ଧାରଣ କରାଯାଇଥାଏ। ବିଶେଷ କରି ଲେସର ହୁଇସଲିଂ ବତକ, ଗ୍ରେବସ୍, କୁଟସ୍, ଟିଲସ୍, କମନ ମୁର ହେନ, ଇଣ୍ଡିଆନ୍ କରମରାଣ୍ଟ, ଲୋପୱିଙ୍ଗ ଆଦି ବହିରାଗତ ପକ୍ଷୀ ଦେଖିବାକୁ ମିଳିଛି।

ପାଟଣା ରେଞ୍ଜରେ ଖିରେଇଟାଙ୍ଗିରି ସେକ୍ସନ ରାଜନଗର ନିକଟ ବୈତରଣୀ ନଦୀର ଚଢେଇକୁଦୁର ଘାଟ ସହ ଖିରେଇଟାଙ୍ଗିରୀ ଗ୍ରାମର ବଡ଼ବନ୍ଧଠାରେ ଦୁଇଟି ଟିମରେ ୧୦ ଜଣ କର୍ମଚାରୀ ପକ୍ଷୀ ଗଣନା କରିଥିଲେ। ବନ ବିଭାଗ ପକ୍ଷରୁ ୬ ଶହ ପକ୍ଷୀ ଆସିଥିବା ସୂଚନା ମିଳିଛି। ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ପକ୍ଷୀ ଗଣନା କାର୍ଯ୍ୟ ଚାଲିଥିବା ବେଳେ ରାଜନଗର ଚଢେଇକୁଦର ଘାଟରେ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ ତିଣ୍ଡା ବିଟ୍ ବନରକ୍ଷୀ ସୁଜାତା ସାହୁ ଜମୁନାପଶି ବିଟ୍ ବନରକ୍ଷୀ ଅନନ୍ୟା ପ୍ରିୟଦର୍ଶିନୀ ନାୟକ ସ୍କ୍ୱାଡ ଶିରପାଣି ମହାନ୍ତ, ଝାଡେଶ୍ୱର ମହାନ୍ତ ସାମିଲ ହୋଇଥିଲେ। ଲେସର ହ୍ୱିଷ୍ଟିଙ୍ଗ ଡ଼କ(ହଂସ ଜାତୀୟ ପକ୍ଷୀ), ପାଣିକୁଆ, ମାଛରଙ୍କା ଡାହୁକ ଆଦି ପକ୍ଷୀ ଆସିଛନ୍ତି। ଖିରେଇଟାଙ୍ଗିରୀ ବଡ଼ବନ୍ଧରେ ରାଜନଗର ବନରକ୍ଷୀ ଦେବଜାନୀ ମହାନ୍ତ, ଖିରେଇଟାଙ୍ଗିରୀ ବନରକ୍ଷୀ ଡଲିରାଣୀ ସାହୁଙ୍କ ସମେତ ପାରାଷ୍ଟାଫ ସାମିଲ ଥିଲେ।

# ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ ଦେଲେ କାୟାକଳ୍ପ ଟିମ୍



ତୁରୁମୁଙ୍ଗା, ୧୮।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଗାଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ରବିବାର କାୟାକଳ୍ପ ଟିମ ପରିଦର୍ଶନ କରିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧକ୍ଷ ଡାକ୍ତର ଡାକ୍ତର ଶୁଭେନ୍ଦୁ ସାଗର କୁମାର ନାଏକ, ବିପିଏମ ଦୀପକ ନାୟକ, ପିଏଚଇଓ ସରୋଜିନୀ ସେଠୀ ଓ ଅନ୍ୟମାନେ କାୟାକଳ୍ପ ଟିମ୍‌କୁ ସ୍ୱାଗତ କରିଥିଲେ। ରାଜ୍ୟ ସ୍ତରରୁ ଆଇଡିଏସପିର ର୍ନିଦ୍ଦେଶକ ଡାକ୍ତର ଅଶୋକ କୁମାର ପାଇକରାୟ, ଆୟୁଷ ପରାମର୍ଶଦାତା ଡାକ୍ତର ପୀୟୂଷ ରଞ୍ଜନ ମହାନ୍ତି, ୟୁନିସେଫର ତୃପ୍ତି ମିଶ୍ର, ଜିଲ୍ଲା ସ୍ତରରୁ ଗୁଣବତ୍ତା ନିର୍ଣ୍ଣାୟକ ବିଭାଗର ସହକାରୀ ପରିଚାଳକ ଅଭିଷେକ ଷଡଙ୍ଗୀ ପ୍ରମୁଖ ଏହି କାୟାକଳ୍ପ ଟିମରେ ସାମିଲ ଥିଲେ। ଡାକ୍ତର ରାଧାରମଣ ସାହୁ, ଡାକ୍ତର ସ୍ୱାଗତ ପ୍ରଧାନ, ଡାକ୍ତର ଅଭିଷେକ ସାହୁ, ଡାକ୍ତର ଅର୍ଣ୍ଣବ ସାହୁ, ଡାକ୍ତର ନୀଳାଦ୍ରି ବାହିନୀ ପତି, ଡାକ୍ତର ଚମ୍ପକ ବେହେରା, ଡାକ୍ତର ପାର୍ଥସାରଥୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଫକୀରପୁରରେ ଶ୍ରଦ୍ଧାଞ୍ଜଳି ସଭା


ଆନନ୍ଦପୁର, ୧୮।୧ (ସମିସ): ଆନନ୍ଦପୁର ପୌରାଞ୍ଚଳର ଫକୀରପୁରରେ ଧର୍ମପ୍ରାଣା ମହିଳା ଜାଡି ଜେନାଙ୍କ ସ୍ମୃତିଚାରଣ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ସନ୍ତୋଷ ଜେନାଙ୍କ ସଂଯୋଜନାରେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ଆନନ୍ଦପୁର ପୌରାଧକ୍ଷ ରଜନୀ ରାଣୀ ଖଟୁଆ କଂଗ୍ରେସ ନେତା ଶ୍ରୀଧର ଦଳେଇ ନିକୁଞ୍ଜ ବିହାରୀ ମିଶ୍ର କାଉନସିଲର ନିବେଦିତା ବେହେରା ସତ୍ୟାନନ୍ଦ ମିଶ୍ର ଜିଲ୍ଲା ପରିଷଦ ଉପାଧ୍ୟାକ୍ଷ ସୋମନାଥ ଦାସ ଆଇନଜୀବୀ ହେମନ୍ତ କୁମାର ମଲିକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଯାତ୍ରା କଳାକାର ସଙ୍ଘର ବୈଠକରେ ବରିଷ୍ଠ କଳାକାର ସମ୍ବର୍ଦ୍ଧିତ



କେନ୍ଦୁଝର, ୧୮।୧(ସମିସ): କେନ୍ଦୁଝର ସଦର ବ୍ଲକ ରାଇସୁଆଁଠାରେ ଯାତ୍ରା କଳାକାର ସଙ୍ଘ ପକ୍ଷରୁ ଏକ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମରେ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସଙ୍ଗର ସଭାପତି ଭାଗୀରଥି ସେଠୀ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ବିରବର ଘୋଷ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶରତଚନ୍ଦ୍ର ଦାଶ ପରିଚାଳନା କରିଥିଲେ। ସଙ୍ଘ ପ୍ରଯୋଜନାରେ ଆଗାମୀଦିନରେ ହେବାକୁ ଥିବା ଯାତ୍ରା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ବରିଷ୍ଠ କଳାକାରମାନେ ସେମାନଙ୍କର ନୈତିକ ସାମର୍ଥନ ଦେବେ ବୋଲି ବହୁ ବରିଷ୍ଠ କଳାକାର ମତ ଦେଇଥିବାବେଳେ ବରିଷ୍ଠ କଳାକାରମାନେ କିପରି କଳାକାର ଭତ୍ତା ପାଇପାରିବେ ସେ ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ଉପସ୍ଥିତ କଳାକାରମାନେ ମତ ଦେଇଥିଲେ। ସନାତନ ରାଉତ, ତାପସ ଘୋଷ, ଜିତେନ୍ଦ୍ର ଘୋଷ, ପପୁ ମନ୍ତ୍ରୀ, ସୁବ୍ରତ ସେଠୀ, କୁନା ସାହୁ, ବନମାଳି ଘୋଷ, ଅଶୋକ ରାଉତ, କୁନା ପାତ୍ର, କାମଦେବ ପାତ୍ର ପ୍ରମୁଖଙ୍କ ନେତୃତ୍ୱରେ ସଙ୍ଘର ସଦସ୍ୟ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଶାକମ୍ଭରୀ ଟୁସୁ ମେଳା ଉଦ୍‌ଯାପିତ



କରଞ୍ଜିଆ,୧୮।୧(ସମିସ): କରଞ୍ଜିଆ ଏନ ଏ ସି ଅନ୍ତର୍ଗତ ୧୪ ନମ୍ବର ୱାର୍ଡ ଅଂକୁରା ଝଗଡାନାଳଠାରେ ଅନୁଷ୍ଠିତ ହେଉଥିବା ଶାକମ୍ଭରୀ ଟୁସୁମେଳା ଓ ପ୍ରତିଯୋଗିତା ଆଜି ଉଦଯାପିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ କରଞ୍ଜିଆ ଏନ୍‌ଏସି ଅଧକ୍ଷା ପପି ପୃଷ୍ଟି ଓ ବସ୍ତିର ବରିଷ୍ଠ ନାଗରିକ ହୀରାଲାଲ ମହାନ୍ତ, ୧୪ ନମ୍ବର ୱାର୍ଡ ମେମ୍ବର ଭାବଗ୍ରାହୀ ମହାନ୍ତ ଓ ଗୋବିନ୍ଦ ମହାନ୍ତ ଯୋଗଦେଇ କୃତୀ ଟୁସୁ ପ୍ରତିଯୋଗୀ ଦଳକୁ ପୁରସ୍କୃତ କରିଥିଲେ। ଚଳିତ ବର୍ଷ ପ୍ରଥମ ଦଳ ରାଇରଙ୍ଗପୁର ଦଳ ହୋଇଥିବାରୁ ତାଙ୍କୁ ୩୫ ହଜାର ୫୫୫, ଦ୍ୱିତୀୟ ବିଜେତା ଦଳ ଯଶିପୁରକୁ ୩୦ ହଜାର ୫୫୫ ଟଙ୍କା, ତୃତୀୟ ବିଜେତା ଦଳ ମଦରଙ୍ଗାଯୋଡ଼ିକୁ ୨୫ ହଜାର ୫୫୫, ଚତୁର୍ଥ ଦଳ ସଲରାପଦାକୁ ୨୦ ହଜାର ୫୫୫ ଟଙ୍କା ଓ ପଞ୍ଚମ ବିଜେତା ଦଳ ଜାମଖଞ୍ଜରୀ ଦଳକୁ ୧୫ ହଜାର ୫୫୫ ଟଙ୍କା ଓ ଦୂରତା ଅନୁଯାଇ ସାନ୍ତ୍ୱନା ମୂଳକ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶାକମ୍ଭରୀ ଟୁସୁ କମିଟି ସଭାପତି ରୋହିତ କୁମାର ମହନ୍ତ, ସମ୍ପାଦକ ବିଭୁ କଲ୍ୟାଣ ମହନ୍ତ, ରଞ୍ଜନ ମହାନ୍ତ, ହରିଶ ମହାନ୍ତ, ଅମିତ ମହାନ୍ତ, ଗେଣ୍ଟୁ, ଚନ୍ଦ୍ର ମୋହନ ମହନ୍ତ ପ୍ରମୁଖ ପରିଚାଳନା କରିଥିଲେ। କମିଟି ପକ୍ଷରୁ ରାତ୍ରିରେ ମନୋରଞ୍ଜନ ପାଇଁ ଝୁମର ମେଲଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜିନ୍ଦଲ ଷ୍ଟିଲ୍ ପକ୍ଷରୁ ତମାଖୁମୁକ୍ତ ସଚେତନତା ପକ୍ଷ



ଯୋଡ଼ା, ୧୮।୧(ସମିସ): ଜିନ୍ଦଲ ଷ୍ଟିଲ ପକ୍ଷରୁ ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ତମାଖୁମୁକ୍ତ ସଚେତନତା ପକ୍ଷ ଉଦଯାପିତ ହୋଇଯାଇଛି। ଜିନ୍ଦଲ ଷ୍ଟିଲର କାଶିଆ ଓ ରୋଇଡ଼ା ମାଇନ୍ସ ପାରିପାର୍ଶ୍ୱିକ ଅଞ୍ଚଳକୁ ତମାଖୁମୁକ୍ତ କରିବା ପାଇଁ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଜିନ୍ଦଲ ଷ୍ଟିଲ ବିକେଟିଆର କ୍ଲଷ୍ଟର ହେଡ୍ ପ୍ରମୋଦ ପାତ୍ର ଏକ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥ ସେରେଣ୍ଡା ଓ ଭଦ୍ରାସାହି ପଞ୍ଚାୟତ ଅଞ୍ଚଳରେ ପରିଭ୍ରମଣ କରିଥିଲା। ସିଏସଆର, ଏଚଆର ଓ ଆଡମିନ ବିଭାଗର ତତ୍ତ୍ୱାବଧାନରେ ଆୟୋଜିତ ଏହି ପକ୍ଷରେ ପାରିପାର୍ଶ୍ୱିକ ଗ୍ରାମାଞ୍ଚଳରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଚେତନତା ପକ୍ଷର ଉଦଯାପନୀ ଦିବସରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବରିଷ୍ଠ ଅଧିକାରୀଙ୍କ ସମେତ ଶତାଧିକ କର୍ମଚାରୀ ଯୋଗଦେଇଥିଲେ।

# ରାସଗୋବିନ୍ଦପୁରରେ ୧୮୫୭ ଓ ବେତନଟୀ ରେଞ୍ଜରେ ୭୩୪୧ ପକ୍ଷୀ ଚିହ୍ନଟ



ମୋରଡା,୧୮।୧(ସମିସ): ରବିବାର ରାସଗୋବିନ୍ଦପୁର ବନାଞ୍ଚଳ ଓ ବେତନଟୀ ବନାଞ୍ଚଳ ଅଧୀନରେ ଥିବା ବିଭିନ୍ନ ସ୍ଥାନରେ ବନ ବିଭାଗ ପକ୍ଷରୁ ଟିମ ଗଠନ କରାଯାଇ ପକ୍ଷୀ ଗଣନା କରାଯାଉଥିବା ଦେଖିବାକୁ ମିଳିଛି। ରାସଗୋବିନ୍ଦପୁର ରେଞ୍ଜର ଘନଶ୍ୟାମ ସିଂଙ୍କ ସୂଚନା ମୁତାବକ ଉକ୍ତ ରେଞ୍ଜ ଅଧୀନରେ ଥିବା ରାଜାବନ୍ଧ, ଘୋଡ଼ାବନ୍ଧ, ଘାଗରାବନ୍ଧ, ରାସଗୋବିନ୍ଦପୁର ବନ୍ଧ ଓ ଗାଁ ଅମର୍ଦା ବଡ଼ପୋଖରୀରେ ଟିମ ନିୟୋଜିତ କରାଯାଇ ୧୧ଟି ପ୍ରଜାତିର ସମୁଦାୟ ୧୮୫୭ଟି ପକ୍ଷୀ ଗଣନା କରାଯାଇଛି। ସେହିପରି ବେତନଟୀ ରେଞ୍ଜର ଧ୍ରୁବେନ୍ଦ୍ର ନାଥ ନାୟକଙ୍କ ସୂଚନା ମୁତାବକ ବେତନଟୀ ବନାଞ୍ଚଳ ଅନ୍ତର୍ଗତ ବଡ଼ଜୋଡ ଡ୍ୟାମ, ପାଉଁଶିଆ ଡ୍ୟାମ, ଦାନ୍ତିଆମୁହାଁ ଡ୍ୟାମ, ହାଣ୍ଡିଭଙ୍ଗା ଡ୍ୟାମ, ବାଉଁଶନାଳ ବଡଗୁମା, ତୋଟାପଡା ଆଶ୍ରମ ସ୍କୁଲ, ପଦ୍ମପୋଖରୀ, ପଞ୍ଚୁପୁଟୁଳି ଗଡ଼ଦେଉଳିଆ, ସାରିଆ ଡ୍ୟାମ, ଆମଜୋଡା, ଶୁଖିଲାହର, ଛାଡ଼କଟା ଓ ନଡ଼ପୁର ଆଦି ଅଞ୍ଚଳରୁ ୨୬ଟି ପ୍ରଜାତିର ପ୍ରାୟ ୭୩୪୧ଟି ପକ୍ଷୀ ଗଣନା କରାଯାଇଛି। ଦୁଇଟି ବନାଞ୍ଚଳ ଅଧୀନରେ ଥିବା ଜଳାଶୟରେ ସର୍ବାଧିକ ସରାଳି ପକ୍ଷୀ ଗଣନା କରାଯାଇଥିବାବେଳେ ରାସଗୋବିନ୍ଦପୁର ରେଞ୍ଜରେ ୧୬୧୪ ଓ ବେତନଟୀ ରେଞ୍ଜରେ ୩୯୪୪ଟି ଚିହ୍ନଟ କରାଯାଇଛି।

# ଅନୀତା ହୋଟେଲ ପକ୍ଷରୁ ପ୍ରତିଭା ସମ୍ମାନ ପ୍ରଦାନ ଉତ୍ସବ

କଳାବାଡିଆ,୧୮।୧(ସମିସ): ବାଙ୍ଗିରିପୋଷି ବ୍ଲକ୍ ବୁଡ଼ାମରା ଛକ ନିକଟସ୍ଥ ଅନୀତା ହୋଟେଲ ପରିସରରେ ନିର୍ଦ୍ଦେଶିକା ଅନୀତା ପୁଟୀଙ୍କ ପୌରୋହିତ୍ୟରେ ପ୍ରତିଭା ସମ୍ମାନ ଉତ୍ସବ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସୁଦାମ ମାରାଣ୍ଡି, ପଥୁରୀ ପଞ୍ଚାୟତ ସରପଞ୍ଚ ଜୟନ୍ତୀ ସିଂ, କଳାବାଡିଆ ସରପଞ୍ଚ ମିତା ନାଏକ, କୁମ୍ଭାରମୁଣ୍ଡାକଟା ସରପଞ୍ଚ ଲିପି ନାଏକ, କଳାବାଡିଆ ସମିତି ସଭ୍ୟା ସୌଦାମିନୀ ସିଂ, କୁମ୍ଭାରମୁଣ୍ଡାକଟା ସମିତି ସଭ୍ୟା ଶର୍ମିଷ୍ଠା ବେହେରା, ପଥୁରୀ ସମିତି ସଭ୍ୟା ଜଳେଶ୍ୱରୀ ସିଂ, ଦୀନବନ୍ଧୁ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀହରି ଗିରି, ପଥୁରୀ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜ୍ୟାସ୍ମିନ ବେହେରା, କୁମ୍ଭାରମୁଣ୍ଡାକଟା ସରକାରୀ ନୋଡାଲ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ସାହୁ, ସମାଜସେବୀ ଅମର ସେଠୀ, ପୂର୍ବତନ ଅଧକ୍ଷ ପ୍ରିୟ ମାରାଣ୍ଡି ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀ ଶିକ୍ଷା ବ୍ୟତୀତ ସମାଜ ସହିତ ତାଳ ଦେବା ପାଇଁ ହେଲେ ସବୁ କ୍ଷେତ୍ରରେ ଆଗକୁ ବଢ଼ିବାକୁ ହେବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଦୀନବନ୍ଧୁ ଉଚ୍ଚବିଦ୍ୟାଳୟ, ପଥୁରୀ ସରକାରୀ ଉଚ୍ଚବିଦ୍ୟାଳୟ, ଜଗନ୍ନାଥଖୁଣ୍ଟା ସରକାରୀ ଉଚ୍ଚବିଦ୍ୟାଳୟ, କୁମ୍ଭାରମୁଣ୍ଡାକଟା ସରକାରୀ ନୋଡାଲ ବିଦ୍ୟାଳୟର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନସିକ ପରୀକ୍ଷା ଦେଇଥିଲେ। ଏଥିରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ, ୨୦୨୫ର କୃତୀ ଛାତ୍ରଛାତ୍ରୀ, ସଫଳ ବ୍ୟବସାୟୀ ଶିବପ୍ରସାଦ ସାହୁ, ଚାଷୀ କୀର୍ତ୍ତିବାସ ପୁଟୀ, ଯନ୍ତ୍ରୀ ମୃତ୍ୟୁଞ୍ଜୟ ବେହେରା, କୃଷ୍ଣଚନ୍ଦ୍ର ବେହେରା, ହୋଟେଲ ସେଫ୍ ରଶ୍ମିରଞ୍ଜନ ବାରିକ, ହୋଟେଲ ମ୍ୟାନେଜର ଦେବାଶିଷ ସାହୁ, ମାଝିବାବା ଭାଲ ସୋରେନ, ଲକ୍ଷ୍ମଣ ହେମ୍ବ୍ରମଙ୍କୁ ସମ୍ମାନିତ କରାଯାଇଥିଲା। ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ହୋଟେଲ ଅନୀତା ପକ୍ଷରୁ ସମ୍ମାନିତ କରାଯାଇଥିଲା। ଅନୀତା ମାଲିକ ସୁମନ୍ତ ପୁଟୀ, ସମାଜସେବୀ କମଳାକାନ୍ତ ବାରିକଙ୍କ ସହ ହୋଟେଲର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ପଥୁରୀ ସରକାରୀ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ବିନୋଦ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ସମାଜସେବୀ କମଳାକାନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ମୟୂରଭଞ୍ଜ ଜିଲ୍ଲାର ୩୨ଟି ସ୍ଥାନରେ ପକ୍ଷୀ ଗଣନା

ବାରିପଦା, ୧୮।୧(ସମିସ):

ମୟୂରଭଞ୍ଜ ଜିଲ୍ଲାର ୩୨ଟି ବନାଞ୍ଚଳରେ ରବିବାର ପକ୍ଷୀ ଗଣନା କରାଯାଇଛି। ଜିଲ୍ଲାର ଶିମିଳିପାଳ ଜାତୀୟ ଅଭୟାରଣ୍ୟ ସମେତ ବାରିପଦା, ରାଇରଙ୍ଗପୁର, ଉଦଳା, କରଞ୍ଜିଆ ବନଖଣ୍ଡ ଅଧୀନରେ ଥିବା ବନାଞ୍ଚଳର ବିଭିନ୍ନ ବେତନଟୀ, ଉଦଳା, ଦେଉଳି, ବାଙ୍ଗିରିପୋଷି ଆଦି ଅଞ୍ଚଳରେ ଗଣନା କରିଛନ୍ତି। ଏ ନେଇ ବନବିଭାଗ ପକ୍ଷରୁ କର୍ମଚାରୀଙ୍କୁ ପୂର୍ବରୁ ସତନ୍ତ୍ର ତାଲିମ ପ୍ରଦାନ କରାଯାଇଥିଲା।

- ବିଦେଶୀ ପକ୍ଷୀଙ୍କ ଗତିବିଧି ଓ ସଂଖ୍ୟା ହେଲା ରେକର୍ଡ
- ଗଣନା ପ୍ରକ୍ରିୟାରେ ସାମିଲ ହେଲେ ସାମ୍ବାଦିକ ଓ ଏନଜିଓ ସଦସ୍ୟ

ଜଳଭଣ୍ଡାର ଓ ଆର୍ଦ୍ର ସ୍ଥାନକୁ ମିଶାଇ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଶୀତଦିନିଆ ଜଳରେ ବିଚରଣ କରୁଥିବା ପକ୍ଷୀଙ୍କ ଗଣନା ହୋଇଛି। ତେବେ ଏଥର ଦୁଇ ସପ୍ତାହ ପରେ ଗଣନା କାର୍ଯ୍ୟ ଅନୁଷ୍ଠିତ ପାଇଁ ଜଳଭଣ୍ଡାରରେ ପର୍ଯ୍ୟାପ୍ତ ପକ୍ଷୀ ଦୃଷ୍ଟି ଗୋଚର ହୋଇନାହାନ୍ତି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବାରିପଦା ବନଖଣ୍ଡ ଅନ୍ତର୍ଗତ ୭ଟି ରେଞ୍ଜର ୪୪ଟି ସ୍ଥାନରେ ପକ୍ଷୀ ଗଣନା କରାଯାଇଛି। ବାରିପଦା ବନଖଣ୍ଡ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୫୦ରୁ ଅଧିକ ବନ କର୍ମଚାରୀ ବାରିପଦା ବନଖଣ୍ଡ ପକ୍ଷରୁ ଗଣତି ପାଇଁ ୪୪ଟି ଟିମ ନିୟୋଜିତ ହୋଇଥିଲେ। ପ୍ରତି ଟିମରେ ୫ଜଣ ସଦସ୍ୟ ଥିବାବେଳେ ସେଥିରେ ୩ ଜଣ ବନ କର୍ମଚାରୀ ଓ ୨ ଜଣ ଏନଜିଓ ସଦସ୍ୟ ଓ ସାମ୍ବାଦିକ ଥିଲେ। ରେଞ୍ଜର, ଫରେଷ୍ଟର ଓ ପକ୍ଷୀ ଗବେଷକଙ୍କ ସମେତ କେତେକ ସ୍ଥାନରେ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ ଗଣନା ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ବାଇନ କୁଲାର ଓ ଜିପିଏସ କ୍ୟାମେରା ସାହାଯ୍ୟରେ ବନବିଭାଗ କର୍ମଚାରୀ ପକ୍ଷୀ ଗଣନା କରିଛନ୍ତି। ସକାଳ ୬ରୁ ଦିନ ୧୧ ପର୍ଯ୍ୟନ୍ତ ଗଣନା କାର୍ଯ୍ୟ ହେଉଥିବାବେଳେ ଏହାର ରିପୋର୍ଟ ଆକଳନ କରି ରାଜ୍ୟସ୍ତରୀୟ ରିପୋର୍ଟ ପାଇଁ ହସ୍ତାନ୍ତର କରାଯିବ। କୁହୁଡ଼ି ପାଇଁ ସକାଳୁ ପକ୍ଷୀ ଗଣନାରେ କିଛି ସମସ୍ୟା ଉପୁଜିଥିଲା। ଶୀତ ଋତୁରେ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥିବାବେଳେ ପକ୍ଷୀଙ୍କ ଗତିବିଧିକୁ ଲକ୍ଷ୍ୟ କରାଯାଇ ଡାଇରେକ୍ଟ ସାଇଟିଂ ପଦ୍ଧତିରେ ଗଣନା କରାଯାଇଛି। ଶୀତଋତୁରେ ସାଇବେରିଆନ ଅଞ୍ଚଳରେ ପ୍ରବଳ ବରଫ ପାତ ହେଉଥିବା ଯୋଗୁଁ ହଜାର ହଜାର କିଲୋମିଟର ଅତିକ୍ରମ କରି ଖାଦ୍ୟ ଅନ୍ୱେଷଣରେ ପକ୍ଷୀ ମାନେ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ଆସିଥା'ନ୍ତି। ବିଦେଶରୁ ଆସିଥିବା ପକ୍ଷୀ ଜିଲ୍ଲାର ଜମ୍ବୀରା, ହଳଦିଆ, ବଡଯୋଡ, ବଡ଼ଯୋଡ, ରାଜାବନ୍ଧ, କାଳ, ସୋନ, ନେସା, ବାଙ୍କବଳ, ଖଡଖାଇ, ଦେଓ ପରି ବୃହତ ଜଳାଶୟରେ ବିଚରଣ କରିଥା'ନ୍ତି। ପକ୍ଷୀଙ୍କ ପ୍ରଜାତି ତାଙ୍କର ଗତିବିଧିକୁ ରେକର୍ଡ କରିବା ସହ ଏମାନଙ୍କର ସଂଖ୍ୟାର ଆକଳନ କରାଯାଇଥାଏ। ଜିଲ୍ଲାରେ ଥିବା ଜଳଉତ୍ସରେ ଘରୋଇ ପକ୍ଷୀଙ୍କ ସହ ଗଡ଼ୱାଲ, ଲିଟିଲ କାର୍ବୋରେଣ୍ଟ, ଲଫାଙ୍ଗ, ହୁଇସିଲ ବାର୍ଡ ଭଳି ବିଭିନ୍ନ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳିଥା'ନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଗଣନାରେ ପକ୍ଷୀ ପ୍ରକାର ଓ ସଂଖ୍ୟାର ସମ୍ପୂର୍ଣ୍ଣ ତଥ୍ୟ ମିଳିନାହିଁ।



# ନୂଆସାହି ଡିଗ୍ରୀ ମହାବିଦ୍ୟାଳୟରେ ଭୋଟର ସଚେତନତା



କପ୍ତିପଦ,୧୮।୧(ସମିସ): ନୂଆସାହି ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ ଲିପିକା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା ସଭାରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଜାତୀୟ ସେବା ଯୋଜନାର ମହିଳା କାର୍ଯ୍ୟକ୍ରମ ଅଧିକାରିଣୀ ଶ୍ରୀମତୀ ମଞ୍ଜନା ମହାପାତ୍ର ଅତିଥି ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପୁରୁଷ କାର୍ଯ୍ୟକ୍ରମ ଅଧିକାରୀ ଲମ୍ବୋଦର ବାରିକ ଦେଶର ସୁଶାସନ ଦିଗରେ ଭୋଟରଙ୍କ ଭୂମିକା ସମ୍ପର୍କରେ ସଚେତନ କରାଇଥିଲେ। ମୁଖ୍ୟଅତିଥି ଭାବେ କପ୍ତିପଦା ତହସିଲଦାର ଆଶିଷ ମହାପାତ୍ର ନିଜ ବକ୍ତବ୍ୟରେ ପ୍ରତି ଭୋଟର ମୂଲ୍ୟ ଅତ୍ୟନ୍ତ ମୂଲ୍ୟବାନ। ତେଣୁ ସମସ୍ତେ ନିଜ ନିଜର ମୂଲ୍ୟବାନ ଭୋଟ ସମ୍ପର୍କରେ ସଚେତନ ହେବାକୁ ଅବଗତ କରିଥିଲେ। ଏ ଅବସରରେ ଏକ ଇଲେକ୍ଟୋରାଲ ଗଠନ କରାଯାଇଥିଲା। ଭୋଟର ସଚେତନତା ବୃଦ୍ଧି କରିବା ପାଇଁ ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ଲୋଗାନ ପ୍ରତିଯୋଗିତା, ପଥପ୍ରାନ୍ତ ନାଟକ ଓ ରିଲସ ତିଆରି ପ୍ରତିଯୋଗିତା କରାଯାଇଥିଲା। ଇତିହାସ ବିଭାଗ ଅଧ୍ୟାପକ ସଞ୍ଜୟ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜିର ରାଶିଫଳ

**ମେଷ:** ସମାଜରେ ମାନପ୍ରତିଷ୍ଠା ବୃଦ୍ଧି ପାଇବ। ଛାତ୍ରଛାତ୍ରୀମାନେ ବିଦେଶ ଯାତ୍ରା କରିପାରନ୍ତି। କର୍ମକ୍ଷେତ୍ରରେ ଆଗୁଆ ରହିବେ। ଭାଇଭଉଣୀଙ୍କଠାରୁ ପୂର୍ଣ୍ଣ ସହଯୋଗ ପାଇବେ।

**ବୃଷ:** ଦିନଟି ହସଖୁସିରେ କଟିବ। ବରିଷ୍ଠ ବ୍ୟକ୍ତିଙ୍କଠାରୁ ସହଯୋଗ ପାଇବେ। ପରିବାରରେ ଆନନ୍ଦ ଉଲ୍ଲାସ ଦେଖାଦେବ। ନୂତନ ନିବେଶ କରି ଲାଭବାନ ହେବେ।

**ମିଥୁନ:** ପୁରୁଣା କାର୍ଯ୍ୟଗୁଡ଼ିକ କରିବାରେ ସମୟ କଟିବ। ଉତ୍ତମ ନିଷ୍ପତ୍ତି ଆର୍ଥିକ ପକ୍ଷ ଲାଗି ଲାଭଦାୟକ ହେବ। ଛାତ୍ରମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ।

**କର୍କଟ:** ଆଜି କୌଣସି ଅପ୍ରୀତିକର ପରିସ୍ଥିତିରେ ପଡ଼ି ଯାଇପାରନ୍ତି। ନିଜ ସାହସ ଓ ବୁଦ୍ଧି ବଳରେ ସହଜରେ ସଫଳତା ପାଇ ପାରିବେ। ଅଧିକ ଖର୍ଚ୍ଚାନ୍ତରେ ପଡ଼ିଯାଇପାରନ୍ତି।

**ସିଂହ:** ଆତ୍ମବିଶ୍ୱାସ ଓ ସାହସିକତାର ସହ କାର୍ଯ୍ୟ କରିବେ। ସାମାଜିକ କାର୍ଯ୍ୟରେ ଭାଗନେବେ। ସମସ୍ୟାର ସମାଧାନ ରାସ୍ତା ପାଇବେ। ପରିବାରରେ ଆନନ୍ଦ ଉଲ୍ଲାସ ଦେଖାଦେବ।

**କନ୍ୟା:** ଅଧିକ ପରିଶ୍ରମ କରି ଅସୁସ୍ଥ ମନେ କରିପାରନ୍ତି। ସାଙ୍ଗସାଥୀଙ୍କ ସହ ସମ୍ପର୍କ ସୁଦୃଢ଼ ରହିବ। ଆର୍ଥିକ ସମସ୍ୟା ନେଇ ଚିନ୍ତିତ ରହିବେ। ଜୀବନସାଥୀଙ୍କ ସହଯୋଗ ପାଇବେ।

**ତୁଳା:** ଦୀର୍ଘଦିନ ଧରି ଲାଗି ରହିଥିବା ସମସ୍ୟା ଅପସରି ଯିବ। ନିଜ ପ୍ରତିଭାରେ ଅନ୍ୟମାନଙ୍କୁ ଆକର୍ଷିତ କରିବେ। ଜମି ସମସ୍ୟା ସମାଧାନ ହୋଇଯିବ। ଜୀବନସାଥୀ ଓ ପରିଜନଙ୍କ ସ୍ନେହ ପାଇବେ।

**ବିଛା:** ଗୁରୁଜନଙ୍କ ପରାମର୍ଶ ଅନୁଯାୟୀ କାର୍ଯ୍ୟ କରିବେ। ପରିବାରରେ ଲାଗି ରହିଥିବା ଅଶାନ୍ତି ଦୂର ହେବ। କ୍ଷୁଦ୍ର ବ୍ୟବସାୟୀଙ୍କୁ ଆଶାଠୁ ଅଧିକ ଧନଲାଭ ହେବ।

**ଧନୁ:** କାର୍ଯ୍ୟ କରିବା ସମୟରେ ମନକୁ ଶାନ୍ତ ରଖନ୍ତୁ। ବିବାହଯୋଗ୍ୟ ଯୁବକ ଯୁବତୀଙ୍କ ବିବାହ ସ୍ଥିର ହୋଇପାରେ। ସାଙ୍ଗସାଥୀଙ୍କ ସହଯୋଗରେ ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ।

**ମକର:** ପରିବାର ମଧ୍ୟରେ ଉତ୍ତମ ବୁଝାମଣା ରହିବ। ମହିଳାମାନେ ରାଜନୀତିରେ ସକ୍ରିୟ ଭୂମିକା ନିର୍ବାହ କରିବେ। ଛାତ୍ରଛାତ୍ରୀ ଲେଖାପଢ଼ାରେ ଅଧିକ ଧ୍ୟାନ ଦିଅନ୍ତୁ।

**କୁମ୍ଭ:** ସ୍ୱାସ୍ଥ୍ୟରେ ଅବନତି ଦେଖାଦେଇପାରେ। କୌଣସି ଖବର ଶୁଣି ଉତ୍ସାହିତ ହୋଇପାରନ୍ତି। ମୂଲ୍ୟବାନ ସାମଗ୍ରୀ ନଷ୍ଟ ହେବାର ସମ୍ଭାବନା ରହିଛି । କୋର୍ଟକଚେରୀ ମାମଲାରେ ପଡ଼ିଯାଇପାରନ୍ତି।

**ମୀନ:** କୌଣସି କାମକୁ ନୂଆକରି ଆରମ୍ଭ କରିବେ। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ପରିବାରରେ ଅଶାନ୍ତି ଦେଖା ଦେଇପାରେ । ରାଜନୀତି କ୍ଷେତ୍ରରେ ଥିବା ବ୍ୟକ୍ତିଙ୍କୁ ପ୍ରଶଂସା ମିଳିବ।

## ଆଜିର ଇତିହାସ

- ୧୬୪୯ - ଚାର୍ଲସ୍ ପ୍ରଥମଙ୍କ ବିରୋଧରେ ମୋକଦ୍ଦମା ଆରମ୍ଭ ହେଲା।
- ୧୯୨୭ - ବ୍ରିଟେନ ତାର ସେନାକୁ ଚୀନ୍‌କୁ ପଠାଇବା ପାଇଁ ନିଷ୍ପତ୍ତି ନେଲା।
- ୧୯୫୬ - ରୁଷିଆ ପରମାଣୁ ପରୀକ୍ଷା କରିଥିଲା।
- ୧୯୬୬ - ଇନ୍ଦିରା ଗାନ୍ଧୀ ଭାରତର ପ୍ରଧାନମନ୍ତ୍ରୀ ହେଇଥିଲେ।
- ୧୯୭୭ - ବିଶ୍ୱର ସବୁଠାରୁ ବଡ଼ ଭିଡ଼ ଆହ୍ଲାବାଦର କୁମ୍ଭ ମେଳାରେ ହୋଇଥିଲା।

# 'ଧୁରନ୍ଧର ୨'କୁ ଫେରିବେ ଅକ୍ଷୟ



ଆଦିତ୍ୟ ଧରଙ୍କ ଫିଲ୍ମ 'ଧୁରନ୍ଧର' ଏବେ ବି ବକ୍ସ ଅଫିସ୍‌ରେ ତା'ର ଦବ୍‌ଦବା ଜାରି ରଖିଛି। ଏଥିରେ ରଣବୀର ସିଂହଙ୍କ ଠାରୁ ଅକ୍ଷୟ ଖାନ୍ନାଙ୍କ ଅଭିନୟକୁ ନେଇ ଅଧିକ ଚର୍ଚ୍ଚା ହେଉଛି। ରେହମାନ ଡକାୟତ ଭୂମିକାରେ ଅକ୍ଷୟ ପରଦାରେ ଛାଇ ଯାଇଥିଲେ। ବିଶେଷକରି ଏହି ଫିଲ୍ମରେ ଅକ୍ଷୟଙ୍କ FA9LA ଗୀତରେ ଅଧିକ ରିଲ୍ସ ହୋଇଛି। 'ଧୁରନ୍ଧର'ରେ ଅକ୍ଷୟଙ୍କ ଚରିତ୍ରର ଅନ୍ତ ହୋଇଥିବାରୁ ସିକ୍ୱେଲରେ ତାଙ୍କୁ ବାଦ୍ ଦିଆଯାଇପାରେ ବୋଲି ଦୀର୍ଘଦିନରୁ ଚର୍ଚ୍ଚା ହେଉଥିଲା। 'ଧୁରନ୍ଧର ୨'ରେ ପୁଣିଥରେ ଅକ୍ଷୟଙ୍କୁ ଦେଖିବାକୁ ମିଳିବ ବୋଲି ଏବେ ଜଣାପଡ଼ିଛି। ଏହାର ପ୍ରଥମ ପାର୍ଟରେ ରଣବୀର ଅଣ୍ଡରକଭର୍ ଏଜେଣ୍ଟ ହମ୍‌ଜା ଅଲୀ ମଜାରି ଭୂମିକାରେ ସିକ୍ୱେଲରେ ନଜର ଆସିବେ ବୋଲି ଦେଖାଯାଇଥିଲା। ତେବେ ସିକ୍ୱେଲରେ କେବଳ ରଣବୀରଙ୍କ କାହାଣୀ ନୁହେଁ; ରେହମାନ ଡକାୟତର ପୂର୍ବ କାହାଣୀ ଦେଖାଯିବ ବୋଲି ଜଣାପଡ଼ିଛି। 'ଧୁରନ୍ଧର ୨'କୁ ଅକ୍ଷୟ ଫେରିବା କଥା ଜାଣି ଦର୍ଶକେ ମଧ୍ୟ ବେଶ୍ ଉତ୍ସାହିତ ଅଛନ୍ତି। ଏଥିରେ ଅକ୍ଷୟ ଓ ରଣବୀରଙ୍କ ସହ ଅର୍ଜୁନ୍ ରାମପାଲ, ଆର୍. ମାଧବନ୍, ସଞ୍ଜୟ ଦତ୍ତ ଓ ସାରା ଅର୍ଜୁନ୍ ପ୍ରମୁଖ ଦେଖାଯିବେ। ଏହା ୧୯ ମାର୍ଚ୍ଚରେ ପରଦାକୁ ଆସିବ।


# ବିଶ୍ୱାସରେ ଚାଲିଛି ଦୋକାନ




ଆଜିକାଲି ଅନେକ ସମୟରେ ଦିନ ଦ୍ୱିପହରରେ ଦୋକାନରୁ ଲୁଟ୍ ହେବା କଥା ସାମ୍ନାକୁ ଆସୁଛି। ଏହି କ୍ରମରେ କେରଳର ପୟ୍ୟାନୁର ତ୍ରିକାରିପୁରସ୍ଥିତ ବାଏପାସ୍ ରୋଡ୍‌ରେ ଥାଳିଚଲମ ବ୍ରିଜ୍ ନିକଟରେ ଥିବା ଏକ ଛୋଟ ଦୋକାନ ବିଷୟରେ ଜାଣି ଯେକେହି ବି ଆଶ୍ଚର୍ଯ୍ୟ ହେବେ। ଥାଳିଚଲମ ନିବାସୀ ମୁଣ୍ଡକୁଣ୍ଡିଲ ସୁଲେମାନ ଏହି ଦୋକାନର ଆରମ୍ଭ କରିଥିଲେ। ବିଦେଶରେ ରହି ଅନେକ ଦିନ କାମ କରିବା ପରେ ଗାଁକୁ ଆସି ସେ ଏହି ଦୋକାନଟିର ଆରମ୍ଭ କରିଥିଲେ। ଆଖାପାଖରେ ରହୁଥିବା ଲୋକ ଓ ଯାତ୍ରୀଙ୍କ ଉଦ୍ଦେଶ୍ୟରେ ସେ ଏହି ଦୋକାନଟିକୁ ଖୋଲିଥିଲେ। ବିସ୍କୁଟ୍, ମିକ୍ସଚର୍‌ଠାରୁ ଆରମ୍ଭ କରି ଷ୍ଟେସନାରି ଆଇଟମ୍ ସବୁକିଛି ଏଠାରେ ମିଳିଥାଏ। ପ୍ରତ୍ୟେକ ଜିନିଷ ଉପରେ ଏହାର ଦାମ୍ ଲେଖା ହୋଇଥାଏ। ଦୋକାନ ଭିତରେ ନା କ୍ୟାସ୍ କାଉଣ୍ଟର ଅଛି ନା ଏଠାରେ କେହି କ୍ୟାସିୟର୍ ବସିଛନ୍ତି। ଟଙ୍କା ରଖିବା ପାଇଁ ଦୋକାନରେ ଗୋଟିଏ ବାକ୍ସ ଅଛି। ଯେଉଁଥିରେ ଲୋକେ ଟଙ୍କା ରଖି ଦିଅନ୍ତି। ଡିଜିଟାଲ ପେମେଣ୍ଟ ପାଇଁ କ୍ୟୁଆର୍ କୋଡ୍ ଲାଗିଛି। ଯଦି କାହା ପାଖରେ ଟଙ୍କା ନାହିଁ ସେ ବାକିରେ ମଧ୍ୟ ନେଇ ପାରିବେ। ଦୋକାନରେ ସିସିଟିଭି କି ଜଗିବା ପାଇଁ ସିକ୍ୟୁରିଟି ଗାର୍ଡ ନ ଥିଲେ ବି ଏଯାବତ୍ ତାଙ୍କ ଦୋକାନରୁ ଚୋରି ହୋଇ ନାହିଁ। ସୁଲେମାନ ସକାଳୁ ଆସି ଖାଲି ହୋଇଥିବା ଜିନିଷ ଭର୍ତ୍ତି କରି ଦେଇ ଯାଆନ୍ତି। ରାତିରେ ଥରୁଟିଏ ଦେଖିବାକୁ ଆସିଥାନ୍ତି। ନିୟମିତ ୫୦୦ରୁ ୧୦୦୦ ଟଙ୍କା ମଧ୍ୟରେ ତାଙ୍କର ବିକ୍ରି ହୋଇଥାଏ। ତେବେ ଏହି ଦୋକାନଟି ଏହି କଥା ପ୍ରମାଣ କରୁଛି ଯେ, ଆଜିବି ଦୁନିଆରୁ ବିଶ୍ୱାସ ହଜିନାହିଁ।

# ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବ ସୁନାମି ୱାଲ୍

ଗଛ ଓ ମଣିଷର ସମ୍ପର୍କ ବେଶ୍ ନିବିଡ଼। ମଣିଷର ସୁସ୍ଥ, ନୀରୋଗ ଓ ସୁଖମୟ ଜୀବନଯାପନ ସାଙ୍ଗକୁ ତା'ର ସାମଗ୍ରିକ ବିକାଶ ପଛରେ ପ୍ରତ୍ୟକ୍ଷ ବା ପରୋକ୍ଷରେ ବୃକ୍ଷଲତାଗୁଡ଼ିକର ପ୍ରଚ୍ଛନ୍ନ ଭୂମିକା ରହିଛି। ହେଲେ ଗଛ ପ୍ରତି ମଣିଷ କିନ୍ତୁ ଚିରକାଳ ଅବହେଳା କରିଆସିଛି। ମଣିଷ ନିଜ ସ୍ୱାର୍ଥ ପାଇଁ ଜଙ୍ଗଲ କାଟି ସଫା କରି ଦେଉଛି। ଏହି କାରଣରୁ ମଣିଷ ଅନେକ ସମୟରେ ବନ୍ୟା, ବାତ୍ୟା, ମରୁଡ଼ି, ସୁନାମି ଭଳି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ତେବେ ପ୍ରକୃତି ଓ ପ୍ରାକୃତିକ ସମ୍ବଳ ନଷ୍ଟ ଯୋଗୁଁ ୨୦୧୧ ମସିହାରେ ଜାପାନ ଏକ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରିଥିଲା। ଏହି ସମୟରେ ଭୂମିକମ୍ପ ପରେ ସୁନାମି ଆସିଥିଲା। ମାର୍ଚ୍ଚ ୧୧ରେ ଜାପାନ ଉପକୂଳରେ ଆସିଥିବା ସୁନାମିରେ ପାଖାପାଖି ୧୮,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା। ବିଗତ ୧୫ ବର୍ଷ ମଧ୍ୟରେ ଜାପାନ ଏଭଳି ବିପର୍ଯ୍ୟୟର ସାମ୍ନା କରିବା ପାଇଁ ଚେଷ୍ଟା ଚଳାଇଛି। ଆଜି ଏହି ଦେଶ ସୁନାମି ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଏମିତି ଏକ ବ୍ୟବସ୍ଥା ବାହାର କରିଛି, ଯାହାକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ହେଉଛି। ଜାପାନ ଏଥିପାଇଁ ୩୯୫ କିଲୋମିଟର ଏକ ସିମେଣ୍ଟର କାନ୍ଥ ନିର୍ମାଣ କରିଛି। ଏହାର ନାଁ 'ସୁନାମି ୱାଲ୍' ରଖାଯାଇଛି। ଏହି କାନ୍ଥଗୁଡ଼ିକ ୧୦ରୁ ୧୫ ମିଟର ଉଚ୍ଚ। ସୁନାମି ସମୟରେ ବଡ଼ ବଡ଼ ଢେଉଗୁଡ଼ିକ କାନ୍ଥରେ ବାଡ଼େଇ ହେବା ଦ୍ୱାରା ଏହାର ଶକ୍ତି ହ୍ରାସ ପାଇବ। କେବଳ ସେତିକି ନୁହେଁ, କାନ୍ଥରେ ବାଡ଼େଇହେବା ପରେ ଏହି ସୁଉଚ୍ଚ ଢେଉଗୁଡ଼ିକୁ ନବେ ଲକ୍ଷ ଗଛ ସହିତ ଧକ୍କା ଖାଇବାକୁ ମଧ୍ୟ ହେବ। ଏହି ଜୁଆର ଲୋକଙ୍କ ପାଖରେ ଯେତେବେଳେ ପହଞ୍ଚିବ, ସେତେବେଳେ ଏହାର ତୀବ୍ରତା ଅନେକ ପରିମାଣରେ ହ୍ରାସ ପାଇବ । ଏହାବାଦ୍ ଗଛ ଯୋଗୁଁ ଜାପାନର ଇକୋସିଷ୍ଟମ ମଧ୍ୟ ପୁଣିଥରେ ଟ୍ରାକ୍‌କୁ ଫେରିଆସୁଛି। ଜାପାନର ଏଭଳି ଏକ ପ୍ରୟାସ ଏବେ ଚର୍ଚ୍ଚା ସାଉଁଟିଛି।



# ମାଘ ସପ୍ତମୀ



**ସନାତନ ଧର୍ମୀୟ ଆଚରଣରେ ବୁଡ଼ର ଖୁବ୍ ମହତ୍ତ୍ୱ ରହିଛି। ଏଥିପାଇଁ ଗ୍ରହ ଓ ନକ୍ଷତ୍ରର ସ୍ଥିତି ବିଚାରରେ ତଥା ନିର୍ଦ୍ଦିଷ୍ଟ ତିଥିରେ ପବିତ୍ର ନଦୀରେ ଶ୍ରଦ୍ଧାଳୁମାନେ ସ୍ନାନ କରିଥାନ୍ତି। ବୁଡ଼ର ମାହାତ୍ମ୍ୟ ସମ୍ପର୍କରେ ପୁରାଣ ଶାସ୍ତ୍ରରେ ଅନେକ କଥା ବର୍ଣ୍ଣନା ରହିଛି। ବୁଡ଼ ଦ୍ୱାରା ପୁଣ୍ୟ ଅର୍ଜନ ହେଉଥିବା ବିଶ୍ୱାସ। କାହିଁ କେଉଁ କାଳରୁ ଏହି ପରମ୍ପରା ଚାଲି ଆସିଛି। ପବିତ୍ର ମାଘ ମାସରେ ପ୍ରୟାଗରାଜରେ ପ୍ରତିବର୍ଷ ହୋଇଥାଏ ମାଘ ମେଳା। ଆମ ରାଜ୍ୟରେ ମାଘ ସପ୍ତମୀରେ ଅର୍କକ୍ଷେତ୍ର କୋଣାର୍କର ଚନ୍ଦ୍ରଭାଗା ତୀର୍ଥରେ ଲକ୍ଷାଧିକ ଶ୍ରଦ୍ଧାଳୁ ବୁଡ଼ ପକାଇଥାନ୍ତି।**

ଏହିଦିନ ଚଳଚଞ୍ଚଳ ହୋଇଥାଏ ଅର୍କକ୍ଷେତ୍ର କୋଣାର୍କର ଚନ୍ଦ୍ରଭାଗା। ପ୍ରତିବର୍ଷ ଏହି ତିଥିରେ ହଜାର ହଜାର ଶ୍ରଦ୍ଧାଳୁ ମାଘ ମାସର ହାଡ଼ଭଙ୍ଗା ଶୀତକୁ ଖାତିର ନ କରି ବୁଡ଼ ପକାନ୍ତି। ମାଘ ସପ୍ତମୀରେ ବୁଡ଼ ପରମ୍ପରା ସେମିତି ଅବ୍ୟାହତ ଅଛି। କିମ୍ବଦନ୍ତୀ ଅନୁସାରେ, ମାଘ ଶୁକ୍ଳ ସପ୍ତମୀରେ ସୂର୍ଯ୍ୟଦେବ ଜନ୍ମଗ୍ରହଣ କରିଥିଲେ। ଏହିଦିନର ବିଶେଷତ୍ୱ ହେଉଛି ସ୍ନାନ ଓ ସୂର୍ଯ୍ୟ ଦର୍ଶନ। ସ୍ନାନ ପରେ ଶ୍ରଦ୍ଧାଳୁ ସୂର୍ଯ୍ୟଙ୍କୁ ଦର୍ଶନ କରନ୍ତି। ଦାନ ଧର୍ମ କରି ପୁଣ୍ୟ ଅର୍ଜନ କରିଥାନ୍ତି। କୁହାଯାଏ, ଏହିଦିନ ବୁଡ଼ ପକାଇଲେ ବିଭିନ୍ନ ରୋଗରୁ ଉପଶମ ଏବଂ ମାନସିକ ଶାନ୍ତି ମିଳିଥାଏ।

ଓଡ଼ିଶା ତଥା ପଡ଼ୋଶୀ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥାଏ। ସ୍ଥାନୀୟ ଅଞ୍ଚଳର ଆରାଧ୍ୟ ଠାକୁର ତ୍ରିବେଣୀଶ୍ୱର, ଐଶାନେଶ୍ୱର ଓ ଦକ୍ଷିଣେଶ୍ୱରଙ୍କ ମହାସ୍ନାନ ପରେ ଶ୍ରଦ୍ଧାଳୁମାନେ ଚନ୍ଦ୍ରଭାଗାରେ ବୁଡ଼ ପକାନ୍ତି। ଏହା ଚନ୍ଦ୍ରଭାଗା ଯାତ୍ରା ବା ଚନ୍ଦ୍ରଭାଗା ମେଳା ନାମରେ ପ୍ରସିଦ୍ଧ। କୁହାଯାଏ, ଏହିମେଳା ଉପଲକ୍ଷେ ପୂର୍ବେ କୋଣାର୍କ ସୂର୍ଯ୍ୟ ମନ୍ଦିରରେ ପ୍ରତିଷ୍ଠିତ ସୂର୍ଯ୍ୟ ଏବଂ ଚନ୍ଦ୍ର ଏକ ବିମାନରେ ଚନ୍ଦ୍ରଭାଗା ତୀର୍ଥକୁ ଯାତ୍ରା କରୁଥିଲେ। ଏହି ପ୍ରତିମାଙ୍କ ସହ କୋଣାର୍କର ଅଷ୍ଟଶମ୍ଭୁ ଓ ଅଷ୍ଟଚଣ୍ଡୀ ମଧ୍ୟ ଚନ୍ଦ୍ରଭାଗା ତୀର୍ଥକୁ ଯାତ୍ରା କରନ୍ତି। ସୂର୍ଯ୍ୟଦେବଙ୍କର ଏହି ରଥଯାତ୍ରା ଅତ୍ୟନ୍ତ ବିରଳ। ବ୍ରହ୍ମପୁରାଣରେ ଏହା 'ସୌର ଗୁଣ୍ଡିଚା' ନାଁରେ ଖ୍ୟାତି ଲାଭ କରିଛି। ସେହିପରି ଆହୁରି ଅନେକ ସ୍ଥଳୀରେ ସପ୍ତମୀ ବୁଡ଼ ଦେଇ ଶ୍ରଦ୍ଧାଳୁମାନେ ମହାପୁଣ୍ୟର ଅଧିକାରୀ ହୋଇଥାନ୍ତି।

ପରମ୍ପରା ଅନୁସାରେ, ଚନ୍ଦ୍ରଭାଗା ମେଳା ପଡ଼ିଆରେ ଷଷ୍ଠୀ ତିଥିରୁ ମହିଳାମାନେ ମେଳା ପଡ଼ିଆରେ ଶିବିର ପକାଇ ଥାନ୍ତି। ରାତିରେ ମାଟିହାଣ୍ଡିରେ ଶୁଖୁଆ ଡାଲମା, ଭାତ ରାନ୍ଧି ଏହାର କିଛି ଅଂଶକୁ ଅର୍କାସୁର ଉଦ୍ଦେଶ୍ୟରେ ସମର୍ପଣ କରିଥାନ୍ତି। ବଳକା ଅଂଶକୁ ନିଜେ ସେବନ କରନ୍ତି। ଏହାପରେ ମାଟିହାଣ୍ଡିକୁ ହାଣ୍ଡିଭଙ୍ଗା ପଡ଼ିଆରେ ଭାଙ୍ଗି ତୀର୍ଥ ପୁଷ୍କରିଣୀରେ ଭୋର ସମୟରେ ବୁଡ଼ ପକାଇ ସୂର୍ଯ୍ୟଦେବଙ୍କୁ ପୂଜା କରନ୍ତି। ଅନ୍ୟପକ୍ଷରେ ଏକାମ୍ରକ୍ଷେତ୍ରରେ ଏହି ଅବସରରେ ପ୍ରସିଦ୍ଧ ଖଣ୍ଡଗିରି କୁମ୍ଭମେଳା ବି ଆରମ୍ଭ ହୋଇଥାଏ। ସାଧୁସନ୍ଥମାନଙ୍କ ଉପସ୍ଥିତି ଏବଂ ଶ୍ରଦ୍ଧାଳୁଙ୍କ ଆଗମନରେ ଖଣ୍ଡଗିରି ଚଳଚଞ୍ଚଳ ହୋଇ ଉଠେ।

# ସୃଷ୍ଟି

# ବସନ୍ତ ପଞ୍ଚମୀ



ମାଘ ଶୁକ୍ଳ ପଞ୍ଚମୀକୁ 'ଶ୍ରୀ ପଞ୍ଚମୀ' ବା 'ବସନ୍ତ ପଞ୍ଚମୀ' ଭାବେ ପାଳନ କରାଯାଏ। ଏହା ହେଉଛି ବିଦ୍ୟା ଓ ସଙ୍ଗୀତର ଦେବୀ ମା' ସରସ୍ୱତୀଙ୍କର ଆରାଧନାର ଦିନ। ଏହିଦିନ ଦେବୀ ସରସ୍ୱତୀ ଆବିର୍ଭୂତ ହୋଇଥିବା ବିଶ୍ୱାସ ରହିଛି। ଏହି ଅବସରରେ ସରସ୍ୱତୀ ମା'ଙ୍କୁ ଭକ୍ତି ଓ ନିଷ୍ଠାର ସହ ପୂଜା କଲେ ବୁଦ୍ଧି ଓ ସଫଳତା ମିଳେ। ବିଦ୍ୟା ପ୍ରାପ୍ତି ତଥା ବିଦ୍ୟା ନିମିତ୍ତ ବିଦ୍ୟାର୍ଥୀମାନେ ମା' ବାଗ୍‌ଦେବୀଙ୍କର ବିଶେଷ ପୂଜା ଓ ଆରାଧନା କରିଥାନ୍ତି। ସୂର୍ଯ୍ୟୋଦୟ ପୂର୍ବରୁ ବିଦ୍ୟାର୍ଥୀମାନେ ସ୍ନାନ ସାରି ନୂଆ ବସ୍ତ୍ର ପରିଧାନ କରନ୍ତି। ନିଜ ନିଜ ଶିକ୍ଷାନୁଷ୍ଠାନରେ ଭକ୍ତି ପୁଷ୍ପାଞ୍ଜଳି ଦେଇଥାନ୍ତି। ସଙ୍ଗୀତଶିଳ୍ପୀମାନେ ମଧ୍ୟ ଦେବୀ ବୀଣାପାଣିଙ୍କ ପୂଜାର୍ଚ୍ଚନା କରିଥାନ୍ତି। ତା'ସହ ସରସ୍ୱତୀ ଯନ୍ତ୍ର ବି ପୂଜା କରାଯାଏ। ସରସ୍ୱତୀ ସ୍ତୋତ୍ର ପାଠ କରି ବିଦ୍ୟାର୍ଥୀମାନେ ପରୀକ୍ଷାରେ ସଫଳତା କାମନା କରିଥାନ୍ତି। ଏହାଛଡ଼ା ଏହି ଅବସରରେ ଛୋଟ ଛୋଟ ପିଲାମାନେ ବାଗ୍‌ଦେବୀଙ୍କ ଆଗରେ 'ଖଡ଼ିଛୁଆଁ' କରି ବିଦ୍ୟାରମ୍ଭ କରିଥାନ୍ତି। ଜାନୁଆରୀ ୨୩ ତାରିଖରେ ବସନ୍ତ ପଞ୍ଚମୀ ପାଳନ କରାଯିବ।

# ନବରତ୍ନ ଧାରଣ




ନଅଟି ବିଶେଷ ରତ୍ନର ସମୂହ ହେଉଛି ନବରତ୍ନ। ମାଣିକ, ମୋତି, ମୁଙ୍ଗା, ପନ୍ନା, ପୋଖରାଜ, ହୀରା, ନୀଲମ, ଗୋମେଦ, ଲହସୁନିଆ ରତ୍ନ ଯେତେବେଳେ ଏକ ସଙ୍ଗରେ ମିଶେ, ଏହା ଏକ ଶକ୍ତିଶାଳୀ ସୁରକ୍ଷା କବଚ ଭଳି କାମ କରିଥାଏ। ଏହି ରତ୍ନ ମନକୁ ଶାନ୍ତ ଓ ଚିନ୍ତାକୁ କମ୍ କରିବାରେ ସାହାଯ୍ୟ କରେ। କୁହାଯାଏ, ନବରତ୍ନକୁ ଧାରଣ କରିବା ଦ୍ୱାରା କ୍ୟାରିୟର ତଥା ବ୍ୟବସାୟର ବାଧା ଦୂର ହୁଏ। ସେହିପରି ନବରତ୍ନର ପ୍ରଭାବ ଦ୍ୱାରା ସାମାଜିକ ଓ ପାରିବାରିକ ସମ୍ବନ୍ଧରେ ମଧୁରତା ଆସେ।

### ନିୟମ

- ସବୁ ରାଶି ପାଇଁ ନବରତ୍ନ ଶୁଭ ଫଳ ପ୍ରଦାନ କରେ ନାହିଁ।
- ତେଣୁ ଏହାକୁ ଧାରଣ କରିବା ପୂର୍ବରୁ ଜ୍ୟୋତିର୍ବିଦଙ୍କ ପରାମର୍ଶ ନେବା ଜରୁରି।
- ରତ୍ନ ଧାରଣ ପୂର୍ବରୁ ଏହାକୁ ଶୁଦ୍ଧିକରଣ କରିବା ଦରକାର।
- ରତ୍ନର ପ୍ରଭାବକୁ ବଜାୟ ରଖିବା ଲାଗି ଏହାକୁ ଗଙ୍ଗାଜଳ ଏବଂ କଞ୍ଚା କ୍ଷୀରରେ ଶୁଦ୍ଧ କରନ୍ତୁ।
- ନବରତ୍ନ ଧାରଣ କରୁଥିଲେ ଏହାକୁ ଅନ୍ୟ କାହାକୁ ଦିଅନ୍ତୁ ନାହିଁ।
- ତେବେ ନବରତ୍ନ ଯେଭଳି ଭାଙ୍ଗି ନ ଥିବ ଧ୍ୟାନ ଦେବେ। କାରଣ ଖଣ୍ଡିତ ରତ୍ନ ଅଶୁଭ ଫଳ ପ୍ରଦାନ କରେ।

# ଘରର କେଉଁ ସ୍ଥାନକୁ ଅପରିଷ୍କାର ରଖିବେ ନାହିଁ

**ବାସ୍ତୁ ଶାସ୍ତ୍ର ଅନୁସାରେ, ମାତା ଲକ୍ଷ୍ମୀ ପରିଷ୍କାର ପରିବେଶ ତଥା ଘରେ ବାସ କରନ୍ତି। ତେଣୁ ଘରକୁ ସଫାସୁତୁରା ରଖିବା ଉପରେ ବିଶେଷ ଧ୍ୟାନ ଦିଆଯାଏ। ସେହିପରି ଅଳିଆ ଆବର୍ଜନା ଘରର ଶକ୍ତି ଉପରେ ନକାରାତ୍ମକ ପ୍ରଭାବ ପକାଏ। ବିଶେଷକରି ଏହାର ସିଧା ପ୍ରଭାବ ଘରର ପରିବେଶ, ସ୍ୱାସ୍ଥ୍ୟ, ମାନସିକ ଶାନ୍ତି ଏବଂ ଆର୍ଥିକ ସମୃଦ୍ଧି ଉପରେ ପଡ଼ିଥାଏ। ତେବେ ଘରର କେଉଁ ସ୍ଥାନକୁ ଅପରିଷ୍କାର ରଖିବା ଅନୁଚିତ, ସେ ସମ୍ପର୍କରେ ଜାଣିବା।**



- ସକାରାତ୍ମକ ଶକ୍ତିର ମୁଖ୍ୟ ଉତ୍ସ ହେଉଛି ଘରର ମୁଖ୍ୟ ଦ୍ୱାର। ଯଦି ଏହି ସ୍ଥାନ ଅଳିଆ ଆବର୍ଜନାରେ ଭର୍ତ୍ତି ରହିବ ଏବଂ ଜୋତା ଚପଲ ଏଣେତେଣେ ପଡ଼ି ରହିଲେ, ନକାରାତ୍ମକ ଶକ୍ତିର ପ୍ରବେଶ ବଢ଼େ।
- ରୋଷେଇ ଘରକୁ ସ୍ୱାସ୍ଥ୍ୟ ଏବଂ ସମୃଦ୍ଧିର କେନ୍ଦ୍ର ବୋଲି ବିବେଚନା କରାଯାଏ। ଏହି ସ୍ଥାନ ଅଳିଆ ହେଲେ ଅଗ୍ନି ତତ୍ତ୍ୱ ଦୁର୍ବଳ ହୋଇଥାଏ। ଏହା ଦ୍ୱାରା ଆର୍ଥିକ ସମସ୍ୟା ଉତ୍ପନ୍ନ ହୋଇପାରେ।
- ଘରର ପୂଜା ସ୍ଥାନ ଆଧ୍ୟାତ୍ମିକ ଶକ୍ତିର କେନ୍ଦ୍ର। ତେଣୁ ଏହି ସ୍ଥାନ ଅପରିଷ୍କାର ରହିବାକୁ ଅଶୁଭ ବୋଲି କୁହାଯାଏ। ମନରେ ଅଶାନ୍ତି ସୃଷ୍ଟି ହୁଏ।
- ବାସ୍ତୁ ଅନୁସାରେ, ବାଥରୁମ୍ ଅପରିଷ୍କାର ରହିଲେ ସ୍ୱାସ୍ଥ୍ୟ ସମସ୍ୟା ଏବଂ ମାନସିକ ଚିନ୍ତା ବଢ଼େ। ତେଣୁ ଏହାକୁ ପ୍ରତିଦିନ ସଫା ରଖିବା ଉଚିତ।
- ସେହିପରି ଘରର ଉତ୍ତର-ପୂର୍ବ ଦିଗକୁ ଅପରିଷ୍କାର ରଖିବା ବାସ୍ତୁ ସମ୍ମତ ନୁହେଁ।
- ଅନ୍ୟପଟେ ଶୋଇବା ଘରକୁ ସଫା ରଖିବା ଖୁବ୍ ଜରୁରି। ଏହି ସ୍ଥାନ ଅବ୍ୟବସ୍ଥିତ ତଥା ଅପରିଷ୍କାର ରହିଲେ ସକାରାତ୍ମକ ଶକ୍ତି ପ୍ରଭାବିତ ହୁଏ।

## ମିଚେଲ ଓ ଫିଲିପ୍ସଙ୍କ ଆଗରେ ଫିକା ପଡ଼ିଲା କୋହଲିଙ୍କ ୫୪ତମ ଦିନିକିଆ ଶତକ

# ନ୍ୟୁଜିଲାଣ୍ଡର ଐତିହାସିକ ସିରିଜ୍ ବିଜୟ



ଇନ୍ଦୋର,୧୮।୧(ଏଜେନ୍ସି): ଭାରତକୁ ୭ଥର ଟୁର୍‌ରେ ନ୍ୟୁଜିଲାଣ୍ଡ ଦଳ ଯାହା କରି ପାରି ନ ଥିଲା ମାଇକେଲ୍ ବ୍ରେସ୍‌ୱେଲଙ୍କ ନେତୃତ୍ୱରେ ଗଠିତ ବି' ଦଳ ୮ମ ଟୁର୍‌ରେ ତାହା କରି ଦେଖାଇଛି। ଏଠାରେ ଆଜି ଖେଳାଯାଇଥିବା ତୃତୀୟ ତଥା ଶେଷ ଦିନିକିଆ ମ୍ୟାଚ୍‌ରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ୪୧ ରନ୍‌ରେ ଭାରତକୁ ପରାସ୍ତ କରିଛି। ଏହା ଫଳରେ ନ୍ୟୁଜିଲାଣ୍ଡ ୨-୧ ବ୍ୟବଧାନରେ ଐତିହାସିକ ସିରିଜ୍ ବିଜୟ ହାସଲ କରିଛି। ଏଠାରେ ଡାରିଲ ମିଚେଲ କ୍ରମାଗତ ଦ୍ୱିତୀୟ ଶତକ ସହ ୧୩୧ ବଲ୍‌ରେ ୧୩୭ ଓ ଗ୍ଲେନ୍ ଫିଲିପ୍ସ ୮୮ ବଲ୍‌ରେ ୧୦୬ ରନ୍ କରିଥିଲେ। ଏମାନେ ଚତୁର୍ଥ ୱିକେଟ ପାର୍ଟନରସିପ୍‌ରୁ ୨୧୯ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ ହରାଇ ୩୩୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଭାରତ ବିରାଟ କୋହଲି (୧୨୪ରନ୍, ୧୦୮ବଲ୍, ୧୦ ଚୌକା, ୩ଛକା)ଙ୍କ ୫୪ତମ ଦିନିକିଆ ଶତକ ସତ୍ତ୍ୱେ ଦଳ ୪୬ ଓଭରରେ ୨୯୬ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ୭୧ ରନ୍‌ରେ ୪ ୱିକେଟ ହରାଇ ବିପଦରେ ପଡ଼ିଥିଲାବେଳେ ବିରାଟ କୋହଲି ଓ ନୀତୀଶ କୁମାର ରେଡ୍ଡୀ ୫ମ ୱିକେଟରେ ୮୮, କୋହଲି ଓ ହର୍ଷିତ ରାଣା ୭ମ ୱିକେଟରେ ୯୯ ରନ୍ ଉଠାଇ ଭାରତ ଲାଗି କିଛିଟା ଆଶା ସଞ୍ଚାର କରିଥିଲେ। ରେଡ୍ଡୀ ୫୭ବଲ୍‌ରେ ୫୩ ଓ ରାଣା ୪୩ ବଲ୍‌ରେ ୫୨ ରନ୍ କରି ପ୍ରଥମ ଅର୍ଦ୍ଧଶତକ ହାସଲ କରିଥିଲେ। କିନ୍ତୁ ୩ଜଣଯାକ ଖେଳାଳି ବଡ଼ ସଟ୍ ଖେଳିବାକୁ ଯାଇ ଆଉଟ ହୋଇଥିଲେ। ଯାହା ଫଳରେ ଘରୋଇ ମାଟିରେ ଭାରତକୁ ପ୍ରଥମଥର ନ୍ୟୁଜିଲାଣ୍ଡ ନିକଟରୁ ଦିନିକିଆ ସିରିଜ୍‌ରେ ପରାଜିତ ହେବାକୁ ପଡ଼ିଛି। ବିଜୟୀ ନ୍ୟୁଜିଲାଣ୍ଡ ପକ୍ଷରୁ କ୍ରିଷ୍ଟିଆନ୍ କ୍ଲାର୍କ ଓ ଜାକାରୀ ଫୋକ୍ସ ୩ଟି ଲେଖାଏଁ, ଜେଡେନ ଲେନକ୍ସ ୨ଟି ୱିକେଟ ଅକ୍ତିଆର କରିଥିଲେ। ଏହା ପରେ ଜାନୁଆରୀ ୨୧ରୁ ଦୁଇ ଦେଶ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳାଯିବ।

### ମିଚେଲ-ଫିଲିପ୍ସଙ୍କ ଦ୍ୱିଶତକୀୟ ଭାଗୀଦାରି

ତୃତୀୟ ତଥା ନିର୍ଣ୍ଣାୟକ ମ୍ୟାଚ୍‌ରେ ଭାରତୀୟ ଅଧିନାୟକ ଶୁବମନ ଗିଲ ଗୁରୁତ୍ୱପୂର୍ଣ୍ଣ ଟସ୍ ଜିତିବା ପରେ ନ୍ୟୁଜିଲାଣ୍ଡକୁ ପ୍ରଥମେ ବ୍ୟାଟିଂ କରିବାକୁ ସୁଯୋଗ ଦେଇଥିଲେ। ଭ୍ରମଣକାରୀ ଦଳର ଓପନର ହେନେରୀ ନିକୋଲସ୍‌ଙ୍କୁ ପ୍ରଥମ ଓଭରରେ ଅର୍ଶଦୀପ ଓ ଡେଭନ କନୱେଙ୍କୁ ଦ୍ୱିତୀୟ ଓଭରରେ ହର୍ଷିତ ରାଣା ଆଉଟ କରି ଭାରତକୁ ଭଲ ଆରମ୍ଭ ଦେଇଥିଲେ। ଦଳୀୟ ସ୍କୋର ୫୮ ରନ୍‌ରେ ୱିଲ ୟଙ୍ଗ ତୃତୀୟ ଖେଳାଳି ଭାବେ ଆଉଟ ହୋଇଥିଲେ। ଏହା ପରେ ଡାରିଲ ମିଚେଲ ଓ ଗ୍ଲେନ୍ ଫିଲିପ୍ସଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା ମାରାଥନ ଭାଗୀଦାରି। ଏମାନେ ଭାରତୀୟ ବୋଲରଙ୍କୁ କୌଣସି ସୁଯୋଗ ନ ଦେଇ ଚତୁର୍ଥ ୱିକେଟରେ ୧୮୬ ବଲ୍ ଖେଳି ୨୧୯ ରନ୍ ସଂଗ୍ରହ କରିଥିଲେ। ଏହି ଭାଗୀଦାରି ବଳରେ ମ୍ୟାଚ୍‌ରୁ ଭାରତର କବ୍‌ଜା ହାତଛଡ଼ା ହୋଇଯାଇଥିଲା। ଚଳିତ ସିରିଜ୍‌ରେ କ୍ରମାଗତ ଶତକ ହାସଲ କରିଥିବା ମିଚେଲ ୧୩୧ ବଲ୍ ଖେଳି ୧୫ ଚୌକା ଓ ୩ ଛକା ସହ ୧୩୭ ଓ ଫିଲିପ୍ସ ୮୮ ବଲ୍‌ରୁ ୯ ଚୌକା ଓ ୩ ଛକା ସହ ୧୦୬ ରନ୍ କରିଥିଲେ। ଏହି ସିରିଜ୍‌ରେ ମିଚେଲ ୩୫୨ ରନ୍ ଉଠାଇ ଜବରଦସ୍ତ ଫର୍ମରେ ରହିଛନ୍ତି। ଉଭୟ ଖେଳାଳି ୭ ରନ୍ ବ୍ୟବଧାନରେ ଆଉଟ ହୋଇଥିଲାବେଳେ ଅନ୍ୟ କେହି ଭଲ ସ୍କୋର କରି ନ ଥିଲେ। କେବଳ ଅଧିନାୟକ ମାଇକେଲ ବ୍ରେସ୍‌ୱେଲ ୧୮ ବଲ୍‌ରୁ ୧ ଚୌକା ଓ ୩ ଛକା ସହାୟତାରେ ଅପରାଜିତ ରହି ୨୮ ରନ୍ କରିଥିଲେ।

ଭାରତ ପକ୍ଷରୁ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳିଥିବା ଫାଷ୍ଟ ବୋଲର ଅର୍ଶଦୀପ ସିଂହ ଓ ହର୍ଷିତ ରାଣା ୩ଟି ଲେଖାଏଁ ୱିକେଟ ନେଇଥିଲେ। ୧୦ ଓଭରରେ ରାଣା ୮୪ ଓ ଅର୍ଶଦୀପ ୬୩ ରନ୍ ବ୍ୟୟ କରିଥିଲେ। କ୍ୟାରିୟରର ପ୍ରଥମ ୧୪ଟି ମ୍ୟାଚ୍‌ରୁ ରାଣା ୨୬ଟି ୱିକେଟ ଅକ୍ତିଆର କରିଛନ୍ତି ସତ, କିନ୍ତୁ ଏଥିଲାଗି ତାଙ୍କୁ ହାରାହାରି ୨୮ ରନ୍ ଓ ଓଭର ପ୍ରତି ୬ରୁ ଅଧିକ ରନ୍ ବ୍ୟୟ କରିଛନ୍ତି।

**ଟି-୨୦ ସିରିଜ୍ ସୂଚୀ**

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୨୧।୧ | ପ୍ରଥମ ଟି-୨୦ | ନାଗପୁର |
| ୨୩।୧ | ଦ୍ୱିତୀୟ ଟି-୨୦ | ରାୟପୁର |
| ୨୫।୧ | ତୃତୀୟ ଟି-୨୦ | ଗୁଆହାଟୀ |
| ୨୮।୧ | ଚତୁର୍ଥ ଟି-୨୦ | ବିଶାଖାପାଟଣା |
| ୩୧।୧ | ପଞ୍ଚମ ଟି-୨୦ | ତିରୁଅନନ୍ତପୁରମ |

### ସଂକ୍ଷିପ୍ତ ସ୍କୋର

**ନ୍ୟୁଜିଲାଣ୍ଡ: ୩୩୭/୮,** ୫୦ ଓଭର (ଡାରିଲ ମିଚେଲ-୧୩୭, ଗ୍ଲେନ୍ ଫିଲିପ୍ସ-୧୦୬, ଅର୍ଶଦୀପ ସିଂହ-୩/୬୩, ହର୍ଷିତ ରାଣା-୩/୮୪)।

**ଭାରତ- ୨୯୬/୧୦,** ୪୬ ଓଭର (କୋହଲି-୧୨୪, ନୀତୀଶ- ୫୩, ହର୍ଷିତ- ୫୨, ଗିଲ୍- ୨୩, ରୋହିତ- ୧୧, ଆୟାର- ୩, ରାହୁଲ- ୧, ଜାଡେଜା- ୧୨, କ୍ଲାର୍କ- ୩/୫୪, ଫୋକସ୍- ୩/୭୭)।

## ● ବିଜୟ ହଜାରେ ଟ୍ରଫି
## ଅଥର୍ବ ତାଇଡେଙ୍କ ଶତକ

ବେଙ୍ଗାଲୁରୁ, ୧୮।୧(ଏଜେନ୍ସି): ଏଠାରେ ରବିବାର ଅନୁଷ୍ଠିତ ବିଜୟ ହଜାରେ ଟ୍ରଫିର ସୌରାଷ୍ଟ୍ର ବିପକ୍ଷ ଫାଇନାଲରେ ବିଦର୍ଭ ଓପନର ଅଥର୍ବ ତାଇଡେ ଶତକ ହାସଲ କରିଛନ୍ତି। ସେ ୧୧୮ ବଲ୍‌ରେ ୧୨୮ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ବିଦର୍ଭ ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ ହରାଇ ୩୧୭ ରନ୍ ସଂଗ୍ରହ କରିଛି। ଅନ୍ୟ ମାନଙ୍କ ମଧ୍ୟରେ ଯୁବ ଖେଳାଳି ଯଶ ରାଠୋଡ ୫୪ ରନ୍ କରିଥିଲେ। ତାଇଡେ ଓ ରାଠୋଡ ଦ୍ୱିତୀୟ ୱିକେଟରୁ ୧୩୩ ରନ୍ ଉଠାଇ ଦଳକୁ ଏକ ବିଶାଳ ସ୍କୋର ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଭାବଶାଳୀ ବ୍ୟାଟିଂ କରିଥିବା ବିଦର୍ଭର ଅନ୍ୟତମ ଓପନର ଅମନ ମୋଖାଡେ ୩୩ ରନ୍ କରିବା ସହ ପ୍ରଥମ ୱିକେଟରେ ତାଇଡେଙ୍କ ସହ ୮୦ ରନ୍ ଉଠାଇ ଭଲ ଆରମ୍ଭ ଦେଇଥିଲେ। ରବିକୁମାର ସମର୍ଥ ୨୫, ଫୈଜ୍ ମହମ୍ମଦ୍ ସେଖ ୧୯, ହର୍ଷ ଦୁବେ ୧୭ ଓ ଦର୍ଶନ ନାଲକାଣ୍ଡେ ୧୪ ରନ୍ କରି ଡବଲ ଫିଗର ଛୁଇଁଥିଲେ। ସୌରାଷ୍ଟ୍ର ପକ୍ଷରୁ ବାମହାତି ପେସ୍ ବୋଲର ଅଙ୍କୁ ପାନୱାର ୬୫ ରନ୍ ଦେଇ ସର୍ବାଧିକ ୪ ୱିକେଟ ପାଇଥିଲେ। ଚେତନ ସାକାରିଆ ଓ ଚିରାଗ ଜାନିଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା। ଜବାବରେ ୩୧୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ସୌରାଷ୍ଟ୍ର ୨୭ ଓଭର ଖେଳ ଶେଷସୁଦ୍ଧା ୪ ୱିକେଟ ହରାଇ ୧୪୩ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ପ୍ରେରକ ମଙ୍କଡ ୫୬ ଓ ଚିରାଗ ଜାନି ୧୪ ରନ୍‌ରେ ବ୍ୟାଟିଂ କରୁଥିଲେ। ଦଳ ପକ୍ଷରୁ ଅଧିନାୟକ ହାର୍ଭିକ ଦେଶାଇ ୨୦, ବିଶ୍ୱରାଜ ଜାଡେଜା ୯, ସମର ଗଜ୍ଜର ୨୫, ପାର୍ଶ୍ୱରାଜ ରାଣା ୭ ରନ୍ କରି ଆଉଟ ହୋଇଛନ୍ତି। ପ୍ରତିପକ୍ଷ ବିଦର୍ଭ ପକ୍ଷରୁ ନଚିକେତ ଭୁତେ ୨ଟି, ଯଶ ଠାକୁର ଓ ଦର୍ଶନ ନାଲକାଣ୍ଡେ ଗୋଟିଏ ଲେଖାଏଁ ୱିକେଟ ନେଇଛନ୍ତି।

## ■ ୧୯ ବର୍ଷରୁ କମ୍ ବିଶ୍ୱକପ୍
## ଆଫଗାନିସ୍ତାନର ପୁଣି ବିପର୍ଯ୍ୟୟ

ୱିଣ୍ଡହୋକ,୧୮।୧(ଏଜେନ୍ସି): ନାମିବ୍ୟାରେ ଚାଲିଥିବା ୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍‌ରେ ଏସୀୟ ଦେଶ ଆଫଗାନିସ୍ତାନ ଆଉ ଏକ ବଡ଼ ବିପର୍ଯ୍ୟୟ ଘଟାଇଛି। ରବିବାର ଅନୁଷ୍ଠିତ ଗ୍ରୁପ୍-ଡି'ର ଏକ ମ୍ୟାଚରେ ଆଫଗାନିସ୍ତାନ ୧୩୮ ରନରେ ୨୦୧୬ ବିଜେତା ୱେଷ୍ଟଇଣ୍ଡିଜକୁ ହରାଇଦେଇଛି। ଓସମାନ ସାଦତ (୮୮ ରନ) ଓ ଅଧିନାୟକ ମହବୁବ ଖାନ (୮୬)ଙ୍କ ଅର୍ଦ୍ଧଶତକ ବଳରେ ଆଫଗାନିସ୍ତାନ ୫୦ ଓଭରରେ ୬ ୱିକେଟ ହରାଇ ୨୬୨ ରନ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ୩୩.୨ ଓଭରରେ ୧୨୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଆଫଗାନିସ୍ତାନ ଏଥିପୂର୍ବରୁ ପ୍ରଥମ ମ୍ୟାଚରେ ୨୮ ରନରେ ୨୦୧୪ ସଂସ୍କରଣ ବିଜେତା ଦକ୍ଷିଣ ଆଫ୍ରିକାକୁ ହରାଇ ବିପର୍ଯ୍ୟୟ ଘଟାଇଥିଲା। ଆଫଗାନିସ୍ତାନ ଏବେ ୨ ମ୍ୟାଚରୁ ୪ ପଏଣ୍ଟ ପାଇ ଗ୍ରୁପ୍-ଡି ଶୀର୍ଷରେ ରହିଛି। ଭାରତ ଯୁବ ଦଳ ମଧ୍ୟ ୨ଟି ମ୍ୟାଚରୁ ୪ ପଏଣ୍ଟ ପାଇ ଗ୍ରୁପ୍-ବି'ରେ ଏକ ନମ୍ବର ସ୍ଥାନ ହାସଲ କରିଛି।

## ଫାଓ ଏକାଡେମୀର ସହଜ ବିଜୟ

କଟକ,୧୮।୧(ସମିସ): ବୋକାରୋ ଷ୍ଟିଲ୍ ସିଟିରେ ରବିବାରଠାରୁ ଏଆଇଏଫଏଫ ୟୁଥ୍ ଲିଗ୍ ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଫାଓ ଏକାଡେମୀ ୭-୦ ଗୋଲରେ ସେଲ୍ ଫୁଟବଲ ଏକାଡେମୀକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧରେ ଫାଓ ପକ୍ଷରୁ ଦୁଇଟି ଗୋଲ ହୋଇଥିଲା। ଫରୱାର୍ଡ ମିଥୁନ ସାନ୍ତା ୪ର୍ଥ ଏବଂ ୩୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ ପ୍ରଦାନ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଦଳ ୫ଟି ଗୋଲ ସ୍କୋର କରି ସହଜ ବିଜୟ ହାସଲ କରିଥିବା ବେଳେ ଆକାଶ ସାହୁ ୪ଟି ଓ ମୋହନ ଗୁଣ୍ଡ ଗୋଟିଏ ଗୋଲ ଦେଇଥିଲେ।

## ■ ଜାତୀୟ ଶକ୍ତିଉତ୍ତୋଳନ ଚାମ୍ପିଅନ୍‌ସିପ୍
## ପ୍ରଥମ ଦିନରେ ଓଡ଼ିଶାକୁ ୨ ପଦକ





ଭୁବନେଶ୍ୱର,୧୮।୧ (ସମିସ): ଉତ୍ତରାଖଣ୍ଡର ଆରମ୍ଭ ହୋଇଥିବା ଜାତୀୟ ଶକ୍ତିଉତ୍ତୋଳନ ଚାମ୍ପିଅନସିପ୍‌ର ପ୍ରଥମ ଦିନରେ ଓଡ଼ିଶାକୁ ୨ଟି ପଦକ ମିଳିଛି। ଜୁନିଅର ପୁରୁଷ ୫୯ କିଲୋଗ୍ରାମ୍ ଶ୍ରେଣୀରେ ଶ୍ୟାମ ମାରାଣ୍ଡି କାଂସ୍ୟ ପଦକ ବିଜୟ ହାସଲ କରିଛନ୍ତି। ସେହିପରି ସବ୍‌ଜୁନିଅର ୫୫ କିଲୋଗ୍ରାମ୍ ଶ୍ରେଣୀରେ ସରୋଜିନୀ ପରିଡ଼ା କାଂସ୍ୟ ପଦକ ହାସଲ କରିଛନ୍ତି। ପାରା ସ୍ପୋର୍ଟ୍ସ ଆସୋସିଏସନ ଉଭୟ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ରାଜ୍ୟ ଲନ୍‌ବଲ ଚାମ୍ପିଅନସିପ୍ ଉଦ୍‌ଯାପିତ
## ବଲାଙ୍ଗିରକୁ ହ୍ୟାଟ୍ରିକ୍ ଟାଇଟଲ

ଭୁବନେଶ୍ୱର,୧୮।୧(ସମିସ): ରାଜ୍ୟ ଲନ୍‌ବଲ ପ୍ରତିଯୋଗିତାର ତୃତୀୟ ସଂସ୍କରଣ ଆଜି ଉଦ୍‌ଯାପିତ ହୋଇଛି। ଆୟୋଜକ ବଲାଙ୍ଗିର ଜିଲ୍ଲା କ୍ରମାଗତ ତୃତୀୟଥର ସକାଶେ ଦଳଗତ ଚାମ୍ପିଅନ ହେବା ସହ ହ୍ୟାଟ୍ରିକ୍ ଟାଇଟଲ ଜିତିନେଇଛି। ଏହି ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ୫ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୧ କାଂସ୍ୟ ପଦକ ହାସଲ କରିଥିଲା। ସେହିପରି ୨୫ ବର୍ଷରୁ କମ୍ ପୁରୁଷ ବିଭାଗରେ ସ୍ୱର୍ଣ୍ଣ ଓ ମହିଳା ବିଭାଗରେ କାଂସ୍ୟ ପଦକ ହାସଲ କରି ସର୍ବାଧିକ ପଏଣ୍ଟ ସହ ଦଳଗତ ଟାଇଟଲ କବ୍‌ଜା କରିଥିଲା। ବଲାଙ୍ଗିରକୁ କଡ଼ା ଚ୍ୟାଲେଞ୍ଜ ଦେଇଥିବା ସମ୍ବଲପୁର ଜିଲ୍ଲା ରନର୍ସଅପ୍ ହୋଇଛି। ସମ୍ବଲପୁର ବରିଷ୍ଠ ବିଭାଗରେ ଗୋଟିଏ ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ହାସଲ କରିଛି। ସେହିପରି ୨୫ ବର୍ଷରୁ କମ୍ ମହିଳା ବିଭାଗରେ ଗୋଟିଏ ସ୍ୱର୍ଣ୍ଣ ହାସଲ କରିବା ଫଳରେ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି। ଖେଳଶେଷରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ବଲାଙ୍ଗିର



ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀ, ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ ଓ ରାଜ୍ୟ ଲନ୍‌ବଲ ସଂଘ ସଭାପତି ଅନଙ୍ଗ ଉଦୟ ସିଂହଦେଓ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସଂଘର ସାଧାରଣ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କରିଶ୍ମା ରାଉତ, ଅନ୍ୱେଷା ରାଉତ, ରୋଶନ ସାହୁ, ନରେଶ ପ୍ରଧାନ, ବୁଦ୍ଧିରାଜ ବିଶ୍ୱାଳ, ପୁରନ୍ଦର ସେଠି, ବିଭୁତି ସ୍ୱାଇଁ ପ୍ରମୁଖ ଏହି ପ୍ରତିଯୋଗିତାକୁ ସଫଳତାର ସହ ପରିଚାଳନା କରିଥିଲେ।

## ପ୍ରୀତିସ୍ମିତା, କାଳୁଚରଣ ଓ ଏମ୍‌ଜିଏମ୍‌କୁ 'ଓସ୍‌ଜା' ପୁରସ୍କାର




ଭୁବନେଶ୍ୱର, ୧୮।୧ (ସମିସ): ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା)ର ୯ମ ବାର୍ଷିକ ପୁରସ୍କାର ପ୍ରଦାନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ଷ୍ଟାଡିୟମସ୍ଥିତ ଟେନିସ ସେଣ୍ଟର ଅଡିଟୋରିୟମଠାରେ ଆୟୋଜିତ ଏହି ଉତ୍ସବରେ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଗି ୩ଜଣଙ୍କୁ 'ଓସ୍‌ଜା' ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ବର୍ଷ ୨୦୨୫ ଲାଗି ଯୁବ ଭାରୋତ୍ତୋଳିକା ପ୍ରୀତିସ୍ମିତା ଭୋଇ ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ। ସେହିଭଳି ପାଖାପାଖି ୪ ଦଶନ୍ଧି ଧରି ଡଜନେରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ଖେଳାଳି ଗଢ଼ିତୋଳିଥିବା ମହାନ ହକି ପ୍ରଶିକ୍ଷକ କାଳୁଚରଣ ଚୌଧୁରୀଙ୍କୁ ଜୀବନବ୍ୟାପୀ ସେବା ସମ୍ମାନ (ଲାଇଫ ଟାଇମ ଆଚିଭମେଣ୍ଟ)ରେ ପୁରସ୍କୃତ କରାଯାଇଥିଲା। ଉଭୟ ପ୍ରୀତିସ୍ମିତା ଓ କାଳୁଚରଣଙ୍କୁ ୨୫ ହଜାର ଲେଖାଏ ଟଙ୍କା ସହ ପ୍ରଶସ୍ତିପତ୍ର, ଉତ୍ତରୀୟ ଓ ବିଶେଷ ଟ୍ରଫି ଦିଆଯାଇଥିଲା। ଅପରପକ୍ଷରେ ଏଥର ଓସଜା ପକ୍ଷରୁ ଏକ ନୂଆ ବର୍ଗରେ ଅର୍ଥାତ କ୍ରୀଡ଼ାର ବିକାଶ ଦିଗରେ ପ୍ରମୁଖ ସହଯୋଗର ହାତ ବଢ଼ାଇଥିବା ସଂସ୍ଥାକୁ ସମ୍ମାନିତ କରାଯାଇଥିଲା। ପ୍ରଥମଥର ଦିଆଯାଇଥିବା ଏହି ପୁରସ୍କାର ଏମ୍‌ଜିଏମ୍ ଗ୍ରୁପର ଅଧ୍ୟକ୍ଷ ପଙ୍କଜ ମହାନ୍ତିଙ୍କ ତରଫରୁ ଏଜିଏମ୍ ଉତ୍ତମ ନାୟକ ଗ୍ରହଣ କରିଥିଲେ।

ପୁରସ୍କାର ପ୍ରଦାନ ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଓ ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଖୁବ ଶୀଘ୍ର କଳିଙ୍ଗ ଷ୍ଟାଡିୟମରେ ଏକ କ୍ରୀଡ଼ା ସଂଗ୍ରହାଳୟ ଓ ବ୍ୟାଡ୍‌ମିଣ୍ଟନ କୋର୍ଟ୍ 'ସଟଲ୍' ପରିସରରେ ସର୍ବନିମ୍ନ ଆବଶ୍ୟକତା ସହିତ ଏକ ମିଡିଆ ସେଣ୍ଟର କରାଯିବ ବୋଲି କ୍ରୀଡ଼ାମନ୍ତ୍ରୀ ଘୋଷଣା କରିଥିଲେ। 'ଓସ୍‌ଜା'ର ସଭାପତି ସନ୍ଦୀପ ମିଶ୍ରଙ୍କ ପୌରହିତ୍ୟ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ସୁରେଶ ସ୍ୱାଇଁ କୃତଜ୍ଞତା ଜ୍ଞାପନ କରିଥିବାବେଳେ ବରିଷ୍ଠ ଉପସଭାପତି ସମୀକ୍ଷା ପଟ୍ଟନାୟକ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ଓସ୍‌ଜାର ସମସ୍ତ କର୍ମକର୍ତ୍ତା, ସଦସ୍ୟ, ରାଜ୍ୟର ପ୍ରତିଷ୍ଠିତ ପ୍ରଶିକ୍ଷକ, ଖେଳାଳି, କର୍ମକର୍ତ୍ତା, ବିଭିନ୍ନ କ୍ରୀଡ଼ସଂଘର ସଦସ୍ୟ ଓ ଉଦୀୟମାନ ଖେଳାଳିମାନେ ଏହି ଅବସରରେ ଉପସ୍ଥିତ ରହିଥିଲେ।

## ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ାରେ ଓଡ଼ିଶାରୁ ଭାଗନେବେ ୨୧ ସନ୍ତରଣକାରୀ

ଭୁବନେଶ୍ୱର, ୧୮।୧ (ସମିସ): ଛତିଶଗଡ଼ରେ ହେବାକୁ ଯାଉଥିବା ପ୍ରଥମ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ାରେ ଭାଗ ନେବାକୁ ଓଡ଼ିଶାର ୨୧ଜଣ ସନ୍ତରଣକାରୀ ଯୋଗ୍ୟତା ଅର୍ଜନ କରିଛନ୍ତି। ରାଜ୍ୟସନ୍ତରଣ ସଂଘ ପକ୍ଷରୁ ୫୫ଜଣ ଜନଜାତି ପ୍ରତିଯୋଗୀଙ୍କୁ ନେଇ କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା ଜଳକ୍ରୀଡ଼ା କେନ୍ଦ୍ରରେ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲେ। ଏଥିରେ ୧୦ଜଣ ବାଳକ ଯଥା ରାଜେଶ ସୋରେନ, କାହ୍ନୁ ସୋରେନ, ସିତାରାମ ମୁର୍ମୁ, ଭିକି ଭୋଇ, ସର୍ବେଶ୍ୱର ବିରୁଆ, ଗୋପୀନାଥ ହେମ୍ବ୍ରମ, ଉକ୍ରଳମଣି ଗୋପବନ୍ଧୁ, ସୋହମ ମାଝି, ଆଲୋକ ଡୁଙ୍ଗଡୁଙ୍ଗ୍, ଫୁର୍ମାଲ ହେମ୍ବ୍ରମ ଏବଂ ବାଳିକା ବିଭାଗରେ ଅଞ୍ଜଳି ମୁଣ୍ଡା, ଶ୍ରୀୟା ପଡ଼ିଆମି, ଅଞ୍ଜଳି ମଲ୍ଲିକ, ରିଙ୍କି ମୁର୍ମୁ, ଅନିତା ମାଝି, କୃଷ୍ଣପ୍ରିୟା ନାୟକ, ସୁକମଣି କିସାନ, ରିତିକା ମିଞ୍ଜ୍, ରୂପାଲି ହେମ୍ବ୍ରମ୍, ପୂଜା ପ୍ରଧାନ ଓ ଶୁଭସ୍ମିତା ବାଇପାଇ। ପୁରୁଷ ବିଭାଗରେ ଉକ୍ରଳମଣି ଓ ମହିଳା ବିଭାଗରେ ରିତିକାକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ପ୍ରତିଯୋଗୀ କିଟ୍‌ର ବୋଲି ଓଡ଼ିଶା ରାଜ୍ୟ ସନ୍ତରଣ ସଂଘ ସଭାପତି ପ୍ରଦୀପ ପାଢ଼ୀ ଜଣାଇଛନ୍ତି। ଫେବୃଆରୀ ଦ୍ୱିତୀୟ ସପ୍ତାହରେ ଏହି ପ୍ରତିଯୋଗିତା ଆୟୋଜିତ ହେବ।

## ହକି ଇଣ୍ଡିଆ ଲିଗ୍
## କଳିଙ୍ଗ ଲାନ୍ସର୍ସର ବିଜୟ ଛକା

ଭୁବନେଶ୍ୱର, ୧୮।୧ (ସମିସ): ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ)ରେ ଘରୋଇ ବେଦାନ୍ତ କଳିଙ୍ଗ ଲାନ୍ସର୍ସ କ୍ରମାଗତ ୬ଷ୍ଠ ବିଜୟ ହାସଲ କରିଛି। ରବିବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଲାନ୍ସର୍ସ ଦଳ ସୁଟ୍ ଆଉଟ୍‌ରେ ୪-୧ ଗୋଲ୍‌ରେ ତାମିଲନାଡୁ ଡ୍ରାଗନ୍ସକୁ ହରାଇଥିଲା। ଏହି ମ୍ୟାଚର ନିର୍ଦ୍ଧାରିତ ୬୦ ମିନିଟ୍ ସୁଦ୍ଧା ଉଭୟ ଦଳ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଫଳରେ ମ୍ୟାଚ୍ ୧-୧ରେ ବରାବର୍ ରହିଥିଲା। ଏହାପରେ ସୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ କଳିଙ୍ଗ ଲାନ୍ସର୍ସର ଗୋଲ୍‌ରକ୍ଷକ ଜେଡ୍ ସ୍ନୋଡେନ ପ୍ରଭାବୀ ପ୍ରଦର୍ଶନ କରି ପ୍ରତିପକ୍ଷର ପ୍ରୟାସକୁ ବିଫଳ ହେବାକୁ ଦେଇଥିଲେ। ସୁଟ୍‌ଆଉଟ୍‌ରେ ଲାନ୍ସର୍ସ ୪ଟି ଓ ଡ୍ରାଗନ୍ସ ଗୋଟିଏ ଗୋଲ୍ ଦେବାରେ ସମର୍ଥ ହୋଇଥିଲା। ଆର୍ଥର ଭାନ ଡୋରେନଙ୍କ ନେତୃତ୍ୱାଧୀନ କଳିଙ୍ଗ ଲାନ୍ସର୍ସ ଏଥିସହ ୬ଷ୍ଠ ମ୍ୟାଚରୁ ୪ ବିଜୟ ଓ ୨ଟି ସୁଟ୍ ଆଉଟ୍ ବିଜୟ ସହ ମୋଟ୍ ୧୬ ପଏଣ୍ଟ ପାଇ ପ୍ଲେ-ଅଫ୍‌ରେ ସ୍ଥାନ ପକ୍କା କରିଛି। ଅପରପକ୍ଷରେ ଅମିତ ରୋହିଦାସଙ୍କ ତାମିଲନାଡୁ ଡ୍ରାଗନ୍ସ ୬ଷ୍ଠ ମ୍ୟାଚରୁ ୩ୟ ପରାଜୟବରଣ କରି ୮ ପଏଣ୍ଟ ସହ ୬ଷ୍ଠ ସ୍ଥାନରେ ରହିଛି। ଲାନ୍ସର୍ସ ଏହାର ପରବର୍ତ୍ତୀ ମ୍ୟାଚରେ ମଙ୍ଗଳବାର ସୁରମା ହକି କ୍ଲବକୁ ଭେଟିବ।



**ଆଜିର ମ୍ୟାଚ୍**
ଏଚ୍‌ଆଇଏଲ୍ ଜିସି-ରାଞ୍ଚି ରୟାଲ୍ସ
ଆରମ୍ଭ: ରାତି ୭ଟା ୩୦

ଅପରପକ୍ଷରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ଶାରଚି ବେଙ୍ଗଲ ଟାଇଗର୍ସ ୩-୨ ଗୋଲ୍‌ରେ ଏସ୍‌ଜି ପାଇପର୍ସକୁ ମାତ୍ ଦେଇଛି। ଦିଲ୍ଲୀଭିତ୍ତିକ ଦଳ ପାଇପର୍ସ ଏକଦା ୨-୦ରେ ଆଗୁଆ ରହିଥିଲା। କିନ୍ତୁ ବେଙ୍ଗଲ ଟାଇଗର୍ସ ଦମଦାର ପ୍ରତ୍ୟାବର୍ତ୍ତନ କରି ୩ ମିନିଟ୍ ବ୍ୟବଧାନରେ ୩ଟି ଗୋଲ୍ ଦେଇ ପାଇପର୍ସ ନିକଟରୁ ବିଜୟ ଛଡ଼ାଇ ଆଣିଥିଲା। ବେଙ୍ଗଲରର ୭ମ ମ୍ୟାଚରୁ ଏହା ୩ୟ ବିଜୟ ଥିଲା।

## ସାବାଲେଙ୍କା, ଆଲ୍‌କାରାଜଙ୍କ ବିଜୟ ଅଭିଯାନ



**ଆରମ୍ଭ ହେଲା ଅଷ୍ଟ୍ରେଲିଆନ୍ ଓପନ୍**

ମେଲବୋର୍ଣ୍ଣ, ୧୮।୧ (ଏଜେନ୍ସି): ସ୍ଥାନୀୟ ମେଲ୍‌ବୋର୍ଣ୍ଣ ପାର୍କରେ ରବିବାରଠାରୁ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ୍‌ର ୧୧୪ତମ ସଂସ୍କରଣ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ପୁରୁଷ ବିଭାଗରେ ଟପ୍ ସିଡ୍ ସ୍ପେନର କାର୍ଲୋସ ଆଲ୍‌କାରାଜ ସହଜ ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଆଲ୍‌କାରାଜ ୬-୩, ୭-୬ (୨), ୬-୨ ସେଟ୍‌ରେ ଘରୋଇ ଖେଳାଳି ଆଦାମ ୱାଲଟନ୍‌ଙ୍କୁ ହରାଇଥିଲେ। ସେହିଭଳି ୩ୟ ସିଡ୍ ଜର୍ମାନୀର ଆଲେକ୍ସଜାଣ୍ଡର ଜ୍ୱେରେଭ ୬-୭, ୬-୧, ୬-୪, ୬-୨ ସେଟରେ କାନାଡାର ଗ୍ରାବିଏଲ୍ ଡିଆଲୋଙ୍କୁ ହରାଇ ଅଭିଯାନ ଆରମ୍ଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ୧୦ମ ସିଡ୍ ରୁଷିଆର ଆଲେକ୍ସଜାଣ୍ଡର ବବ୍‌ଲିକ, ଆମେରିକାର ଫ୍ରାନସିସ୍ ଟିଆଫୋଏ ପ୍ରମୁଖ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ତେବେ ବ୍ରିଟେନର କ୍ୱାଲିଫାୟର ଖେଳାଳି ଆର୍ଥର ଫେରୀ ୭-୬ (୭-୧), ୬-୪, ୬-୧ ସେଟ୍‌ରେ ବିଶ୍ୱମାନ୍ୟତାର ୨୦ତମ ସ୍ଥାନରେ ରହିଥିବା ଇଟାଲୀର ଫ୍ଲାଭିଓ କୋବୋଲିଙ୍କୁ ହରାଇ ଦିବସର ବଡ଼ ବିପର୍ଯ୍ୟୟ ଘଟାଇଛନ୍ତି। ବିଶ୍ୱ ମାନ୍ୟତାର ୧୮୬ତମ ସ୍ଥାନରେ ରହିଥିବା ଫେରୀଙ୍କ କ୍ୟାରିୟରର ଏହା ଶ୍ରେଷ୍ଠ ବିଜୟ ହୋଇଛି।

### ୪୫ ବର୍ଷୀୟା ଭେନସ୍ ବିଦା

ଅପରପକ୍ଷରେ ମହିଳା ବିଭାଗରେ ୭ଥରର ଗ୍ରାଣ୍ଡସ୍ଲାମ ଚାମ୍ପିଅନ ଭେନସ୍ ୱିଲିୟମ୍ସ ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି। ୧୬ ମାସର ମାତୃତ୍ୱ ଛୁଟି ପରେ ଫେରିଥିବା ୪୫ ବର୍ଷୀୟା ଭେନସ୍‌ଙ୍କୁ ଅଷ୍ଟ୍ରେଲିଆନ ଓପନ୍ ଲାଗି ୱାଇଲ୍ଡ କାର୍ଡ ମିଳିଥିଲା। ପ୍ରଥମ ରାଉଣ୍ଡରେ ସେ ୭-୬ (୭/୫), ୩-୬, ୪-୬ ସେଟରେ ଆମେରିକାର ଓଲଗା ଡାନିଲୋଭିକଙ୍କଠାରୁ ହାରିଯାଇଛନ୍ତି। ଅଷ୍ଟ୍ରେଲିଆନ୍ ଓପନ୍ ମୁଖ୍ୟ ରାଉଣ୍ଡ ଖେଳିବାରେ ସେ ବିଶ୍ୱର ବୟୋଜ୍ୟେଷ୍ଠ ଖେଳାଳି ହୋଇଛନ୍ତି। ମହିଳା ବିଭାଗରେ ଅନ୍ୟ ମ୍ୟାଚରେ ଏକ ନମ୍ବର ମାନ୍ୟତା ଖେଳାଳି ବେଲାରୁଷର ଆରିନା ସାବାଲେଙ୍କା ୬-୪, ୬-୧ ସେଟ୍‌ରେ ଫ୍ରାନ୍ସର ତିଆନଷ୍ଟୋଆ ରାଜାଓନାଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିଭଳି ୨୮ତମ ସିଡ୍ ଇମା ରାଡୁକାନୁ, ୧୨ତମ ସିଡ୍ ଏଲିନା ସ୍ୱିତୋଲିନା, ୭ମ ସିଡ୍ ଜସ୍ମିନ ପାଓଲିନ ପ୍ରମୁଖ ପ୍ରଥମ ରାଉଣ୍ଡରେ ସହଜରେ ବିଜୟ ହୋଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS